# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ଏପ୍ରିଲ ୨/୨୦୨୧ (୧୬ ପୃଷ୍ଠା) | Sambalpur, Friday, April 2/2021 | ★★

୧୭ଶ ଭାଗ ୧୦୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-




### ଦୀପ ରଞ୍ଜନଙ୍କ ପ୍ରଭାବୀ ପ୍ରଦର୍ଶନ

ଦୁବାଇ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନର ପୁରୁଷ ଡବଲ୍ସ ସେମିଫାଇନାଲରେ ପ୍ରବେଶ କରି ଭାରତ ପାଇଁ ପଦକ ନିଶ୍ଚିତ କରିଛନ୍ତି ଓଡ଼ିଶାର ଦୀପ ରଞ୍ଜନ ବିଷୋୟୀ।

୧୬

୧୪

### ୧୦୦ କୋଟି ମାଗିଲେ ପ୍ରଭାସ

ବାହୁବଳୀ ଷ୍ଟାର ପ୍ରଭାସ ଏବେ ଫିଲ୍ମ ପିଛା ଶହେ କୋଟି ଟଙ୍କା ପାଉଣା ଦାବି କରୁଛନ୍ତି। ଏତେ ଟଙ୍କା ଦାବି କରିବାରେ ପ୍ରଭାସ ପ୍ରଥମ ଅଭିନେତା ବୋଲି କୁହାଯାଉଛି।






# ଦିନକରେ ୭୨,୩୩୦ ପଜିଟିଭ୍

## ୬ ମାସ ମଧ୍ୟରେ ସର୍ବାଧିକ ସଂକ୍ରମଣ

## ତୃତୀୟ ପର୍ଯ୍ୟାୟ ଟିକାଦାନ ଆରମ୍ଭ

ନୂଆଦିଲ୍ଲୀ, ୧।୪

ଭାରତରେ ଗତ ୨୪ ଘଣ୍ଟା ମଧ୍ୟରେ ୭୨,୩୩୦ ଜଣ କରୋନା ସଂକ୍ରମିତ ହୋଇଛନ୍ତି, ଯାହାକି ଗତବର୍ଷ ଅକ୍ଟୋବରଠାରୁ ଇତିମଧ୍ୟରେ ସର୍ବାଧିକ ଦୈନିକ ସଂକ୍ରମଣ। ଏହାକୁ ମିଶାଇ ଗୁରୁବାର ମୋଟ ସଂକ୍ରମିତଙ୍କ ସଂଖ୍ୟା ୧,୨୨,୨୧,୬୬୫ରେ ପହଞ୍ଚିଛି। ସକ୍ରିୟ ମାମଲା ସଂଖ୍ୟା ୫,୮୪,୦୫୫କୁ ବୃଦ୍ଧି ପାଇଛି, ଯାହା ମୋଟ ସଂକ୍ରମଣର ୪.୭୮ ପ୍ରତିଶତ। ସେହିପରି ଗତ ୨୪ ଘଣ୍ଟାରେ ୪୫୯ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ମୋଟ ମୃତକଙ୍କ ସଂଖ୍ୟା ୧,୬୨,୯୨୭ରେ ପହଞ୍ଚିଛି।

ଭାରତରେ କରୋନା ସଂକ୍ରମଣ ଗତବର୍ଷ ସେପ୍ଟେମ୍ବରରେ ଶୀର୍ଷରେ ପହଞ୍ଚିଥିଲା। ସେପ୍ଟେମ୍ବର ୧୬ରେ ସର୍ବାଧିକ ୯୩,୬୧୭ ପଜିଟିଭ୍ ଚିହ୍ନଟ ହୋଇଥିଲେ। ସେହି ମାସ ୧୫ରେ ସର୍ବାଧିକ ୧,୧୬୯ ଜଣଙ୍କର କରୋନାରେ ମୃତ୍ୟୁ ଘଟିଥିଲା। ଏହା ପରେ ସଂକ୍ରମଣ ହାର କମିବା ଆରମ୍ଭ କରିଥିବାବେଳେ ଫେବୃଆରୀରୁ ପୁଣିଥରେ ଉପରମୁହାଁ ହୋଇଛି। ମହାରାଷ୍ଟ୍ର, ଛତିଶଗଡ଼, କର୍ନାଟକ, କେରଳ, ତାମିଲନାଡୁ, ଗୁଜରାଟ, ମଧ୍ୟପ୍ରଦେଶ ଓ ପଞ୍ଜାବରେ ନୂଆ ସଂକ୍ରମଣ ବଢ଼ିଚାଲିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏହି ରାଜ୍ୟଗୁଡ଼ିକରେ ସଂକ୍ରମଣ ରୋକିବା ଦିଗରେ କଠୋର ପଦକ୍ଷେପ ନେବା ଲାଗି କେନ୍ଦ୍ର ସରକାର ପରାମର୍ଶ ଦେଇଛନ୍ତି। ଜାନୁଆରୀ ୧୬ରୁ ଦେଶରେ କୋଭିଡ୍ ଟିକାକରଣ ଆରମ୍ଭ ହୋଇଥିବାବେଳେ ବର୍ତ୍ତମାନ ସୁଦ୍ଧା ୬.୫୧ କୋଟି ଡୋଜ୍ ଦିଆଗଲାଣି। ସଂକ୍ରମଣ କମାଇବା ପାଇଁ ଟିକାକରଣ ବଢ଼ାଇବା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ଗୁରୁବାରଠାରୁ ତୃତୀୟ ପର୍ଯ୍ୟାୟ ଟିକାକରଣ ଆରମ୍ଭ ହୋଇଛି। ଏହି ପର୍ଯ୍ୟାୟରେ ୪୫ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତଙ୍କୁ ଟିକା ଦିଆଯିବ। ରବିବାର ଓ ଛୁଟିଦିନଗୁଡ଼ିକରେ ମଧ୍ୟ ଟିକାଦାନ ଜାରି ରଖିବା ଲାଗି କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଛନ୍ତି।



# ଓଡ଼ିଶାରେ ୩୯୪

## ସବୁଦିନ ହେବ ଟିକାକରଣ

- ବଢୁଛି କୋଭିଡ୍-୧୯ ଚିନ୍ତା
- ଟିକାକରଣ କେନ୍ଦ୍ର ବଢ଼ାଇବାକୁ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶ

ଭୁବନେଶ୍ୱର,୧।୪(ବ୍ୟୁରୋ)

ରାଜ୍ୟରେ କୋଭିଡ୍-୧୯ ସଂକ୍ରମଣ ବଢ଼ିଚାଲିଛି। ଦିନକୁଦିନ ସଂକ୍ରମଣ ବଢୁଥିବାରୁ ସ୍ୱାସ୍ଥ୍ୟ ବିଭାଗର ଚିନ୍ତା ବଢ଼ିଛି। ମାର୍ଚ୍ଚ ୩୧ରେ ରାଜ୍ୟରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୯୪କୁ ବୃଦ୍ଧି ପାଇଛି। ସେଥିରୁ ୨୩୧ ଜଣ କ୍ୱାରାଣ୍ଟାଇନ ଏବଂ ୧୬୩ ଜଣ ସ୍ଥାନୀୟ ଅଞ୍ଚଳରୁ ଚିହ୍ନଟ ହୋଇଛନ୍ତି। ଏନେଇ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏ ପର୍ଯ୍ୟନ୍ତ ରାଜ୍ୟରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୩,୪୧,୩୧୧ରେ ପହଞ୍ଚିଛି। ସେଥିରୁ ୩,୩୭,୦୯୧ ଜଣ ସୁସ୍ଥ ହୋଇଥିବା ବେଳେ ୨,୨୪୬ ଆକ୍ଟିଭ କେସ ରହିଛି।

ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୭୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସୂଚନା ଅନୁଯାୟୀ ଅନୁଗୋଳ ଜିଲାରେ ୨୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱର ୫, ବରଗଡ଼ ୩୪, ଭଦ୍ରକ ୪, ବଲାଙ୍ଗୀର ୧୦, କଟକ ୨୭, ଢେଙ୍କାନାଳ ୪, ଗଞ୍ଜାମ ୭, ଜଗତ୍‌ସିଂହପୁର ୨, ଯାଜପୁର ୭, ଝାରସୁଗୁଡ଼ା ୬, କଳାହାଣ୍ଡି ୪୩, କେନ୍ଦ୍ରାପଡ଼ା ୨ ଏବଂ କେନ୍ଦୁଝର ଜିଲାରୁ ୩ ଜଣ ସଂକ୍ରମିତ ☞ପୃଷ୍ଠା-୪

# ୩୪ଲକ୍ଷ ଚାଷୀଙ୍କୁ ୬୯୩.୯୪କୋଟି

## 'କାଳିଆ' ସହାୟତା

- ଓଡ଼ିଶା ଦିବସରେ ଚାଷୀଙ୍କୁ ଭେଟି
- ଏମ୍ଏସ୍‌ପି କାହା ଦୟା ନୁହେଁ: ନବୀନ
- ଦେଶରେ ଏକ ମଡେଲ ଯୋଜନା 'କାଳିଆ': ଅରୁଣ

ଭୁବନେଶ୍ୱର, ୧।୪(ବ୍ୟୁରୋ)

୨୦୨୧-୨୨ ଆର୍ଥିକ ବର୍ଷର ପ୍ରଥମ ଦିବସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚାଷୀ କଲ୍ୟାଣ କାର୍ଯ୍ୟକ୍ରମ ଅନ୍ତର୍ଗତ 'କାଳିଆ' ଯୋଜନାରେ ୪ର୍ଥ ପର୍ଯ୍ୟାୟ ଅର୍ଥ ପ୍ରଦାନ କରିଛନ୍ତି। ପବିତ୍ର ଓଡ଼ିଶା ଦିବସ ଅବସରରେ ରାଜ୍ୟର ୩୪ଲକ୍ଷରୁ ଅଧିକ ଚାଷୀଙ୍କ ଖାତାକୁ କାଳିଆ ଯୋଜନାରେ ୬୯୩.୯୪ କୋଟି ଟଙ୍କା ପ୍ରଦାନ କରାଯାଇଛି। ରବି ଋତୁ ଲାଗି ଏହି ଟଙ୍କା ଚାଷୀଙ୍କ ଆକାଉଣ୍ଟରେ ଜମା କରାଯାଇଛି। ପିପିଲିରେ ଉପନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଲାଗିଥିବା କାରଣରୁ ପୁରୀ ଜିଲାକୁ ବାଦ୍ ଦେଇ ଅନ୍ୟ ସମସ୍ତ ଜିଲାର ଚାଷୀଙ୍କୁ ଏହି ସହାୟତା ଦିଆଯାଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଆଜି ଓଡ଼ିଶା ଦିବସ। ରାଜ୍ୟବାସୀଙ୍କ ପାଇଁ ଏହା ଏକ ଆନନ୍ଦର ଦିନ। ଏହି ଅବସରରେ ସେ ଚାଷୀ ଭଉଣୀଭାଇଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ମହାତ୍ମା ଗାନ୍ଧୀ ଓ ଗୋପବନ୍ଧୁଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ପରେ ଚାଷୀଙ୍କ କଲ୍ୟାଣ କାର୍ଯ୍ୟକ୍ରମରୁ ନୂଆ ଆର୍ଥିକ ବର୍ଷ ଆରମ୍ଭ କରୁଛି। କାଳିଆ ଯୋଜନା ଏକ ଗୁରୁତ୍ୱପୂର୍ଣ୍ଣ ଚାଷୀ କଲ୍ୟାଣ କାର୍ଯ୍ୟକ୍ରମ। ଗୁରୁବାର ୩୪ଲକ୍ଷ ଚାଷୀଙ୍କ ଖାତାରେ କାଳିଆ ଟଙ୍କା ପ୍ରାୟ ୭୦୦ କୋଟି ଟଙ୍କା ଜମା କରାଗଲା। ☞ପୃଷ୍ଠା-୪

# ସ୍ୱତନ୍ତ୍ର ଓଡ଼ିଶାର ଦୃଢ଼ ସମର୍ଥକ ଥିଲେ ଗାନ୍ଧୀ: ନବୀନ

- ଗୋପବନ୍ଧୁଙ୍କ ଷ୍ଟାଚ୍ୟୁ ଅଫ୍ ହ୍ୟୁମାନିଟି, ବେଲ୍‌ଭ୍ୟୁ ଛକରେ ଗାନ୍ଧୀ ସ୍ମାରକୀ ସ୍ଥାପତ୍ୟ ଉନ୍ମୋଚିତ
- ଓଡ଼ିଶା ଦିବସରେ ଗାନ୍ଧୀ, ଗୋପବନ୍ଧୁଙ୍କୁ ଶ୍ରଦ୍ଧାଞ୍ଜଳି
- ଯୁବପିଢ଼ିଙ୍କୁ ପ୍ରେରଣା ଯୋଗାଇବ ଦୁଇ ମହାପୁରୁଷଙ୍କ ଆଦର୍ଶ ଚିନ୍ତାଧାରା

ଭୁବନେଶ୍ୱର (ବ୍ୟୁରୋ)/ କଟକ ଅଫିସ,୧।୪

ଅହିଂସାର ପୂଜାରୀ ଭାବେ ମହାତ୍ମା ଗାନ୍ଧୀ ସାରା ବିଶ୍ୱକୁ ନୂତନ ଦିଗ୍‌ଦର୍ଶନ ଦେଇଯାଇଛନ୍ତି। ଆଜିର ଦୁନିଆରେ ତା'ର ପ୍ରାସଙ୍ଗିକତା ଅଧିକ ଅନୁଭୂତ ହେଉଛି। ମହାତ୍ମା ଗାନ୍ଧୀ ୧୯୨୧ରୁ ୧୯୪୬ ମଧ୍ୟରେ ୮ଥର ଓଡ଼ିଶା ଆସିଥିଲେ। ଓଡ଼ିଶାର ବିଭିନ୍ନ ଅଞ୍ଚଳକୁ ଯାଇ ରାଜ୍ୟର ସମସ୍ୟା ସମ୍ପର୍କରେ ଭଲ ଭାବରେ ଅବଗତ ହୋଇଥିଲେ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନକୁ ମଧ୍ୟ ସେ ଦୃଢ଼ ସମର୍ଥନ ଦେଇଥିଲେ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଓଡ଼ିଶା ଦିବସ ଅବସରରେ ବିଂଶ ଶତାବ୍ଦୀର ଦୁଇ ମହାପୁରୁଷ ଗାନ୍ଧୀ ☞ପୃଷ୍ଠା-୧୩



କଟକ ବେଲ୍‌ଭ୍ୟୁଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ମହାତ୍ମା ଗାନ୍ଧୀଙ୍କ ସ୍ମାରକୀ ସ୍ଥାପତ୍ୟ ଉନ୍ମୋଚନ କରିବା ପରେ ଜନସାଧାରଣଙ୍କୁ ଓଡ଼ିଶା ଦିବସ ଉପଲକ୍ଷେ ଶୁଭେଚ୍ଛା ଜଣାଉଛନ୍ତି।

# ରଜନୀକାନ୍ତଙ୍କୁ ଦାଦା ସାହେବ ଫାଲ୍‌କେ ପୁରସ୍କାର

ନୂଆଦିଲ୍ଲୀ, ୧।୪



ରଜନୀକାନ୍ତ

ସୁପରଷ୍ଟାର ରଜନୀକାନ୍ତଙ୍କୁ ୨୦୧୯ ବର୍ଷ ଲାଗି ଭାରତୀୟ ସିନେମାର ସର୍ବୋଚ୍ଚ ସମ୍ମାନ ଦାଦା ସାହେବ ଫାଲ୍‌କେ ପୁରସ୍କାର ପାଇଁ ମନୋନୀତ କରାଯାଇଛି। ମେ' ୩ରେ ତାଙ୍କୁ ଏହି ପୁରସ୍କାରରେ ସମ୍ମାନିତ କରାଯିବ। କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ପ୍ରକାଶ ଜାଭଡେକର ଗୁରୁବାର ଏହା ଘୋଷଣା କରିଛନ୍ତି। ଏପ୍ରିଲ ୬ରେ ତାମିଲନାଡୁ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଅଭିନେତାରୁ ରାଜନେତା ପାଲଟିଥିବା ୭୦ ବର୍ଷୀୟ ରଜନୀକାନ୍ତଙ୍କର ଅନେକ ପ୍ରଶଂସକ ଓ ସମର୍ଥକ ରହିଛନ୍ତି। ଏଭଳି ସମୟରେ ସିନେମା ଜଗତର ସବୁଠୁ ମର୍ଯ୍ୟାଦାଜନକ ପୁରସ୍କାର ପ୍ରଦାନ ଲାଗି ଘୋଷଣା କରାଯିବା ରଜନୀକାନ୍ତଙ୍କ ସମର୍ଥକମାନଙ୍କୁ ପ୍ରଭାବିତ କରିବ ବୋଲି କୁହାଯାଉଛି।

ଏହି ପୁରସ୍କାର ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରଜନୀକାନ୍ତଙ୍କୁ ଅଭିନନ୍ଦନ ଜଣାଇବା ସହ ସିନେମା ଜଗତ ପ୍ରତି ତାଙ୍କ ଅବଦାନର ଭୂୟସୀ ପ୍ରଶଂସା କରିଛନ୍ତି। ସୁପରଷ୍ଟାର ଉକ୍ତ ପୁରସ୍କାରକୁ ତାଙ୍କ ଯାତ୍ରାପଥରେ ସାମିଲ ହୋଇଥିବା ସମସ୍ତଙ୍କ ପାଇଁ ଉତ୍ସର୍ଗ କରିଛନ୍ତି। ତାଙ୍କୁ ଏଭଳି ମର୍ଯ୍ୟାଦାଜନକ ପୁରସ୍କାର ପାଇଁ ମନୋନୀତ କରାଯାଇଥିବାରୁ ସେ ଭାରତ ସରକାର, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ରମନ୍ତ୍ରୀ ଜାଭଡେକର ଏବଂ ଜୁରି ସଦସ୍ୟମାନଙ୍କୁ ହୃଦୟଭରା ଅଭିନନ୍ଦନ ଜଣାଇଛନ୍ତି। ପ୍ରତିବର୍ଷ ସିନେମା ଜଗତର ଜଣେ ବିଶିଷ୍ଟ ବ୍ୟକ୍ତିଙ୍କୁ ଦାଦା ସାହେବ ଫାଲ୍‌କେ ପୁରସ୍କାର ପ୍ରଦାନ କରାଯାଇଥାଏ। ☞ପୃଷ୍ଠା-୪

# ୪୦ ଡିଗ୍ରୀ ଉପରେ ୧୫ ସହର

- ଆଭ୍ୟନ୍ତରୀଣ ଓଡ଼ିଶାକୁ ନାହିଁ ନିସ୍ତାର
- ଉପକୂଳ ଓଡ଼ିଶାରେ ଘୂର୍ଣ୍ଣିଝଡ଼ ସମ୍ଭାବନା

ଭୁବନେଶ୍ୱର,୧।୪(ବ୍ୟୁରୋ): ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ତତଲା ତାତ୍ୱାରେ ସାରା ଓଡ଼ିଶା ସିଝୁଛି। ପାରଦ ଉପରମୁହାଁ ହୋଇଛି। ଅଧିକାଂଶ ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ଉପରକୁ ଡେଇଁଯାଉଛି। ସକାଳ ୯ଟାରୁ ଆରମ୍ଭ ହୋଇଯାଉଛି ପ୍ରଚଣ୍ଡ ତାତି। ବାହାରେ ବୁଲିବା ମୁସ୍କିଲ ହୋଇପଡୁଛି। ଯଦିଓ ଉପକୂଳ ଓଡ଼ିଶାର କେତେକ ସ୍ଥାନରେ ତାତି ସାମାନ୍ୟ କମିଛି ତେବେ ପଶ୍ଚିମ ଓ ଆଭ୍ୟନ୍ତରୀଣ ଓଡ଼ିଶାକୁ କଲବଲ କରୁଛି। ପ୍ରବଳ ଗରମ ସାଙ୍ଗକୁ ଝାଞ୍ଜିପବନ ପରିବେଶକୁ ଉତ୍ତପ୍ତ କରି ପକାଇଛି। ଗୁରୁବାର ରାଜ୍ୟର ୧୫ ସହରରେ ସର୍ବୋଚ୍ଚ ତାପମାତ୍ରା ☞ପୃଷ୍ଠା-୧୩

# ଓଡ଼ିଶାରେ ଜିଏସ୍‌ଟି ସଂଗ୍ରହ ୨୫% ବୃଦ୍ଧି

- ସାରା ଦେଶରେ ୧.୨୩ ଲକ୍ଷ କୋଟିର ଜିଏସ୍‌ଟି ଆଦାୟ
- ଅଦ୍ୟାବଧି ସର୍ବକାଳୀନ ରେକର୍ଡ ସ୍ତରରେ ପରୋକ୍ଷ ଟିକସ




ନୂଆଦିଲ୍ଲୀ,୧।୪: ଚଳିତ ବର୍ଷ ମାର୍ଚ୍ଚରେ ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) ସଂଗ୍ରହ ରେକର୍ଡ ସ୍ତରରେ ରହିଛି। ଏହି ମାସରେ ସାରା ଦେଶରେ ୧.୨୩ ଲକ୍ଷ କୋଟି ଟଙ୍କାର ଜିଏସ୍‌ଟି ଆଦାୟ ହୋଇଛି। ଜିଏସ୍‌ଟି ଲାଗୁ ହେବା ପରେ ମାର୍ଚ୍ଚ ୨୦୨୧ରେ ସର୍ବାଧିକ ପରିମାଣର ଜିଏସ୍‌ଟି ସଂଗୃହୀତ ହୋଇଛି। ଗତ ବର୍ଷ ମାର୍ଚ୍ଚ ତୁଳନାରେ ଚଳିତ ବର୍ଷ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

## 'ଅନୁପ୍ରବେଶ'କୁ ଅନୁମତି

# 'ଶାହାଙ୍କ କଥାରେ ଇସି'

ନନ୍ଦିଗ୍ରାମ,୧।୪



ମମତା ବାନାର୍ଜୀ

- ନନ୍ଦିଗ୍ରାମରେ ହିଂସା
- କେଶପୁରରେ ଟିଏମ୍‌ସି କର୍ମୀଙ୍କୁ ହତ୍ୟା
- ରିପୋର୍ଟ ମାଗିଲେ ନିର୍ବାଚନ କମିଶନ

ପଶ୍ଚିମବଙ୍ଗରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ବେଳେ ମତଦାନ ବାଧାପ୍ରାପ୍ତ ହୋଇଛି। କେତେକ ସ୍ଥାନରେ ହିଂସା ମଧ୍ୟ ଘଟିଛି। ଭାଜପା ଗୁଣ୍ଡାମାନେ ଭୋଟ ଗ୍ରହଣ ବେଳେ ଅଚଳାବସ୍ଥା ସୃଷ୍ଟି କରିଛନ୍ତି। ଗୁରୁବାର ସକାଳ ୭ଟାରୁ ମତଦାନ ଆରମ୍ଭ ହେବା ପରଠାରୁ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ପକ୍ଷରୁ ୭୩ଟି ଅଭିଯୋଗ କରାଯାଇଛି। ଏସବୁ ସତ୍ତ୍ୱେ ନିର୍ବାଚନ କମିଶନ (ଇସି) କିଛି କାର୍ଯ୍ୟାନୁଷ୍ଠାନ ନେଇନାହାନ୍ତି। ଇସି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ କଥା ମାନି ଚଳୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅଭିଯୋଗ ଆଣିଛନ୍ତି।

ପଶ୍ଚିମବଙ୍ଗରେ ଗୁରୁବାର ଦ୍ୱିତୀୟ ପର୍ଯ୍ୟାୟ ମତଦାନ ବେଳେ ହାଇପ୍ରୋଫାଇଲ ସିଟ୍ ନନ୍ଦିଗ୍ରାମରେ ନିର୍ବାଚନୀ ହିଂସା ଦେଖିବାକୁ ମିଳିଛି। ଏହି ଆସନର ଟିଏମ୍‌ସି ପ୍ରାର୍ଥୀ ତଥା ଦଳର ସୁପ୍ରିମୋ ମମତା ବାନାର୍ଜୀ ମତଦାନ ପ୍ରକ୍ରିୟା ଅନୁଧ୍ୟାନ ପାଇଁ ବୋୟାଲ ଅଞ୍ଚଳକୁ ଯାଇଥିବାବେଳେ ଭାଜପା କର୍ମୀ ହିଂସା ଭିଆଇଥିବା ଅଭିଯୋଗ ହୋଇଛି। ଭାଜପା ପ୍ରାର୍ଥୀ ଶୁଭେନ୍ଦୁ ଅଧିକାରୀଙ୍କ ସମର୍ଥକମାନେ ମମତାଙ୍କୁ ଦେଖି 'ଜୟ ଶ୍ରୀରାମ' ସ୍ଲୋଗାନ ଦେଇଥିଲେ। ବୁଥ ନମ୍ବର ୭ରେ ପୁନଃ ମତଦାନ ପାଇଁ ଟିଏମ୍‌ସି ପକ୍ଷରୁ ଦାବି ☞ପୃଷ୍ଠା-୪

## ରାଜ୍ୟପାଳଙ୍କୁ ଫୋନ୍ କଲେ ମମତା

କୋଲକାତା,୧।୪

ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀ ଗୁରୁବାର ପଶ୍ଚିମବଙ୍ଗ ରାଜ୍ୟପାଳ ଜଗଦୀପ ଧନକାର ଓ ନିର୍ବାଚନ କମିଶନ (ଇସି)ଙ୍କ ଜଣେ ବରିଷ୍ଠ ଅଧିକାରୀଙ୍କୁ ଫୋନ୍ କରିଛନ୍ତି। ପଶ୍ଚିମବଙ୍ଗରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ସମ୍ପର୍କିତ କେତେକ ସମସ୍ୟା ନେଇ ସେ ଉଭୟଙ୍କ ସହ ଆଲୋଚନା କରିଥିବା କହିଛନ୍ତି। ତେବେ କେଉଁ ନିର୍ଦ୍ଦିଷ୍ଟ ବିଷୟରେ ଆଲୋଚନା ହୋଇଛି ସେନେଇ ମମତା ପ୍ରଘଟ କରିନାହାନ୍ତି। ଟିଏମ୍‌ସି ସୂତ୍ରରୁ ଜଣାପଡ଼ିଛି ଯେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନନ୍ଦିଗ୍ରାମ ନିର୍ବାଚନମଣ୍ଡଳୀର ବୋଇଲା ପୋଲିଂ ବୁଥ୍‌ରୁ ☞ପୃଷ୍ଠା-୪

# ପଶ୍ଚିମବଙ୍ଗ: ୮୦.୪୩% ଆସାମ: ୭୪.୬୯%

## ଦ୍ୱିତୀୟ ପର୍ଯ୍ୟାୟ ମତଦାନ: ଇଭିଏମ୍‌ରେ ୫୩୬ ପ୍ରାର୍ଥୀଙ୍କ ଭାଗ୍ୟ

କୋଲକାତା/ଗୁଆହାଟୀ,୧।୪

କୋଭିଡ୍-୧୯ ପ୍ରୋଟୋକଲ ଓ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ପଶ୍ଚିମବଙ୍ଗ ଏବଂ ଆସାମରେ ଗୁରୁବାର ଦ୍ୱିତୀୟ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ଶେଷ ହୋଇଛି। ପଶ୍ଚିମବଙ୍ଗର ୩୦ ଆସନରେ ୮୦.୪୩% ଓ ଆସାମର ୩୯ ଆସନରେ ☞ପୃଷ୍ଠା-୪



ଆସାମର ମୋରିଗାଓଁ ଜିଲା ସିଲଦୁବିରେ ଭୋଟ ଦେବା ପରେ ଅଙ୍ଗୁଳିର କାଳିଚିହ୍ନ ଦେଖାଉଛନ୍ତି ଆଦିବାସୀ ମହିଳା।

**ମଦୁରାଇରେ ମୋଦି**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ରାତିରେ ତାମିଲନାଡୁର ମଦୁରାଇସ୍ଥିତ ମୀନକ୍ଷୀ ସୁନ୍ଦରେଶ୍ୱର ମନ୍ଦିର ଦର୍ଶନ କରିଛନ୍ତି। ସେ ଶୁକ୍ରବାର ଅପରାହ୍ନରେ ମୁଖ୍ୟମନ୍ତ୍ରୀ ଇ.କେ. ପାଲାନିସ୍ୱାମୀ, ଉପମୁଖ୍ୟମନ୍ତ୍ରୀ ଓ. ପନ୍ନିରସେଲଭମ୍ ଏବଂ ଏନ୍‌ଡିଏର ଅନ୍ୟ ନେତାମାନଙ୍କ ପାଇଁ ପ୍ରଚାର କରିବେ।



## ସଂକ୍ଷେପରେ

### ଫ୍ରାନ୍ସରେ ତୃତୀୟ ଲକ୍‌ଡାଉନ

**ପ୍ୟାରିସ, ୧।୪:** ଫ୍ରାନ୍ସରେ କରୋନା ସଂକ୍ରମଣର ତୃତୀୟ ଲହର ଦେଖାଦେଇଥିବାବେଳେ ମୃତ୍ୟୁସଂଖ୍ୟା ପାଖାପାଖି ଲକ୍ଷେରେ ପହଞ୍ଚିଲାଣି। ରାଷ୍ଟ୍ରପତି ଏମାନୁଏଲ୍ ମାକ୍ରଁ ଦେଶବ୍ୟାପୀ ତୃତୀୟ ଲକ୍‌ଡାଉନ୍ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସ୍କୁଲଗୁଡ଼ିକୁ ୩ ସପ୍ତାହ ପାଇଁ ବନ୍ଦ କରିଦିଆଯାଇଛି। ଏବେ ପଦକ୍ଷେପ ନ ନେଲେ ଆମେ ନିୟନ୍ତ୍ରଣ ହରାଇବା ବୋଲି ଟେଲିଭିଜନ ଯୋଗେ ରାଷ୍ଟ୍ରକୁ ଉଦ୍‌ବୋଧନ ଦେବା ଅବସରରେ ରାଷ୍ଟ୍ରପତି କହିଛନ୍ତି।

### ସମସ୍ତଙ୍କୁ ସ୍ୱାସ୍ଥ୍ୟବୀମା ଯୋଗାଇବାରେ ରାଜସ୍ଥାନ ପ୍ରଥମ ରାଜ୍ୟ

**ଜୟପୁର, ୧।୪(ପି.ଟି.):** ରାଜସ୍ଥାନ ସରକାର ଗୁରୁବାର ରାଜ୍ୟର ସବୁ ପରିବାର ଲାଗି ୫ ଲକ୍ଷ ଟଙ୍କା ମୂଲ୍ୟର ମେଡିକ୍ଲେମ୍ ଯୋଜନା ଶୁଭାରମ୍ଭ କରିଛନ୍ତି। ଚିରଞ୍ଜୀବୀ ହେଲ୍‌ଥ ଇନ୍‌ସ୍ୟୁରାନ୍ସ ସ୍କିମ୍ ନାମରେ ଏହି ଯୋଜନା ପାଇଁ ପଞ୍ଜୀକରଣ ଆରମ୍ଭ ହୋଇଯାଇଛି। ୨୦୨୧-୨୨ ରାଜ୍ୟ ବଜେଟରେ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ ଉକ୍ତ ଯୋଜନା ସମ୍ପର୍କରେ ଘୋଷଣା କରିଥିଲେ। ପଞ୍ଜୀକରଣ ଆରମ୍ଭ ହୋଇଥିବାରୁ ସମସ୍ତଙ୍କୁ ସ୍ୱାସ୍ଥ୍ୟ ବୀମା ଯୋଗାଇବାରେ ରାଜସ୍ଥାନ ପ୍ରଥମ ରାଜ୍ୟ ହୋଇପାରିଛି। ଏଥିରେ ରାଜ୍ୟର ପ୍ରତି ପରିବାର ବାର୍ଷିକ ୫ ଲକ୍ଷ ଟଙ୍କା ସ୍ୱାସ୍ଥ୍ୟ ବୀମା ସୁବିଧା ପାଇବେ।

### ଟ୍ରମ୍ପଙ୍କ ଭିଜା କଟକଣା ରଦ୍ଦ

**ୱାଶିଂଟନ, ୧।୪:** ଆମେରିକାରେ ବିଦେଶୀ କର୍ମଚାରୀ ବିଶେଷ କରି ଏଚ୍-୧ବି ଭିଜାଧାରୀଙ୍କ ଉପରେ ଲାଗିଥିବା ନିଷେଧାଦେଶକୁ ରାଷ୍ଟ୍ରପତି ଜୋ ବାଇଡେନ୍ ରଦ୍ଦ କରିଦେଇଛନ୍ତି। ଭାରତୀୟ ଆଇଟି ପେସାଦାରମାନଙ୍କ ପାଇଁ ଏହା ଖୁସି ଖବର ବୋଲି କୁହାଯାଉଛି। ଆମେରିକା ଶ୍ରମ ବଜାରକୁ ବିଦେଶୀ କର୍ମଚାରୀଙ୍କଠାରୁ ମୁକ୍ତ ରଖିବା ଲାଗି ଗତବର୍ଷ ଜୁନ୍‌ରେ ଡୋନାଲ୍ଡ ଟ୍ରମ୍ପ୍ ପ୍ରଶାସନ ଏହି ଭିଜା କଟକଣା ଲଗାଇଥିଲେ। ଡିସେମ୍ବର ୩୧ରେ ଟ୍ରମ୍ପ୍ ଭିଜା ନିଷେଧାଦେଶ ଅବଧିକୁ ୨୦୨୧ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବଢ଼ାଇଥିଲେ। ମହାମାରୀ ଯୋଗୁ ଦେଶର ଅର୍ଥନୀତି ଗୁରୁତର ପ୍ରଭାବିତ ହେବା ସହ ବେରୋଜଗାରୀ ବଢ଼ିଥିବାରୁ ଭିଜା ଉପରେ ନିଷେଧାଦେଶ ଜାରି ରହିବା ଆବଶ୍ୟକ ବୋଲି ସେତେବେଳେ ଟ୍ରମ୍ପ୍ ପ୍ରଶାସନ ଯୁକ୍ତି ବାଢ଼ିଥିଲା। ବୁଧବାର ନିଷେଧାଦେଶ ଅବଧି ଶେଷ ହେବା ପରେ ବାଇଡେନ୍ ପ୍ରଶାସନ ଏହାକୁ ବଢ଼ାଇବା ପାଇଁ ସାନି ନିର୍ଦ୍ଦେଶନାମା ଜାରି କରି ନ ଥିବାରୁ ଏହା ସ୍ୱତଃ ରଦ୍ଦ ହୋଇଯାଇଛି।

### କିରଣ ଖେରଙ୍କୁ କ୍ୟାନ୍‌ସର



**ମୁମ୍ବାଇ,୧।୪:** ଲୋକପ୍ରିୟ ଅଭିନେତ୍ରୀ ତଥା ଭାଜପା ଏମ୍‌ପି କିରଣ ଖେର (୬୮) ମଲ୍ଟିପଲ୍ ମାଏଲୋମା, ଏକ ପ୍ରକାର ବ୍ଲଡ୍ କ୍ୟାନ୍‌ସରରେ ପୀଡ଼ିତା ଏ ନେଇ ଗୁରୁବାର ତାଙ୍କ ସ୍ୱାମୀ ଅଭିନେତା ଅନୁପମ୍ ଖେର ସୂଚନା ଦେଇଛନ୍ତି। ତାଙ୍କର ଚିକିତ୍ସା ଚାଲିଛି ଏବଂ ସେ ଖୁବ୍ ଶୀଘ୍ର ସୁସ୍ଥ ହୋଇ ଫେରିବେ ବୋଲି ଅନୁପମ କହିଛନ୍ତି। ଏକ ବିଶେଷଜ୍ଞ ଡାକ୍ତର ଟିମ୍ ତାଙ୍କର ଚିକିତ୍ସା କରୁଛନ୍ତି। କିରଣ ଜଣେ ଯୋଦ୍ଧା ଏବଂ ସେ କ୍ୟାନ୍‌ସରକୁ ହରାଇ ବିଜୟୀ ହେବେ ଅନୁପମ କହିଛନ୍ତି। ବଲିଉଡ୍ ଅଭିନେତ୍ରୀ କିରଣ ୨୦୧୪ରେ ଭାଜପାରେ ଯୋଗ ଦେଇଥିଲେ।

### ଆଉ ୮ ମାସ ଚାଲିବ ଆନ୍ଦୋଳନ: ଟିକାଏତ୍

**ନୂଆଦିଲ୍ଲୀ, ୧।୪:** କେନ୍ଦ୍ର ସରକାରଙ୍କ ୩ ନୂଆ କୃଷି ଆଇନ ବିରୋଧରେ ଚାଷୀ ଆନ୍ଦୋଳନ ଆଉ ୮ ମାସ ଚାଲିବ ବୋଲି ଭାରତୀୟ କିଷାନ ୟୁନିୟନ (ବିକେୟୁ) ମୁଖପାତ୍ର ରାକେଶ ଟିକାଏତ୍ ଗୁରୁବାର କହିଛନ୍ତି। ମେ' ୧୦ ପର୍ଯ୍ୟନ୍ତ ଚାଷୀମାନେ ଗହମ ଅମଳରେ ବ୍ୟସ୍ତ ରହୁଥିବାରୁ ଏହା ପରେ ଆନ୍ଦୋଳନକୁ ଜୋର୍‌ଦାର କରାଯିବ। ବିବାଦୀୟ କୃଷି ଆଇନ ପ୍ରତ୍ୟାହାର ଦାବିରେ ଚାଷୀମାନେ ୪ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଦିଲ୍ଲୀ ସୀମାର ବିଭିନ୍ନ ସ୍ଥାନରେ ଆନ୍ଦୋଳନ ଜାରି ରଖିଛନ୍ତି। ଆଇନ ସମ୍ପୂର୍ଣ୍ଣ ପ୍ରତ୍ୟାହାର ନ ହେବା ପର୍ଯ୍ୟନ୍ତ ଚାଷୀମାନେ ଆନ୍ଦୋଳନରୁ ଓହରିବେ ନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି।

# ଇପିଏସ୍ ବନାମ ଷ୍ଟାଲିନ



**ତାମିଲନାଡୁରେ କ୍ଷମତା ଦଖଲ ପାଇଁ ଦୁଇ ପ୍ରତିଦ୍ୱନ୍ଦ୍ୱୀ ପ୍ରସ୍ତୁତ। ଜଣେ ଆକସ୍ମିକ ମୁଖ୍ୟମନ୍ତ୍ରୀ ଓ ଅନ୍ୟ ଜଣେ କ୍ରମଶଃ ରାଜନୀତିର ପାଠ ପଢ଼ିଛନ୍ତି। ଜଣେ ଚାଷୀ ପରିବାରରୁ ଆସିଥିବାବେଳେ ଆଉ ଜଣେ ରାଜ୍ୟର ସବୁଠୁ ବଡ଼ ନେତାଙ୍କ ପୁଅ। ଦ୍ରାବିଡ ମୁନେତ୍ରା କାଜାଗାମ୍ (ଡିଏମ୍‌କେ) ପ୍ରତିଷ୍ଠାତା ଏମ୍. କରୁଣାନିଧିଙ୍କ ପୁଅ ହିସାବରେ ଏମ୍.କେ. ଷ୍ଟାଲିନ ଦଳର ନେତୃତ୍ୱ ନେଉଥିଲେ ମଧ ଏଥିପାଇଁ ତାଙ୍କୁ ୬୪ ବର୍ଷ ବୟସ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିଥିଲା। ୨୦୧୭ ଜାନୁୟାରୀରେ ତାଙ୍କୁ ଡିଏମ୍‌କେର କାର୍ଯ୍ୟକାରୀ ଅଧକ୍ଷ କରାଯାଇଥିଲା। ୨୦୧୮ ଅଗଷ୍ଟ ୭ରେ କରୁଣାନିଧିଙ୍କ ମୃତ୍ୟୁ ପରେ ଷ୍ଟାଲିନ ଦଳର ମଙ୍ଗ ଧରିଥିଲେ। ଅନ୍ୟପଟେ ମୁଖ୍ୟମନ୍ତ୍ରୀ ଇଡାପ୍ପାଡି କେ. ପାଲାନିସ୍ୱାମୀ(ଇପିଏସ୍)ଙ୍କ ରାଜନୈତିକ ଯାତ୍ରା ଥିଲା ସମ୍ପୂର୍ଣ୍ଣ ଭିନ୍ନ। ୨୦୧୬ ଡିସେମ୍ବରରେ ଅଲ୍ ଇଣ୍ଡିଆ ଆନ୍ନା ଦ୍ରାବିଡ ମୁନେତ୍ରା କାଜାଗାମ୍ (ଏଆଇଏଡିଏମ୍‌କେ) ସୁପ୍ରିମୋ ଜେ. ଜୟଲଲିଥାଙ୍କ ବିୟୋଗ ପରେ ଦଳ ଓ ମୁଖ୍ୟମନ୍ତ୍ରୀ ପଦ ପାଇଁ ଟଣାଓଟରା ହାଟରେ ପଡ଼ି ଦାଣ୍ଡରେ ଗଡ଼ିଥିଲା।**

> ଡିଏମ୍‌କେ ଅଧକ୍ଷ ଏମ୍. କେ. ଷ୍ଟାଲିନ୍ ନିଜ ନେତାମାନଙ୍କ ମହିଳା ବିରୋଧୀ ମନ୍ତବ୍ୟକୁ ନିନ୍ଦା କରୁନାହାନ୍ତି। ତାଙ୍କ ଦଳ କ୍ଷମତାସୀନ ହେଲେ ତାମିଲନାଡୁର ମହିଳାମାନେ ଅସୁରକ୍ଷିତ ହୋଇଯିବେ।
> **-ଇ.କେ. ପାଲାନିସ୍ୱାମୀ, ତାମିଲନାଡୁ ମୁଖ୍ୟମନ୍ତ୍ରୀ**

**ଚେନ୍ନାଇ/ନୂଆଦିଲ୍ଲୀ,୧।୪**

ଡିଏମ୍‌କେ ପଟେ ଷ୍ଟାଲିନ ଏବଂ ଏଆଇଏଡିଏମ୍‌କେ ପକ୍ଷରେ ଇପିଏସ୍ ହେଉଛନ୍ତି ଏଥର କମାଣ୍ଡର। ଷ୍ଟାଲିନ ଜଣେ ଭିଭିଆଇପି ପରିବାର ସଦସ୍ୟ ରୂପେ ଚେନ୍ନାଇରେ ବଢ଼ିଥିବାବେଳେ ଇପିଏସ୍ ସାଲେମର ଏକ ଚାଷୀ ପରିବାର ଓ ସାଧାରଣ ପୃଷ୍ଠଭୂମିରୁ ଆସିଛନ୍ତି। ଜୟଲଲିଥାଙ୍କ ବାନ୍ଧବୀ ଭି.କେ. ଶଶୀକଳାଙ୍କ ବିଦ୍ରୋହ ଇପିଏସ୍‌ଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଚୌକିରେ ବସିବା ଲାଗି ସୁଯୋଗ ସୃଷ୍ଟି କରିଥିଲା। ସେତେବେଳେ ଦୁଇଟି କ୍ଷମତାକେନ୍ଦ୍ର ଗଢ଼ିଉଠିଥିଲା। ଗୋଟିଏ ପଟେ ଶଶୀକଳା ଥିବାବେଳେ ଅନ୍ୟପଟେ ଭାଜପା ସମର୍ଥିତ ଓ. ପନ୍ନିରସେଲଭମ୍ ମୁଖ୍ୟମନ୍ତ୍ରୀ ହୋଇଯାଇଥିଲେ। କିନ୍ତୁ ଶଶୀକଳା ଗୋଷ୍ଠୀ ପେଞ୍ଚ କରି ଓପିଏସ୍‌ଙ୍କୁ ଶକ୍ତିପରୀକ୍ଷାରେ ପରାଜିତ କରିଥିଲେ ଏବଂ ୨୦୧୭ ଜାନୁୟାରୀରେ ଇପିଏସ୍ ମୁଖ୍ୟମନ୍ତ୍ରୀ ହୋଇପାରିଥିଲେ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଶଶୀକଳା ଜେଲ ଯିବା ପରେ ଇପିଏସ୍-ଓପିଏସ୍ ଗୋଷ୍ଠୀ ଏକାଠି ହୋଇଥିଲେ ତାଙ୍କୁ ଦଳରୁ ବାହାରେ ରଖିବା ସର୍ତ୍ତରେ। ଏହା ପରେ ଅନେକ କିଛି ବଦଳିଯାଇଛି। ଇପିଏସ୍ ଆକସ୍ମିକ ମୁଖ୍ୟମନ୍ତ୍ରୀ ହୋଇଥିଲେ ସୁଦ୍ଧା ବର୍ତ୍ତମାନ ନିଜ ଗୋଡ଼ରେ ଛିଡ଼ା ହୋଇ ଅନେକ କିଛି କରିବାକୁ ସକ୍ଷମ।

ସମୟର ସ୍ୱଳ୍ପତା ଦୃଷ୍ଟିରୁ ଦୁଇ ଦଳ ସଭା ପରିବର୍ତ୍ତେ ମାରାଥନ୍ ରୋଡ୍ ଶୋ' କରୁଛନ୍ତି। ଷ୍ଟାଲିନ କରୁଣାନିଧିଙ୍କ ଭଳି ଭଲ ବକ୍ତା ହୋଇ ନ ଥିଲେ ବି ଇପିଏସ୍ ସରକାରଙ୍କୁ ଦୁର୍ନୀତି ଅଭିଯୋଗରେ ଘେରିବା ପାଇଁ କୌଣସି ସୁଯୋଗ ହାତଛଡ଼ା କରୁନାହାନ୍ତି। ଅନ୍ୟପକ୍ଷେ ଇପିଏସ୍ ନିଜ ଯୋଜନା ଓ ପ୍ରକଳ୍ପଗୁଡ଼ିକର ସଫଳତାକୁ ନେଇ ଭୋଟ ମାଗୁଛନ୍ତି। ଏଥିସହ ୨୦୦୬-୧୧ରେ ଷ୍ଟାଲିନ ଉପମୁଖ୍ୟମନ୍ତ୍ରୀ ଥିବାବେଳେ ଡିଏମ୍‌କେ ଶାସନର ଦାଦାଗିରି କଥା ଲୋକଙ୍କୁ ମନେପକାଇ ଦେଉଛନ୍ତି। ଏସବୁ ସତ୍ତ୍ୱେ ଏହି ନିର୍ବାଚନ ଷ୍ଟାଲିନଙ୍କ ସପକ୍ଷରେ ଯାଇପାରେ ବୋଲି ଅନେକ ଦୃଷ୍ଟିରୁ ଆକଳନ କରୁଛନ୍ତି ରାଜନୈତିକ ପଣ୍ଡିତ। କାରଣ ଏଆଇଏଡିଏମ୍‌କେ ବିରୋଧରେ ୧୦ ବର୍ଷର କ୍ଷମତା ବିରୋଧୀ ହାୱା ବହୁଛି।

୨୩୪ ଆସନ ବିଶିଷ୍ଟ ବିଧାନସଭା ନିର୍ବାଚନରେ ଉଭୟ ଦଳ ୧୭୦ ସିଟ୍‌ରେ ନିଜ ନିଜ ଚିହ୍ନରେ ଲଢ଼ୁଥିବାରୁ ଏହା ଏକ ବଡ଼ ଫ୍ୟାକ୍ଟର ହୋଇପାରେ। ଡିଏମ୍‌କେ ସହଯୋଗୀ କଂଗ୍ରେସ ୨୫ ଆସନରେ ଲଢ଼ୁଥିବାବେଳେ ବିରୋଧୀ ମେଣ୍ଟରେ ଦଳିତ ପାର୍ଟି, ସିଭିକେ, ସିପିଆଇ, ସିପିଏମ୍, ଏମ୍‌ଡିଏମ୍‌କେ, ଏମ୍‌ଏମ୍‌କେ, ଆଇଆଇଏମ୍‌ଏଲ୍ ଏବଂ ଅନ୍ୟ ଏକ ମୁସଲିମ୍ ଦଳ ରହିଛି। ଅନ୍ୟପକ୍ଷେ ଇପିଏସ୍‌ଙ୍କ ଭୋଟ ବ୍ୟାଙ୍କରେ ଛିଦ୍ର କରିବା ପାଇଁ ବିଦ୍ରୋହୀ ଟିଟିଭି ଦିନାକରନ ଉଦ୍ୟମ ଚଳାଇଛନ୍ତି। ଭାଜପା ସହ ଏଆଇଏଡିଏମ୍‌କେ ମେଣ୍ଟ କରିଥିବାରୁ ସଂଖ୍ୟାଲଘୁ ମୁସଲମାନ ଓ ଖ୍ରୀଷ୍ଟିଆନଙ୍କ ୧୨% ଭୋଟ ଇପିଏସ୍‌ଙ୍କୁ ମହଙ୍ଗା ପକାଇପାରେ।



ଓ. ପନ୍ନିରସେଲଭମ୍



### ଷ୍ଟାଲିନ: ୫ ଦଶନ୍ଧିର ଅଭିଜ୍ଞତା

୨୦୨୦ ମଧଭାଗରେ ଡିଏମ୍‌କେ ଅଧକ୍ଷ ଏମ୍.କେ. ଷ୍ଟାଲିନଙ୍କ ହେୟାରଷ୍ଟାଇଲ୍ ସମ୍ପୂର୍ଣ୍ଣ ବଦଳିଯାଇଥିଲା। ଝଡ଼ିଯାଉଥିବା ଚୁଟି ହଠାତ୍ ବହଳିଆ ହୋଇ କଳା ହୋଇଯାଇଥିଲା। ଏହି କୃତ୍ରିମ ପରିବର୍ତ୍ତନକୁ ସୋସିଆଲ ମିଡିଆରେ କେତେଜଣ ୟୁଜର୍ସ ଉପହାସ କରିଥିଲେ। କିନ୍ତୁ ଏହା କେବଳ ଏକ କସ୍‌ମେଟିକ୍ ନିଷ୍ପତ୍ତି ନ ଥିଲା। କେଶ କଳା କରି ଭୋରରୁ ସାଇକେଲ ଚଳାଇବା ନିଃସନ୍ଦେହରେ ଷ୍ଟାଲିନଙ୍କ ଶାରୀରିକ ସାମର୍ଥର ବିଜ୍ଞାପନ। ଏହି ସମୟରେ ଲୋକଙ୍କ ସହିତ ସେ ସେଲ୍ଫି ନେବା ତାଙ୍କ ହୃଦୟରେ ଯୌବନତା ଭରି ରହିଛି ବୋଲି ଜଣାଇବା ପାଇଁ ୬୮ ବର୍ଷୀୟ ନେତାଙ୍କ ସୁଚିନ୍ତିତ ରଣନୀତି। ତେବେ ଷ୍ଟାଲିନଙ୍କ ନୂଆ ଅବତାର ତାଙ୍କୁ କେତେ ସଫଳତା ଆଣିଦେବ ତାହା ସମୟ କହିବ। ଦ୍ରାବିଡ ଆନ୍ଦୋଳନର ଷ୍ଟାଲୱାର୍ଟ ଏମ୍. କରୁଣାନିଧି ପାଞ୍ଚ ପାଞ୍ଚ ଥର ତାମିଲନାଡୁର ମୁଖ୍ୟମନ୍ତ୍ରୀ ଆସନରେ ଆସୀନ ହୋଇଥିଲେ। ତାଙ୍କ ଛତ୍ରଛାୟାରେ ଅନେକ ଦଶନ୍ଧି ଧରି ରାଜନୀତିର ପାଠ ପଢ଼ିଥିଲେ ପୁଅ ଷ୍ଟାଲିନ। ଷ୍ଟାଲିନଙ୍କ ପାଖରେ ଏବେ କେବଳ ବାପାଙ୍କଠାରୁ ଉତ୍ତରାଧିକାରୀ ସୂତ୍ରରେ ମିଳିଥିବା ସାମ୍ରାଜ୍ୟ ଅଛି ତାହା ନୁହେଁ, ବରଂ ସେ ୫ ଦଶନ୍ଧିର ରାଜନୈତିକ ଅଭିଜ୍ଞତାକୁ ପୁଞ୍ଜି କରି ମଇଦାନରେ ଅବତୀର୍ଣ୍ଣ।

### ଉଭୟ ପକ୍ଷ ପାଇଁ ଅଗ୍ନିପରୀକ୍ଷା

ତାମିଲନାଡୁ ଏପରି ଏକ ରାଜ୍ୟ, ଯେଉଁଠି ବ୍ୟକ୍ତିତ୍ୱ କୈନ୍ଦ୍ରିକ ରାଜନୀତି ଚାଲେ। କିନ୍ତୁ ଏଥର ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀଙ୍କ ଅବର୍ତ୍ତମାନରେ ଉଭୟଙ୍କ ଦଳ ପ୍ରଥମ ଥର ପାଇଁ ପ୍ରତ୍ୟକ୍ଷ ଭାବେ ସାମ୍ନାସାମ୍ନି ହେବାକୁ ଯାଉଛନ୍ତି ଏପ୍ରିଲ ୬ ବିଧାନସଭା ନିର୍ବାଚନରେ। ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି ମୁଖ୍ୟମନ୍ତ୍ରୀ ଇ.କେ. ପାଲାନିସ୍ୱାମୀ ଏବଂ ବିରୋଧୀ ଦଳ ନେତା ଏମ୍.କେ. ଷ୍ଟାଲିନ। ଜୟଲଲିଥାଙ୍କ ଲିଗାସିର ଉତ୍ତରାଧିକାରୀ ରୂପେ ନିଜକୁ ପ୍ରମାଣିତ କରିବା ଲାଗି ମୁଖ୍ୟମନ୍ତ୍ରୀ ଇପିଏସ୍ ଏବଂ ଉପମୁଖ୍ୟମନ୍ତ୍ରୀ ଓ. ପନ୍ନିରସେଲଭମ୍(ଓପିଏସ୍)ଙ୍କ ପାଇଁ ଏହି ନିର୍ବାଚନ ଏକ ସୁଯୋଗ। ସେହିପରି କରୁଣାନିଧିଙ୍କ ରାଜନୈତିକ ଲିଗାସି ପାଇଁ ଅଗ୍ନିପରୀକ୍ଷାରେ ବାଜି ଲାଗିଛି ଷ୍ଟାଲିନଙ୍କ ସାମର୍ଥ୍ୟ। ଡିଏମ୍‌କେ ଦୀର୍ଘ ୧ ଦଶନ୍ଧି ଧରି କ୍ଷମତାରୁ ଦୂରେଇ ରହିବା ପରେ ପରାଜୟକୁ ବରଦାସ୍ତ କରିବା ଅବସ୍ଥାରେ ନାହିଁ।

> ଏନ୍‌ଡିଏ ବିକାଶ କାର୍ଯ୍ୟସୂଚୀକୁ ଗୁରୁତ୍ୱ ଦେଉଥିବାବେଳେ ଡିଏମ୍‌କେ-କଂଗ୍ରେସ ବଂଶବାଦ ଏଜେଣ୍ଡାକୁ ଆଗକୁ ବଢ଼ାଉଛନ୍ତି।
> **-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**

## ରାଜାଙ୍କ ପ୍ରଚାରରେ ଅଙ୍କୁଶ



ତାମିଲନାଡୁ ମୁଖ୍ୟମନ୍ତ୍ରୀ ଇ.କେ. ପାଲାନିସ୍ୱାମୀଙ୍କ ମା'ଙ୍କ ବିରୋଧରେ ଅପମାନଜନକ ଓ ନିନ୍ଦନୀୟ ମନ୍ତବ୍ୟ ଦେଇଥିବା ଡିଏମ୍‌କେ ଏମ୍‌ପି ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଏ. ରାଜାଙ୍କୁ ନିର୍ବାଚନ କମିଶନ (ଇସି) ଷ୍ଟାର ପ୍ରଚାରକ ତାଲିକାରୁ ବାଦ୍ ଦେଇଛନ୍ତି। ଏହାସହ ଆଗାମୀ ୪୮ ଘଣ୍ଟା ପାଇଁ ତାଙ୍କ ପ୍ରଚାର ଉପରେ ଅଙ୍କୁଶ ଲଗାଇଛନ୍ତି। ଇସି ତାଙ୍କୁ ସତର୍କ ରହିବା ପାଇଁ କହିବା ସହ ଆଗାମୀ ଦିନରେ ପ୍ରଚାର ବେଳେ ସଂଯମୀ ହେବାକୁ ପରାମର୍ଶ ଦେଇଛନ୍ତି। ରାଜା ଗତ ୨୬ରେ ଏକ ନିର୍ବାଚନୀ ସଭାରେ କହିଥିଲେ, ଡିଏମ୍‌କେ ଅଧକ୍ଷ ଏମ୍.କେ. ଷ୍ଟାଲିନଙ୍କ ଜନ୍ମ ଏକ ଭଲ ସମ୍ପର୍କରୁ ହୋଇଥିବାବେଳେ ପାଲାନିସ୍ୱାମୀ ଏକ ଖରାପ ସମ୍ପର୍କରୁ ଜନ୍ମିତ ଅପରିପକ୍ୱ ଶିଶୁ। ରାଜାଙ୍କ ବିରୋଧରେ ଅଭିଯୋଗ ଆସିବା ପରେ ଇସି ତାଙ୍କୁ ଜବାବ ମାଗିଥିଲେ। ବୁଧବାର ରାଜା ଜବାବ ଦାଖଲ କରିବା ପରେ ଏହା ସନ୍ତୋଷଜନକ ନୁହେଁ ବୋଲି କହିଛନ୍ତି।

## ନିର୍ଣ୍ଣାୟକ ହେବେ ମହିଳା ଭୋଟର



ତାମିଲନାଡୁରେ ଜରୁରୀ ସାମଗ୍ରୀର ଦରଦାମ ବୃଦ୍ଧି, ବ୍ୟକ୍ତିଗତ ସୁରକ୍ଷା ଓ ନିଯୁକ୍ତି ନିରାପତ୍ତାକୁ ନେଇ ଚିନ୍ତିତ ମହିଳା ଭୋଟର ଆଗାମୀ ସରକାର ବାଛିବା ପାଇଁ ନିର୍ଣ୍ଣାୟକ ନିଷ୍ପତ୍ତି ନେବାକୁ ଯାଉଛନ୍ତି। ଏକଦା ବହୁ ମହିଳାଙ୍କ ରୋଲ ମଡେଲ ପାଲଟିଥିବା ଏଆଇଏଡିଏମ୍‌କେର ପ୍ରାକ୍ତନ ସାଧାରଣ ସମ୍ପାଦକ ଜେ. ଜୟଲଲିଥାଙ୍କ ଅନୁପସ୍ଥିତିରେ ଲଢ଼ାଯାଉଥିବା ଏହି ନିର୍ବାଚନର ପରିଣାମ ଭିନ୍ନ ହୋଇପାରେ। ଦକ୍ଷିଣ ଭାରତର ଏହି ରାଜ୍ୟରେ ପୁରୁଷଙ୍କଠାରୁ ମହିଳା ଭୋଟରଙ୍କ ସଂଖ୍ୟା ଅଧିକ। ୩.୧୯ ମହିଳା ମତଦାତା ଏଥର କ୍ଷମତା ପରିବର୍ତ୍ତନ ପାଇଁ ନିଜ ରାଜନୈତିକ ମତାଧିକାର ସାବ୍ୟସ୍ତ କରିବେ କି? ୪୨ ବର୍ଷୀୟା ଦିନ ମଜୁରିଆ କେ.ରୀତା ହୁଅନ୍ତି କି ୨୫ ବର୍ଷୀୟା ଆଇନଜୀବୀ ଜେ. ମୋନିକା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଏବଂ ଏଲ୍‌ପିଜିର ଆକାଶଛୁଆଁ ଦରଦାମକୁ ନେଇ ଚିନ୍ତାବ୍ୟକ୍ତ କରନ୍ତି ଏହାର ଉତ୍ତରରେ। ସେହିପରି ଡିଏମ୍‌କେ ନେତାମାନଙ୍କ ମହିଳା ବିରୋଧୀ ମନ୍ତବ୍ୟ ମଧ ମହିଳା ଭୋଟରଙ୍କୁ ଅସନ୍ତୁଷ୍ଟ କରିଛି।

## ବିବାଦରେ ଗ୍ରେଟାଙ୍କ ପ୍ରତିମୂର୍ତ୍ତି



**ଲଣ୍ଡନ, ୧।୪:** ସ୍ୱିଡେନ ସାମାଜିକ କର୍ମୀ ତଥା ଜଳବାୟୁ କାର୍ଯ୍ୟକର୍ତ୍ତା ଗ୍ରେଟା ଥନବର୍ଗଙ୍କ ପ୍ରତିମୂର୍ତ୍ତି ବ୍ରିଟେନର ୱିଞ୍ଚେଷ୍ଟର ୟୁନିଭର୍ସିଟି ପରିସରରେ ସ୍ଥାପନ ହେବାକୁ ନେଇ ବିବାଦ ଦେଖାଦେଇଛି। ସ୍ଥିରତା ଏବଂ ପ୍ରତିବଦ୍ଧତାର ପ୍ରତିଫଳନ ଉଦ୍ଦେଶ୍ୟରେ ଗ୍ରେଟାଙ୍କ ପ୍ରତିମୂର୍ତ୍ତି ସ୍ଥାପିତ ହୋଇଥିବା ୟୁନିଭର୍ସିଟି ପକ୍ଷରୁ କୁହାଯାଇଥିଲେ ହେଁ କର୍ମଚାରୀଙ୍କ ସମେତ ଛାତ୍ରୀଛାତ୍ର ଏହାକୁ ବିରୋଧ କରିଛନ୍ତି। କରୋନା ମହାମାରୀ ସମୟରେ ମୂର୍ତ୍ତିରେ ଲାଗିଥିବା ପ୍ରାୟ ୨୪ ଲକ୍ଷ ଟଙ୍କା ଅନ୍ୟ ଉପାୟରେ ଖର୍ଚ୍ଚ ହୋଇଥିଲେ ଉଚିତ ହୋଇଥାନ୍ତା ବୋଲି ସେମାନେ କହିଛନ୍ତି। କର୍ମଚାରୀ ଓ ପିଲାଙ୍କ ପାଇଁ ଉଦ୍ଦିଷ୍ଟ ପାଣ୍ଠିରୁ ଏହି ଅର୍ଥ ଖର୍ଚ୍ଚ କରାଯାଇଥିବା ସେମାନେ ଅଭିଯୋଗ କରିଛନ୍ତି। ତେବେ ଷ୍ଟାଫ୍ କିମ୍ବା ଛାତ୍ରୀଛାତ୍ରଙ୍କ ପାଣ୍ଠିରୁ ଏଥିପାଇଁ ଟଙ୍କା ଦିଆଯାଇ ନ ଥିବା ୟୁନିଭର୍ସିଟି ପକ୍ଷରୁ କୁହାଯାଇଛି।

## 'ମହିଳା ଭୋଟରଙ୍କୁ ଦୁର୍ବ୍ୟବହାର କରିଛନ୍ତି ସିଆର୍‌ପିଏଫ୍ ଯବାନ'

**କୋଲକାତା,୧।୪**

କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍) ଯବାନମାନେ ନନ୍ଦିଗ୍ରାମର ମହିଳା ଭୋଟରଙ୍କୁ ଦୁର୍ବ୍ୟବହାର କରିଥିବା ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଅଭିଯୋଗ ଆଣିଛି। ଦୁର୍ବ୍ୟବହାରକାରୀମାନଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଦାବି କରି ଦଳ ପକ୍ଷରୁ ନିର୍ବାଚନ କମିଶନ (ଇସି)ଙ୍କ ନିକଟକୁ ଚିଠି ପଠାଯାଇଛି। ନନ୍ଦିଗ୍ରାମର ବୁଥ ନମ୍ବର ୧୭ରେ ସିଆର୍‌ପିଏଫ୍ ଯବାନମାନେ ମହିଳାଙ୍କୁ ଖରାପ ବ୍ୟବହାର କରିଥିବାରୁ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଟିଏମ୍‌ସି ଦାବି କରିଛି। ଏହା ପୂର୍ବରୁ ନନ୍ଦିଗ୍ରାମର ଟିଏମ୍‌ସି ପ୍ରାର୍ଥୀ ମମତା ବାନାର୍ଜୀ ଉକ୍ତ ନିର୍ବାଚନମଣ୍ଡଳୀରେ ଭାଜପା ନେତାମାନଙ୍କ ନିର୍ଦ୍ଦେଶକ୍ରମେ ବ୍ୟାପକ ବୁଥ୍ ରିଗିଂ ହୋଇଥିବା ଏବଂ କେନ୍ଦ୍ରୀୟ ବଳ ଏହାକୁ ରୋକି ନ ଥିବା ଅଭିଯୋଗ ଆଣିଥିଲେ।



ମମତା ବାନାର୍ଜୀ

## ସୁ୍ୟ ଚୀଙ୍କ ବିରୋଧରେ ଗୋପନୀୟତା ଉଲ୍ଲଂଘନ ମାମଲା

**ନାପିତାଉ, ୧।୪**



ମ୍ୟାନ୍‌ମାରର କ୍ଷମତାଚ୍ୟୁତ ନେତ୍ରୀ ଅଙ୍ଗ୍ ସାନ୍ ସୁ୍ୟ ଚୀ ଏବଂ ତାଙ୍କର ୪ ଜଣ ସହଯୋଗୀଙ୍କ ବିରୋଧରେ ସରକାରୀ ଗୋପନୀୟତା ଆଇନ ଉଲ୍ଲଂଘନ ମାମଲା ରୁଜୁ ହୋଇଥିବା ତାଙ୍କ ଓକିଲ ଗୁରୁବାର ସୂଚନା ଦେଇଛନ୍ତି। ୩ ସପ୍ତାହ ପୂର୍ବରୁ ୟାଙ୍ଗୁନ୍‌ର ଏକ ଅଦାଲତରେ ସୁ୍ୟ ଚୀ, ତାଙ୍କ କ୍ୟାବିନେଟର ୩ ଜଣ ମନ୍ତ୍ରୀ ଏବଂ ଅଷ୍ଟ୍ରେଲୀୟ ଅର୍ଥନୈତିକ ପରାମର୍ଶଦାତା ସିନ୍ ଟୁର୍‌ନେଲଙ୍କ ବିରୋଧରେ ମାମଲା ରୁଜୁ ହୋଇଥିବା ଆଇନଜୀବୀ ଖିନ୍ ମାଉଙ୍ଗ କହିଛନ୍ତି। ଏଥିସହିତ ସୁ୍ୟ ଚୀଙ୍କ ବିରୋଧରେ କରୋନା ପ୍ରୋଟୋକଲ ଉଲ୍ଲଂଘନ, ବେଆଇନ ଭାବେ ଟୁ-ୱେ ରେଡିଓ ଅକ୍ତିଆର କରିବା ଆଦି ଅଭିଯୋଗ ମଧ ହୋଇଛି। ଗତ ଫେବୃଆରୀ ୧ରେ ମ୍ୟାନ୍‌ମାର ସେନା ବିଦ୍ରୋହ ବଳରେ ଗଣତାନ୍ତ୍ରିକ ଉପାୟରେ ନିର୍ବାଚିତ ସରକାରଙ୍କୁ କ୍ଷମତାଚ୍ୟୁତ କରିବା ପରେ ଦେଶରେ ସାମରିକ ଶାସନ ଲାଗୁ ହୋଇଛି। ସେବେଠାରୁ ସୁ୍ୟ ଚୀଙ୍କୁ ସାମରିକ ଶାସକ ଗିରଫ କରି ରଖିଛନ୍ତି। ସାମରିକ ଶାସନକୁ ବିରୋଧ କରି ପୁନର୍ବାର ସୁ୍ୟ ଚୀଙ୍କୁ କ୍ଷମତାକୁ ଫେରାଇ ଆଣିବା ଦାବିରେ ମ୍ୟାନ୍‌ମାରରେ ଆନ୍ଦୋଳନ ଜାରି ରହିଛି। ଇତିମଧ୍ୟରେ ସାମରିକ ଶାସକଙ୍କ ଦମନଲୀଳାରେ ୫୨୦ରୁ ଊର୍ଦ୍ଧ୍ୱ ବିକ୍ଷୋଭକାରୀଙ୍କ ଜୀବନ ଗଲାଣି।

## ୧୪୦ ତମ ସ୍ଥାନକୁ ଖସିଲା ଭାରତ

**ନୂଆଦିଲ୍ଲୀ, ୧।୪**

ବିଶ୍ୱ ଅର୍ଥନୈତିକ ଫୋରମ୍(ଡବ୍ଲ୍ୟୁଇଏଫ୍)ର ବୈଶ୍ୱିକ ଲିଙ୍ଗଗତ ଅସମାନତା ରିପୋର୍ଟରେ ଭାରତ ଖରାପ ପ୍ରଦର୍ଶନ କରିଛି। ଏହି ସୂଚକାଙ୍କରେ ଭାରତ ୨୮ଟି ସ୍ଥାନ ତଳକୁ ଖସି ୧୪୦ ନମ୍ବରରେ ପହଞ୍ଚିଛି। ୧୫୬ଟି ଦେଶକୁ ନେଇ ଏହି ରିପୋର୍ଟ ପ୍ରସ୍ତୁତ ହୋଇଥିବାବେଳେ ଦକ୍ଷିଣ ଏସିଆ ଦେଶଗୁଡ଼ିକ ମଧ୍ୟରେ ସବୁଠାରୁ ଖରାପ ପ୍ରଦର୍ଶନରେ ଭାରତର ସ୍ଥାନ ତୃତୀୟ ରହିଛି। ୨୦୨୦ରେ ୧୫୩ଟି ଦେଶକୁ ନେଇ ପ୍ରକାଶିତ ରିପୋର୍ଟରେ ଭାରତ ୧୧୨ତମ ସ୍ଥାନରେ ରହିଥିଲା। ଆର୍ଥିକ କ୍ଷେତ୍ରରେ ମହିଳାଙ୍କ ଅଂଶଗ୍ରହଣ ଓ ସୁଯୋଗ ହାର କମିଛି। ଲିଙ୍ଗଗତ ଭେଦଭାବ ଅନୁପାତ ୩ ପ୍ରତିଶତ ବୃଦ୍ଧି ପାଇ ୩୨.୬ ପ୍ରତିଶତରେ ପହଞ୍ଚିଥିବା ରିପୋର୍ଟରୁ ଜଣାପଡ଼ିଛି।

ଭାରତରେ ବିଶେଷ କରି ରାଜନୀତି କ୍ଷେତ୍ରରେ ମହିଳାଙ୍କ ଭାଗୀଦାରି ହ୍ରାସ ପାଇଛି। ୨୦୧୯ରେ ମହିଳା ମନ୍ତ୍ରୀଙ୍କ ସଂଖ୍ୟା ୨୩.୧ ପ୍ରତିଶତ ଥିବାବେଳେ ୨୦୨୧ରେ ତାହା ୯.୧ ପ୍ରତିଶତରେ ପହଞ୍ଚିଛି। ମହିଳା ଶ୍ରମବଳ ଭାଗୀଦାରି ୨୪.୮ ପ୍ରତିଶତରୁ ୨୨.୩ ପ୍ରତିଶତକୁ ହ୍ରାସ ପାଇଛି। ସେହିପରି ବଡ଼ ପଦବୀରେ ମହିଳା ଅଧିକାରୀଙ୍କ ସଂଖ୍ୟା କମିଛି। ପୂର୍ବରୁ ଏହା ୧୪.୬ ପ୍ରତିଶତ ଥିବାବେଳେ ଏବେ ୮.୯ ପ୍ରତିଶତରେ ପହଞ୍ଚିଛି। ଏହାବାଦ୍ ଭାରତୀୟ ମହିଳାଙ୍କ ହାରାହାରି ରୋଜଗାର ପୁରୁଷଙ୍କ ଆୟର ମାତ୍ର ଏକ ପଞ୍ଚମାଂଶ। ଚଳିତ ବର୍ଷ ଦେଶରେ ଲିଙ୍ଗଗତ ଅସମାନତା ବୃଦ୍ଧି ୬୨.୫ ପ୍ରତିଶତରୁ ବୃଦ୍ଧି ପାଇ ୬୬.୮ ପ୍ରତିଶତରେ ପହଞ୍ଚିଛି।

ସ୍ୱାସ୍ଥ୍ୟ ଏବଂ ଜୀବନଧାରଣ ମାନ ଉପସୂଚକାଙ୍କ ପରିସଂଖ୍ୟାନରେ ମଧ ମହିଳା ଭେଦଭାବର ଶିକାର ହୋଇଥିବା ପ୍ରତିଫଳିତ ହୋଇଛି। ପ୍ରତି ୪ ଜଣରେ ଜଣେ ମହିଳା ଲିଙ୍ଗଭିତ୍ତିକ ହିଂସାର ସମ୍ମୁଖୀନ ହେଉଛନ୍ତି। ଭାରତରେ ପ୍ରତି ୩ ଜଣରେ ଜଣେ ମହିଳା ଅଶିକ୍ଷିତ ବୋଲି ରିପୋର୍ଟ କହୁଛି। ପଡ଼ୋଶୀ ବାଂଲାଦେଶ(୫୬), ନେପାଳ(୧୦୬), ଭୁଟାନ (୧୩୦), ଶ୍ରୀଲଙ୍କା (୧୧୬) ଭାରତଠାରୁ ଭଲ ପ୍ରଦର୍ଶନ କରିଛନ୍ତି। ପାକିସ୍ତାନ ତାଲିକାର ୧୫୩ ତମ ଓ ଆଫଗାନିସ୍ତାନ ୧୫୬ ସ୍ଥାନରେ ରହିଛି। ଆଇସ୍‌ଲାଣ୍ଡରେ ସର୍ବାଧିକ ଲିଙ୍ଗଗତ ସମାନତା ରହିଛି। ଫିନ୍‌ଲାଣ୍ଡ, ନରୱେ, ରୁଆଣ୍ଡା, ସ୍ୱିଡେନ, ଆୟର୍ଲାଣ୍ଡ, ସ୍ୱିଜରଲାଣ୍ଡ ସୂଚକାଙ୍କର ଟପ୍ ୧୦ଟି ଦେଶ ମଧ୍ୟରେ ସ୍ଥାନିତ ହୋଇଛି।

**ଲିଙ୍ଗଗତ ଅସମାନତା ସୂଚକାଙ୍କ**

- ଅସମାନତା ଅନୁପାତ ୩୨.୬%କୁ ବୃଦ୍ଧି
- କମିଛି ମହିଳା ମନ୍ତ୍ରୀଙ୍କ ସଂଖ୍ୟା
- ବଡ଼ ପଦବୀରେ ମହିଳା ଅଧିକାରୀଙ୍କ ସଂଖ୍ୟା କମ୍



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୨,୯୮,୪୪,୯୪୧ | ୨୮,୩୨,୯୩୧ | ୧୦,୪୬,୫୬,୫୫୬ |
| ଭାରତ | ୧,୨୨,୯୯,୯୮୭ | ୧,୬୩,୪୨୧ | ୧,୧୫,୨୨,୨୨୪ |
| ଓଡ଼ିଶା | ୩,୪୧,୩୧୧ | ୧୯୨୧(+୫୩) | ୩,୩୭,୨୧୨ |

ଗୁରୁବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ଘର ଭିତରୁ ମା'ଝିଅଙ୍କ ମୃତଦେହ ଜବତ

ନାକଟିଦେଉଳ,୧।୪(ଡି.ଏନ.ଏ.): ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ କିସିଣ୍ଡା ଗ୍ରାମରେ ଗୁରୁବାର ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ଘର ଭିତରୁ ମା'ଝିଅଙ୍କ ମୃତଦେହକୁ କିସିଣ୍ଡା ପୋଲିସ ଜବତ କରିଛି। ମୃତକ ଦ୍ୱୟ ହେଲେ ସୁଜାତା ପଟେଲ (୪୦) ଓ ନବମ ଶ୍ରେଣୀରେ ପଢୁଥିବା ତାଙ୍କ ଝିଅ ଉତ୍କଳିକା(ରଶ୍ମି) ପଟେଲ (୧୪)। କିସିଣ୍ଡା ଥାନା ଅଧିକାରୀ ଚିତ୍ତରଞ୍ଜନ ନାଏକ, ରେଢାଖୋଲ ଏସଡ଼ିପିଓ ହାଡ଼ିବନ୍ଧୁ ସ୍ୱାଇଁ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ ଟିମ୍ ଉପସ୍ଥିତିରେ ତଦନ୍ତ ଆରମ୍ଭ କରିଛନ୍ତି। ପ୍ରାପ୍ତ ଖବର ଅନୁସାରେ କିସିଣ୍ଡା ଗ୍ରାମର କିଶୋର ପଟେଲ ଯୁକ୍ତ ୩ରେ ପଢୁଥିବା ବଡ଼ଝିଅ ରୋଜି ପଟେଲ, ଶ୍ୱଶୁର ଉପେନ୍ଦ୍ର ନାଏକ ଓ ଶାଶୁଙ୍କ ସହିତ ଗତ ଶନିବାର କୌଣସି କାର୍ଯ୍ୟରେ ସୁନ୍ଦରଗଡ଼ ଯାଇଥିଲେ। ତେବେ ଗୁରୁବାର ଅପରାହ୍ନ ପ୍ରାୟ ୧ଟା ସମୟରେ କିଶୋର ବସ୍‌ରେ ଫେରି ଘରକୁ ଯାଇଥିଲେ। ସେ କବାଟ ଖୋଲି ଘର ଭିତରେ ପଶିବାରୁ ପଚାଗନ୍ଧ ଆସିଥିଲା। ଘରେ ଥିବା ସ୍ତ୍ରୀ ସୁଜାତା, ଝିଅ ରଶ୍ମିଙ୍କୁ ବହୁବାର ଡ଼ାକିଥିଲେ ମଧ ସେମାନେ ଖଟରୁ ଉଠି ନ ଥିଲେ। ସନ୍ଦେହ ହେବାରୁ କିଶୋର ବାହାରକୁ ଆସି ସାହିପଡ଼ିଶା ଲୋକଙ୍କୁ ଜଣାଇଥିଲେ। ଖବର ପାଇ କିସିଣ୍ଡା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଗତ ମଙ୍ଗଳବାର ରାତ୍ରିରୁ ମା'ଝିଅଙ୍କ ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ହେଲେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଏ ସମ୍ପର୍କରେ ରେଢାଖୋଲ ଏସଡ଼ିପିଓ ସ୍ୱାଇଁଙ୍କୁ ପଚାରିବାରୁ ସେ କହିଥିଲେ, ମା' ଝିଅଙ୍କ ମୃତଦେହ ଜବତ ହୋଇଥିବା ଘରୁ କୌଣସି ଜିନିଷପତ୍ର ଚୋରି ହୋଇନାହିଁ। ଶୋଇବା ଅବସ୍ଥାରେ ମୃତଦେହ ମିଳିଛି। ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ମୃତ୍ୟୁର କାରଣ ବର୍ତ୍ତମାନ ସୁଦ୍ଧା ଜଣାପଡ଼ିନାହିଁ। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯିବ।

### ମୁଖ୍ୟ ନିର୍ବାଚନ ଅଧିକାରୀ ପଦରୁ ଲୋହାନିଙ୍କୁ ହଟାଇବାକୁ ଭାଜପାର ଦାବି

■ ବିଜେଡି କହିଲା ଭାଜପାର ଏହା ପୁରୁଣା ଅଭ୍ୟାସ

ଭୁବନେଶ୍ୱର,୧।୪(ବ୍ୟୁରୋ):ସୁଶୀଲ କୁମାର ଲୋହାନି ଏବେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ କାର୍ଯ୍ୟରତ ଅଛନ୍ତି । ଏହାସହ ରାଜ୍ୟ ଅବକାରୀ ସଚିବ ଭାବେ ମଧ ଦାୟିତ୍ୱ ତୁଲାଉଛନ୍ତି । ଏଭଳି ସ୍ଥିତିରେ ସେ କିପରି ଅବାଧ ନିରପେକ୍ଷ ନିର୍ବାଚନ ପରିଚାଳନା କରିପାରିବେ ବୋଲି ଗୁରୁବାର ଭାଜପା ପ୍ରଶ୍ନ କରିଛି । ମୁଖ୍ୟ ନିର୍ବାଚନ ଅଧିକାରୀ ରାଜ୍ୟ ସରକାରଙ୍କଠାରୁ ସ୍ୱତନ୍ତ୍ର ହେବା ଦରକାର । ହେଲେ ଯେହେତୁ ସେ ରାଜ୍ୟର ଅବକାରୀ ସଚିବ ଅଛନ୍ତି ଏଥିରେ ସ୍ପଷ୍ଟ ଭାବେ 'କନ୍‌ଫ୍ଲିକ୍ଟ ଅଫ୍ ଇନ୍‌ଟ୍ରେଷ୍ଟ' ଥିବା ଜଣାପଡୁଛି । ତେଣୁ ତାଙ୍କୁ ତୁରନ୍ତ ଯେକୌଣସି ଗୋଟିଏ ଦାୟିତ୍ୱରୁ ମୁକ୍ତ କରାଯାଉ ବୋଲି ଭାଜପା ରାଜ୍ୟ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର ପ୍ରଶ୍ନ କରିଛନ୍ତି । ପିପିଲି ଉପନିର୍ବାଚନକୁ ମୁକ୍ତ, ଅବାଧ ଓ ନିରପେକ୍ଷ କରିବା ପାଇଁ ଲୋହାନିଙ୍କୁ ରାଜ୍ୟ ମୁଖ ନିର୍ବାଚନ ଅଧିକାରୀ ପଦବୀରୁ ହଟାଇବା ଦାବିରେ ଜାତୀୟ ନିର୍ବାଚନ ଆୟୋଗଙ୍କୁ ଭାଜପା ପ୍ରତିନିଧି ଦଳ ଏକ ସ୍ମାରକପତ୍ର ପ୍ରଦାନ କରିଛି । ଲୋହାନି ଅବକାରୀ ସଚିବ ଭାବେ ପିପିଲି ଉପନିର୍ବାଚନରେ ମଦର ବନ୍ୟା କରାଇବେ ଏବଂ ରାଜ୍ୟ ନିର୍ବାଚନ ଅଧିକାରୀ ଭାବେ ଫ୍ଲାଇଂ ସ୍କ୍ୱାଡ୍ ଓ ପୋଲିସ ପ୍ରଶାସନକୁ ଶାସକ ଦଳ ସପକ୍ଷରେ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେବେ ବୋଲି ଲେଖାଶ୍ରୀ ଅଭିଯୋଗ କରିଛନ୍ତି । ଅନ୍ୟପଟେ ବିଜେଡି କିନ୍ତୁ ପାଲଟା ଅଭିଯୋଗ ଆଣିଛି। ବିଜେଡି ପ୍ରବକ୍ତା ଈପ୍ସିତା ସାହୁ କହିଛନ୍ତି, ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କୁ ବଦଳାଇବା ପାଇଁ ଦାବି କରିବା ଭାଜପାର ଅଭ୍ୟାସରେ ପଡ଼ିଗଲାଣି । ନିର୍ବାଚନ ହାରିବା ପରେ ୨୦୦୯ଠାରୁ ଭାଜପା ନିୟମିତ ଭାବେ ଏଭଳି ଅଭିଯୋଗ କରିଆସୁଛନ୍ତି। ଭାଜପାକୁ ଏବେ ଠାରୁ ପିପିଲିରେ ହାରିବାର ଭୟ ଗୋଡ଼ାଇଲାଣି । ଏହାର ପ୍ରତିଫଳନ ସ୍ୱରୂପ ସେମାନେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ବଦଳାଇବା ଦାବି ଉଠାଇଛନ୍ତି । ସେହିଭଳି ପିପିଲି ଟିକେଟ ପାଇଁ ଆଶାୟୀ ଥିବା ଭାଜପା ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର ଏଥିରୁ ବଞ୍ଚିତ ହେବାପରେ ଏବେ ହତାଶ ହୋଇ ଏଭଳି ଭିତ୍ତିହୀନ ଅଭିଯୋଗମାନ ଆଣୁଛନ୍ତି । ଅପରପକ୍ଷରେ ଭାଜପାର ଏଭଳି ଆଚରଣ ଲାଗି ରାଜ୍ୟବାସୀ ଏହି ଦଳକୁ ବାରମ୍ବାର ପ୍ରତ୍ୟାଖ୍ୟାନ କରିବାରେ ଲାଗିଛନ୍ତି । ପିପିଲିରେ ମଧ ଏହାର ପୁନରାବୃତ୍ତି ହେବ ବୋଲି ଈପ୍ସିତା କହିଛନ୍ତି।

# ଭୂତଳ ଜଳ ସ୍ଥିତି ସଙ୍ଗିନ

## ୯ ଜିଲାରେ ଖସୁଛି



ଭୁବନେଶ୍ୱର,୧।୪(ବ୍ୟୁରୋ)

ରାଜ୍ୟରେ ତାତି ବଢ଼ିଚାଲିଛି। ପ୍ରତ୍ୟେକ ବର୍ଷ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଏକ ଶୁଷ୍କ ପରିବେଶ ସୃଷ୍ଟି କରୁଛି। ବିଭିନ୍ନ ଜିଲାରେ ଜଳକଷ୍ଟ ଦେଖାଦେଉଛି। ଆବଶ୍ୟକ ପରିମାଣ ବର୍ଷା ନ ହେବା ଓ ଜଳାଶୟ ଲୋପ ପାଇଯାଉଥିବା କାରଣରୁ ଭୂତଳ ଜଳ ତଳକୁ ଖସିଚାଲିଛି। ଗତ କିଛି ବର୍ଷ ହେବ ରାଜ୍ୟର ଅନେକ ଭାଗରେ ଭୂତଳ ଜଳସ୍ତର ତଳକୁ ଖସିବା ଆରମ୍ଭ କରିଛି। ଆଗାମୀ ଦିନରେ ରାଜ୍ୟକୁ ଭୟଙ୍କର ଜଳସଙ୍କଟ ଭୋଗିବା ଆଶଙ୍କା ଦେଖାଦେଇଛି। ୫ ବର୍ଷ ମଧ୍ୟରେ ରାଜ୍ୟର ୯ ଜିଲାରେ ଭୂତଳ ଜଳସ୍ତର ସଙ୍ଗିନ ଅବସ୍ଥାକୁ ଚାଲିଯାଇଛି।

ଓଡ଼ିଶା ଭୂତଳ ଜଳ ଉନ୍ନୟନ ତଥ୍ୟ ଅନୁଯାୟୀ ୨୦୧୪ରୁ ୨୦୨୦ ମଧ୍ୟରେ ଦେବଗଡ଼, ଝାରସୁଗୁଡ଼ା, ବାଲେଶ୍ୱର, ବରଗଡ଼, ନୂଆପଡ଼ା, ରାୟଗଡ଼ା, ମାଲକାନଗିରି, ଯାଜପୁର ଏବଂ କେନ୍ଦ୍ରାପଡ଼ା ଜିଲାରେ ଭୂତଳ ଜଳସ୍ତର କମିଚାଲିଛି। ଏହାଛଡ଼ା ରାଜ୍ୟର ୩୧୪ ବ୍ଲକ ମଧ୍ୟରୁ ୫ଟିରେ ଭୂତଳ ଜଳ ସମସ୍ୟା ଦେଖାଦେଲାଣି। ସମ୍ପୃକ୍ତ ବ୍ଲକଗୁଡ଼ିକ ହେଲା ବାଲେଶ୍ୱର ଜିଲାର ବାହାନଗା, ବାଲିଆପାଳ, ଯାଜପୁରର କୋରେଇ, କେନ୍ଦ୍ରାପଡ଼ାର ଗରଦପୁର ଏବଂ ଖୋର୍ଦ୍ଧାର ବୋଲଗଡ଼। ଏହିସବୁ ବ୍ଲକରେ ୭୦ରୁ ୯୦ ଭାଗ ଭୂତଳ ଜଳ ବ୍ୟବହାର କରାଯାଉଛି। କେବଳ ସେତିକି ନୁହେଁ, ୪୪ ବ୍ଲକରେ ଜଳ ସମସ୍ୟା ଉତ୍କଟ ହେବାକୁ ଯାଉଥିବା ନେଇ ସତର୍କ କରାଯାଇଛି।

କେବଳ ଜଳସ୍ତର କମୁନାହିଁ ମାତ୍ରାଧିକ ରାସାୟନିକ ସାର ପ୍ରୟୋଗ, କ୍ଷତିକାରକ ଦ୍ରାବକ, ଶିଳ୍ପାଞ୍ଚଳ ଓ ସହରାଞ୍ଚଳରୁ ବାହାରୁଥିବା ବର୍ଜ୍ୟ ଜଳ ଯୋଗୁ ରାଜ୍ୟର ଭୂତଳ ଜଳ ବିଷାକ୍ତ ହେବାରେ ଲାଗିଛି। ପାଣିରେ ମନୁଷ୍ୟ ଶରୀର ପାଇଁ କ୍ଷତିକାରକ ଫ୍ଲୋରାଇଡ୍, ଇଲେକ୍ଟ୍ରିକାଲ କଣ୍ଡକ୍ଟିଭିଟି, ଜିଙ୍କ୍, ଟୋଟାଲ କଲିଫର୍ମ, ଆଇରନ, ନାଇଟ୍ରେଟ୍ ଆଦିର ପରିମାଣ ବଢ଼ିବାରେ ଲାଗିଛି। ଏହି କାରଣରୁ ଏକଦା ମିଠା ଲାଗୁଥିବା ପାଣି ଏବେ କ୍ଷାର ଏବଂ ଲବଣାକ୍ତ ହୋଇଛି। ଫଳରେ ୨୭ ସହରାଞ୍ଚଳରେ ଭୂତଳ ଜଳ ଅବସ୍ଥା ସଙ୍ଗିନ ହେଲାଣି। ସେହି ସହରଗୁଡ଼ିକ ମଧ୍ୟରେ ରହିଛି ଭୁବନେଶ୍ୱର, ଖୋର୍ଦ୍ଧା, ପୁରୀ, କଟକ, ବ୍ରହ୍ମପୁର, ସମ୍ବଲପୁର, ରାଉରକେଲା, ଅନୁଗୋଳ, ତାଳଚେର, ବରଗଡ଼, ପଦ୍ମପୁର, ବରପାଲି, ଟିଟିଲାଗଡ଼, ଆସ୍କା, ଦିଗପହଣ୍ଡି, ହିଞ୍ଜିଳିକାଟୁ, ଝାରସୁଗୁଡ଼ା, ଯୋଡ଼ା, ବାରିପଦା, ନବରଙ୍ଗପୁର, ନୟାଗଡ଼, ଢେଙ୍କାନାଳ, ତରଭା, ସୋନପୁର, ବଲାଙ୍ଗୀର, କେନ୍ଦ୍ରାପଡ଼ା ଏବଂ ପଟ୍ଟାମୁଣ୍ଡାଇ। ବିଶେଷକରି ଖୋର୍ଦ୍ଧା ଏବଂ ନୟାଗଡ଼ ଜିଲାରେ ସମସ୍ୟା ଅଧିକ ଜଟିଳ ହେବାରେ ଲାଗିଛି। ଏହା ଆଗାମୀ ଦିନରେ ଭୟଙ୍କର ସମସ୍ୟା ସୃଷ୍ଟି କରିବ ବୋଲି ନିକଟରେ ଏକ ଗବେଷଣାରୁ ଜଣାପଡ଼ିଛି। ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ଖଡ଼ଗପୁର (ଆଇଆଇଟି-ଖଡ଼ଗପୁର), ମୁମ୍ବାଇସ୍ଥିତ ଭାବା ଆଟମିକ ରିସର୍ଚ୍ଚ ସେଣ୍ଟର (ବିଏଆର୍‌ସି) ଏବଂ ହୋମି ଭାବା ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍‌ର ଏକ ଟିମ୍ ଦ୍ୱାରା କରାଯାଇଥିବା ସର୍ଭେରୁ ଏହା ସ୍ପଷ୍ଟ ହୋଇଛି। ବିଶେଷଜ୍ଞମାନେ କୂପ, ନଳକୂପର ୨୨ ସ୍ଥାନ ସମେତ ବର୍ଷାଜଳ, ନଦୀ ଏବଂ ଝରଣାରୁ ନମୁନା ସଂଗ୍ରହ କରିଥିଲେ। ପରୀକ୍ଷଣରୁ ଏସବୁ ଜଳ ନମୁନାରେ ମନୁଷ୍ୟ ଶରୀରକୁ କ୍ଷତି ପହଞ୍ଚାଇବା ଭଳି ମାତ୍ରାଧିକ ଫ୍ଲୋରାଇଡ୍ ଏବଂ ନାଇଟ୍ରେଟ୍ ରହୁଥିବା ଉଲ୍ଲେଖ କରାଯାଇଛି। ବର୍ଷାଜଳରେ ଏସିଡ୍ ପରିମାଣ କମ୍ ରହିଥିବା ବେଳେ ଭୂଗର୍ଭ ଜଳରେ ଫ୍ଲୋରାଇଡ, ଇଲେକ୍ଟ୍ରିକାଲ କଣ୍ଡକ୍ଟିଭିଟି ପରିମାଣ ବେଶି ଥିବା ଏହି ଗବେଷଣା ରିପୋର୍ଟରେ ଦର୍ଶାଯାଇଛି।

ଜଳ ନମୁନା ସଂଗ୍ରହ କରାଯାଇଥିବା ସ୍ଥାନଗୁଡ଼ିକରେ ଭୂଗର୍ଭ ଜଳରେ ୪୦%ରୁ ଅଧିକ ଫ୍ଲୋରାଇଡ ରହୁଛି। ଏପରି କି କେତେକ ନମୁନାରୁ ଲିଟର ପିଛା ୩.୫ ମିଲିଗ୍ରାମ୍ ଯାଏ ଫ୍ଲୋରାଇଡ୍ ଠାବ କରାଯାଇଛି। ବ୍ୟୁରୋ ଅଫ୍ ଇଣ୍ଡିଆନ ଷ୍ଟାଣ୍ଡାର୍ଡସ (ବିଆଇଏସ୍) ମାନକ ଅନୁଯାୟୀ, ୧ ଲିଟର ଜଳରେ ୧ ମିଲିଗ୍ରାମ୍‌ରୁ ଅଧିକ ଫ୍ଲୋରାଇଡ ରହିଲେ ତାହା ଶରୀର ପାଇଁ କ୍ଷତିକାରକ।

କେବଳ ସେତିକି ନୁହେଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ୧୧ଟି ସହର ଯଥା ଅନୁଗୋଳ, ବାଲେଶ୍ୱର, ବ୍ରହ୍ମପୁର, ଭୁବନେଶ୍ୱର, କଟକ, ପାରାଦୀପ, ସୁକିନ୍ଦା, ଝାରସୁଗୁଡ଼ା, ପୁରୀ, ସମ୍ବଲପୁର ଏବଂ ତାଳଚେର ଆଦି ୪୮ଟି ସ୍ଥାନରେ ଭୂତଳ ଜଳର ଗୁଣାତ୍ମକ ମାନକୁ ଏପ୍ରିଲ ଓ ଅକ୍ଟୋବର ମାସରେ ନିୟମିତ ଭାବେ ପରୀକ୍ଷା କରାଯାଉଛି। ସେଥିରୁ ୬ଟି ସ୍ଥାନରେ ପିଏଚ, ଗୋଟିଏ ସ୍ଥାନରେ ନାଇଟ୍ରେଟ, ୧୦ଟି ସ୍ଥାନରେ ଲୌହ ଏବଂ ୨୯ଟି ସ୍ଥାନରେ ଟୋଟାଲ କଲିଫର୍ମ ପରିମାଣ ନିର୍ଦ୍ଧାରିତ ମାନକଠାରୁ ଉର୍ଦ୍ଧ୍ୱରେ ରହୁଛି। ପାଣିର ମାନ ଦିନକୁ ଦିନ ବିଗୁଡୁଥିବାରୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ସମ୍ପୃକ୍ତ ପୌରାଞ୍ଚଳର ଅଧିକାରୀ, ଜିଲା ପ୍ରଶାସନ ଓ ଜନସ୍ୱାସ୍ଥ୍ୟ ବିଭାଗକୁ ଆବଶ୍ୟକ ପଦକ୍ଷେପ ନେବାକୁ କୁହାଯାଇଥିବା ବୋର୍ଡର ଜଣେ ବରିଷ୍ଠ ବୈଜ୍ଞାନିକ କହିଛନ୍ତି।

ରାଜ୍ୟରେ ଥିବା ସହରାଞ୍ଚଳଗୁଡ଼ିକୁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଯୋଗାଇ ଦିଆଯାଉଥିବା ପାନୀୟ ଜଳ ମଧ୍ୟରୁ ୪୦ ପ୍ରତିଶତ ଭୂତଳ ଜଳ। ଏହାଛଡ଼ା ସହରାଞ୍ଚଳରେ ଅନେକ ଲୋକ ନିଜସ୍ୱ ବୋର୍‌ୱେଲ ଜରିଆରେ ପାଣି ଉଠାଉଛନ୍ତି। କେବଳ ସହର ନୁହେଁ, ଗ୍ରାମାଞ୍ଚଳରେ ମଧ ଭୂତଳ ଜଳ ବ୍ୟବହାର ପରିମାଣ ଆଶାତୀତ ଭାବେ ବଢ଼ିବାରେ ଲାଗିଛି। ଜଳ ସଂରକ୍ଷଣ ପାଇଁ ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହେବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଆଶଙ୍କାବ୍ୟକ୍ତ କରିଛନ୍ତି।

### ୟୁଜର୍ସ ଫି ଆଦାୟକୁ କଂଗ୍ରେସର ବିରୋଧ

ଭୁବନେଶ୍ୱର, ୧।୪(ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ସହରାଞ୍ଚଳବାସୀଙ୍କ ନିକଟରୁ ବଳପୂର୍ବକ ୟୁଜର୍ସ ଫି' ଆଦାୟ କରୁଛି। ୨୦୧୫ରେ ବିଏମ୍‌ସି ୟୁଜର୍ସ ଫି' ଆଦାୟ କରିବା ଲାଗି ନିଷ୍ପତ୍ତି ନେଇଥିଲା। ଏହାକୁ ବିରୋଧ କରି ବିଏମ୍‌ସି ଅଞ୍ଚଳର କେତେକ ନାଗରିକ ସଙ୍ଗଠନ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସେହି ସମୟରେ ହାଇକୋର୍ଟ ତୁରନ୍ତ ଏଭଳି ନିଷ୍ପତ୍ତିରୁ ବିରତ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ କରୋନା ମହାମାରୀ ସମୟରେ ଲୋକମାନେ ଆର୍ଥିକ ଅନଟନର ଶିକାର ହୋଇଥିବାବେଳେ କେତେଜଣ କୁଚକ୍ରୀ ଅମଲାତନ୍ତ୍ରୀଙ୍କ ନିର୍ଦ୍ଦେଶରେ ବିଏମ୍‌ସି କର୍ତ୍ତୃପକ୍ଷ ବିଭିନ୍ନ ଆଳରେ ୟୁଜର୍ସ ଫି' ଆଦାୟ କରୁଛନ୍ତି, ଯାହା ବେଆଇନ ଏବଂ ଜନବିରୋଧୀ ବୋଲି ଅଭିଯୋଗ ଆଣିଛି କଂଗ୍ରେସ। ଗୁରୁବାର ରାଜ୍ୟ କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବରିଷ୍ଠ ନେତା ପଞ୍ଚାନନ କାନୁନଗୋ ଏହାକୁ ନେଇ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ଜିଲା କଂଗ୍ରେସର ହୋଲ୍ଡିଂ ଟ୍ୟାକ୍ସ ବିରୋଧୀ ଆନ୍ଦୋଳନ ପରେ ସରକାର ବାଧ୍ୟ ହୋଇ ଏହି ଟିକସ ଆଦାୟ ବନ୍ଦ କରିଥିଲେ। କିନ୍ତୁ ୟୁଜର୍ସ ଫି' ଆଦାୟ କରିବାରେ ଲାଗିଛନ୍ତି। ୟୁଜର୍ସ ଫି' ଆଦାୟ ଓଡ଼ିଶା ମ୍ୟୁନିସିପାଲ ଆକ୍ଟ-୨୦୦୩ର ବିରୁଦ୍ଧାଚରଣ କରୁଛି। କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତି ଭୁବନେଶ୍ୱର ମ୍ୟୁନିସିପାଲ ଅଧୀନରେ ଥିବା ଜାଗାକୁ ବ୍ୟକ୍ତିଗତ ଉଦ୍ଦେଶ୍ୟରେ ବ୍ୟବହାର କଲେ ୟୁଜର୍ସ ଫି' ଆଦାୟ କରାଯାଇଥାଏ। ଏହାର ଅର୍ଥ ନୁହେଁ, ସବୁ ଲୋକଙ୍କ ପାଖରୁ ଫି' ଆଦାୟ କରାଯିବ। ଏହାର ପ୍ରତିବାଦରେ ଆଗାମୀ ଦିନରେ ପୁଣି ଆନ୍ଦୋଳନ କରାଯିବ। ଏଥିରେ ସହଯୋଗ କରିବାକୁ ରାଜଧାନୀବାସୀଙ୍କୁ ଦଳ ପକ୍ଷରୁ ଅନୁରୋଧ କରାଯାଇଛି।

# ପାରାଦୀପ ବନ୍ଦରର ଲଗାତର ୪ର୍ଥ ରେକର୍ଡ

**ବାର୍ଷିକ ପଣ୍ୟ କାରବାର ୧୧୪.୫୫ମିଲିୟନ ଟନ୍**

ପାରାଦୀପ,୧।୪(ସ୍ୱ.ପ୍ର.)

ପାରାଦୀପ ବନ୍ଦର ୨୦୨୦-୨୧ ଆର୍ଥିକ ବର୍ଷରେ ୧୧୪.୫୫ ମିଲିୟନ ଟନ୍ ପଣ୍ୟ କାରବାର କରିଛି। ଲଗାତର ୪ର୍ଥ ଆର୍ଥିକ ବର୍ଷରେ ୧୦୦ ମିଲିୟନ ଟନ୍‌ରୁ ଉର୍ଦ୍ଧ୍ୱ ପଣ୍ୟ କାରବାର କରିବାର ରେକର୍ଡ ହାସଲ କରିଛି ବୋଲି ଗୁରୁବାର ଏକ ଖବରଦାତା ସମ୍ମିଳନୀରେ ବନ୍ଦର ଅଧକ୍ଷ ଭିନିତ୍ କୁମାର କହିଛନ୍ତି। ମଧୁବନସ୍ଥିତ ଅଫିସର୍ସ କ୍ଲବ ପରିସରରେ ଆୟୋଜିତ ସମ୍ମିଳନୀରୁ ମିଳିଥିବା ସୂଚନା ଅନୁସାରେ, ପାରାଦୀପ ବନ୍ଦର ୨୦୧୭-୧୮ ଆର୍ଥିକ ବର୍ଷରେ ୧୦୨.୦୧, ୨୦୧୮-୧୯ରେ ୧୦୯.୧୯, ୨୦୧୯-୨୦ରେ ୧୧୨.୬୯ ମିଲିୟନ ଟନ୍ ପଣ୍ୟ କାରବାର କରିଥିଲା। ଚଳିତବର୍ଷ ହୋଇଥିବା ପଣ୍ୟ କାରବାରରୁ ବନ୍ଦର ୭୨୨କୋଟି ଟଙ୍କା ଲାଭ କରିଛି। ଟିକସ ବାଦ୍ ୪୭୬କୋଟି ଟଙ୍କା ଲାଭ ହୋଇଛି। ବନ୍ଦରରେ ପ୍ରତିଦିନ ହାରାହାରି ୨୪ ହଜାର ମେଟ୍ରିକ ଟନ୍ ପଣ୍ୟ କାରବାର ହୋଇଛି। ତୈଳ କାରବାର ବ୍ୟତୀତ ବଲ୍କ କାର୍ଗୋ ମଧ ଅଧିକ ହୋଇଛି। ଯାହା ଦେଶର ବୃହତ ବନ୍ଦର କ୍ଷେତ୍ରରେ ୨ୟ ବୋଲି କୁହାଯାଇଛି। ଚଳିତବର୍ଷ ୨ଟି ବୃହତ ପ୍ରକଳ୍ପ ଶେଷ ହେବ। ସେଗୁଡିକ ହେଲା ନୂତନ କୋଲ ହ୍ୟାଣ୍ଡଲିଂ ପ୍ଲାଣ୍ଟ ଓ କେଆଇସିଟି ବର୍ଥ। କୋଲ ହ୍ୟାଣ୍ଡଲିଂ ପ୍ଲାଣ୍ଟ ପାଇଁ ୧୪୪୦ କୋଟି ଓ କେଆଇସିଟି ପାଇଁ ୬୫୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏହାବାଦ ୱେଷ୍ଟର୍ଣ୍ଣ ଡକ୍ ପାଇଁ ୩ ହଜାର କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଯେଉଁଥିରେ ବୃହତ ପାନାମାକ୍ସ ଜାହାଜ ଲାଗି ପାରିବ। ରାଜ୍ୟ ସରକାରଙ୍କ ସହଭାଗିତାରେ ୩୦୦ ଏକର ଜାଗାରେ ୩ଟି ଶିଳ୍ପ ସ୍ଥାପନ ହେବାକୁ ଯାଉଛି। ମଲ୍ଟିମୋଡାଲ କରିଡର, କଣ୍ଟେନର ୟାର୍ଡ ଆଦି କରାଯାଉଛି। ଏସବୁ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଲଜେଷ୍ଟିକ୍ ଖର୍ଚ୍ଚ କମିବା ସହ ପଣ୍ୟ କାରବାର ବୃଦ୍ଧି ପାଇବ। ଫଳରେ ପାରାଦୀପ ଦେଶର ୧ ନମ୍ବର ବନ୍ଦର ମାନ୍ୟତା ପାଇବ। ଏଥିସହ ବିଶ୍ୱସ୍ତରୀୟ ବନ୍ଦର ହୋଇପାରିବ ବୋଲି ଅଧକ୍ଷ କୁମାର କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପାଧକ୍ଷ ଏ.କେ. ବୋଷ, ଉପସଂରକ୍ଷକ ଅତୁଲ୍ୟ କୁମାର ମହାପାତ୍ର, ସିଏମ୍ଓ ଡା.ପ୍ରହ୍ଲାଦ ପଣ୍ଡା, ଟ୍ରାଫିକ ମ୍ୟାନେଜର ଏସ୍.କେ ମିଶ୍ର, ସିଏମ୍ଇ ଏସ୍.କେ. ଦାସଙ୍କ ସମେତ ଅନ୍ୟ ବିଭାଗୀୟ ମୁଖ୍ୟମାନେ ଉପସ୍ଥିତ ଥିଲେ।



କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ ଶ୍ରମ କୋଡ୍‌କୁ ବିରୋଧ କରି ଗୁରୁବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ବିଭିନ୍ନ ଶ୍ରମିକ ସଙ୍ଗଠନ ପକ୍ଷରୁ ବିକ୍ଷୋଭ ଶୋଭାଯାତ୍ରାରେ କୋଡ୍ ଦସ୍ତାବିଜକୁ ପୋଡ଼ାଯାଉଛି।

# 'ମାଓବାଦୀ ଦମନରେ ପୋଲିସ ପ୍ରଦର୍ଶନ ଉଚ୍ଚକୋଟୀର'

**୮୬ତମ ରାଜ୍ୟ ପୋଲିସ ପ୍ରତିଷ୍ଠା ଦିବସ**

- ସିଟିଜେନ ପୋର୍ଟାଲ, ସହାୟତା ଆପ୍‌ରେ ଦାଖଲ ହେଉଛି ଇ- ଏଫ୍‌ଆଇଆର୍
- କଟକ ଓଏସ୍‌ଏପି ଶ୍ରେଷ୍ଠ ବାଟାଲିୟନ ଭାବେ ପୁରସ୍କୃତ




୮୬ତମ ରାଜ୍ୟ ପୋଲିସ ପ୍ରତିଷ୍ଠା ଦିବସ ଅବସରରେ କଟକସ୍ଥିତ ଓଏସ୍‌ଏପି ଷଷ୍ଠ ବାଟାଲିୟନଠାରେ ଡିଜିପି ଅଭୟ ପରେଡ୍‌ରେ ଅଭିବାଦନ ଗ୍ରହଣ କରୁଛନ୍ତି।

କଟକ ଅଫିସ, ୧।୪

ମାଲକାନଗିରି ଉପାନ୍ତ ଅଞ୍ଚଳରେ ମାଓବାଦୀ ଦମନ ଅଭିଯାନରେ ଓଡ଼ିଶା ପୋଲିସର ପ୍ରଦର୍ଶନ ବେଶ୍ ଉଚ୍ଚକୋଟୀର ରହିଛି। ସେହିପରି ନିଶାଦ୍ରବ୍ୟ ଚୋରାଚାଲାଣ ରୋକିବାରେ ପୋଲିସର ଭୂମିକା ପ୍ରଶଂସନୀୟ। ମହିଳା ଓ ଶିଶୁଙ୍କ ବିରୋଧରେ ଅପରାଧ ରୋକିବା ଲାଗି କଠୋର ପଦକ୍ଷେପ ନିଆଯାଉଛି। ଓଆର୍‌ଏସ୍‌ଏସ୍, ସିଟିଜେନ ପୋର୍ଟାଲ ଓ ମୋବାଇଲ ଆପ୍ 'ସହାୟତା' ମାଧ୍ୟମରେ ଇ-ଏଫ୍‌ଆଇଆର୍ ଦାଖଲ ଆଦି ବ୍ୟବସ୍ଥା କରାଯାଇଛି। ରାଜ୍ୟର ନିଖୋଜ ଶିଶୁଙ୍କୁ ଠାବ କରିବା ଓ ଏନ୍‌ବିଡବ୍ଲ୍ୟୁ ଅପରାଧୀଙ୍କ ବିରୋଧରେ ସ୍ପେଶାଲ ଡ୍ରାଇଭ ଜାରି ରହିଛି। ସେହିପରି ସାଇବର ଓ ଅର୍ଥନୈତିକ ଅପରାଧ କ୍ଷେତ୍ରରେ ପୋଲିସ ସତର୍କତାର ସହ କାର୍ଯ୍ୟ କରୁଛି। ଗୁରୁବାର କଟକସ୍ଥିତ ଓଏସ୍‌ଏପି ଷଷ୍ଠ ବାଟାଲିୟନଠାରେ ଓଡ଼ିଶା ପୋଲିସର ୮୬ତମ ରାଜ୍ୟସ୍ତରୀୟ ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡିଜିପି ଅଭୟ ଏହା କହିଛନ୍ତି। ଏହି ଅବସରରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା ବାର୍ତ୍ତାକୁ ଏଡିଜି (ହେଡ୍‌କ୍ୱାର୍ଟର) ଲଳିତ ଦାସ ପାଠ କରିଥିଲେ।

ଡିଜିପି ଅଭୟ ପରେଡ ଅଭିବାଦନ ଗ୍ରହଣ କରିବା ପରେ ଉଲ୍ଲେଖନୀୟ ପୋଲିସ ସେବା ପାଇଁ ପୋଲିସ ଅଧିକାରୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏପିଆର୍ କନଷ୍ଟେବଳ ଅଶ୍ୱିନୀକାନ୍ତ ସାହୁ, ଓଆର୍ କନଷ୍ଟେବଳ ସନ୍ତୋଷ କୁମାର ନାୟକ, ଟ୍ରାଫିକ କନଷ୍ଟେବଳ ପ୍ରଶାନ୍ତ କୁମାର ପରିଡ଼ା, ହାବିଲଦାର ପୋତୁରାଜ କୁର୍ମି, ଏଏସ୍‌ଆଇ କୈଳାସ ଚନ୍ଦ୍ର ପ୍ରଧାନ, ଏସ୍‌ଆଇ ସରୋଜ କୁମାର ନାୟକ, ଇନ୍ସପେକ୍ଟର ଚିନ୍ତାମଣି ପ୍ରଧାନ, ଇନ୍ସପେକ୍ଟର ଗୀତାଞ୍ଜଳି ପଣ୍ଡା, ଇନ୍ସପେକ୍ଟର ଆଶିଷ କୁମାର ରାଉତ ଓ ଶ୍ରେଷ୍ଠ ଟିମ ଲିଡର ଏସ୍‌ଓଜିର ଡେପୁଟି ସୁବେଦାର ଶାଶ୍ୱତ ବେହେରା ପୁରସ୍କୃତ ହୋଇଥିଲେ। ଓଏସ୍‌ଏପି ଷଷ୍ଠ ବାଟାଲିୟନ କଟକକୁ ଶ୍ରେଷ୍ଠ ବାଟାଲିୟନ ଭାବେ ପୁରସ୍କୃତ କରାଯାଇଥିଲା। ଶ୍ରେଷ୍ଠ ପରିବାର କଲ୍ୟାଣ କେନ୍ଦ୍ର ଭାବେ ଓଏସ୍‌ଏପି ଷଷ୍ଠ ବାଟାଲିୟନ କଟକ ପୁରସ୍କୃତ ହୋଇଥିଲା। ସେହିପରି ଓଏସ୍‌ଏପି ସପ୍ତମ ବାଟାଲିୟନ ଭୁବନେଶ୍ୱର ଏବଂ ଓଏସ୍‌ଏପି ଦ୍ୱିତୀୟ ବାଟାଲିୟନ ଝାରସୁଗୁଡ଼ାକୁ ପୁରସ୍କୃତ କରାଯାଇଥିଲା। ପରେଡରେ ଏସ୍‌ଓଜି ପ୍ରଥମ ଏବଂ ଏପିଆର୍ (ମହିଳା)/ଟ୍ରାଫିକ କନଷ୍ଟେବଳ(କମ୍ବାଇନ୍‌ଡ) ଦ୍ୱିତୀୟ ସ୍ଥାନ ହାସଲ କରି ଡିଜିପିଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ମାଲକାନଗିରି ଜିଲାର ସ୍ୱର୍ଗତ ଜୟରାମ କବାସି ଓ ସ୍ୱର୍ଗତ ରାମୁ ଦୁରୁଆ, ମୟୂରଭଞ୍ଜର ସ୍ୱର୍ଗତ ସୁଧୀର କୁମାର ଟୁଡୁ, ଅନୁଗୋଳର ସ୍ୱର୍ଗତ ଦେବାଶିଷ ସେଠୀଙ୍କୁ ସ୍ୱର୍ଗତ ଭ୍ରମରବର ସାହୁ ସ୍ମୃତି ସାହସିକତା ପୁରସ୍କାର ଦିଆଯାଇଥିଲା। ସେହିପରି କନ୍ଧମାଳ ଜିଲାର କାର୍ତ୍ତିକ କହଁର, ଯଶବନ୍ତ ସାହୁ, ବଣ୍ଟି ପ୍ରଧାନ, ପରମାନନ୍ଦ ବେହେରାଦଳାଇ ଏବଂ ପ୍ରକାଶ ଚନ୍ଦ୍ର ସାହୁ (ଭୁବନେଶ୍ୱର)ଙ୍କୁ ସ୍ୱର୍ଗତ ରାଜେନ୍ଦ୍ର ମୋହନ ପଟ୍ଟନାୟକ ସ୍ମୃତି ସାହସିକତା ପୁରସ୍କାର ପ୍ରଦାନ କରାଯାଇଥିଲା। ଓଏସ୍‌ଏପି ଷଷ୍ଠ ବାଟାଲିୟନଠାରେ ୬୧ଜଣ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଆରକ୍ଷୀ ମହାନିର୍ଦ୍ଦେଶକଙ୍କ ପଦକ ଦିଆଯାଇଥିଲା। ଏହି ଅବସରରେ ଅବସରପ୍ରାପ୍ତ ଏଡିଜି ଆଶୁତୋଷ ମିଶ୍ର ଏବଂ ଅବସରପ୍ରାପ୍ତ ଭିଜିଲାନ୍ସ ଏସ୍‌ପି ଗୌରାଙ୍ଗ ଚନ୍ଦ୍ର ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବହୁ ବରିଷ୍ଠ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ସମେତ ସେବା ନିବୃତ୍ତ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

**ଆଜିର ମନ୍ତବ୍ୟ**

"ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କଠାରୁ ନିର୍ଦ୍ଦେଶ ପାଇ କେନ୍ଦ୍ରୀୟ ବଳ ନନ୍ଦିଗ୍ରାମ ନିର୍ବାଚନରେ ଭାଜପାକୁ ସାହାଯ୍ୟ କରିଛନ୍ତି।
–ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଲୁଡୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅକାଳେ ଗଲି ଘଷି ସାଉଁଟି, ଘରେ ଥିଲେ ସୁଖ ପାଉ ଥାଆନ୍ତି।**

ଆଗ କାଳରେ ମହିଳାମାନେ ଗୋବର ଘଷି ପାରି ତାହାକୁ ଜାଳେଣି ଭାବେ ବ୍ୟବହାର କରୁଥିଲେ। ଯେଉଁ ବ୍ୟକ୍ତି ଦିନେ ନାହିଁ କାଳେ ନାହିଁ କାମଦାମ କରି ନ ଥାଏ, ପରିସ୍ଥିତିରେ ପଡି ତାକୁ କାମ କରିବାକୁ ପଡିଲେ ସେ ପୂର୍ବ ସୁଖ ସୁବିଧା କଥା ଭାବି ମନ ଊଣା କରିବସୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅଗ୍ନି ଯେସନେ ସର୍ ଖାଇ, ବିଚାରେ ଗୁଣ ଦୋଷ ନାହିଁ।**

ଅଗ୍ନିର ଧର୍ମ ଜଳିବା। ନିଆଁ ମୁହଁରେ ଯାହା ବି ପଡେ ସବୁ କିଛି ଜଳିପୋଡି ପାଉଁଶ ହୋଇଯାଏ। କିଛି ସର୍ବଗିଳା ବ୍ୟକ୍ତି ଅଛନ୍ତି ଯେଉଁମାନେ ସବୁକିଛି ଚଳୁ କରି ନିଧଡକ ହୋଇ ବସିଯାଇଥାନ୍ତି। ଅନ୍ୟାୟରେ ସବୁ କିଛି ଆତ୍ମସାତ କରିନେଉଥିଲେ ସୁଦ୍ଧା ସେଥିରେ ତାଙ୍କର ସେପରି କିଛି ବି ଦୋଷ ତ୍ରୁଟି ରହୁ ନ ଥିବା ନେଇ ବିଚାର କରିବସୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ଅନୁଷ୍ଠାନ

**ପ୍ରଥମ ପୃଷ୍ଠାରୁ...**

## ଓଡ଼ିଶାରେ ୩୯୪...

ଚିହ୍ନଟ ହୋଇଛନ୍ତି। ସେହିପରି କୋରାପୁଟ ଜିଲାରୁ ୪ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ମୟୂରଭଞ୍ଜ ୧୯, ନବରଙ୍ଗପୁର ୩, ନୟାଗଡ଼ ୧, ନୂଆପଡ଼ା ୪୦, ପୁରୀ ୧୨, ରାୟଗଡ଼ା ୩, ସମ୍ବଲପୁର ୧୪, ସୋନପୁର ୪, ସୁନ୍ଦରଗଡ଼ ଜିଲାରେ ୩୧ ଜଣ ଚିହ୍ନଟ ହୋଇଛନ୍ତି।

କୋଭିଡ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ରାଜ୍ୟରେ ଟିକାକରଣକୁ ମଧ୍ୟ ଜୋରଦାର କରାଯାଇଛି। ଏଣିକି ସବୁଦିନ ସରକାରୀ ଓ ଘରୋଇ ହସ୍ପିଟାଲରେ ଟିକାକରଣ କରାଯିବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏପରିକି ଏପ୍ରିଲ ମାସରେ ଛୁଟି ଦିନରେ ଟିକାକରଣ କାର୍ଯ୍ୟକ୍ରମ ଚାଲୁ ରହିବ। ଏ ନେଇ ସମସ୍ତ ଜିଲାପାଳ, ମହାନଗର ନିଗମ କମିଶନର, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିବା ସହ ଟିକାକରଣ କେନ୍ଦ୍ର ସଂଖ୍ୟା ବୃଦ୍ଧି କରିବାକୁ କୁହାଯାଇଛି। ଏ ସମ୍ପର୍କରେ ବ୍ଲକ ସ୍ତର ଓ ଘରୋଇ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ଜଣାଇବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏପ୍ରିଲ ପହିଲାରୁ ୪୫ ବର୍ଷରୁ ଊର୍ଦ୍ଧ୍ୱ ୨ ଲକ୍ଷ ଲୋକଙ୍କୁ ଟିକାକରଣ କରିବାକୁ ପୂର୍ବରୁ ଘୋଷଣା କରାଯାଇଥିଲା। ମିଳିଥିବା ସୂଚନା ମୁତାବକ, ପ୍ରଥମ ଦିବସରେ ୧ ଲକ୍ଷ ଲୋକଙ୍କୁ ଟିକାକରଣ କରାଯାଇଛି। ରାଜ୍ୟରେ ୧,୩୪୨ଟି ଟିକାକରଣ କେନ୍ଦ୍ରରେ ମୋଟ ୨,୦୩,୧୬୨ ଜଣଙ୍କୁ ଟିକା ଦିଆଯାଇଛି।

## ୩୪ଲକ୍ଷ ଚାଷୀଙ୍କୁ...

ଏହି ଯୋଜନା ଦ୍ୱାରା ଏଯାବତ୍ ପ୍ରାୟ ୩୭ଲକ୍ଷ ଚାଷୀ ଉପକୃତ ହୋଇଥିବାବେଳେ ସେମାନଙ୍କ ମଧ୍ୟରେ ୧୭ଲକ୍ଷ ଭୂମିହୀନ ଚାଷୀ ଅଛନ୍ତି। ଦେଶର ଏକମାତ୍ର ଯୋଜନା ଭାବେ କାଳିଆ ରାଜ୍ୟର ଭୂମିହୀନ ଏବଂ ଗରିବ ଚାଷୀଙ୍କୁ ସାହାଯ୍ୟ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହାସହ ଏମ୍‌ଏସ୍‌ପି ଏବଂ ସ୍ୱାମୀନାଥନ କମିଟି ରିପୋର୍ଟ କଥା ଉଠାଇ କେନ୍ଦ୍ର ଆଡକୁ ସେ ଟାର୍ଗେଟ କରିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଚାଷୀର ତ୍ୟାଗ ଓ ସ୍ୱାଭିମାନ ହିଁ ରାଜ୍ୟର ସ୍ୱାଭିମାନ ବୃଦ୍ଧି କରିଛି। ଓଡିଶାର ଚାଷୀ ବର୍ତ୍ତମାନ ଅନ୍ୟ ରାଜ୍ୟକୁ ଖାଦ୍ୟ ଯୋଗାଉଛନ୍ତି। ରାଜ୍ୟକୁ କୃଷି କର୍ମଣ ପୁରସ୍କାର ମିଳିପାରିଛି। ଚାଷୀ ରାଜ୍ୟ ଅର୍ଥନୀତିର ମହାଶକ୍ତି। କୋଭିଡ ସମୟରେ ଚାଷୀମାନେ ଆମ ଅର୍ଥନୀତିକୁ ରକ୍ଷା କରିଛନ୍ତି। ତେଣୁ ସେମାନଙ୍କୁ ଅଣଦେଖା କରି ବିକାଶ କଥା ଚିନ୍ତା କରାଯାଇ ନ ପାରେ ବୋଲି ସେ କହିଛନ୍ତି। ସବୁବେଳେ ଚାଷୀ ଭଉଣୀଭାଇଙ୍କ ସହ ରହିଛି। ସେମାନଙ୍କ ଲାଗି କାମ କରୁଛି ଏବଂ କରି ଚାଲିବି। ଚାଷୀଙ୍କୁ ଦେଢ ଗୁଣା ଏମ୍‌ଏସ୍‌ପି(ସର୍ବନିମ୍ନ ସହାୟକ ମୂଲ୍ୟ) ମିଳିବା କାହାରି ଦୟା ନୁହେଁ, ଏହା ଚାଷୀଙ୍କ ହକ୍। ଚାଷୀଙ୍କୁ ସେମାନଙ୍କ ହକ୍ ଦେବା ଲାଗି ଆମ ଲଢେଇ ଜାରି ରହିଛି। ଏମ୍.ଏସ୍ ସ୍ୱାମୀନାଥନ କମିଟି କମିଟି ରିପୋର୍ଟ ଲାଗୁ ପାଇଁ ଦାବି ଜାରି ରହିବ। ସବୁ ପ୍ରକାର କଠିନ ପରିସ୍ଥିତିରେ ଚାଷୀ ଦେଶ ପାଇଁ ତାର ଯେଉଁ ଦାୟିତ୍ୱ ରହିଛି ତାହା ନିଷ୍ଠାର ସହ କରିଚାଲିଛି। ଚାଷୀର ତ୍ୟାଗ ଓ ପରିଶ୍ରମକୁ ପ୍ରଣାମ ଜଣାଇଛନ୍ତି। ମାଟି, ମା ପାଇଁ ଚାଷୀର ତ୍ୟାଗ ଅମୂଲ୍ୟ ବୋଲି ମୁଖ୍ୟମନ୍ତ୍ରୀ ବର୍ଣ୍ଣନା କରିଛନ୍ତି। ଏହି ଅବସରରେ କୃଷି ମନ୍ତ୍ରୀ ଅରୁଣ ସାହୁ କହିଛନ୍ତି, କାଳିଆ ଦେଶ ପାଇଁ ଏକ ମଡେଲ ଯୋଜନା। ଚାଷୀଙ୍କୁ ଆଗକୁ ବଢିବା ଲାଗି କାଳିଆ ଯୋଜନା ଏକ ସୁବର୍ଣ୍ଣ ସୁଯୋଗ ସୃଷ୍ଟି କରିଛି ବୋଲି ଅରୁଣ କହିଛନ୍ତି। କୃଷି ଉତ୍ପାଦନ କମିଶନର ରାଜ କୁମାର ଶର୍ମା ସ୍ୱାଗତ ଭାଷଣ ଦେଇଥିବାବେଳେ ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଏବଂ ବରିଷ୍ଠ ଅଧିକାରୀମାନେ ଯୋଗଦେଇଛନ୍ତି।

## 'ଶାହାଙ୍କ କଥାରେ...

କରାଯାଇଥିବାବେଳେ ଉଭୟ ଦଳର ସମର୍ଥକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିବା ପୋଲିସ କହିଛି। କେନ୍ଦ୍ରୀୟ ବଳ ଶାନ୍ତି ପାଇଁ ଉଦ୍ୟମ କରିଥିଲା। ନିର୍ବାଚନ ଉପାୟୁକ୍ତ ସୁଦୀପ ଜୈନ ଏନେଇ ସ୍ଥାନୀୟ ପ୍ରଶାସନକୁ ରିପୋର୍ଟ ମାଗିଛନ୍ତି। ସେହିପରି ଏହା ପୂର୍ବରୁ ପଶ୍ଚିମ ମେଦିନୀପୁର ଜିଲା କେଶପୁର ଅଞ୍ଚଳରେ ଜଣେ ଟିଏମ୍‌ସି କର୍ମୀଙ୍କୁ ଛୁରାମାଡ଼ କରି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ୮ ଜଣଙ୍କୁ ଗିରଫ କରିଛି। ମୃତକଙ୍କ ଭାଇ ସମିରନ୍ ଦୋଲୁଇ ଏହାର ସିବିଆଇ ତଦନ୍ତ ଦାବି କରିଛନ୍ତି। ଉକ୍ତ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଲାଗିରହିଛି। ଏନେଇ ମଧ୍ୟ ନିର୍ବାଚନ କମିଶନର ରିପୋର୍ଟ ତଲବ କରିଛନ୍ତି। ସେହିପରି ମତଦାନ ଆରମ୍ଭ ହେବାବେଳେ ୧୫୦ରୁ ଊର୍ଦ୍ଧ୍ୱ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ (ଇଭିଏମ୍) କାମ କରୁ ନ ଥିବା ନେଇ ଟିଏମ୍‌ସି ଏମ୍‌ପି ମୋହୁଆ ମୋଇତ୍ର ଟୁଇଟ୍ କରି ଅଭିଯୋଗ ଆଣିଥିଲେ। ଏସବୁକୁ ନେଇ ନିର୍ବାଚନ କମିଶନ ଏବଂ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି ମମତା। ଏହାସତ୍ତ୍ୱେ ନନ୍ଦିଗ୍ରାମରେ ବିଜୟୀ ହେବେ ବୋଲି ଟିଏମ୍‌ସି ସୁପ୍ରିମୋ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ମତଦାନ ଶେଷ ହେବା ପରେ ହ୍ୱିଲ୍ ଚେୟାରରେ ବସି ଗଣମାଧ୍ୟମକୁ ବିଜୟ ସଙ୍କେତ 'ଭି' ଦେଖାଇ ମମତା କହିଛନ୍ତି, ନନ୍ଦିଗ୍ରାମକୁ ନେଇ ସେ ଚିନ୍ତିତ ନୁହନ୍ତି। ଏହି ଆସନରେ ତାଙ୍କ ବିଜୟ ସୁନିଶ୍ଚିତ। ତେବେ ସେ ଗଣତନ୍ତ୍ରକୁ ନେଇ ଚିନ୍ତିତ। ଏହା ପୂର୍ବରୁ ମମତା ଶାହାଙ୍କୁ ଟାର୍ଗେଟ କରିଥିଲେ। କହିଥିଲେ, ଶୁଭେନ୍ଦୁ ଅଧିକାରୀଙ୍କ ପାଇଁ ପ୍ରଚାର କରୁଥିବା ଅମିତ୍ ଶାହା ଭାଜପାର ଗୁଣ୍ଡାମାନଙ୍କୁ ଲଗାମ ଲଗାନ୍ତୁ। ସେ କେନ୍ଦ୍ରୀୟ ବଳଗୁଡ଼ିକୁ ନିର୍ଦ୍ଦେଶ ଦେଉଛନ୍ତି। ମହିଳା ଖବରଦାତାମାନଙ୍କୁ ହଇରାଣ କରାଯାଉଛି। ଏହା ଲଜ୍ଜାଜନକ ବିଷୟ। ଲୋକେ ସେମାନଙ୍କୁ ଉଚିତ ଜବାବ ଦେବେ। ନିର୍ବାଚନ ସମ୍ପର୍କିତ ୬୩ ଅଭିଯୋଗ ସତ୍ତ୍ୱେ ଇସି କିଛି କାର୍ଯ୍ୟାନୁଷ୍ଠାନ ନେଇ ନାହାନ୍ତି। ଏହା ଗ୍ରହଣୀୟ ନୁହେଁ। ଏହା ଉପରେ ଆମେ କୋର୍ଟରେ ଚ୍ୟାଲେଞ୍ଜ କରିବୁ ବୋଲି ମମତା ନିର୍ବାଚନ କମିଶନଙ୍କୁ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ମମତାଙ୍କ ଅଭିଯୋଗକୁ ଶୁଭେନ୍ଦୁ ଖଣ୍ଡନ କରିଛନ୍ତି। ନନ୍ଦିଗ୍ରାମର ଭୋଟରଙ୍କୁ ଅପମାନିତ କରିବା ମମତାଙ୍କ ଅଭ୍ୟାସରେ ପରିଣତ ହୋଇଗଲାଣି। ପୂର୍ବରୁ ସେ ଏକ ଦୁର୍ଘଟଣାରେ ଆହତ ହୋଇଥିଲେ। କିନ୍ତୁ ସ୍ଥାନୀୟ ଲୋକଙ୍କ ମୁଣ୍ଡରେ ଏହାର ଦୋଷ ଲଦିଥିଲେ। ଏହି ଅପମାନକୁ ନନ୍ଦିଗ୍ରାମବାସୀ ଭୁଲିପାରିବେ ନାହିଁ ବୋଲି ଶୁଭେନ୍ଦୁ କହିଛନ୍ତି।

## ରାଜ୍ୟପାଳଙ୍କୁ ଫୋନ୍...

ରାଜ୍ୟପାଳ ଧନକାରଙ୍କୁ ଫୋନ୍ କରିଥିଲେ। ଉକ୍ତ ବୁଥ୍‌ରେ ଭାଜପା ପ୍ରାର୍ଥୀ ଶୁଭେନ୍ଦୁ ଅଧିକାରୀଙ୍କ ସମର୍ଥକମାନେ ଟିଏମ୍‌ସି କର୍ମୀମାନଙ୍କୁ ମତଦାନ କରିବାକୁ ଛାଡ଼ି ନ ଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଧନକାର କହିଛନ୍ତି, ମମତାଙ୍କଠାରୁ ସେ ଫୋନ୍ କଲ୍ ପାଇଥିଲେ। ସେ ଯେଉଁ ପ୍ରସଙ୍ଗ ଉଠାଇଥିଲେ ସେନେଇ ସମ୍ପୃକ୍ତ ଅଧିକାରୀମାନଙ୍କୁ ଅବଗତ କରାଯାଇଛି। ଆଇନ ଅନୁସାରେ ଆବଶ୍ୟକ ପଦକ୍ଷେପ ନେବାକୁ ସେମାନଙ୍କୁ କୁହାଯାଇଛି।

## ପଶ୍ଚିମବଙ୍ଗ: ୮୦.୪୩%...

୭୪.୬୯% ମତଦାନ ହୋଇଛି। ଏଥିସହ ମଇଦାନକୁ ଓହ୍ଲାଇଥିବା ଉଭୟ ରାଜ୍ୟର ୫୩୬ ପ୍ରାର୍ଥୀଙ୍କ ଭାଗ୍ୟ ଇଲେକ୍ଟ୍ରୋନିକ୍ସ ଭୋଟିଂ ମେଶିନ (ଇଭିଏମ୍)ରେ ସିଲ୍ ହୋଇଯାଇଛି। କେତେକ ସ୍ଥାନରେ ହିଂସାକୁ ଛାଡ଼ିଦେଲେ ମୋଟାମୋଟି ଭାବେ ଏହି ପର୍ଯ୍ୟାୟରେ ଶାନ୍ତିପୂର୍ଣ୍ଣ ମତଦାନ ହୋଇଥିବା ନିର୍ବାଚନ କମିଶନ(ଇସି)ଙ୍କ ପକ୍ଷରୁ କୁହାଯାଇଛି।

ଉଭୟ ରାଜ୍ୟରେ ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯାଇଥିଲା। ପଶ୍ଚିମବଙ୍ଗର ବାଙ୍କୁରା, ପୂର୍ବ ମେଦିନୀପୁର, ପଶ୍ଚିମ ମେଦିନୀପୁରର (ଦ୍ୱିତୀୟ ଭାଗ) ଏବଂ ଦକ୍ଷିଣ ୨୪ ପ୍ରଗଣା (ପ୍ରଥମ ଭାଗ)ର ୩୦ ଆସନ ଲାଗି ୧୦,୬୨୦ ପୋଲିଂ ବୁଥ୍‌ରେ ମତଦାନ ହୋଇଥିଲା। ୭୫,୯୪,୫୪୯ ଭୋଟରଙ୍କ ମଧ୍ୟରୁ ୮୦.୪୩% ସେମାନଙ୍କ ରାଜନୈତିକ ମତାଧିକାର ସାବ୍ୟସ୍ତ କରି ୧୯୧ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିଛନ୍ତି। ସମସ୍ତ ୩୦ ଆସନରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏବଂ ଭାଜପା ପ୍ରାର୍ଥୀ ଦେଇଥିବାବେଳେ ଭାରତର ମାର୍କ୍ସବାଦୀ କମ୍ୟୁନିଷ୍ଟ ପାର୍ଟି (ସିପିଆଇଏମ୍) ୧୫ ଆସନରେ ପ୍ରାର୍ଥୀ ଦେଇଥିଲା। ସଂଯୁକ୍ତ ମୋର୍ଚ୍ଚାର କଂଗ୍ରେସ ୧୩ ଏବଂ ଇଣ୍ଡିଆନ୍ ସେକ୍ୟୁଲାର ଫ୍ରଣ୍ଟ (ଆଇଏସ୍‌ଏଫ୍) ପକ୍ଷରୁ ୨ ପ୍ରାର୍ଥୀ ଲଢ଼ିଥିଲେ।

ସେହିପରି ଆସାମର ୩୯ ଆସନରେ ୨୬ ମହିଳାଙ୍କ ସମେତ ୩୪୫ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ୭୩.୪୫ ଲକ୍ଷ ଭୋଟରଙ୍କ ମଧ୍ୟରୁ ୭୪.୬୯% ମତଦାତା ନିଜ ପସନ୍ଦର ପ୍ରାର୍ଥୀଙ୍କୁ ଭୋଟ ଦେଇଥିଲେ। ଏଥିସହ ସର୍ବାନନ୍ଦ ସୋନୋୱାଲ ମନ୍ତ୍ରିମଣ୍ଡଳର ୫ ସଦସ୍ୟ ଏବଂ ବିଧାନସଭା ଉପବାଚସ୍ପତିଙ୍କ ଭାଗ୍ୟ ମଧ୍ୟ ଇଭିଏମ୍‌ରେ ବନ୍ଦ ହୋଇଯାଇଛି।

## ଓଡିଶାରେ ଜିଏସ୍‌ଟି...

ସମାନ ମାସରେ ସଂଗ୍ରହ ୨୭% ଊର୍ଦ୍ଧ୍ୱରେ ରହିଛି। ଓଡିଶା କଥା ବିଚାରକୁ ନେଲେ ପରୋକ୍ଷ ଟିକସ ଆଦାୟରେ ୨୫% ବୃଦ୍ଧି ପରିଲକ୍ଷିତ ହୋଇଛି। ଗତ ବର୍ଷ ମାର୍ଚ୍ଚରେ ଏହି ରାଜ୍ୟରେ ୨୬୩୨.୮୮ କୋଟି ଟଙ୍କାର ଜିଏସ୍‌ଟି ଆଦାୟ ହୋଇଥିବା ବେଳେ ଚଳିତ ବର୍ଷ ସମାନ ମାସରେ ଏହା ୩୨୮୫.୨୯ କୋଟି ଟଙ୍କାକୁ ବଢ଼ିଛି। ସାରା ଦେଶରେ ମାର୍ଚ୍ଚ ମାସରେ କେନ୍ଦ୍ର ଜିଏସ୍‌ଟି(ସିଜିଏସ୍‌ଟି) ଆଦାୟ ପରିମାଣ ୨୨,୯୭୩ କୋଟି ଟଙ୍କା ରହିଛି। ସେହିଭଳି ରାଜ୍ୟ ଜିଏସ୍‌ଟି(ଏସ୍‌ଜିଏସ୍‌ଟି) ବାବଦ ୨୨,୩୨୯ କୋଟି ଟଙ୍କା ଏବଂ ସମନ୍ୱିତ ଜିଏସ୍‌ଟି ୬୨,୮୪୨ କୋଟି ଟଙ୍କା ଏବଂ ସେସ୍ ବାବଦ ୮୭୫୭ କୋଟି ଟଙ୍କା ଏଥିରେ ସାମିଲ ରହିଛି।

ସରକାର ନିୟମିତ ପରିଶୋଧ (ସେଟେଲମେଣ୍ଟ) ଆକାରରେ ସିଜିଏସ୍‌ଟିରୁ ୨୧,୮୯୭ କୋଟି ଟଙ୍କା ଏବଂ ଆଇଜିଏସ୍‌ଟିରୁ ଏସଜିଏସ୍‌ଟି ଆକାରରେ ୧୭,୨୩୦ କୋଟି ପରିଶୋଧ କରିଛନ୍ତି। ରାଜ୍ୟ ଏବଂ କେନ୍ଦ୍ର ଶାସିତ ପ୍ରଦେଶ ମଧ୍ୟରେ ୫୦:୫୦ ହାରରେ ଆଇଜିଏସ୍‌ଟି ପରିଶୋଧ ଆକାରରେ କେନ୍ଦ୍ର ସରକାର ୨୮ ହଜାର କୋଟି ଟଙ୍କା ପ୍ରଦାନ କରିଥିବା ଜଣାପଡିଛି। ନିୟମିତ ପରିଶୋଧ ପରେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ସଂଗୃହୀତ ମୋଟ ଟିକସ ପରିମାଣ ଜିଏସ୍‌ଟି ୫୮,୮୫୨ କୋଟି ଟଙ୍କା ଏବଂ ଏସ୍‌ଜିଏସ୍‌ଟି ୬୦,୫୫୯ କୋଟି ଟଙ୍କା ରହିଛି। ମାର୍ଚ୍ଚ ୨୦୨୧ରେ କେନ୍ଦ୍ର ସରକାର ୩୦ ହଜାର କୋଟି ଟଙ୍କାର କ୍ଷତିପୂରଣ ରାଜ୍ୟଗୁଡିକ ଦେଇଛନ୍ତି। ସେହିଭଳି ସାମଗ୍ରୀ ଆମଦାନୀ ଉପରେ ମିଳୁଥିବା ରାଜସ୍ୱ ପରିମାଣରେ ୭୦% ବୃଦ୍ଧି ହୋଇଛି। ଗତ ୬ ମାସ ହେବ ସାରା ଦେଶରେ ଜିଏସ୍‌ଟି ଆଦାୟ ପରିମାଣ ୧ ଲକ୍ଷ କୋଟି ଟଙ୍କା ଟପୁଛି। ମହାମାରୀ ପରେ ଏହା ଆର୍ଥିକ ସୁଧାରର ସଙ୍କେତ ଦେଉଛି। ନକଲି ବିଲିଂ ଉପରେ ସତର୍କ ଦୃଷ୍ଟି, ଜିଏସ୍‌ଟି, ଆୟକର, ସୀମା ଶୁଳ୍କ ଆଇଟି ବ୍ୟବସ୍ଥା ବିଭିନ୍ନ ଉତ୍ସରୁ ତଥ୍ୟର ବିଶ୍ଳେଷଣ ଓ ପ୍ରଭାବୀ ଟିକସ ପ୍ରଶାସନ ଯୋଗୁ ଜିଏସ୍‌ଟି ସଂଗ୍ରହ ନିୟମିତ ବୃଦ୍ଧି ହେଉଥିବା ସରକାରଙ୍କ ପକ୍ଷରୁ ସୂଚନା ରହିଛି।

## ରଜନୀକାନ୍ତଙ୍କୁ ଦାଦା...

ଏଥର ଆଶା ଭୋସଁଲେ, ମୋହନଲାଲ, ବିଶ୍ୱଜିତ ଚାଟାର୍ଜୀ, ଶଙ୍କର ମହାଦେବନ ଏବଂ ସୁଭାଷ ଘାଇଙ୍କୁ ନେଇ ଗଠିତ ଜୁରି ରଜନୀକାନ୍ତଙ୍କୁ ଏହି ପୁରସ୍କାର ପାଇଁ ମନୋନୀତ କରିଥିବା ଜାଭଡେକର କହିଥିଲେ। ପୁରସ୍କାର ସ୍ୱରୂପ ଏକ ସ୍ୱର୍ଣ୍ଣ କମଳ, ଶାଲ ଏବଂ ନଗଦ ୧୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥାଏ। ୧୯୬୯ରେ ପ୍ରଥମେ ଏହି ପୁରସ୍କାର ଆରମ୍ଭ ହୋଇଥିଲା। ୨୦୧୮ରେ ମେଗାଷ୍ଟାର ଅମିତାଭ ବଚ୍ଚନଙ୍କୁ ଦାଦା ସାହେବ ଫାଲ୍‌କେ ପୁରସ୍କାର ମିଳିଥିଲା।

ଭାରତୀୟ ଚଳଚ୍ଚିତ୍ର ଇତିହାସରେ ରଜନୀକାନ୍ତ ଅନ୍ୟତମ ମହାନ୍ ଅଭିନେତା। ଅଭିନୟ, ପ୍ରଯୋଜନା ଓ ସ୍କ୍ରିନ୍ ରାଇଟିଂ କ୍ଷେତ୍ରକୁ ତାଙ୍କର ଅବଦାନ ଅନନ୍ୟ। ୧୯୭୫ରେ ତାମିଲ ଚଳଚ୍ଚିତ୍ର ଅପୂର୍ବା ରାଗଙ୍ଗଲ ଜରିଆରେ ଅଭିନୟ ଜଗତରେ ପାଦ ଦେଇଥିଲେ। ଏହା ପରେ ସେ ବିଲ୍ଲୁ, ମୁଥୁ, ବାଶା, ଶିବାଜୀ ଏବଂ ଏନ୍ଥିରନ ଭଳି ସୁପରହିଟ୍ ଚଳଚ୍ଚିତ୍ର ଭେଟିଦେଇଥିଲେ। ହମ୍ ଏବଂ ଚାଲ୍‌ବାଜ ଭଳି ଅନେକ ବଲିଉଡ୍ ଚଳଚ୍ଚିତ୍ରରେ ମଧ୍ୟ ରଜନୀକାନ୍ତ ଅଭିନୟ କରିଛନ୍ତି।

ରଜନୀକାନ୍ତ ନୂଆ ରାଜନୈତିକ ଦଳ ଗଢ଼ି ନିର୍ବାଚନ ଲଢ଼ିବା ପାଇଁ ଘୋଷଣା କରିଥିଲେ। ରକ୍ତଚାପରେ ଅସମାନତା ଯୋଗୁ ହସ୍ପିଟାଲରେ ଭର୍ତ୍ତି ହେବା ପରେ ଗତ ଡିସେମ୍ବରରେ ସେ ରାଜନୈତିକ ଦଳ ଶୁଭାରମ୍ଭ କରିବା ଯୋଜନାକୁ ବାତିଲ କରିଦେଇଥିଲେ। ତେବେ ସେ ନିର୍ବାଚନୀ ରାଜନୀତିରେ ପ୍ରବେଶ ନ କଲେ ମଧ୍ୟ ଲୋକମାନଙ୍କ ସେବା କରିବେ ବୋଲି କହିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଆପଣ ହସ,ଖୁସୀ ଓ ଆନନ୍ଦ ମଧ୍ୟରେ ସମୟ କଟାଇବେ। ଦ୍ୱିଜା ନକ୍ଷତ୍ରର ପ୍ରତ୍ୟୁଷ ଯାତ୍ରା, ଆଗାମୀ କାଲିର ଆନୁଷ୍ଠାନିକ କାମ ପାଇଁ ଉତ୍ସାହ ବୃଦ୍ଧିପାଇବ। ଉତ୍ତମ ବୁଝାମଣା କାରଣରୁ ପାରିବାରିକ ଜୀବନ ସୁନ୍ଦର ଓ ସୁମଧୁର ହୋଇ ଉଠିବ। ରହିଯାଇଥିବା କାମକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେବେ।

**ବୃଷ**
କୃତ୍ତିକା ନତ୍ରର ଅଟକି ରହିଥିବା କାମ ସମ୍ପନ୍ନ ସକାଶେ ବ୍ୟସ୍ତତା ବୃଦ୍ଧି ପାଇବ। ଆପଣଙ୍କ ପ୍ରଶଂସା ଓ ପ୍ରତିଷ୍ଠାକୁ ଅନ୍ୟମାନେ ସହି ନ ପାରି ଭିନ୍ନ ମନ୍ତବ୍ୟ ଦେଇ ପାରନ୍ତି। ସବୁଥିରେ ଆଗୁଆ ରହି କାମ କରିବା ହେତୁ ଶାରୀରିକ ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିବେ। ବ୍ୟୟ ବୃଦ୍ଧି ଯୋଗୁଁ କିମ୍ବା ପରିବହନରେ ସମସ୍ୟା ମନକୁ ଭାରାକ୍ରାନ୍ତ କରିପାରନ୍ତି।

**ମିଥୁନ**
ଆରଦ୍ରା ନକ୍ଷତ୍ର ଆଜି ଯେତିକି ଅର୍ଥ ପାଇବେ ପ୍ରତିଦାନରେ ତାହାଠାରୁ ଅଧିକ ଖର୍ଚ୍ଚ କରିବାକୁ ପଡିବ। ଅନ୍ୟମାନଙ୍କ କଥାରେ ଭାସିଯାଇ ପରେ ଅନୁତାପ କରିବାକୁ ପଡ଼ିପାରେ। ଅଧିକାଂଶ କ୍ଷେତ୍ରରେ କେବଳ ବେଠି ଖଟିବା ବ୍ୟତୀତ କିଛି ଲାଭ ହେବନି। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ କ୍ଷେତ୍ରରେ ଆଶାଜନକ ଫଳ ପାଇବେ।

**କର୍କଟ**
ଆଜି ଈର୍ଷାପରାୟଣ ହୋଇ ନିଜଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି। ଅଶ୍ଳେଷା ନକ୍ଷତ୍ର ସକାଶେ ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ମିଳିବ ନାହିଁ। ବ୍ୟବସାୟ, ବାଣିଜ୍ୟ ଓ ପରିବହନରେ ଅଭିଯୋଗ ଆସିପାରେ। ଘରୋଇ କଥାରେ ମତ ପାର୍ଥକ୍ୟ ସୃଷ୍ଟି ହେବାରୁ ସ୍ତ୍ରୀ/ସ୍ୱାମୀଙ୍କ ସହ ଆଲୋଚନା କରିପାରନ୍ତି।

**ସିଂହ**
ଆଜି ପୂର୍ବାଫାଲଗୁନୀ ନକ୍ଷତ୍ର ଯେଉଁ କାମରେ ହାତ ଦେବେ ସଫଳତା ପାଇବେ। କିନ୍ତୁ ପରିସ୍ଥିତି ବଶତଃ ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବାପାଇଁ ବାଧ୍ୟ ହେବେ। ପାରିବାରିକ କ୍ଷେତ୍ରରେ ଅଶାନ୍ତ ମନ ଦିନ ଗୋଟାଏ ପରେ ଶାନ୍ତ ହେବ। ପୃଷ୍ଠପୋଷକତା ଅଭାବରୁ କାମଗୁଡିକ ସୁବିଧାରେ ହୋଇପାରିବ ନାହିଁ।

**କନ୍ୟା**
ଆଜି କୌଣସି ସ୍ୱର୍ଣକାତର କଥା ସକାଶେ ଟେନ୍‌ସନ୍ ଲାଗି ରହିବ। ହସ୍ତା ନକ୍ଷତ୍ର ହଠାତ୍ ବନ୍ଧୁଙ୍କ ଗୃହକୁ ଯିବା ସକାଶେ ସଜବାଜ ହୋଇପାରନ୍ତି। ଶତ୍ରୁମାନେ ଆଗରେ ନ ହେଲେ ମଧ୍ୟ ପଛରେ ନାନାଦି କଥା କହିବେ। ରୋଗୀଣା ସ୍ୱାସ୍ଥ୍ୟରେ ସାମାନ୍ୟ ବ୍ୟତିକ୍ରମ ଦେଖାଦେବ, ବିଶେଷତଃ ଖାଦ୍ୟପେୟରେ ସତର୍କ ରୁହନ୍ତୁ।

**ତୁଳା**
ଆସନ୍ତାକାଲିର କାର୍ଯ୍ୟ ସକାଶେ ଆଜି ବିଶେଷ ଆଲୋଚନା ସହ ଚିନ୍ତା ମଧ୍ୟ କରିବେ। ହଠାତ୍ କୌଣସି ବାଧିଲାଭଳି କଥା ବନ୍ଧୁଙ୍କ ମୁଖରୁ ଶୁଣି ଦୁଃଖପ୍ରକାଶ କରିପାରନ୍ତି। ଦିନଟିରେ ମାତ୍ରାଧିକ ଭ୍ରମଣ ଯୋଗୁଁ ସାୟାହ୍ନରେ କ୍ଳାନ୍ତି ଅନୁଭବ କରିବେ। ସ୍ୱାତୀ ନକ୍ଷତ୍ର ଯାହା ଆଶା କରୁଥିଲେ କିଛି ପରିମାଣରେ ଅବଶ୍ୟ ପାଇବେ।

**ବିଛା**
ସମ୍ପର୍କୀୟମାନେ କ୍ରମଶଃ ଦୂରେଇ ରହୁଥିବାର ଅନୁଭବ କରିବେ। ଭୁଲ୍ ବୁଝାମଣାଜନିତ ପାରିବାରିକ କ୍ଷେତ୍ରରେ ନାନା ସମସ୍ୟାରେ ପଡ଼ି ବ୍ୟସ୍ତ ହୋଇପାରନ୍ତି। ବିଶାଖା ନକ୍ଷତ୍ର କଳା, ସାହିତ୍ୟ ଓ ବନ୍ଧୁ ମିଳନ କ୍ଷେତ୍ରରେ ବେଶ୍ ଆଦୃତ ହେବେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବାର ସୂଚନା ରହିଛି।

**ଧନୁ**
ଆଜି ଅର୍ଥ ଲାଭ ସଙ୍ଗକୁ ବନ୍ଧୁମାନଙ୍କ ବଦାନ୍ୟତାରୁ ସମ୍ମାନ ପାଇବେ। ଭାଙ୍ଗି ପଡିଥିବା ସମ୍ପର୍କକୁ ପୁଣି ଯୋଡିବାକୁ ଚେଷ୍ଟା କରି ମଧ୍ୟ କିଛି ଲାଭ ପାଇବେ ନାହିଁ। ମୂଳା ନକ୍ଷତ୍ର ସାହାଯ୍ୟ, ସହଯୋଗ ଲାଭକରି ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ଉନ୍ନତି କରିବେ। ଦୀର୍ଘଦିନର ପାରିବାରିକ ସମସ୍ୟାର ସରଳ ସମାଧାନ କରିପାରନ୍ତି।

**ମକର**
ମନକଥା ମନରେ ରଖି କଅଁଳ କଥା କହି ପରକୁ ଆପଣାର କରିପାରିବେ। ପ୍ରଶଂସା ଓ ପ୍ରୋତ୍ସହନ ପାଇ ନିଜର ଭାବାବେଗକୁ ରୋକି ପାରିବେ ନାହିଁ। ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ଶ୍ରବଣା ନକ୍ଷତ୍ର ସକାଶେ ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ, କିନ୍ତୁ ଏକ ଅଜଣା ଆଶଙ୍କାରେ ମନ ଉଦ୍‌ବେଳିତ ହୋଇପାରେ।

**କୁମ୍ଭ**
ଆଜି ପ୍ରତ୍ୟେକ କ୍ଷେତ୍ରରେ ସଂଯମ ରକ୍ଷା ନ କଲେ ବିବାଦ ଭିତରକୁ ଟାଣି ହୋଇପାରନ୍ତି। ଗତକାଲିର କୌଣସି ଘଟଣାକୁ ନେଇ ଆଜି ମନଟା ଭାରାକ୍ରାନ୍ତ ରହିବ। ସବୁ କାମ ନିରୁତ୍ସାହିତ ଭାବେ କରିବେ ଏବଂ କୌଣସିଥିରେ ଆନ୍ତରିକତା ନ ଥିବ। ପୂର୍ବଭାଦ୍ରବ ନକ୍ଷତ୍ର ନିର୍ମାଣାଦି କାମରେ ବିବାଦୀୟ ଘଟଣା ଭିନ୍ନ ଆକାର ଧାରଣ କରିବ।

**ମୀନ**
ରେବତୀ ନକ୍ଷତ୍ର ପାଇଁ ଆଜି ଆର୍ଥିକ ଅନଟନ ଓ ସ୍ୱାସ୍ଥ୍ୟ ସମସ୍ୟା ଭାରାକ୍ରାନ୍ତ କରିବ। ଯେତେ ଭାବିଚିନ୍ତି କାମ କଲେ ମଧ୍ୟ ପାରିବାରିକ ପ୍ରତିରୋଧ କେତେକ କାମକୁ ବିଶୃଙ୍ଖଳିତ କରିବ। କର୍ମ କ୍ଷେତ୍ରରେ ଏକ ମାମୁଲି ଘଟଣାରେ ମଧ୍ୟାହ୍ନରେ ଉଚ୍ଚବାଚ ଘଟିପାରେ। ସାମାନ୍ୟ ବ୍ୟତିକ୍ରମ ଲାଗି ରହିଲେ ମଧ୍ୟ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବ।

ଆଜି ଚୈତ୍ର କୃଷ୍ଣ ୫ମୀ ଯୁକ୍ତ ଷଷ୍ଠୀ ଶୁକ୍ରବାର। ଏପ୍ରିଲ ୨ ତାରିଖ, ଅନ୍ତର୍ଜାତୀୟ ଶିଶୁପୁସ୍ତକ ଦିବସ। ଗୁଡ୍ ଫ୍ରାଇଡେ ବା ଇଷ୍ଟର ଶୁକ୍ରବାର, ରାଶି ନକ୍ଷତ୍ର-ଜ୍ୟେଷ୍ଠା/ବିଛା, ଷଷ୍ଠୀର ଏକୋଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୪୩ମି. ଗତେ ଘ.୦୬.୩୨ମି. ମଧ୍ୟେ, ଘ.୦୭.୨୧ମି. ଗତେ ଘ.୦୯.୪୭ମି. ମଧ୍ୟେ, ଘ.୧୨.୧୪ମି. ଗତେ ଘ.୦୨.୪୧ମି. ମଧ୍ୟେ ଅମୃତ ବେଳା। ରାତ୍ରି ଘ.୦୯.୦୫ମି. ଗତେ ଘ.୦୯.୫୨ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ.୧୦.୧୮ମି. ଗତେ ଘ.୧୧.୫୦ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302

real estate

**SALE**

**Residential cum commercial gharabari plot 12000sft. with boundarywall touching to road at Brahmanjharilo, Cuttack 11km. to Bhubaneswar, 18km to Cuttack. 7809525452, 8249851363.** D-70442

ଭୁବନେଶ୍ୱର ଯାଆଁଳା NHରୁ ½km ଦୂରତାରେ 30' ରାସ୍ତାଥାଇ plot ଏବଂ AIIMS ପାଖରେ sqft. 650/- କିଣନ୍ତୁ। 9348767829. D-70820

**ଭୁବନେଶ୍ୱର ଗଙ୍ଗପଡ଼ା NH-16ରୁ 400mtr ଦୂରତାରେ ସ୍ଥିତିବାନ ପ୍ଲଟ୍ ମିଳୁଅଛି। 7978676652.** D-70819

ଭୁବନେଶ୍ୱରରେ ପ୍ଲଟ୍ ବିକ୍ରିହେବ। Near Rabi Talkies ଘରବାରି ପାଚେରି ଲାଇନ୍ ସହିତ। 9178660666. D-70570

**Bhubaneswar, Hanspal residential Colonyରେ 1500sqft. @ 23,25,000ରେ plot ମିଳୁଛି। 9853415415, 7008351926.** D-20248

Demarcated residential Plot at Sundargram (Dadhi College Front), Balianta, Rangabazar, Madanpur (GEC Front), Ranasinghpur (AIIMS), Malipada, Janala. Contact: 7978209813, 9777955594. D-70822

**ସୁନ୍ଦରପଦା Hi-tech Apartment Oppositeରେ Boundary ଥାଇ Gharabari Plot କିଣନ୍ତୁ। 7008492511.** D-69390

Booking open for BDA Layout 3BHK Duplex within gated community behind ITER College, Jagamara, Bhubaneswar. Contact: 9861616986. D-67589

**ଭୁବନେଶ୍ୱର ହଂସପାଳ ଭିଙ୍ଗାରପୁର ଛକପାଖରେ ଘରବାରି SC Plot 5,41,000/-ରେ ବିକ୍ରି ହେବ। 9439832956.** D-70824

**2900 Sq.ft. Developed Boundary Plot near Infocity-2, Janla @ 870/-. 9777302825.** D-70823

କେଶୁରା ମୌଜାରେ Immediate Electricity ସହିତ ଘରକରି ରହିବା ପାଇଁ ପଟ୍ଟା ଥିବା ପ୍ଲଟ୍ ମିଳୁଛି। Contact: 8480619769. D-20391

ଭୁବନେଶ୍ୱର ଜଟଣୀଗେଟ୍‌ରୁ କିଛି ଦୂରତାରେ 1200sqft. 2,80,000/-, ପିତାପଲ୍ଲୀ bypass ପାଖରେ 4,80,000/- (outright). 9348232008, 9668344479. D-70817

**Ready to move house/plot on Bhubaneswar Patia, Raghunathpur, Kalarahanga, Dhauli, Phulnakhara, Mancheswar, Hanspal, Puri canal road, Ranga Bazar, Patrapada. Contact: 8249363553.** D-70821

**Plot for sale near Pipili Toll Gate, just 16 kms from Bhubaneswar, Kalpana Square. Contact: 9937446498.** D-70562

Shree Krishna Developer, 55acres township plotting project near Sum Hospital for enquiry. 8337900881. D-70571

to-let

Rent for Office/ Shop/ Others 2000sqft. area. Prime location on NH-Cosmopolis Chhaka, near Khandagiri, Bhubaneswar-751019. Contact: 9871816986. D-59984

10,000 Sq.ft. Shed Office for rent running Spice Manufacturing Unit, Automatic Mudhi Manufacturing Unit require Joint Venture at Janla. Contact: 7381966616. D-67787

healthcare

New opening Saikrupa Panchakarma and Spa jointpain, fullbody massage, 8984068077. D-65914

Get good massage for your health the best therapy. 7749997224. D-70440

Ayurvedic full body massage by experienced (M/F) therapist. 9861193818, 8018656899. D-59985

Refreshing your mind your body with the best therapy at Lotus Spa. 9801811949. D-70441

Zen SPA positively health benefits with experts therapeutic genuinely massage. 7205084157. D-70568

Swarna SPA newly open positively health benefits with expert therapist. 9556978408. D-70566

**AFFIDAVIT**

I, Jyotsna Das, at 72A, Forest Park, Bhubaneswar, Odisha - 710009 am also known as Jotsnarani Das. I say that Jyotsna Das and Jotsnarani Das is one and the same person. Henceforth, I shall be known as Jyotsna Das for all purposes vide affidavit dated 30.03.2021 before the Executive Magistrate, Bhubaneswar. D-70443

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ହଷ୍ଟେଲରୁ ଶାଳିଆପତନି ଉଦ୍ଧାର



ସେମିଳିଗୁଡ଼ା, (ସ୍ୱ.ପ୍ର.)– କୋରାପୁଟ ଜିଲା ସୁନାବେଡ଼ା ହାଲ୍‌ର ବ୍ୟାଚଲର ହଷ୍ଟେଲ ନିକଟରୁ ଗୁରୁବାର ବନ କର୍ମଚାରୀ ଏକ ଶାଳିଆପତନିକୁ ଉଦ୍ଧାର କରିଛନ୍ତି। ଏହି ବନ୍ୟଜନ୍ତୁ ଜଙ୍ଗଲରୁ ଆସି ହଷ୍ଟେଲର ଏକ ରୁମ୍ ଭିତରେ ପଶିଯାଇଥିଲା। ଖବରପାଇ ବନ ବିଭାଗ ଟିମ୍ ପହଞ୍ଚି ହଷ୍ଟେଲରୁ ଶାଳିଆପତନିକୁ ଉଦ୍ଧାର କରିଥିଲା। ପରେ ଏହାକୁ ବନ କାର୍ଯ୍ୟାଳୟର କୋଠରିରେ ରଖାଯାଇଥିଲା। ଉଦ୍ଧାର ଶାଳିଆପତନି ସାମାନ୍ୟ ଆହତ ଥିବାରୁ ଚିକିତ୍ସା କରାଯାଉଛି। ସୁସ୍ଥ ହେବା ପରେ ତାକୁ ଜଙ୍ଗଲରେ ଛଡାଯିବ ବୋଲି ବନାଞ୍ଚଳ ଅଧିକାରୀ ନବୀନ କୁମାର ପଣ୍ଡା କହିଛନ୍ତି।

## ସଂକ୍ଷେପରେ

### ଲକ୍ଷ୍ମୀପ୍ରସାଦ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

**ନୟାଗଡ଼ ଅଫିସ,୧୪:** ପରୀ ହତ୍ୟା ପ୍ରସଙ୍ଗରେ ମନ୍ତ୍ରୀ ଅରୁଣ ସାହୁଙ୍କ ବିରୋଧରେ ଅଭିଯୋଗ ଆଣିଥିବା ବହୁ ଚର୍ଚ୍ଚିତ ନୟାଗଡ଼ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ସରପଞ୍ଚ ସୌମ୍ୟ ରଞ୍ଜନ ପ୍ରଧାନଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆସିଛି। ୧୬ ୱାର୍ଡମେମ୍ବରଙ୍କ ମଧ୍ୟରୁ ୧୩ଜଣ ନୟାଗଡ଼ ଉପଜିଲାପାଳଙ୍କ ନିକଟରେ ଅନାସ୍ଥା ପ୍ରସ୍ତାବ ପାଇଁ ଆବେଦନ କରିଛନ୍ତି। ଚଳିତ ମାସ ୨୦ ତାରିଖରେ ଭୋଟ ହେବ ବୋଲି ଉପଜିଲାପାଳ ପତ୍ରଲେଖି ସରପଞ୍ଚଙ୍କୁ ଜଣାଇଛନ୍ତି। ପରୀ ହତ୍ୟା ପ୍ରସଙ୍ଗରେ ମନ୍ତ୍ରୀଙ୍କ ବିରୋଧରେ ଅଭିଯୋଗ ଆଣିଥିବାରୁ ସେ ଆକ୍ରୋଶର ଶିକାର ହୋଇଛନ୍ତି ବୋଲି ସୌମ୍ୟ କହିଛନ୍ତି।

### ପୋଖରୀରେ ବୁଡ଼ି ବୃଦ୍ଧ ମୃତ

**ପରଜଙ୍ଗ, ୧୪(ଡି.ଏନ.ଏ.):** ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ପାଣିଗେଙ୍ଗୁଟିଆ ଗ୍ରାମର ଦେବରାଜ ନାୟକଙ୍କ ଗୁରୁବାର ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି। ବୃଦ୍ଧ ଦେବରାଜ ମଧ୍ୟାହ୍ନରେ ଖୁଣ୍ଟିଆନାଳୀ ବନ୍ଧକୁ ଗାଧୋଇବାକୁ ଯାଇଥିଲେ। ଫେରିବାରେ ବିଳମ୍ବ ହେବାରୁ ବୁଡ଼ି ଯାଇଥିବା ସନ୍ଦେହରେ ପରିବାର ଲୋକେ ଦମକଳ କେନ୍ଦ୍ରକୁ ସୂଚନା ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ଖୋଜାଖୋଜି କରିବା ପରେ ତାଙ୍କ ମୃତଦେହ ମିଳିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ତଦନ୍ତ ଜାରି ରଖିଛି।

### ବିଦ୍ୟୁତ୍ ତାର ଲାଗି ଜଳିଲା ଟ୍ରକ୍



**ବନ୍ତ,୧୪(ସ୍ୱ.ପ୍ର.):** ଭଦ୍ରକ-ବନ୍ତ ରାସ୍ତାର ଗଣିଜାଙ୍ଗ ହାସିନପୁରଠାରେ ବୁଧବାର ରାତିରେ ବିଦ୍ୟୁତ୍ ତାର ଲାଗି ଏକ ଛଣ ବୋଝେଇ ଟ୍ରକ୍‌ରେ ନିଆଁ ଲାଗି ଯାଇଥିଲା। ତେବେ ଚାଳକଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ବଡ଼ ଧରଣର ଅଘଟଣ ଟଳି ଯାଇଥିଲା। ଜଳନ୍ତା ଟ୍ରକ୍‌କୁ ଚାଳକ ଗଣିଜାଙ୍ଗଠାରେ ଥିବା କପାଳୀ ନଦୀରେ ପଶାଇ ଦେବା ପରେ ସ୍ଥାନୀୟ ଲୋକେ ପାଣି ପକାଇ ନିଆଁକୁ ଆୟତ୍ତ କରିଥିଲେ। ପରେ ଆଗରପଡ଼ା ଦମକଳ ବାହିନୀ ପହଞ୍ଚି ନିଆଁ ଲିଭାଇଥିଲେ। ରାଉରକେଲା ଅଭିମୁଖେ ଉକ୍ତ ଟ୍ରକ୍‌ଟି ଯାଉଥିଲା ବୋଲି ଜଣାପଡ଼ିଛି।

# ମଦମୁକ୍ତ ଓଡ଼ିଶା ଦାବି କଲା 'ମୋନା'

**ଭୁବନେଶ୍ୱର, ୧୪ (ବ୍ୟୁରୋ)**

ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା)ପକ୍ଷରୁ ଗୁରୁବାର ଉତ୍କଳ ଦିବସ ପାଳିତ ହୋଇଯାଇଛି। ଅଭିଯାନର ରାଜ୍ୟ ସଭାପତି ତଥା 'ମଦମୁକ୍ତ ଭାରତ'ର ଜାତୀୟ ଆବାହକ ଗାନ୍ଧିବାଦୀ ପଦ୍ମଚରଣ ନାୟକଙ୍କ ନେତୃତ୍ୱରେ ବହୁ ସଂଖ୍ୟାରେ ସାମାଜିକ କର୍ମୀ ଓ ମୋନାର ପ୍ରତିନିଧି ଓଡ଼ିଶାର ବରପୁତ୍ର ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ଏକ ମଦମୁକ୍ତ ଓଡ଼ିଶା ଗଠନ ପାଇଁ ପଦ୍ମଚରଣ ଆହ୍ୱାନ ଦେଇଥିଲେ। ଓଡ଼ିଶା ସମ୍ପୂର୍ଣ୍ଣ ମଦମୁକ୍ତ ହେବା ସହ ମହାତ୍ମା ଗାନ୍ଧୀଙ୍କ ବିଚାରରେ ପରିଚାଳିତ ହୋଇପାରିଲେ ବରପୁତ୍ରଙ୍କ ସ୍ୱପ୍ନର ସ୍ୱତନ୍ତ୍ର ଓ ସମୃଦ୍ଧ ଓଡ଼ିଶା ଗଠନ ହେବା ସମ୍ଭବ ହେବ। ଏଥିପାଇଁ ସାରା ରାଜ୍ୟରେ ଏକ ଜନ ଜାଗୃତିର ଆବଶ୍ୟକତା ରହିଥିବା ସେ କହିଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ମଦମୁକ୍ତ ଓଡ଼ିଶା ଦାବିରେ ଲୋୟର ପିଏମ୍‌ଜିଠାରେ ଏକ ଧାରଣା ଦିଆଯାଇଥିଲା। ଏଥିସହ ଏନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୋନାର ସମ୍ପାଦକ ରମାକାନ୍ତ ମଣ୍ଡଳ, ମଳୟ ତ୍ରିପାଠୀ, ଅପର୍ଣ୍ଣା ନାୟକ, ବାଣୀ ମଞ୍ଜରୀ ଦାସ, ଇନ୍ଦୁମତୀ ସାହୁ, ପୁଷ୍ପାଳିକ ଆଚାର୍ଯ୍ୟ, ଶାନ୍ତିଲତା ରାଉତରାୟ ପ୍ରମୁଖ ଅଂଶଗ୍ରହଣ କରିଥିଲେ।



ଧାରଣାରେ ବସିଥିବା ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର କର୍ମକର୍ତ୍ତା।

# ବସ୍ ଓଲଟି ୧୨ ଯାତ୍ରୀ ଆହତ

**ଭଣ୍ଡାରିପୋଖରୀ, ୧୪ (ଡି.ଏନ.ଏ)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ୧୬ ନଂ. ଜାତୀୟ ରାଜପଥର ଛପୁଳିଆ ନିକଟରେ ଗୁରୁବାର ଅପରାହ୍ନରେ ଅଜୟ ନାମକ ଏକ ବସ୍ ଓଲଟି ୧୨ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୯ ଜଣ ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଘରକୁ ଚାଲି ଯାଇଥିବା ବେଳେ ୩ ଜଣଙ୍କୁ ଭଦ୍ରକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପ୍ରକାଶ ଯେ, ବସ୍‌ଟି ଭୁବନେଶ୍ୱରରୁ ବାରିପଦା ଅଭିମୁଖେ ଯାଉଥିଲା। ଭଣ୍ଡାରିପୋଖରୀ ବ୍ଲକ ଛପୁଳିଆ ନିକଟରେ ଓଭରଟେକ୍ କରୁଥିବା ସମୟରେ ଭାରସାମ୍ୟ ହରାଇ ରାଜପଥ ଉପରେ ଓଲଟି ପଡ଼ିଥିଲା। ସ୍ଥାନୀୟ ପୋଲିସ ଆହତମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ ଭଣ୍ଡାରିପୋଖରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ବସ୍‌ରେ ୭୦ରୁ ୮୦ ଜଣ ଯାତ୍ରୀ ଥିଲେ ବୋଲି ପ୍ରତ୍ୟେକ୍ଷଦର୍ଶୀଙ୍କ ସୂତ୍ରରୁ ପ୍ରକାଶ। ପୋଲିସ ଘଟଣାର ତଦନ୍ତ କରୁଛି।


ଛପୁଳିଆ ନିକଟରେ ଓଲଟି ପଡ଼ିଥିବା ବସ୍।

# ବନ୍ଧୁକ କାରବାର ଅଭିଯୋଗ, କଂଗ୍ରେସ ନେତା ଗିରଫ

**ଆସିକା,୧୪(ଡି.ଏନ୍.ଏ.)**

ବେଆଇନ ବନ୍ଧୁକ ଓ ମାରଣାସ୍ତ୍ର କାରବାର ଅଭିଯୋଗରେ ଜଣେ କଂଗ୍ରେସ ନେତା ଗିରଫ ହୋଇଛନ୍ତି। ସେ ହେଲେ ଗଞ୍ଜାମ ଜିଲା କଂଗ୍ରେସ ଓବିସି ସେଲ୍ ଅଧ୍ୟକ୍ଷ ଅମୀର କୁମାର ଭୂୟାଁ। ତାଙ୍କ ଘର ଗାଙ୍ଗପୁର ଥାନା ଅନ୍ତର୍ଗତ ଖଇରପୁଟି ଗ୍ରାମରେ। ବୁଧବାର ବିଳମ୍ବିତ ରାତିରେ ଅମୀର କାର୍‌ରେ ଗାଙ୍ଗପୁରରୁ ଆସିକା ଦେଇ ଯାଉଥିବା ସୂଚନା ମିଳିଥିଲା। ରାତି ପ୍ରାୟ ୩ଟାରେ ଆସିକା ସହରର ପ୍ରବେଶପଥ ପାକଲାପଲ୍ଲୀ ଗେଟ ନିକଟରେ ତାଙ୍କ ଗାଡ଼ି ଅଟକାଇ ଯାଞ୍ଚ କରାଯିବାରୁ ୨ଟି ବନ୍ଧୁକ ଓ ୧୦ଟି ଗୁଳି ମିଳିଥିଲା। ପୋଲିସ ଉକ୍ତ କାର୍, ବନ୍ଧୁକ ଓ ଗୁଳି ଜବତ କରିବା ସହ ଅମୀରଙ୍କୁ ଗିରଫ କରିଛି। ଗୁରୁବାର ଆସିକା ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଠାକୁର ପ୍ରସାଦ ପାତ୍ର ଏହି ସୂଚନା ଦେଇଛନ୍ତି। ଅମୀର ଗଞ୍ଜାମ ଜିଲାରେ ବିଭିନ୍ନ ଅପରାଧୀଙ୍କୁ ମାରଣାସ୍ତ୍ର ଓ ବନ୍ଧୁକ ବିକ୍ରି କରୁଥିଲେ ବୋଲି ସେ କହିଛନ୍ତି।


ଅଭିଯୁକ୍ତଙ୍କ ସମ୍ପର୍କରେ ପୋଲିସ ସୂଚନା ଦେଉଛି।

**୨ବନ୍ଧୁକ, ୧୦ ଗୁଳି ସହ ଗାଡ଼ି ଜବତ**

ଗତ ନଭେମ୍ବରରେ ହୋଇଥିବା ଅପରାଧୀ ଧରପଗଡ ଅଭିଯାନରେ ଗଞ୍ଜାମ ପୋଲିସ ୮ ଦୁର୍ଦ୍ଧାନ୍ତ ଅପରାଧୀଙ୍କୁ ଗିରଫ କରିଥିଲା। ସେମାନଙ୍କ ନିକଟରୁ ୧୦ଟି ବନ୍ଧୁକ, ୫୩ ରାଉଣ୍ଡ ଗୁଳି ସହ ବହୁ ମାରଣାସ୍ତ୍ର ଜବତ କରାଯାଇଥିଲା। ଅଭିଯୁକ୍ତମାନଙ୍କୁ ଜେରା ବେଳେ ପୋଲିସ ଏହି କାରବାରରେ ଅମୀରଙ୍କ ସମ୍ପୃକ୍ତି ଥିବା ନେଇ ସୂଚନା ପାଇଥିଲା। ସେବେଠାରୁ ଅମୀରଙ୍କ ଗତିବିଧି ଉପରେ ନଜର ରଖାଯାଇଥିଲା। ବୁଧବାର ରାତିରେ ଅମୀର ଏକ ଦାମୀ ଗାଡିରେ ଯାଉଥିବା ନେଇ ଗଞ୍ଜାମ ଏସପି ବ୍ରିଜେଶ ରାଏଙ୍କ ନିକଟରେ ସୂଚନା ମିଳିଥିଲା। ଏସପିଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ବିଭିନ୍ନ ରାସ୍ତାକୁ ସିଲ କରି ଅଭିଯୁକ୍ତଙ୍କୁ କାବୁ କରିଥିବା ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସପି ପାତ୍ର, ଆସିକା ଏସଡିପିଓ ସୂର୍ଯ୍ୟମଣି ପ୍ରଧାନ ଓ ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ପ୍ରକାଶ କରିଛନ୍ତି।

### ସୀମାନ୍ତ ଜୁମଡାଙ୍ଗରେ ପାଳନ ହେଲା ଓଡ଼ିଶା ଦିବସ

**ଚିତ୍ରକୋଣ୍ଡା,୧୪(ଡି.ଏନ୍.ଏ.):** ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳ ଧୂଳିପୁଟ ପଞ୍ଚାୟତର ସୀମାନ୍ତ ଗ୍ରାମ ଜୁମଡାଙ୍ଗରେ ବିଡିଓ ଗାୟତ୍ରୀ ଦେବୀଙ୍କ ନେତୃତ୍ୱରେ ପ୍ରଥମ ଥର ପାଇଁ ଓଡ଼ିଶା ଦିବସ ପାଳିତ ହୋଇଛି। ଓଡ଼ିଶା ସୀମାରେ ଥିଲେ ସୁଦ୍ଧା ଆନ୍ଧ୍ର ସରକାର ବିଭିନ୍ନ ସମୟରେ ଉକ୍ତ ଅଞ୍ଚଳରେ ପ୍ରବେଶ କରିବାକୁ ଅପଚେଷ୍ଟା ଚଳାଇଛନ୍ତି। ଜିଲାପାଳ ୱାଇ. ବିଜୟଙ୍କ ନିର୍ଦ୍ଦେଶରେ ଗ୍ରାମରେ ସ୍ୱାସ୍ଥ୍ୟସେବା, ଶିକ୍ଷା ଭଳି ଅନ୍ୟାନ୍ୟ ମୌଳିକ ସୁବିଧା ପ୍ରଦାନ ନେଇ କାମ ଆଗେଇ ଚାଲିଛି। ଗୁରୁବାର ଲୋକଙ୍କୁ ଆଧାରକାର୍ଡ ପ୍ରଦାନ କରାଯାଇଛି। ଆଗାମୀ ଦିନରେ ଅନ୍ୟାନ୍ୟ ସୁବିଧା ମିଳିବ ବୋଲି ଗ୍ରାମବାସୀ ପ୍ରତିଶ୍ରୁତି ପାଇଛନ୍ତି।

### ମହିଳାଙ୍କୁ ବଳାତ୍କାର ପରେ ହତ୍ୟା ମାମଲା

# ଦୋଷୀଙ୍କୁ ଆଜୀବନ ଜେଲ

**ଭଦ୍ରକ ଅଫିସ,୧୪**

ମହିଳାଙ୍କୁ ବଳାତ୍କାର ପରେ ହତ୍ୟା ମାମଲାର ବିଚାର କରି ଭଦ୍ରକ ଅତିରିକ୍ତ ଜିଲା ତଥା ଦୌରାଜଜ୍ ପ୍ରଣତି ସାହା ଦୋଷୀ କେନ୍ଦୁଝର ଜିଲା ସୋସୋ ଥାନା ଅଧୀନ ଝନଝଣା ଗ୍ରାମର ବିଜୁ ହୋଙ୍କୁ ଆଜୀବନ ଜେଲ ସହ ୨୦ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଶୁଣାଣି କରିଛନ୍ତି। ତେବେ ମୃତା ମହିଳାଙ୍କ ପିଲାମାନଙ୍କୁ ଆବଶ୍ୟକ ଆର୍ଥିକ ସହାୟତା ପ୍ରଦାନ ପାଇଁ କୋର୍ଟ ଜିଲା ଆଇନ ସହାୟତା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ୨୦୧୬ ଅକ୍ଟୋବର ୨୬ରେ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ କୁଣ୍ଡିବାଗ ଅଞ୍ଚଳର ଉକ୍ତ ଆଦିବାସୀ ମହିଳା ସ୍ୱାମୀ ଓ ସମ୍ପର୍କୀୟମାନଙ୍କ ସହ ନଛିପୁରକୁ ଯାଇଥିଲେ। ସେଠାରେ ବିଜୁ ଚତୁରତାର ସହ ମହିଳାଙ୍କୁ ଡାକିନେଇଥିଲେ। ପରଦିନ ସକାଳୁ ପଲ୍ଲାସାହି ଗ୍ରାମର ଏକ ନବନିର୍ମିତ କୋଠାଘର ସିଡ଼ି ତଳୁ କ୍ଷତାକ୍ତ ଅବସ୍ଥାରେ ମହିଳାଙ୍କୁ ଉଦ୍ଧାର କରାଯାଇଥିଲା। ତାଙ୍କୁ ବଳାତ୍କାର କରାଯାଇଥିବା ନେଇ ସେ ସ୍ୱାମୀଙ୍କୁ କହିଥିଲେ। ପ୍ରାଥମିକ ଚିକିତ୍ସାର ଦୁଇଦିନ ପରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ସ୍ୱାମୀଙ୍କ ଅଭିଯୋଗ କ୍ରମେ ଭଦ୍ରକ ଗ୍ରାମାଞ୍ଚଳ ଥାନାରେ ମାମଲା (ନଂ.୬୧୩/୧୬) ରୁଜୁ କରି ବିଜୁଙ୍କୁ ଗିରଫ କରାଯାଇଥିଲା। ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଅରୁଣ ମିଶ୍ର ଓ ପ୍ରଦୀପ ସାମଲ ମାମଲା ପରିଚାଳନା କରୁଥିଲେ।

# ୱେବ୍‌ସାଇଟରେ ଓଟିଇଟି ଆଡମିଟ୍ କାର୍ଡ

**ଭୁବନେଶ୍ୱର, ୧୪(ବ୍ୟୁରୋ)**

ଆସନ୍ତା ୯ତାରିଖରେ ହେବାକୁ ଥିବା ଓଡ଼ିଶା ଟିଚର୍ସ ଇଲିଜିବିଲିଟି ଟେଷ୍ଟ(ଓଟିଇଟି) -୨୦୨୧ ପାଇଁ ଗୁରୁବାର ଅନ୍‌ଲାଇନରେ ଆଡମିଟ୍ କାର୍ଡ ମିଳିଛି। www.bseodisha.ac.in. ୱେବ୍‌ସାଇଟରେ ଆଡମିଟ୍ କାର୍ଡ ଉପଲବ୍ଧ ବୋଲି ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଗୁରୁବାର ସୂଚନା ଦିଆଯାଇଛି। ପରୀକ୍ଷାର୍ଥୀମାନେ ସେମାନଙ୍କ ରେଜିଷ୍ଟ୍ରେଶନ ନମ୍ବର ଏବଂ ଇମେଲ୍ ଆଇଡି ଲଗ୍ ଇନ୍ କରି ୱେବ୍‌ସାଇଟରୁ ସେମାନଙ୍କ ଆଡମିଟ କାର୍ଡ ଡାଉନଲୋଡ କରିପାରିବେ।

ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ଚଳିତ ବର୍ଷର ଓଟିଇଟି ଆସନ୍ତା ୯ତାରିଖରେ ରାଜ୍ୟର ୪୯୧ଟି ସେଣ୍ଟରରେ ଅନୁଷ୍ଠିତ ହେବ। ପେପର-୧ ପରୀକ୍ଷା ସକାଳ ୮ଟାରୁ ଆରମ୍ଭ ହୋଇ ସାଢ଼େ ୧୦ଟା ଏବଂ ପେପର-୨ ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ସଢ଼େ ୨ଟା ପର୍ଯ୍ୟନ୍ତ ଚାଲିବ। ପେପର-୧ ଏବଂ ୨ରେ ମଲ୍ଟିପଲ ଚଏସ୍ ପ୍ରଶ୍ନ ଆସିବ। ଏଥିରେ ୪ଟି ଉତ୍ତର ରହିବ। ପରୀକ୍ଷାର୍ଥୀମାନେ ଠିକ୍ ଉତ୍ତର ବାଛିବେ। ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୧ମାର୍କ ରହିବ। ଏଥିରେ କୌଣସି ନେଗେଟିଭ୍ ମାର୍କିଂ ନାହିଁ। ଚଳିତ ଓଟିଇଟି ପରୀକ୍ଷା ପାଇଁ ମୋଟ ୧ଲକ୍ଷ ୨୫ହଜାର ୮୮୦ ପରୀକ୍ଷାର୍ଥୀ ରହିଥିବାବେଳେ ପେପର-୧ ପାଇଁ ୭୨, ୪୭୬ ଏବଂ ପେପର-୨ ପାଇଁ ୫୩,୪୦୪ ପରୀକ୍ଷାର୍ଥୀ ପଞ୍ଜୀକୃତ କରିଥିବା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ କୁହାଯାଉଛି।

# ୩ ଅଭିଯୁକ୍ତଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡ

**ଝାରସୁଗୁଡ଼ା ଅଫିସ,୧୪**

**ଯୁବତୀଙ୍କୁ ଗଣବଳାତ୍କାର ଘଟଣା**

ଝାରସୁଗୁଡ଼ା ଜିଲା ବନହରପାଲି ଥାନା ଅଞ୍ଚଳର ଜଣେ ୧୯ ବର୍ଷୀୟା ଯୁବତୀ ୨୦୧୫ ଜୁନ୍ ୨୩ରେ ଶୌଚ ସାରି ଘରକୁ ଫେରୁଥିବାବେଳେ ୩ଜଣ ଯୁବକ ଗଣବଳାତ୍କାର କରିଥିଲେ। ପୀଡିତାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଅଭିଯୁକ୍ତ ରମାକାନ୍ତ ନାୟକ, ପ୍ରକାଶ ନାୟକ ଓ ବାବୁଲ ମିର୍ଦ୍ଧାଙ୍କୁ ଗିରଫ କରିଥିଲା। ଦୀର୍ଘ ୬ବର୍ଷ ପରେ ଜିଲା ସେସନ୍ସ କୋର୍ଟ ୧୯ଜଣ ସାକ୍ଷୀଙ୍କ ବୟାନ ଆଧାରରେ ସମ୍ପୃକ୍ତ ୩ଜଣଙ୍କୁ ୨୦ବର୍ଷ ଲେଖାଏ ସଶ୍ରମ କାରାଦଣ୍ଡ ସହ ୫ହଜାର ଟଙ୍କା ଲେଖାଏ ଆର୍ଥିକ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହି ଆର୍ଥିକ ରାଶି ଖିଲାପ କଲେ ଅଭିଯୁକ୍ତମାନେ ଅଧିକ ୬ମାସ ଜେଲଦଣ୍ଡ ଭୋଗିବେ ବୋଲି କୋର୍ଟଙ୍କ ନିର୍ଦ୍ଦେଶ ରହିଛି। ଏହି ମାମଲାର ବିଚାରକରି ଜିଲା ସେସନ୍ସ ଜଜ୍ ହର ପ୍ରସାଦ ପଟ୍ଟନାୟକ ରାୟ ପ୍ରକାଶ କରିଛନ୍ତି। ପୀଡିତାଙ୍କ ପକ୍ଷରୁ ସରକାରୀ ଓକିଲ ସତପାଲ ସିଂହ ମାମଲା ଲଢୁଥିଲେ।

# ମାଡ଼ି ଚାଲିଛି ଶିମିଳିପାଳ ନିଆଁ

**ବାରିପଦା ଅଫିସ,୧୪**

ଶିମିଳିପାଳ ଅଭୟାରଣ୍ୟରୁ ନିଆଁ ଲିଭୁନି। ଗୋଟିଏ ପଟେ ବନ କର୍ମଚାରୀ ଯେତିକି ଲିଭାଉଛନ୍ତି ଅନ୍ୟପଟେ ସେତିକି ମାଡ଼ି ଚାଲିଛି ବନାଗ୍ନି। ଶୁଷ୍କ ଅଭୟାରଣ୍ୟ ମଧ୍ୟରେ କାୟା ବିସ୍ତାର କରି ଚାଲିଛି। ଗୁରୁବାର ସୁଦ୍ଧା ୩୭ଟି ସ୍ଥାନରେ ନିଆଁ ଜଳୁଥିବା ସୂଚନା ମିଳିଛି। ନିଆଁ ଦାଉରୁ ରକ୍ଷା ପାଇବା ପାଇଁ ଜୀବଜନ୍ତୁ ଗାଁ ଓ ସହର ମୁହାଁ ହେଉଛନ୍ତି। ବୃକ୍ଷଲତା ଜଳିପୋଡ଼ି ପାଉଁଶ ହୋଇଯାଉଛି। ନିଆଁକୁ ଆୟତ୍ତ କରିବା ପାଇଁ ବିଭାଗ ପକ୍ଷରୁ ଆପ୍ରାଣ ଉଦ୍ୟମ କରାଯାଉଛି। ମାତ୍ର ବର୍ଷା ଅଭାବରୁ ଅଭୟାରଣ୍ୟକୁ ସୁରକ୍ଷା ଦେବା କଷ୍ଟକର ହୋଇପଡୁଛି।

ସୂଚନା ଅନୁଯାୟୀ, ଜାତୀୟ ଅଭୟାରଣ୍ୟ ଦକ୍ଷିଣରେ ଥିବା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଡୁକୁରା, ଜେନାବିଲ, ପିଠାବଟା, ଚହଲା ରେଞ୍ଜର ୨୭ଟି ଏବଂ ଉତ୍ତରରେ ଥିବା କେନ୍ଦୁମୁଣ୍ଡି ରେଞ୍ଜର ୧୦ଟି ସ୍ଥାନରେ ନିଆଁ ଜଳୁଛି। ନିଆଁକୁ ଆୟତ୍ତ କରିବା ପାଇଁ ୪ଟି ଓଡ୍ରାଫ ଟିମରେ ୫୦କର୍ମଚାରୀଙ୍କ ସହ ବନକର୍ମଚାରୀ ଏବଂ ସ୍ଥାନୀୟ ଲୋକମାନେ ନିୟୋଜିତ ଅଛନ୍ତି। ନିଆଁ ଲିଭାଇବା ପାଇଁ ପ୍ରୟାସ ଜାରି ରହିଛି ବୋଲି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଏମ.ଜଗଜୟାନନ୍ଦ ପ୍ରକାଶ କରିଛନ୍ତି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ନିଆଁର ପ୍ରକୋପ ଯୋଗୁ ଜିଲାରେ ତାତି ବୃଦ୍ଧି ପାଉଥିବା ବେଳେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ସେହିପରି ଜଙ୍ଗଲ ନିଆଁ ଯୋଗୁ ଭୋକଶୋଷରେ ଜୀବଜନ୍ତୁ କଲବଲ ହେଉଛନ୍ତି। ଜୀବଜନ୍ତୁ ଶିକାର କରିବା ଉଦ୍ଦେଶ୍ୟରେ ଜଙ୍ଗଲରେ ନିଆଁ ଲଗାଉଥିବା ଶିକାରୀ ଓ ହୀନମାନ୍ୟ ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରିବେଶବିତ୍‌ମାନେ ଦାବି କରୁଛନ୍ତି। ବନ୍ୟପ୍ରାଣୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସେମାନଙ୍କ ନିମନ୍ତେ ଖାଦ୍ୟ ଓ ପାନୀୟ ଜଳର ସୁବ୍ୟବସ୍ଥା କରିବାକୁ ପ୍ରାକ୍ତନ ଅବୈତନିକ ପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ ଦାବି କରିଛନ୍ତି।


ଅଭୟାରଣ୍ୟରେ ଲାଗିଥିବା ନିଆଁକୁ ଆୟତ୍ତ କରାଯାଉଛି।

# ଜଳୁଛି କୁଲଡ଼ିହା, ଜନବସତିକୁ ବିପଦ

**ସଜନାଗଡ଼, ୧୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି କୁଲଡ଼ିହା ଅଭୟାରଣ୍ୟରେ କିଛିଦିନ ତଳେ ଲାଗିଥିବା ନିଆଁକୁ ଲିଭାଇ ଦିଆଯାଇଥିଲା। ପୁଣି ଏଠାରେ ନିଆଁ ହୁ ହୁ ହୋଇ ଜଳୁଛି। ନିଆଁ ଲିଭାଇବା ଲାଗି ବନବିଭାଗ ଉଦ୍ୟମ ଜାରି ରଖିଥିଲେ ବି ଆୟତ୍ତ ହୋଇପାରିନି। ପ୍ରତିଦିନ ଏକର ଏକର ବ୍ୟାପୀ ଗଛଲତା ନଷ୍ଟ ହେଲାଣି। ବନ୍ୟସମ୍ପଦ ଉଜୁଡ଼ିବା ସହିତ ସରୀସୃପ, ଜୀବଜନ୍ତୁ ବିପଦରେ। ୩ଦିନ ହେବ ବଢୁଥିବା ନିଆଁକୁ ବନବିଭାଗ ରୋକିପାରୁନି। କେଉଁ କାରଣରୁ ଏକ ସମୟରେ ଏସବୁ ଜଙ୍ଗଲ ଜଳୁଛି ତାହା ଜଣାପଡ଼ି ନ ଥିଲେ ମଧ୍ୟ ଏହି ନିଆଁ ଦିନକୁ ଦିନ ଭୟଙ୍କର ଆକାର ନେବାରେ ଲାଗିଛି। ଉତ୍ତରଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱର ସଂଲଗ୍ନ ତଥା ଦେବଗିରି ପାହାଡ଼ର ବିଭିନ୍ନ ଜଙ୍ଗଲରେ ନିଆଁ ଲାଗିଥିବାରୁ ଅଭୟାରଣ୍ୟ ପାଦଦେଶରେ ବସବାସ କରୁଥିବା ଲୋକେ ଆତଙ୍କରେ ରହୁଛନ୍ତି। ନିଆଁର ଏପରି ଉଗ୍ରରୂପ ଦେଖି ବୁଧବାର ସନ୍ଧ୍ୟାରେ କେତେଜଣ ଯୁବକ ଏକାଠି ହୋଇ ନିଆଁ ଲିଭାଇବାରେ ସହଯୋଗ କରିଥିଲେ। ତେବେ ଗୁରୁବାର ଗୋଟିଏ ପାହାଡ଼ରୁ ଅନ୍ୟ ଏକ ପାହାଡ଼ର ଅଗ୍ର ଭାଗକୁ ନିଆଁ ବ୍ୟାପି ଚାଲିଥିବା ଦେଖିବାକୁ ମିଳିଛି।

ବାଲେଶ୍ୱର ଏସିଏଫ୍‌ଓ ଶରତ ଚନ୍ଦ୍ର ବେହେରା କହିଛନ୍ତି, ବର୍ଷା ନାହିଁ, ଗରମ ବଢ଼ିଯାଇଛି। ଦିନରେ ନିଆଁ ଲିଭାଇବା ସମ୍ଭବ ହେଉନାହିଁ। ଅପରାହ୍ନ ୪ଟା ପରେ କର୍ମଚାରୀଙ୍କୁ ବିଭିନ୍ନ ଅଞ୍ଚଳକୁ ପଠାଇ ନିଆଁ ଲିଭାରେ ନିୟୋଜିତ କରାଯାଇଛି। ସୀମାନ୍ତ ଗାଁର ଅଧିକ ଲୋକଙ୍କୁ ନେଇ ଏଥିରେ ସାମିଲ କରାଯିବ।

**ପୋଡ଼ିଗଲା ହଜାର ହଜାର ବୃକ୍ଷଲତା**


ଜଳୁଛି କୁଲଡ଼ିହା।

# ହାଲ୍ ସହରାଞ୍ଚଳ ଜଙ୍ଗଲରେ ପୁଣି ବ୍ୟାପିଲା

**ସୁନାବେଡ଼ା, ୧୪(ସ୍ୱ. ପ୍ର.)**

ସୁନାବେଡ଼ା ହାଲ୍ ନିକଟବର୍ତ୍ତୀ ଅଞ୍ଚଳରେ ଅନେକ ଜଙ୍ଗଲ ରହିଛି। ଏହିସବୁ ଜଙ୍ଗଲରେ ବିଭିନ୍ନ ସମୟରେ ନିଆଁ ଲାଗିବା ଏବେ ପ୍ରଶାସନ ପାଇଁ ଚିନ୍ତାର ବିଷୟ ହୋଇଛି। ବୁଧବାର ହାଲ୍‌ର ଆର୍ ଜୋନ୍‌ରେ ଥିବା ଜଙ୍ଗଲରେ ନିଆଁ ଲାଗିଥିବା ବେଳେ ଗୁରୁବାର ଷ୍ଟେଟବ୍ୟାଙ୍କ ସମ୍ମୁଖରେ ଥିବା ଜଙ୍ଗଲରେ ନିଆଁ ଲାଗିଛି। ଖବର ପାଇ ହାଲ୍‌ର ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଦୀର୍ଘ ୪ ଘଣ୍ଟା ପରିଶ୍ରମ କରି ନିଆଁକୁ ଆୟତ୍ତ କରିଛନ୍ତି। ନିଆଁ ଲାଗିବା ଯୋଗୁ ଜଙ୍ଗଲରେ ଥିବା ବହୁ ଛୋଟ ବଡ଼ ଗଛ ଜଳିଯାଇଛି। ଜଙ୍ଗଲଟି ସହରର ମଧ୍ୟଭାଗରେ ଥିବାରୁ ଜଙ୍ଗଲ ପାର୍ଶ୍ୱ ରାସ୍ତା ଦେଇ ପ୍ରତ୍ୟହ ଲୋକେ ଯାତାୟାତ କରିଥାନ୍ତି। ନିଆଁ ଯୋଗୁ ବେଶ୍ କିଛି ସମୟ ଧରି ସହର ପରିବେଶ କୁହୁଡ଼ି ପରି ଧୂଆଁମୟ ହୋଇଯାଇଥିଲା। କେତେଜଣ ବ୍ୟକ୍ତି ସିଗାରେଟ କିମ୍ବା ବିଡ଼ି ଟାଣି ସାରିବା ପରେ ବଳକା ଅଂଶକୁ ଏଣେତେଣେ ଫିଙ୍ଗିବା ଦ୍ୱାରା ଜଙ୍ଗଲରେ ନିଆଁ ଲାଗୁଥିବା ଆଲୋଚନା ହେଉଛି। ହାଲ୍ ସୁରକ୍ଷା ବିଭାଗ ଏବଂ ବନ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।


ହାଲ୍ ସହରାଞ୍ଚଳ ଜଙ୍ଗଲରେ ଲାଗିଥିବା ନିଆଁ।

# ଶିକାର ପାଇଁ ଜଙ୍ଗଲରେ ନିଆଁ

- ୪ ଶିକାରୀ ଗିରଫ
- ୨ ବନ୍ଧୁକ, ୫୦ ଗୁଳି ଜବତ


ଗିରଫ ୪ ଶିକାରୀ।

**ବାଲୁଗାଁ,୧୪(ଡି.ଏନ୍.ଏ.)**

ଜଙ୍ଗଲରେ ନିଆଁ ଲଗାଇ ବନ୍ୟଜନ୍ତୁ ଶିକାର କରୁଥିବା ବେଳେ ଖୋର୍ଦ୍ଧା ଜିଲା ବାଲୁଗାଁ ବନ ବିଭାଗ ଗୁରୁବାର ଚଢ଼ାଉ କରି ୪ଜଣ ଶିକାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ବାଣପୁର ଥାନା ଅଧୀନ ବାଞ୍ଛାନିଧିପୁର ଗ୍ରାମର କ୍ରିଷ୍ଣା ପ୍ରଧାନ(୨୪), ଆୟତ୍ତପୁର ଗ୍ରାମର ଟୁଲୁ ବେହେରା(୪୨), ପାଳଧୁଆପଲ୍ଲୀ ଗ୍ରାମର ଆଲୋକ ସାହୁ(୩୫) ଏବଂ ମିଥୁନ ନାୟକ(୨୪)। ଏମାନଙ୍କ ନିକଟରୁ ୨ଟି ଦେଶୀ ବନ୍ଧୁକ, ୫୦ଟି ଗୁଳି, ଦିଆସିଲି ବାକ୍ସ ଜବତ ହୋଇଛି। ସୂଚନା ମୁତାବକ, ବାଲୁଗାଁ ବନ ବିଭାଗ ଅଧୀନ ଅରାଙ୍ଗ ଓ ବରବରା ଜଙ୍ଗଲରେ ବାରମ୍ବାର ନିଆଁ ଲାଗୁଥିଲା। କେହି ଦୁର୍ବୃତ୍ତ ଶିକାର ଉଦ୍ଦେଶ୍ୟରେ ଜଙ୍ଗଲରେ ନିଆଁ ଲଗାଉଥିବା ନେଇ ବନ ବିଭାଗ ଅଧିକାରୀ ଜାଣିବାକୁ ପାଇଥିଲେ। ଗୁରୁବାର ବାଲୁଗାଁ ବନ ଅଧିକାରୀ ପ୍ରତାପ ଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ଟିମ୍ ଅରାଙ୍ଗ ସଂରକ୍ଷିତ ଜଙ୍ଗଲରେ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ୪ଜଣ ଶିକାରୀ ହାତରେ ବନ୍ଧୁକ ଧରି ଶିକାର ଉଦ୍ଦେଶ୍ୟରେ ଜଙ୍ଗଲ ମଧ୍ୟରେ ନିଆଁ ଲଗାଉଥିବା ବେଳେ ବନ କର୍ମଚାରୀମାନେ ସେମାନଙ୍କୁ ଧରିଥିଲେ। ଏହି ଚଢ଼ାଉରେ ବନପାଳ ଦୁଃଶାସନ ନାୟକ, ଫରେଷ୍ଟଗାର୍ଡ ସନ୍ତୋଷ ପଟ୍ଟନାୟକ, ସର୍ବେଶ୍ୱର ପ୍ରଧାନ, ଇତିଶ୍ରୀ ଲେଙ୍କା ପ୍ରମୁଖ ସାମିଲ ଥିଲେ।

ଧରିତ୍ରୀ
DHARITRI
ଶୁକ୍ରବାର, ୨ ଏପ୍ରିଲ, ୨୦୨୧

ଭଗବାନ ସର୍ବଦା ଆମର ପ୍ରାର୍ଥନା ଶୁଣନ୍ତି ଏବଂ ସର୍ବଦା ସବୁ ପ୍ରାର୍ଥନାର ଉତ୍ତର ଦିଅନ୍ତି। କିନ୍ତୁ ତାଙ୍କର ଉତ୍ତର ଶୁଣିବା ପାଇଁ ଓ ବୁଝିବା ପାଇଁ ତୁମ ପକ୍ଷରେ କେତେକ ସର୍ତ୍ତ ପୂରଣ କରିବା ଉଚିତ। -ଶ୍ରୀମା



# 'ଅନୁପ୍ରବେଶ'କୁ ଅନୁମତି

ଆମ ପଡ଼ୋଶୀ ରାଜ୍ୟଗୁଡ଼ିକ ଆମ ଅଞ୍ଚଳକୁ ଜବରଦଖଲ ବା ଅନୁପ୍ରବେଶ କରିବାରେ ଲାଗିଛନ୍ତି। ସୀମାନ୍ତ ଗ୍ରାମଗୁଡ଼ିକର ଅଧିବାସୀଙ୍କୁ ମନ ଭୁଲାଣିଆ କଥା କହି, ସୁବିଧା ସୁଯୋଗ ଦେଇ ସେମାନେ ଅନୁପ୍ରବେଶ କରିବା ଖବର ରାଜ୍ୟ ଗଣମାଧ୍ୟମରେ ପ୍ରକାଶ ପାଇବା ଏକ ସାଧାରଣ କଥା ହୋଇଯାଇଛି। ପ୍ରତିଦିନ ଏଭଳି ଖବର ଖବରକାଗଜ ପୃଷ୍ଠାମଣ୍ଡନ କରୁଛି। ଆମ ଅଞ୍ଚଳକୁ ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ ଏବଂ ଛତିଶଗଡ଼ ସରକାର ଏଭଳି ବେଆଇନ ଭାବେ ଅନୁପ୍ରବେଶ କରିବାରେ ଲିପ୍ତ ରହିଛନ୍ତି। ଏପରି କି ବାଂଲାଦେଶୀମାନେ ସମୁଦ୍ର ବାଟ ଦେଇ କେନ୍ଦ୍ରାପଡ଼ା ଜିଲାକୁ ଆସି ସେଠାକାର ସ୍ଥାୟୀ ବାସିନ୍ଦା ପ୍ରମାଣ କରିବା ଲାଗି ସରକାରୀ ପ୍ରମାଣପତ୍ର ହାତେଇ ଥାଆନ୍ତି। ଆମ ରାଜ୍ୟରେ ଏଭଳି ବେଆଇନ ଅନୁପ୍ରବେଶ ଏକ ସାଧାରଣ ଘଟଣା। ଆମ ରାଜ୍ୟର ଦକ୍ଷିଣ ପାର୍ଶ୍ୱରେ ଥିବା ଆନ୍ଧ୍ରପ୍ରଦେଶ ଏଭଳି ଜବରଦଖଲ କରିବାରେ ସବୁଠୁ ଧୁରନ୍ଧର। କୋରାପୁଟ ଏବଂ ଗଜପତି ଜିଲାର ସୀମାନ୍ତ ଗ୍ରାମଗୁଡ଼ିକୁ ଦଖଲ କରିବା ପାଇଁ ଏହା ଆପ୍ରାଣ ଚେଷ୍ଟା କରି ଆସୁଛି। ଆନ୍ଧ୍ର ସରକାର କୋରାପୁଟର କୋଟିଆ ଗ୍ରାମ ପଞ୍ଚାୟତର କେତେକ ଗ୍ରାମର ନାଁ ବଦଳାଇ ନୂଆ ନାମ ଦେଇଛି। ଆନ୍ଧ୍ରର ଅଧିକାରୀମାନେ ସେଠାରେ ତାଙ୍କ ସରକାରୀ ଯୋଜନା କାର୍ଯ୍ୟକାରୀ କରିବା ସହ ଗ୍ରାମବାସୀଙ୍କୁ ସରକାରୀ ସୁବିଧା ସୁଯୋଗ ଦେବା ସହିତ ରାଶନ ସାମଗ୍ରୀ ବଣ୍ଟନ କରୁଛନ୍ତି। ଏଣୁ ହିତାଧିକାରୀମାନେ ଆନ୍ଧ୍ର ଆଡ଼କୁ ଢଳିବାରେ ସେମିତି କିଛି ଆଶ୍ଚର୍ଯ୍ୟ ହେବାର ନାହିଁ। କିଛି ଦିନ ପୂର୍ବେ ବାଲେଶ୍ୱରର ସୀମାନ୍ତ ଗ୍ରାମଗୁଡ଼ିକରେ ପଶ୍ଚିମବଙ୍ଗ ସରକାର ନିର୍ବାଚନ ପ୍ରକ୍ରିୟା ଆରମ୍ଭ କରୁଥିବା ଖବର ପ୍ରକାଶ ପାଇଥିଲା। କହିବାକୁ ଗଲେ ଆମ ଅଞ୍ଚଳକୁ ଅନୁପ୍ରବେଶ କରିବାରେ ପଡ଼ୋଶୀ ରାଜ୍ୟଗୁଡ଼ିକଙ୍କ ଏଭଳି ପ୍ରଚେଷ୍ଟା ସମ୍ପୂର୍ଣ୍ଣ ନିନ୍ଦନୀୟ। ଏହା ଭୂ-ଆଇନ ବିରୋଧୀ। ପଡ଼ୋଶୀ ରାଜ୍ୟଗୁଡ଼ିକର ଏହି କାର୍ଯ୍ୟକୁ ପ୍ରତିରୋଧ କରିବାକୁ ଆମ ସରକାର ଅଧିକ ପଦକ୍ଷେପ ନେଇନାହାନ୍ତି। ତେବେ ରାଜ୍ୟ ସରକାର ଏହାକୁ ଗମ୍ଭୀରତାର ସହ ନେବା ଉଚିତ। ଜବରଦଖଲ ସମ୍ପର୍କିତ ମାମଲା ଏବେ ସୁପ୍ରିମକୋର୍ଟରେ ବିଚାରାଧୀନ ଏବଂ ଶୀର୍ଷ କୋର୍ଟ ତାଙ୍କ ରାୟ ଶୀଘ୍ର ଦେବେ ବୋଲି ଅନୁମାନ କରାଯାଉଛି।

ଆମ ଅଞ୍ଚଳକୁ ଏଭଳି ଅନୁପ୍ରବେଶ କରିବା ଅପଚେଷ୍ଟାରୁ ପଡ଼ୋଶୀ ରାଜ୍ୟଗୁଡ଼ିକ କ୍ଷାନ୍ତ ହେବା ଉଚିତ। ହେଲେ ଏହି ରାଜ୍ୟଗୁଡ଼ିକ ସହ ଆମେ ବାଣିଜ୍ୟ ଓ ବ୍ୟବସାୟିକ ଚୁକ୍ତି ବା କାରବାର କାହିଁକି ବନ୍ଦ କରିବା ତା'ର କୌଣସି କାରଣ ନାହିଁ। ଆନ୍ଧ୍ରପ୍ରଦେଶର କେତେକ ଡାଇରି ଫାର୍ମ ଗଜପତି ଜିଲାର ଡାଇରି ଫାର୍ମର ବା ଦୁଗ୍ଧଚାଷୀମାନଙ୍କ ସହ କାରବାର ଜାରି ରଖିବା ଏକ ଦୃଷ୍ଟାନ୍ତ। ଗତ ସପ୍ତାହରେ ପ୍ରକାଶ ପାଇଥିଲା ଯେ,ଗଜପତିର କେତେକ ଅଞ୍ଚଳର ଡାଇରି ଫାର୍ମର ବା ଦୁଗ୍ଧ ଚାଷୀମାନଙ୍କଠାରୁ ଆନ୍ଧ୍ରର ଡାଇରି କମ୍ପାନୀଗୁଡ଼ିକ ଉଚ୍ଚ ମୂଲ୍ୟରେ ଦୁଗ୍ଧ କିଣୁଛନ୍ତି। ଆନ୍ଧ୍ର ପଞ୍ଜୀକୃତ ନମ୍ବର ଥିବା ଗାଡ଼ିଗୁଡ଼ିକ କାଶିନଗର ବ୍ଲକର ବିଭିନ୍ନ ଭାଗରୁ କ୍ଷୀର ନେବା ଦେଖାଯାଇଛି। ଶହଶହ ଲିଟର କ୍ଷୀର ପ୍ରତିଦିନ ପଡ଼ୋଶୀ ରାଜ୍ୟକୁ ପଠାଯାଉଛି। ଆମ ରାଜ୍ୟ ସରକାରଙ୍କ ଡାଇରି କମ୍ପାନୀ ଓମଫେଡ୍ ଏକ ମିଲ୍କ ଫାର୍ମର୍ସ କୋଅପରେଟିଭ ସୋସାଇଟି ଗଠନ କରି ଗଜପତି ଜିଲାର ଖଣ୍ଡାବମ ବୁଦୁରା, ହରିପୁର, ଗୋଡ଼ିବନ୍ଧ, ବଥବା, କାଶିନଗର, ଟାଟା କାଶିନଗର, ବିଏନ ପୁର, କିଡ଼ିଗାମ, କଇଥପଦାର, ରାଣୀପୀଠ, ମିନିଗ୍ରାମ ଏବଂ ହାଟପଡ଼ା ଅଞ୍ଚଳର ଚାଷୀମାନଙ୍କଠାରୁ ଦୁଗ୍ଧ କିଣୁଛି। କିନ୍ତୁ ଏହି ଚାଷୀମାନେ ଓମ୍‌ଫେଡ୍ ବଦଳରେ ଆନ୍ଧ୍ର କମ୍ପାନୀଗୁଡ଼ିକୁ ଦୁଗ୍ଧ ବିକ୍ରି କରିବାକୁ ପସନ୍ଦ କରୁଛନ୍ତି। ଆନ୍ଧ୍ରପ୍ରଦେଶର ଡାଇରି କମ୍ପାନୀଗୁଡ଼ିକ ଶସ୍ତାରେ କୃଷକମାନଙ୍କୁ ଗୋଖାଦ୍ୟ ବିକ୍ରି କରୁଛନ୍ତି। ଓମ୍‌ଫେଡ୍ ଗୋଖାଦ୍ୟ କୁଇଣ୍ଟାଲ ପ୍ରତି ୧୨୦୦ ଟଙ୍କା ନେଉଥିବାବେଳେ ଆନ୍ଧ୍ର ଡାଇରି ଫାର୍ମଗୁଡ଼ିକ ପ୍ରତି କୁଇଣ୍ଟାଲ ୧୦୦୦ ଟଙ୍କାରେ ଯୋଗାଇ ଦେଉଛନ୍ତି। ସେମାନେ ମଧ୍ୟ ଦୁଗ୍ଧ ଚାଷୀମାନଙ୍କୁ ଋଣ ଏବଂ ରହାତି ଦେଉଛନ୍ତି। ଆନ୍ଧ୍ର କମ୍ପାନୀଗୁଡ଼ିକର ଏଭଳି ଆକ୍ରମଣାତ୍ମକ ମାର୍କେଟିଂ ବ୍ୟବସ୍ଥା ଯୋଗୁ ଓମ୍‌ଫେଡ୍‌ର ଦୁଗ୍ଧ ସଂଗ୍ରହ କମିଯାଇଛି। ଏଣୁ କୃଷକମାନେ ଯଦି ଆନ୍ଧ୍ର କମ୍ପାନୀଗୁଡ଼ିକ ସହ କାରବାର ବନ୍ଦ ନ କରନ୍ତି ଏବଂ ଓମ୍‌ଫେଡକୁ ଦୁଗ୍ଧ ନ ଦିଅନ୍ତି, ତେବେ ଗଜପତି ପ୍ରଶାସନ ସ୍ଥାନୀୟ କୃଷକମାନଙ୍କ ପ୍ରତି କଠୋର ପଦକ୍ଷେପ ନେବ ବୋଲି ସତର୍କ କରିଦେଇଛି। ଉକ୍ତ ଘଟଣାର ନିରୀକ୍ଷଣ କରି କେଉଁ ଆଧାରରେ କୃଷକମାନେ ଆନ୍ଧ୍ର କମ୍ପାନୀଗୁଡ଼ିକ ସହ ବ୍ୟବସାୟ କରୁଛନ୍ତି ତା'ଉପରେ ଏକ ରିପୋର୍ଟ ଦେବା ପାଇଁ ଓମ୍‌ଫେଡ୍ ଅଧିକାରୀମାନଙ୍କୁ କୁହାଯାଇଛି। ସ୍ଥାନୀୟ ପ୍ରଶାସନର ଏଭଳି ପ୍ରତିଶୋଧପରାୟଣ ଭଲ ବଦଳରେ ଅଧିକ କ୍ଷତି କରିବ। ଆମ ଭୌଗୋଳିକ କ୍ଷେତ୍ରକୁ ଜବରଦଖଲ କରାଯିବା କାର୍ଯ୍ୟକୁ ନିନ୍ଦା କରାଯିବା ସହ ଏହା ଉପରେ ଉଚିତ ପଦକ୍ଷେପ ନେବା ଆବଶ୍ୟକ। କିନ୍ତୁ ଆନ୍ଧ୍ର ଫାର୍ମଗୁଡ଼ିକୁ ଅଧିକ ମୂଲ୍ୟରେ ଦୁଗ୍ଧ ବିକ୍ରି କରିବାରୁ ସ୍ଥାନୀୟ ଚାଷୀମାନଙ୍କୁ ରୋକିବା ଠିକ୍ ପଦକ୍ଷେପ ହେବ ନାହିଁ। ଏହାର ବିପରୀତ ପ୍ରଭାବ ପଡିପାରେ। ଦୁଗ୍ଧ ଚାଷୀମାନେ କାହାକୁ ଦୁଗ୍ଧ ବିକ୍ରି କରିବେ ସେ ନିଷ୍ପତ୍ତି ତାଙ୍କର। ତାହାକୁ ବନ୍ଦ କରିବା ପ୍ରଶାସନର କାମ ନୁହେଁ। ଏହା ସେମାନଙ୍କର ବ୍ୟବସାୟିକ ସ୍ୱାର୍ଥର ବିଷୟ। ଯଦି ରାଜ୍ୟ ସରକାର ସେମାନଙ୍କ ବ୍ୟବସାୟିକ ସ୍ୱାର୍ଥକୁ ନିଶ୍ଚିତ ବା ସୁରକ୍ଷିତ କରିପାରିବେନି, ତେବେ ସେମାନଙ୍କୁ ବନ୍ଦ କରିବା ଉଚିତ ନୁହେଁ। ଏହା ପରିବର୍ତ୍ତେ କେଉଁ ପରିସ୍ଥିତିରେ ଓ କାହିଁକି ଓଡ଼ିଶାର ଦୁଗ୍ଧ ଚାଷୀମାନେ ଓମ୍‌ଫେଡ୍‌ରୁ ମୁହଁ ଫେରାଇ ଆନ୍ଧ୍ର କମ୍ପାନୀ ମୁହାଁ ହୋଇଛନ୍ତି ତା'ର କାରଣ ଜାଣିବାକୁ ଆମ ସରକାର ଚେଷ୍ଟା କରିବା ଉଚିତ୍। ଓମ୍‌ଫେଡ୍ ମଧ୍ୟ ତା'ର ତ୍ରୁଟି ସୁଧାରିବାକୁ ଚେଷ୍ଟା କରିବା ସହ ଆନ୍ଧ୍ର ଡାଇରି ଫାର୍ମଗୁଡ଼ିକ ସହ ପ୍ରତିଯୋଗିତା କରିବାକୁ ପ୍ରୟାସ କରିବା ଆବଶ୍ୟକ। ଅନ୍ୟ ପକ୍ଷରେ ପ୍ରଶାସନ ଆମ ଚାଷୀମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏଭଳି 'ଅନୁପ୍ରବେଶ'କୁ ଅନୁମତି ଦେବା ଉଚିତ।

## ଆଜିର ଅର୍ଥନୀତି

## ସୁ-ଡୋ-କୁ

sudoku
Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | 9 | | 5 | | E | | | | | 0 | 1 | | | |
| | 1 | | | | 8 | | C | | 3 | | | | D | |
| | | | | | 4 | 2 | B | | | | | | E | 6 |
| | | | | | | 9 | | | | | 4 | | | |
| C | A | B | | | 2 | | | | | 7 | | | | 4 |
| | 2 | D | A | B | | C | 9 | | | | | | 0 | |
| 5 | E | | 0 | | 9 | | | | | | 6 | 1 | 4 | 3 |
| | 7 | | 2 | 1 | | 3 | A | | | 4 | | | | |
| 0 | | | | | | B | | 8 | | | | 7 | | 2 |
| | | 8 | | | | | | | | 1 | | D | | C |
| | | | | E | | 6 | 3 | | A | | 0 | | 8 | |
| 3 | | 7 | 9 | | | | | | E | | | 5 | | |
| 9 | | 0 | | 3 | | | 7 | | | | | | | D |
| | | A | 6 | | | 8 | | E | | | | | 1 | |
| | | | 7 | A | 0 | D | | | 8 | | 9 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | 9 | 2 | 5 | 7 | E | A | 4 | 3 | D | 0 | 1 | B | C | 8 |
| 4 | 1 | E | B | 6 | 8 | 5 | C | 7 | 3 | 9 | A | 2 | D | 0 |
| 7 | 0 | 3 | 1 | 9 | 4 | 2 | B | D | C | 8 | 5 | A | E | 6 |
| 8 | D | 5 | C | 0 | A | 9 | E | 6 | 2 | B | 4 | 3 | 7 | 1 |
| C | A | B | 3 | D | 2 | 0 | 8 | 1 | 6 | 7 | E | 9 | 5 | 4 |
| 1 | 2 | D | A | B | 3 | C | 9 | 4 | 7 | E | 8 | 6 | 0 | 5 |
| 5 | E | C | 0 | 8 | 9 | 7 | D | 2 | B | A | 6 | 1 | 4 | 3 |
| B | 7 | 6 | 2 | 1 | D | 3 | A | 5 | 0 | 4 | C | 8 | 9 | E |
| 0 | 4 | 9 | E | C | 6 | B | 1 | 8 | 5 | D | 3 | 7 | A | 2 |
| A | 3 | 8 | 4 | 5 | 7 | E | 6 | 0 | 9 | 1 | 2 | D | B | C |
| 2 | B | 4 | D | E | 1 | 6 | 3 | 9 | A | 5 | 0 | C | 8 | 7 |
| 3 | 8 | 7 | 9 | 4 | C | 1 | 0 | B | E | 2 | D | 5 | 6 | A |
| 9 | 6 | 0 | 8 | 3 | 5 | 4 | 7 | A | 1 | C | B | E | 2 | D |
| D | C | A | 6 | 2 | B | 8 | 5 | E | 4 | 3 | 7 | 0 | 1 | 9 |
| E | 5 | 1 | 7 | A | 0 | D | 2 | C | 8 | 6 | 9 | 4 | 3 | B |

ଗତକାଲିର ଉତ୍ତର

# ଏତେ ଦେଶଦ୍ରୋହୀ ଆସିଲେ କୁଆଡୁ



ବିଚିତ୍ର ବିଶ୍ୱାଳ

୨୦୧୪ ପରଠାରୁ ଆମ ଦେଶରେ ସବୁଠାରୁ ଦ୍ରୁତ ଗତିରେ ଯାହା ବଢ଼ିଛି, ତାହା ହେଉଛି ତଥାକଥିତ ଦେଶଦ୍ରୋହୀଙ୍କ ସଂଖ୍ୟା। ସର୍ବୋଚ୍ଚ ଧନିକମାନଙ୍କ ସମ୍ପତ୍ତି, ନିତ୍ୟ ବ୍ୟବହାର୍ଯ୍ୟ ବସ୍ତୁର ଦରଦାମ୍ ଓ ପେଟ୍ରୋଲ୍, ଡିଜେଲର ମୂଲ୍ୟ ପରି ଗୁଣାତ୍ମକ ପ୍ରଗତିରେ ବଢ଼ିଚାଲିଛି ଆମ ଦେଶରେ ଏହି ଦେଶଦ୍ରୋହୀଙ୍କ ସଂଖ୍ୟା। ଏକଥା କେଉଁ ରାଷ୍ଟ୍ରୀୟ କି ଅନ୍ତଃରାଷ୍ଟ୍ରୀୟ ସର୍ବେକ୍ଷଣ ସଂସ୍ଥା କହୁନାହିଁ। ଏକଥା ଖୋଦ୍ ଆମ ସରକାର, ସରକାରରେ ଥିବା ନେତା, ମନ୍ତ୍ରୀ ଓ କେନ୍ଦ୍ରରେ କ୍ଷମତାସୀନ ଦଳର ନେତା ଏବଂ ପ୍ରବକ୍ତାମାନେ ଗତ କିଛି ବର୍ଷ ହେବ ବାରମ୍ବାର କହି ଆସୁଛନ୍ତି। କିନ୍ତୁ ପ୍ରଶ୍ନ ଉଠୁଛି, ଏହି ଛଅ ସାତ ବର୍ଷ ମଧ୍ୟରେ ହଠାତ୍ ଏତେ ଦେଶଦ୍ରୋହୀ ଆସିଲେ କୁଆଡୁ?

କେନ୍ଦ୍ରରେ ଭାଜପା ସରକାର ସ୍ଥାପନ ହେବା ପରଠାରୁ ଆମ ଦେଶରେ ହୋଇଥିବା ବଡ଼ ବଡ଼ ଦୃଷ୍ଟି ଆକର୍ଷଣକାରୀ ଆନ୍ଦୋଳନଗୁଡ଼ିକ ବିଷୟରେ ସରକାରରେ ଥିବା ନେତା, ମନ୍ତ୍ରୀ ଓ ତାଙ୍କ ସମର୍ଥକମାନଙ୍କ ପ୍ରତିକ୍ରିୟାକୁ ଲକ୍ଷ୍ୟ କଲେ ଆମେ ଜାଣିପାରିବା ଯେ, ଭିନ୍ନ ଭିନ୍ନ ସରକାର ବିରୋଧୀ ଆନ୍ଦୋଳନରେ ଏହି ଦେଶଦ୍ରୋହୀମାନଙ୍କ ସଂଖ୍ୟା ବଢ଼ିଚାଲିଛି। ନିକଟ ଅତୀତରେ ଯେତେବେଳେ ଜବାହାରଲାଲ୍ ନେହେରୁ ବିଶ୍ୱବିଦ୍ୟାଳୟରେ ଛାତ୍ରମାନେ ଆନ୍ଦୋଳନ କଲେ, ତାଙ୍କୁ କୁହାଗଲା ଦେଶଦ୍ରୋହୀ। ଏପରିକି ଆନ୍ଦୋଳନକାରୀଙ୍କୁ ସମର୍ଥନ କରୁଥିବା ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ୍‌ଙ୍କ ସେତେବେଳେ ମୁକ୍ତିଲାଭ କରିଥିବା 'ଛପାକ୍' ସିନେମା ଯିଏ ଦେଖିଲା, ତାଙ୍କୁ ବି ଦେଶଦ୍ରୋହୀ କୁହାଗଲା। ୨୦୧୯ରେ ନାଗରିକତ୍ୱ ସଂଶୋଧନ ଆଇନ ଓ ପ୍ରସ୍ତାବିତ ଜାତୀୟ ନାଗରିକ ରେଜିଷ୍ଟର ବିରୋଧରେ ଯେଉଁ ଦେଶବ୍ୟାପୀ ପ୍ରତିବାଦ ଚାଲିଲା, ସେଥିରେ ଭାଗ ନେଇଥିବା ଲୋକମାନଙ୍କୁ ବି ଦେଶଦ୍ରୋହୀ କୁହାଗଲା। ଜାମିଆମିଲିଆ ବିଶ୍ୱବିଦ୍ୟାଳୟରେ ଆନ୍ଦୋଳନରତ ଛାତ୍ରମାନଙ୍କୁ ବି ଦେଶଦ୍ରୋହୀର ଆଖ୍ୟା ଦିଆଗଲା। ସଂପ୍ରତି ପ୍ରଣୟନ ହୋଇଥିବା ତିନୋଟି କୃଷି ଆଇନ ବିରୋଧରେ ଦୀର୍ଘ ଦିନ ଧରି ଜାରି ରହିଥିବା ଆନ୍ଦୋଳନକୁ ବି ବିଚ୍ଛିନ୍ନତାବାଦୀ, ଖଲିସ୍ତାନୀ ଓ ଦେଶଦ୍ରୋହୀ ମାନଙ୍କର ଆନ୍ଦୋଳନ ବୋଲି କୁହାଯାଉଛି। ସରକାରରେ ଥିବା ନେତା, ମନ୍ତ୍ରୀମାନେ ଖୋଦ୍ ଏକଥା କହୁଛନ୍ତି। ଏତଦ୍‌ବ୍ୟତୀତ ଦେଖାଯାଉଛି ଯେ, ଯେଉଁଠି ବି ଯିଏ ସରକାର ବିରୋଧୀ ମତ ପୋଷଣ କରୁଛି, ତାକୁ ଦେଶଦ୍ରୋହୀର ଆଖ୍ୟା ଦେଇ ଚୁପ୍ କରିଦେବାକୁ ଚେଷ୍ଟା କରାଯାଉଛି। ସେମାନେ ଛାତ୍ର ହୁଅନ୍ତୁ, ଚାଷୀ ହୁଅନ୍ତୁ କି ସାମାଜିକ କାର୍ଯ୍ୟକର୍ତ୍ତା ହୁଅନ୍ତୁ। କେତେବେଳେ ତାଙ୍କୁ ଅର୍ବାନ୍ ନକ୍ସଲ କୁହାଯାଉଛି ତ, କେତେବେଳେ ଟୁକ୍‌ଡେ ଟୁକ୍‌ଡେ ଗ୍ୟାଙ୍ଗ୍ ତ, କେତେବେଳେ ଦେଶଦ୍ରୋହୀ।

ପେଟ୍ରୋଲ, ଡିଜେଲର ଆକାଶଛୁଆଁ ମୂଲ୍ୟବୃଦ୍ଧିକୁ ପ୍ରତିବାଦ କଲେ ବି ପ୍ରତିବାଦକାରୀଙ୍କୁ ଦେଶଦ୍ରୋହୀ ବୋଲି କୁହାଯାଉଛି। ଏଠାରେ ପ୍ରଶ୍ନ ଉଠୁଛି, ଦେଶ କ'ଣ କେବଳ ସରକାର! ସରକାରଙ୍କୁ ପ୍ରତିବାଦ କରିବା ଅର୍ଥ ଦେଶର ଦ୍ରୋହ କରିବା? ଏହା ଆଦୌ ନୁହେଁ। ସରକାର, କ୍ଷମତାରେ ଥିବା ନେତା, ମନ୍ତ୍ରୀ ଓ ତାଙ୍କର ସମର୍ଥକମାନେ ଭିନ୍ନ ମତକୁ ସହ୍ୟ କରି ନ ପାରି ଓ ଭିନ୍ନ ମତକୁ ପ୍ରୋତ୍ସାହନ ନ ଦେବା ପାଇଁ ଅତ୍ୟନ୍ତ ଚତୁରତାର ସହିତ ଭିନ୍ନ ମତବାଦୀମାନଙ୍କୁ ଦେଶଦ୍ରୋହୀର ଆଖ୍ୟା ଦେଉଛନ୍ତି। ଗୋଟିଏ ଗଣତାନ୍ତ୍ରିକ ରାଷ୍ଟ୍ର ପାଇଁ ଏହା ହିଁ ସବୁଠାରୁ ବଡ଼ ବିପଦ। ଅସଲ କଥା ହେଉଛି, ଗଣତନ୍ତ୍ର ଉପରେ ଆସ୍ଥା ନ ଥିବା ଲୋକମାନେ ହିଁ ଭିନ୍ନ ମତବାଦୀମାନଙ୍କୁ ଦେଶଦ୍ରୋହୀର ଆଖ୍ୟା ଦିଅନ୍ତି ଓ ସେଇଠୁ ହିଁ ଏକଚ୍ଛତ୍ରବାଦର ଆରମ୍ଭ ହୁଏ। ଅତୀତରେ ଏହା ବାରମ୍ବାର ହୋଇଥିବାର ଆମେ ଦେଖିଛେ। ଫ୍ରାନ୍‌ସର ଏକଚ୍ଛତ୍ରବାଦୀ ଶାସକ ଚତୁର୍ଦ୍ଦଶ ଲୁଇ କହୁଥିଲେ, ମୁଁ ହିଁ ରାଷ୍ଟ୍ର ଓ ରାଷ୍ଟ୍ର କହିଲେ କେବଳ ମୋତେ ହିଁ ବୁଝାଏ। ଏବେ ଆମ ଦେଶର ପରିସ୍ଥିତି ଠିକ୍ ସେଇ ଦିଗକୁ ଯାଉଥିବାର ଦେଖାଯାଉଛି। ଯିଏ ବି ମୋଦି ସରକାରଙ୍କ କୌଣସି ନୀତି ବା ନିଷ୍ପତ୍ତିକୁ ବିରୋଧ କରୁଛି, ତା' ଦେହରେ ଦେଶଦ୍ରୋହର ଟ୍ୟାଗ୍ ଲଗେଇ ଦିଆଯାଉଛି। ସତେ ଯେମିତି ମୋଦି ହିଁ ଦେଶ ଓ ମୋଦିଙ୍କ ନୀତିକୁ ବିରୋଧ କରିବା ଅର୍ଥ ଦେଶଦ୍ରୋହ। ଗଣତନ୍ତ୍ରରେ ପ୍ରତିବାଦ କରିବାର ଅଧିକାର ସମସ୍ତଙ୍କର ଅଛି ଓ ରହିବା ଉଚିତ। ଯଦି ପ୍ରତିବାଦକୁ ଦେଶଦ୍ରୋହର ନାମ ଦିଆଯିବ ତେବେ ବୁଝିବାକୁ ହେବ ଯେ, ଛଦ୍ମ ଭାବେ ଏକଚ୍ଛତ୍ରବାଦ ଆତ୍ମପ୍ରକାଶ କରିବାକୁ ଯାଉଛି। ତେଣୁ ଏବେ ଯେପରି ଭାବେ ଦେଶଦ୍ରୋହୀଙ୍କ ସଂଖ୍ୟା ବଢ଼ି ଚାଲୁଛି, ତାହାର ଅର୍ଥ ହେଉଛି, ଆମ ଦେଶ ଧୀରେ ଧୀରେ ସ୍ୱେଚ୍ଛାଚାରିତା ଦିଗରେ ଗତି କରୁଛି। ଯେତେବେଳେ ବିରୋଧ ଓ ବିରୋଧୀଙ୍କୁ ଦେଶଦ୍ରୋହୀ କୁହାଯାଏ, ସେତେବେଳେ ବୁଝିବାକୁ ହେବ ଯେ, ଦେଶରୁ ଗଣତନ୍ତ୍ର ଅସ୍ତ ହୋଇ ଏକଚ୍ଛତ୍ରବାଦ ଉଦୟ ହେବାକୁ ଯାଉଛି। ଏକଥା କହିଥିଲେ ବର୍ତ୍ତମାନ କ୍ଷମତାସୀନ ଦଳର ପୂର୍ବତନ ନେତା ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ। ବର୍ତ୍ତମାନ ପରିସ୍ଥିତିରେ ବାଜପେୟୀଙ୍କ ଏହି କଥାରୁ ଆମେ କ'ଣ ବୁଝିବା?

ଜାମୁ-କଶ୍ମୀରରେ ୩୭୦ ଧାରା ଉଚ୍ଛେଦ ବେଳେ ସାଂସଦ ଫାରୁକ୍ ଅବ୍‌ଦୁଲାଙ୍କ ଏକ ମନ୍ତବ୍ୟକୁ ଦେଶଦ୍ରୋହ କହି ସର୍ବୋଚ୍ଚ ନ୍ୟାୟାଳୟରେ ଏକ ଜନସ୍ୱାର୍ଥ ମାମଲା ଦାଖଲ ହୋଇଥିଲା। ଏବେ ସର୍ବୋଚ୍ଚ ନ୍ୟାୟାଳୟ ଏହାକୁ ଖାରଜ କରିଦେଇ କହିଛନ୍ତି, ସରକାର ବିରୋଧୀ ବିଚାରଧାରା ଦେଶଦ୍ରୋହ ନୁହେଁ। ପ୍ରକୃତରେ ସରକାରଙ୍କୁ ବିରୋଧ କରିବା ଆଦୌ ଦେଶଦ୍ରୋହ ନୁହେଁ। ଦେଶକୁ ଭଲ ପାଉଥିବା ଲୋକ ସରକାରଙ୍କ ଦୋଷ ଦୁର୍ବଳତା ଓ ଜନବିରୋଧୀ ନୀତିକୁ ନିଶ୍ଚିତ ଭାବେ ପ୍ରଶ୍ନ ପଚାରିବା ଉଚିତ। ଏହା ବାସ୍ତବ ଅର୍ଥରେ ଏକ ଦେଶପ୍ରେମୀ କାର୍ଯ୍ୟ। ଗଣତନ୍ତ୍ର ଓ ସମ୍ବିଧାନ ଆମକୁ ପ୍ରଶ୍ନ ପଚାରିବାର ଓ ଭିନ୍ନ ମତବାଦ ପୋଷଣ କରିବାର ଅଧିକାର ଦେଇଛି। ରାଜତନ୍ତ୍ର ଓ ଏକଚ୍ଛତ୍ରବାଦରେ ବିଶ୍ୱାସ କରୁଥିବା ଲୋକମାନେ ଜନତାଙ୍କ ସ୍ୱରକୁ ଦବେଇ ଦେବାକୁ ଚାହାନ୍ତି ଓ ଜନତାଙ୍କ ସ୍ୱର ତଥା ପ୍ରତିବାଦକୁ ଦେଶଦ୍ରୋହର ଆଖ୍ୟା ଦିଅନ୍ତି। ଗାନ୍ଧୀ କହିଥିଲେ, ଯେଉଁ ଆଇନ ମୋ' ବିବେକ ବିରୋଧରେ ଯିବ, ମୁଁ ତାକୁ ନିଶ୍ଚୟ ପ୍ରତିବାଦ କରିବି। ତେଣୁ ବିରୋଧ ବା ପ୍ରତିବାଦ ହେଉଛି ଗଣତନ୍ତ୍ରର ଆତ୍ମା ସଦୃଶ। ବିଗତ କିଛି ଦିନ ହେବ ଏହି ପ୍ରତିବାଦର ଧାରାକୁ ବନ୍ଦ କରିବା ପାଇଁ ଅତ୍ୟନ୍ତ ଚତୁରତାର ସହିତ ପ୍ରତିବାଦ ସହିତ ଦେଶଦ୍ରୋହକୁ ଯୋଡ଼ି ସାଧାରଣ ଲୋକମାନଙ୍କୁ ଭୁଆଁ ବୁଲେଇବାକୁ ଚେଷ୍ଟା କରାଯାଉଛି। ଏ କାମ ଖୋଦ୍ ସରକାର କରୁଛନ୍ତି। ଏହା ନିଶ୍ଚିତ ଯେ, ଆଗାମୀ ଦିନରେ ସରକାର ବିରୋଧୀ ପ୍ରତିବାଦ ଆହୁରି ତୀବ୍ର ହେବ ଓ ସମତାଳରେ ସରକାରୀ ଷ୍ଟାମ୍ପ୍‌ଦିଆ ଦେଶଦ୍ରୋହୀଙ୍କ ସଂଖ୍ୟା ବି ବଢ଼ିବ। କ୍ଷମତାସୀନ ଦଳର ଅନ୍ଧ ସମର୍ଥକ ତଥା ଭକ୍ତମାନେ ଏପରି ପ୍ରଚାର ଖୁବ୍ ଜୋର୍‌ରେ କରୁଛନ୍ତି। କ୍ଷମତାସୀନ ଦଳର ଆଇ.ଟି. ସେଲ୍ ତାଙ୍କୁ ସମସ୍ତ ପ୍ରକାର ମିଥ୍ୟା ଓ ପ୍ରବଞ୍ଚନାପୂର୍ଣ୍ଣ ତଥ୍ୟ ଯୋଗାଇ ଦେଇ ସରକାରୀ ବିରୋଧୀ ମତବାଦକୁ ନ୍ୟୂନ କରିବାର ସମସ୍ତ ପ୍ରକାର ପ୍ରୟାସ କରୁଛନ୍ତି।

ଏହି ଧାରାରେ ସଂପ୍ରତି ଆମ ଦେଶରେ ଦେଶଦ୍ରୋହୀଙ୍କ ସଂଖ୍ୟା ଏପରି ଭାବେ ବଢ଼ିଲାଣି ଯେ, ଆପଣଙ୍କ ଚାରିପାଖରେ ଥିବା ଲୋକମାନଙ୍କ ମଧ୍ୟରୁ କିଏ ଜଣେ ସାଂଘାତିକ ଦେଶଦ୍ରୋହୀ ଥାଇପାରେ। କାରଣ ଆଜି ଦେଶଦ୍ରୋହୀ ହେବାରେ ଦେଶ ସହିତ ଶତ୍ରୁତା କରିବା ଆବଶ୍ୟକ ନାହିଁ। ଆପଣ ଯଦି ନୀତିଗତ ଭାବେ ଧର୍ମ ନାଁରେ ହିଂସାର ବିରୋଧୀ, ଆପଣ ଯଦି ଧର୍ମନିରପେକ୍ଷ ବା ସର୍ବଧର୍ମ ସମନ୍ୱୟର କଥା କହୁଛନ୍ତି ବା ଆପଣ ଯଦି ପ୍ରଧାନମନ୍ତ୍ରୀ ମୋଦିଙ୍କ ନୀତିକୁ ବିରୋଧ କରୁଛନ୍ତି, ତେବେ ଆପଣଙ୍କ ପାଇଁ ଦେଶଦ୍ରୋହୀର ଟ୍ୟାଗ୍‌ଟିଏ ସଜ୍ଜା ହୋଇ ରହିଛି।

ଆମ ଦେଶରେ ତ ପ୍ରତିବାଦ ବା ଆନ୍ଦୋଳନ ଏବେ ନୂଆ ହୋଇ ହେଉନାହିଁ। ଅନେକ ପୂର୍ବରୁ ଆନ୍ଦୋଳନ ଚାଲୁଛି। ଲୋକମାନେ ସରକାରଙ୍କ ନୀତିକୁ ପ୍ରତିବାଦ କରି ଆସୁଛନ୍ତି। ସେତେବେଳେ ତ ସେମାନଙ୍କୁ ଦେଶଦ୍ରୋହୀ କୁହାଯାଉନଥିଲା। ଏବେ କାହିଁକି କୁହାଯାଉଛି? ୨୦୧୩ରେ ଉପା ସରକାର ସମୟରେ ଆନ୍ନା ହାଜାରେଙ୍କ ନେତୃତ୍ୱରେ କେନ୍ଦ୍ର ସରକାରଙ୍କ ବିରୋଧରେ ଏକ ବିରାଟ ଆନ୍ଦୋଳନ ଗଢ଼ି ଉଠିଥିଲା। ବାବା ରାମଦେବଙ୍କ ନେତୃତ୍ୱରେ ବି କ୍ଷମତାସୀନ ଉପା ସରକାର ବିରୋଧରେ ଦୃଢ଼ ଆନ୍ଦୋଳନ ହୋଇଥିଲା। ଏହି ସବୁ ଆନ୍ଦୋଳନର ପରିଣାମ ସ୍ୱରୂପ ଉପା ସରକାରର ପତନ ହେଲା। କିନ୍ତୁ ସେତେବେଳେ ତ ଆନ୍ଦୋଳନକୁ ବା ଆନ୍ଦୋଳନକାରୀଙ୍କୁ ଦେଶଦ୍ରୋହୀର ଆଖ୍ୟା ଦିଆଯାଇନଥିଲା। ଏବେ ସରକାର ବିରୋଧରେ ପ୍ରତିବାଦ କଲାମାତ୍ରେ ତାହାକୁ ଦେଶଦ୍ରୋହ କୁହାଯାଉଛି କାହିଁକି? ଗୋଟିଏ ଗଣତାନ୍ତ୍ରିକ ଦେଶରେ ଭିନ୍ନ ମତକୁ ସମ୍ମାନ କରିବାକୁ ସରକାର ଭୟ କରୁଛନ୍ତି କାହିଁକି?

ପ୍ରକୃତରେ ଦେଶଦ୍ରୋହୀଙ୍କ ସଂଖ୍ୟା ବଢ଼ିନାହିଁ। ଦେଶର ସଂଜ୍ଞାକୁ ତ୍ରୁଟିପୂର୍ଣ୍ଣ ଭାବେ ପରିପ୍ରକାଶ କରାଯାଉଛି। ସରକାର ଦେଶ ନୁହେଁ। ଦେଶ ସରକାରଠାରୁ ବହୁତ ଊର୍ଦ୍ଧ୍ୱରେ ଓ ଗଭୀରରେ ଅଛି। ଦେଶକୁ ଓ ଦେଶର ଗଣତନ୍ତ୍ରକୁ ରକ୍ଷା କରିବାକୁ ହେଲେ, ପ୍ରତିବାଦର ସଂସ୍କୃତିକୁ ବଞ୍ଚେଇ ରଖିବାକୁ ହେବ। ଯେଉଁମାନେ ପ୍ରତିବାଦକୁ ସହ୍ୟ କରିପାରିବାର ଯୋଗ୍ୟତା ରଖନ୍ତି ନାହିଁ, ସେମାନେ ହିଁ ଅସଲରେ ଗଣତନ୍ତ୍ରର ବିରୋଧୀ ଓ ଦେଶର ଶତ୍ରୁ।

– ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର

# ଏମାନଙ୍କୁ କ୍ଷମା କର...



ହରିଶ ଚନ୍ଦ୍ର ଅରିଶଲ୍ୟ

ପ୍ରଭୁ ଯିଶୁଖ୍ରୀଷ୍ଟଙ୍କୁ ୩୨ ଏଡି'ରେ କ୍ରୁଶ ଉପରେ ନିଷ୍ଠୁର ଭାବରେ ହତ୍ୟା କରାଯାଇଥିବା ଦିନକୁ ଶୁଭ ଶୁକ୍ରବାର ରୂପେ ପୃଥିବୀ ସାରା ପାଳନ କରାଯାଉଛି। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ମାନବ ଜାତିର ପାପ କ୍ଷମା ଓ ମୋକ୍ଷ ପାଇଁ ବଳିକୃତ ହେବା ସମୟରେ କ୍ରୁଶ ଉପରୁ ପ୍ରଭୁ ଯିଶୁଖ୍ରୀଷ୍ଟ ସାତୋଟି ତାତ୍ପର୍ଯ୍ୟପୂର୍ଣ୍ଣ ବାଣୀ କହିଥିଲେ। ଯିଶୁଖ୍ରୀଷ୍ଟଙ୍କ ସେହି ସପ୍ତବାଣୀ ଆଜି ସମାଜକୁ ପ୍ରେରଣା ଓ ଉତ୍ସାହ ଦେଉଛି।

**ପ୍ରଥମ ବାଣୀ:** ''ହେ ପିତା, ଏମାନଙ୍କୁ କ୍ଷମା କର, କାରଣ ସେମାନେ କ'ଣ କରୁଛନ୍ତି ତାହା ଜାଣନ୍ତି ନାହିଁ।'' ଲୁକ୍ ୨୩:୩୪, ଏହା ଥିଲା ପ୍ରଭୁ ଯିଶୁଖ୍ରୀଷ୍ଟଙ୍କ ପିତା ଈଶ୍ୱରଙ୍କ ନିକଟରେ କ୍ଷମା ନିମନ୍ତେ ପ୍ରାର୍ଥନା। କ୍ଷମା କରିବାର ଆଦର୍ଶ ଦେଖାଇ ପ୍ରଭୁ ଯିଶୁଖ୍ରୀଷ୍ଟ କ୍ରୁଶରେ ବଳିକୃତ ହୋଇ ମୃତ୍ୟୁ ଭୋଗ କରିଥିଲେ। କ୍ଷମାକରିବା ଏକ ମହତ୍ ଶକ୍ତି, ବିଶେଷକରି ସାମର୍ଥ୍ୟ ଥାଇ କ୍ଷମାକରିବା ଈଶ୍ୱରୀୟ ପରିଚୟ। ସମସ୍ତେ ଏ ପ୍ରକାର କ୍ଷମା କରିପାରନ୍ତି ନାହିଁ। ପ୍ରଭୁ ଯିଶୁ କ୍ଷମାର ଆଧାର। ପାପ କ୍ଷମା ନିମନ୍ତେ ସେ ସମସ୍ତଙ୍କୁ ଆହ୍ୱାନ କରନ୍ତି। ପ୍ରଭୁ ଯିଶୁଙ୍କ ଆଦର୍ଶ ପ୍ରାର୍ଥନା ହେଉଛି, ''ଆମ୍ଭମାନଙ୍କର ଅପରାଧ କ୍ଷମାକର, ଯେପରି ଆମ୍ଭେମାନେ ନିଜର ଅପରାଧୀଙ୍କୁ କ୍ଷମା କରିଅଛୁ''। – ବାଇବଲ। ଶୁଭ ଶୁକ୍ରବାରରେ ପ୍ରଭୁ ଯିଶୁଖ୍ରୀଷ୍ଟଙ୍କ ଦ୍ୱାରା କ୍ଷମା ପ୍ରକାଶିତ ହେଲା।

**ଦ୍ୱିତୀୟ ବାଣୀ:** ''ମୁଁ ତୁମ୍ଭକୁ ସତ୍ୟ କହୁଅଛି ଆଜି ତୁମ୍ଭେ ମୋ ସହିତ ପାରଦୀଶରେ ଉପସ୍ଥିତ ହେବ।'' ଲୁକ୍ ୨୩:୪୩-ବାଇବଲ। କ୍ରୁଶରେ ଚଢ଼ାଯାଇଥିବା ଦୁଇଜଣ ଦୁଷ୍କର୍ମକାରୀଙ୍କ ମଧ୍ୟରୁ ଜଣେ ଯିଶୁଖ୍ରୀଷ୍ଟଙ୍କୁ ନିନ୍ଦା କରି କହିଲା, ତୁମେ କ'ଣ ଖ୍ରୀଷ୍ଟ ନୁହଁ, ନିଜକୁ ଏବଂ ଅନ୍ୟମାନଙ୍କୁ ରକ୍ଷା କର। କିନ୍ତୁ ଅନ୍ୟ ଜଣକ ତାକୁ ଧମକ ଦେଇ କହିଲା, ତୁମେ ସମାନ ଦଣ୍ଡ ପାଇଛ, ତୁମେ ଈଶ୍ୱରଙ୍କୁ ମଧ କ'ଣ ଭୟ କରୁନାହଁ? ଆମେ ଦୁଇଜଣ ସିନା ନ୍ୟାୟରେ ଦଣ୍ଡ ଭୋଗୁଛୁ କାରଣ ଆମେ ଦୁହେଁ ନିଜ ନିଜ କର୍ମର ସମୁଚିତ ଫଳ ପାଉଅଛୁ। କିନ୍ତୁ ଏହି ପ୍ରଭୁ ଯିଶୁ କୌଣସି ଦୋଷ କରିନାହାନ୍ତି। ପୁଣି ସେ ପ୍ରଭୁ ଯିଶୁଙ୍କୁ ନିବେଦନ କରି କହିଲା, ''ହେ ପ୍ରଭୁ ଆପଣ ନିଜ ରାଜ୍ୟରେ ପ୍ରବେଶ କଲେ, ମୋତେ ସ୍ମରଣ କରନ୍ତି।'' ସାଙ୍ଗେ ସାଙ୍ଗେ ପ୍ରଭୁ ଯିଶୁ କହିଲେ, ''ମୁଁ ତୁମକୁ ସହ୍ୟ କରୁଅଛି, ଆଜି ତୁମ୍ଭେ ମୋ ସହିତ ପାରଦୀଶରେ ଉପସ୍ଥିତ ହେବ''। ପ୍ରଭୁ ଯିଶୁ ନିଜର ଯନ୍ତ୍ରଣା ଓ ଦୁଃଖକୁ ଏଡ଼ାଇ ଦେଇ, ବିଶେଷ ଦୟା ବହି ସେହି କ୍ରୁଶାର୍ପିତ ଦୁଷ୍କର୍ମକାରୀକୁ ଅତି ସାନ୍ତ୍ୱନାଦାୟକ ଉତ୍ତର ଦେଲେ। ପ୍ରଭୁ ଯିଶୁଙ୍କ ଏହି ଦ୍ୱିତୀୟ ବାଣୀ ମଧ୍ୟ କ୍ଷମା ଉପରେ ଆଧାରିତ।

**ତୃତୀୟ ବାଣୀ :** ''ଯିଶୁ କହିଲେ, ଗୋ ନାରୀ, ଦେଖ ତୁମ୍ଭ ପୁତ୍ର। ସେହି ଶିଷ୍ୟକୁ କହିଲେ, ଦେଖ ତୁମର ମାତା'' ଯୋହନ ୧୯:୨୬-୨୭-ବାଇବଲ। ଈଶ୍ୱର ଅଦୃଶ୍ୟ କିନ୍ତୁ ଆମ୍ଭମାନଙ୍କର ମାତାପିତା ଦୃଶ୍ୟ। ଆମ ପାଖରେ ନିକଟରେ ଦୃଶ୍ୟମାନ। ମାତାପିତାଙ୍କ ସେବା କରିବା, ଯତ୍ନ ନେବା ଜରୁରୀ ନଚେତ୍ ଆମର ଈଶ୍ୱରସେବା, ଆରାଧନା, ଉପାସନା ଓ ଭକ୍ତି, ପୂଜା ଅର୍ଚ୍ଚନା ବୃଥା। ମାତାପିତାଙ୍କୁ ସମାଦାର କରିବା, ସମ୍ମାନ ଭକ୍ତି ସହ ସେବା କରିବା ଏବଂ ତାଙ୍କର ଯତ୍ନ ନେବା ଦାୟିତ୍ୱ ଏହି ବାଣୀରୁ ଶିକ୍ଷା ମିଳେ।

**ଚତୁର୍ଥ ବାଣୀ:** ''ଯିଶୁ ଉଚ୍ଚ ସ୍ୱରରେ ଡାକି କହିଲେ, 'ଏଲୀ, ଏଲୀ, ଲାମା, ସବକଧାନୀ... ହେ ମୋହର ଈଶ୍ୱର, ହେ ମୋହର ଈଶ୍ୱର, ତୁମ୍ଭେ ମୋତେ କାହିଁକି ପରିତ୍ୟାଗ କଲ'? ମାଥିଉ ୨୭:୪୬-ବାଇବଲ''। ତିନିଘଣ୍ଟା କାଳ ଅନ୍ଧକାର ହେଲା ପରେ, ପ୍ରଭୁ ଯିଶୁଖ୍ରୀଷ୍ଟ ଦୁଃଖର ସହ ଏହି ଚତୁର୍ଥବାଣୀ କହିଥିଲେ। ପାଲେଷ୍ଟାଇନ୍‌ରେ ସେତେବେଳେ ସମୟ ଅପରାହ୍ନ ତିନି ଘଟିକା ହୋଇଥିଲା। ଶାରୀରିକ ମୃତ୍ୟୁ ସମୟରେ ପ୍ରଭୁ ଯିଶୁ ଏକୁଟିଆ ଅନୁଭବ କରିଛନ୍ତି। ପ୍ରଭୁ ଯିଶୁଙ୍କ ସେହି ଦୁଃଖଦ ସମୟ, ପାପ ହେତୁ ମାନବ ସମାଜ ଓ ଈଶ୍ୱରଙ୍କ ମଧ୍ୟରେ ବିଚ୍ଛିନ୍ନ ହୋଇଥିବା ପରିସ୍ଥିତିକୁ ବୁଝାଏ।

## ଗୁଡ୍ ଫ୍ରାଇଡେ' ଉପଲକ୍ଷେ

**ପଞ୍ଚମ ବାଣୀ:** 'ମୋତେ ତୃଷା ଲାଗୁଅଛି' ଯୋହନ ୧୯:୨୮। କ୍ରୁଶ ଉପରେ ଶାରୀରିକ ଯନ୍ତ୍ରଣା ଭୋଗ କରୁଥିବା ଅବସ୍ଥାରେ ଏହା ହିଁ ଥିଲା ତାଙ୍କର ଶାରୀରିକ ନିର୍ଯାତନାର ଭାବ ପ୍ରକାଶ। ବାଇବଲ କୁହେ, ପ୍ରଭୁ ଯିଶୁଖ୍ରୀଷ୍ଟ ଭୋଗିଥିବା ଯନ୍ତ୍ରଣାରେ ଆମେ ପାପରୁ କ୍ଷମାପ୍ରାପ୍ତ ଓ ସୁସ୍ଥ ହେଲୁ। ''ପ୍ରଭୁ ଯିଶୁଖ୍ରୀଷ୍ଟ କହିଲେ, କେହି ମୋ'ଠାରୁ ମୋ ଜୀବନ ନେଇଯାଇନାହିଁ।'' ମାତ୍ର ମୁଁ ଆପେ ତାହା ଦାନ କରେ, ତାହା ଦାନ କରିବାକୁ ମୋର ଅଧିକାର ଅଛି ଓ ତାହା ପୁନର୍ବାର ଗ୍ରହଣ କରିବାକୁ ମୋର ଅଧିକାର ଅଛି।

**ଷଷ୍ଠ ବାଣୀ:** ସମାପ୍ତ ହେଲା ଯୋହନ ୧୯:୩୦- ବାଇବଲ। ସୌର ଜଗତର ଶ୍ରେଷ୍ଠ – ମନୁଷ୍ୟ ସମାଜର ପାପ କ୍ଷମା ପାଇଁ ଜରୁରୀ ଥିବା ବଳିଦାନକୁ ପ୍ରଭୁ ଯିଶୁଖ୍ରୀଷ୍ଟ ନିଜ ପବିତ୍ର ରକ୍ତ ବଳିଦାନ କରି ସମାପ୍ତ କଲେ। ପ୍ରଭୁ ଯିଶୁଖ୍ରୀଷ୍ଟଙ୍କ ମନୁଷ୍ୟ ଅବତାର ଉଦ୍ଦେଶ୍ୟ ସଫଳତା ବଳିଦାନର ଲକ୍ଷ୍ୟ ସାଧନ ଶେଷ ବଳିଦାନ ଉତ୍ସର୍ଗୀକୃତ ନୂତନ ନିୟମ ସ୍ଥାପନର ସୋପାନ ଓ ଅଧ୍ୟାୟ ପରିସମାପ୍ତ ହେଲା। ପାପ କ୍ଷମା ନିମନ୍ତେ, ପବିତ୍ର ଏକକାଳୀନ ଗ୍ରହଣଯୋଗ୍ୟ ବଳିଦାନ ସମାପ୍ତ ହେଲା। ପାପ ହେତୁ, ମନୁଷ୍ୟ ଜାତି ଉପରେ ପବିତ୍ର ଈଶ୍ୱରଙ୍କ କ୍ରୋଧ ଓ ବିଚାର ସମାପ୍ତ ହେଲା। ମଣିଷ ଉପରେ ପାପର ଦାସତ୍ୱବନ୍ଧନ ସମାପ୍ତ ହେଲା। ପ୍ରଭୁ ଯିଶୁଖ୍ରୀଷ୍ଟ ନୂତନ ନିୟମ ସ୍ଥାପନ କରି ସମସ୍ତ ବ୍ୟବସ୍ଥା, ବଳିଦାନ, ପାପରୁ ମୋକ୍ଷ ନିୟମ ଧାରାକୁ ସମାପ୍ତ କଲେ। ମୁକ୍ତି, ମୋକ୍ଷ ଓ ପରିତ୍ରାଣ ନିମନ୍ତେ ସମସ୍ତ କାର୍ଯ୍ୟ ସମାପ୍ତ ହେଲା। ପ୍ରଭୁ ଯିଶୁ, ସମସ୍ତ ଜଗତର ପାପ ନିମନ୍ତେ ମଧ୍ୟ ପ୍ରାୟଶ୍ଚିତ୍ତ ସ୍ୱରୂପ ଅଟନ୍ତି।

**ସପ୍ତମ ବାଣୀ:** ହେ ପିତା ତୁମ୍ଭ ହସ୍ତରେ ମୁଁ ଆପଣାର ଆତ୍ମା ସମର୍ପଣ କରୁଅଛି। ଲୁକ୍ ୨୩:୪୬-ବାଇବଲ। ପ୍ରଭୁ ଯିଶୁଖ୍ରୀଷ୍ଟ ପୃଥିବୀକୁ ଆସି ପରିତ୍ରାଣ ମୁକ୍ତି ମୋକ୍ଷ ସାଧନ କରିଥିଲେ ଏବଂ ପିତାଙ୍କ ନିକଟକୁ ପ୍ରତ୍ୟାବର୍ତ୍ତନ କଲେ। ସମସ୍ତଙ୍କ ପାଇଁ ପାପକ୍ଷମାର ବଳିଦାନ ଉତ୍ସର୍ଗ କରି ପ୍ରଭୁ ଯିଶୁ ପରମେଶ୍ୱରଙ୍କ ନିକଟକୁ ସମର୍ପିତ ହୋଇ ଫେରିଗଲେ। ବାଇବଲ କହେ, ''ଏଥିପାଇଁ ଖ୍ରୀଷ୍ଟ ଆମ୍ଭମାନଙ୍କ ନିମନ୍ତେ ଅଭିଶପ୍ତ ହୋଇ ବ୍ୟବସ୍ଥାର ଅଭିଶାପରୁ ମୂଲ୍ୟ ଦେଇ ଆମ୍ଭମାନଙ୍କୁ ମୁକ୍ତ କଲେ। ଯେଣୁ ଶରୀର ସକାଶେ ଦୁର୍ବଳ ହେବାରୁ ବ୍ୟବସ୍ଥା ଯାହା ସାଧନ କରିପାରିଲା ନାହିଁ, ତାହା ଈଶ୍ୱର ଆପଣା ପୁତ୍ରକୁ ପାପମୟ ଶରୀରର ସଦୃଶ୍ୟରେ ପାପ ବିନାଶ ନିମନ୍ତେ ପ୍ରେରଣ କରି ଶରୀରରେ ପାପକୁ ଦଣ୍ଡାଜ୍ଞା ଦେଲେ।''

ଶୁଭ ଶୁକ୍ରବାର ଆହ୍ୱାନ ହେଉଛି:- '' ଈଶ୍ୱର ଜଗତକୁ ଏପରି ପ୍ରେମ କଲେ ଯେ, ଈଶ୍ୱର ଆପଣା ଏକମାତ୍ର ପୁତ୍ର ପ୍ରଭୁ ଯିଶୁଙ୍କୁ ଜଗତକୁ ପ୍ରେରଣ କଲେ, ଯେପରି ଯେ କେହି ପ୍ରଭୁ ଯିଶୁଙ୍କଠାରେ ବିଶ୍ୱାସ କରେ, ସେ ବିନଷ୍ଟ ନ ହୋଇ ଅନନ୍ତ ଜୀବନ ପାଇବ। ପ୍ରଭୁ ଯିଶୁ କହିଲେ, ''ମୁଁ ପଥ ସତ୍ୟ ଓ ଜୀବନ। ପୁଣି କହିଲେ, ମୁଁ ପୁନରୁତ୍ଥାନ ଓ ଜୀବନ।'' ହେ ପରିଶ୍ରାନ୍ତ ଓ ଭାରଗ୍ରସ୍ତ ଲୋକ ସମସ୍ତେ, ମୋ ନିକଟକୁ ଆସ, ମୁଁ ତୁମ୍ଭମାନଙ୍କୁ ବିଶ୍ରାମ ଦେବି।

ମୋ:୯୪୯୪୭୮୨୭୭୭

## ଏଇ ଭାରତରେ

ବିଜନେସ୍ ଲ'ରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରି ଚାହିଁଥିଲେ ଜଣେ ଭଲ ଆଇନଜୀବୀ ହୋଇପାରିଥାଆନ୍ତେ ଶୋକାଥ ଜମାଲ। କିନ୍ତୁ ସେ ସାଗରର ସୁରକ୍ଷା ଏବଂ ବେଳାଭୂମିର ସ୍ୱଚ୍ଛତା ଉପରେ କାର୍ଯ୍ୟ କରୁଛନ୍ତି। ବେ ଅଫ ଲାଇଫ ସର୍ଫିଙ୍ଗ ସ୍କୁଲ ଖୋଲି ଛାତ୍ର ଓ ବୟସ୍କମାନଙ୍କୁ ମାଗଣାରେ ସର୍ଫିଙ୍ଗ ପ୍ରଶିକ୍ଷଣ ଦେଇ ସେମାନଙ୍କ ସହଯୋଗରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଜାରି ରଖିଛନ୍ତି। କେବଳ ଏତିକି ନୁହେଁ, ସେ ବନ୍ୟଜୀବ ସୁରକ୍ଷା ଏବଂ ଜନସଂଖ୍ୟା ନିୟନ୍ତ୍ରଣ କରିବା ଦିଗରେ ଅଭିଯାନ ଚଳାଇଛନ୍ତି। ତାମିଲନାଡୁ ଚେନ୍ନାଇର କୋଭାଲାମ ବିଚ୍‌ରେ ସେ ବର୍ଜ୍ୟ ସଂଗ୍ରହ ଅଭିଯାନ ଆରମ୍ଭ କରି ଏଯାବତ୍ ୨୪,୦୦୦ କେ.ଜି. ବର୍ଜ୍ୟ ସଂଗ୍ରହ କରିସାରିଛନ୍ତି। ସର୍ଫିଙ୍ଗ ସ୍କୁଲ ଖୋଲିବା ପୂର୍ବରୁ ସେ ବିଚ୍‌ରେ ବିଦେଶୀମାନଙ୍କଠାରୁ ସର୍ଫିଙ୍ଗ ପ୍ରଶିକ୍ଷଣ ନେଇଥିଲେ। ୨୦୧୭ରେ ପ୍ରଥମେ କଲେଜ ଛାତ୍ରମାନଙ୍କୁ ନେଇ ବିଚରେ ସଫେଇ କାର୍ଯ୍ୟ ଆରମ୍ଭ କରିଥିଲେ। ଏହାପରେ ଦୁଇ ବର୍ଷ ମଧ୍ୟରେ ୫୦୦ କେ.ଜି. ବର୍ଜ୍ୟ ସଂଗ୍ରହ କରାଯାଇପାରିଥିଲା। ଏବେ ସୁଦ୍ଧା ୬୬ ଜଣ ବ୍ୟକ୍ତି ବିଚ୍ ସଫେଇ କାର୍ଯ୍ୟକ୍ରମରେ ଯୋଗଦେଇ ମାଗଣାରେ ସର୍ଫିଙ୍ଗ ପ୍ରଶିକ୍ଷଣ ନେଇସାରିଛନ୍ତି। ମୋଟରେ ସର୍ଫିଙ୍ଗ୍ ସ୍କୁଲରେ ମାଗଣାରେ ୯,୦୦୦ ଛାତ୍ର ପ୍ରଶିକ୍ଷଣ ପାଇସାରିଛନ୍ତି। ଏଥିପାଇଁ ୧୪ ଜଣ ସର୍ଫର ପ୍ରଶିକ୍ଷକ ରହିଛନ୍ତି। ମାଗଣାରେ ସର୍ଫିଙ୍ଗ୍ ଶିଖିବାକୁ ହେଲେ ଛାତ୍ରମାନଙ୍କୁ ବର୍ଜ୍ୟ ଗୋଟେଇ ବେ ଅଫ୍ ଲାଇଫ୍ ଅଫିସ୍‌ରେ ଦେଉଛନ୍ତି। ସେହିପରି ବୟସ୍କମାନେ ୫ କେ.ଜି. ବର୍ଜ୍ୟ ସଂଗ୍ରହ କରିବାକୁ ପଡୁଛି। ଅନ୍ୟମାନେ ଦେୟ ଦେଇ ସର୍ଫିଙ୍ଗ ଶିକ୍ଷା ନେଉଛନ୍ତି। ଏଥିରୁ ଯାହା ଆୟ ହେଉଛି ତାହାକୁ ଜମାଲ ବିଭିନ୍ନ ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମରେ ଲଗାଉଛନ୍ତି।

## ଚିରନ୍ତନୀ

ଦେଖାଇଲ ଭାବନାର ଉର୍ବରତା
ପ୍ରାଣର ପ୍ରାଚୁର୍ଯ୍ୟ
ଘେନ ତେଣୁ ନବୀନର ଶ୍ରଦ୍ଧା ଅଘର୍ଯ୍ୟ
ହେ ପୁରାଣ ପୂଜ୍ୟ !

-(ପ୍ରାଚୀନ ଓ ନବୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ଅଧାରେ ଅଟକିଲା ମଣ୍ଡି

ମହାଶୟ,

ଖରିଫ ଧାନ ସଂଗ୍ରହକୁ ନେଇ ଚରମ ଅବ୍ୟବସ୍ଥା। ପୁରୀ ଜିଲା ସତ୍ୟବାଦୀ ବ୍ଲକର ୨୪ ଗୋଟି ପଞ୍ଚାୟତରେ ଧାନ ବିକ୍ରି ନେଇ ଚାଷୀମାନେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି; ଯାହାର ପଛରେ ସରକାରୀ ନୀତି ହିଁ ଦାୟୀ ବୋଲି ଚାଷୀ ସଂଗଠନ ପ୍ରତିନିଧି ବିକ୍ଷୋଦ୍‌ଗାର କରି ଆସିଛନ୍ତି। ଚାଷୀଙ୍କ ଅଭାବୀ ଧାନ ବିକ୍ରି ରୋକିବାକୁ ସରକାର ମଣ୍ଡିର ବ୍ୟବସ୍ଥା କରିଥିବା ବେଳେ ଲକ୍ଷ୍ୟ ଧାର୍ଯ୍ୟଠାରୁ ଅଧିକ ମିଲରମାନେ ମଣ୍ଡିକୁ ଧାନ ନେବାକୁ ଆସୁନାହାନ୍ତି; ଯାହାକୁ ନେଇ ଚାଷୀ ମୁଣ୍ଡରେ ଚଢ଼କ ପଡ଼ିଥିବା ବେଳେ ଅଧାରୁ ମଣ୍ଡି ବନ୍ଦ ଆଶଙ୍କା ଉପୁଜିଛି। ଏପରି ଘଟଣା ସତ୍ୟବାଦୀ ବ୍ଲକ ଶ୍ରୀରାମଚନ୍ଦ୍ରପୁର ସେବା ସମବାୟ ସମିତିରେ ଦେଖିବାକୁ ମିଳିଛି। ସତ୍ୟବାଦୀ ବ୍ଲକର ବିଭିନ୍ନ ଗ୍ରାମ ପଞ୍ଚାୟତରେ କୃଷି ସେବା ସମବାୟ ସମିତି ପକ୍ଷରୁ ଖୋଲାଯାଇଥିବା ମଣ୍ଡିଗୁଡ଼ିକ ଏକ ପ୍ରକାର ବନ୍ଦ ହୋଇଗଲାଣି। ଏଥିଯୋଗୁ ଅଧିକାଂଶ ଚାଷୀ ଧାନ ବିକିବାରୁ ବଞ୍ଚିତ ହେଉଛନ୍ତି। ଠିକ ଭାବେ ବିଭାଗ ପକ୍ଷରୁ ଚାଷୀଙ୍କୁ ଟୋକନ ଦିଆ ନ ଯିବା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗତ କିଛିଦିନ ଧରି ସୂଚନା ଅନୁଯାୟୀ ଚାଷୀ ସମବାୟ ସମିତି କାର୍ଯ୍ୟାଳୟରେ ଯୋଗାଯୋଗ କରିଥିଲେ ମଧ୍ୟ ଟାର୍ଗେଟ ଆସି ନ ଥିବା କହି ସଂପାଦକମାନେ ବାରମ୍ବାର ଫେରାଇ ଥିବା ଦେଖିବାକୁ ମିଳିଛି।

–ଦେବଚିତ୍ତ ମିଶ୍ର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ‘ଓଡ଼ିଶା ଆଜି ଶକ୍ତ ଓ ବିକାଶର ନୂଆ ପରିଚୟ’


ଭର୍ଚୁଆଲ ମୋଡରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।



ଅତିଥିମାନେ ଓଡ଼ିଶା ରିଭ୍ୟୁର ସ୍ୱତନ୍ତ୍ର ସଂଖ୍ୟାର ଉନ୍ମୋଚନ କରୁଛନ୍ତି।

**ଭୁବନେଶ୍ୱର, ୧।୪ (ବ୍ୟୁରୋ)**

### ରାଜ୍ୟସ୍ତରୀୟ ଓଡ଼ିଶା ଦିବସ

ଓଡ଼ିଆ ଜାତିର ଭାଷା, ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା ସହ ଓଡ଼ିଶାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ପାଇଁ ଆମ ବରପୁତ୍ରମାନେ ଆପ୍ରାଣ ଉଦ୍ୟମ କରିଥିଲେ। ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ଖଲ୍ଲିକୋଟ ରାଜା ବାହାଦୁର ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ, ପଣ୍ଡିତ ଗୋଦାବରୀଶ ମିଶ୍ର, ଫକୀର ମୋହନ ସେନାପତି, ଗଙ୍ଗାଧର ମେହେରଙ୍କ ପରି ବରପୁତ୍ରଙ୍କ ତ୍ୟାଗ ଓ ସଂଗ୍ରାମ ଯୋଗୁ ସ୍ୱତନ୍ତ୍ର ଓଡ଼ିଶାର ସ୍ୱପ୍ନ ସଫଳ ହୋଇପାରିଛି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ପବିତ୍ର ଓଡ଼ିଶା ଦିବସ ଅବସରରେ ଗୁରୁବାର ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଭର୍ଚୁଆଲ୍‌ରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଲେ, ଭାଷାଭିତ୍ତିକ ରାଜ୍ୟ ଗଠନ କ୍ଷେତ୍ରରେ ଓଡ଼ିଶା ସମସ୍ତଙ୍କୁ ରାସ୍ତା ଦେଖାଇଥିଲା। ମହିଳା ସଶକ୍ତୀକରଣ, ବିପର୍ଯ୍ୟୟ ପରିଚାଳନା, ଅନ୍ତର୍ଜାତୀୟ କ୍ରୀଡା ପ୍ରତିଯୋଗିତା ଆୟୋଜନ, ଗରିବଙ୍କ ପାଇଁ କଲ୍ୟାଣ କାର୍ଯ୍ୟକ୍ରମ ଆଦି କ୍ଷେତ୍ରରେ ଓଡ଼ିଶା ସମଗ୍ର ଦେଶରେ ମଡେଲ ହୋଇପାରିଛି। କୃଷି, ଶିଳ୍ପ, ସ୍ୱାସ୍ଥ୍ୟ ଓ ଭିତ୍ତିଭୂମି କ୍ଷେତ୍ରରେ ବ୍ୟାପକ ଉନ୍ନତି ଆସିଛି। ୫-ଟି’ ଓ ମୋ ସରକାର ପରି କାର୍ଯ୍ୟକ୍ରମ ଦେଶରେ ଏକ ଆଦର୍ଶ ତଥା ସମ୍ବେଦନଶୀଳ ପ୍ରଶାସନିକ ମଡେଲ ସୃଷ୍ଟି କରିପାରିଛି। ଓଡ଼ିଶା ଆଜି ଶକ୍ତ ଓ ବିକାଶର ନୂଆ ପରିଚୟ ହୋଇପାରିଛି। ୨୦୩୬ରେ ସ୍ୱତନ୍ତ୍ର ଓଡ଼ିଶା ଗଠନର ୧୦୦ ବର୍ଷ ପାଳନ ବେଳକୁ ଯେପରି ଆମର ନୂଆ ସଶକ୍ତ ଓଡ଼ିଶାର ସ୍ୱପ୍ନ ବାସ୍ତବ ରୂପ ନେଇ ପାରିବ ସେ ଦିଗରେ ସମସ୍ତେ କାର୍ଯ୍ୟ କରିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ର ସଭାପତିତ୍ୱ କରି କହିଲେ, ବରପୁତ୍ରଙ୍କ ଅକ୍ଲାନ୍ତ ପରିଶ୍ରମ ଯୋଗୁ ୧୯୩୬ ଏପ୍ରିଲ ୧ରେ ଏକ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ହୋଇଥିଲା। ଓଡ଼ିଶାର ସୀମା ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା। ଓଡ଼ିଶାର କଳା, ସଂସ୍କୃତି, ଐତିହ୍ୟ, ଭାସ୍କର୍ଯ୍ୟ ଓ ସାହିତ୍ୟର ଉନ୍ନତି ଚରମ ସୀମାରେ ଉପନୀତ ହୋଇଥିଲା। ଜଳସମ୍ପଦ ଓ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଓଡ଼ିଶା ଦିବସ ସମଗ୍ର ଓଡ଼ିଆ ଜାତି ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ଅଭିହିତ କରିଥିଲେ। ବିଜ୍ଞାନ ଓ ବୈଷୟିକ, ସଧାରଣ ଉଦ୍ୟୋଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସମ୍ପାଦକ ଡ. ଲେଲିନ୍ ମହାନ୍ତି ପ୍ରମୁଖ ଓଡ଼ିଶା ଦିବସ ଉପରେ କହିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗ କମିଶନର ତଥା ଶାସନ ସଚିବ ସଞ୍ଜୟ କୁମାର ସିଂ ସ୍ୱାଗତ ଭାଷଣରେ ଓଡ଼ିଶାକୁ ଅଧିକ ଉନ୍ନତ ଓ ବିକଶିତ କରିବାକୁ ଆହ୍ୱାନ ଦେଇଥିଲେ। ଏଥିସହ ରାଷ୍ଟ୍ରପତି ରାମ ନାଥ କୋବିନ୍ଦ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶୁଭେଚ୍ଛା ବାର୍ତ୍ତାର ଓଡ଼ିଆ ଅନୁବାଦକୁ ପାଠ କରିଥିଲେ।

ଏହି ଅବସରରେ ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁର ସ୍ୱତନ୍ତ୍ର ସଂଖ୍ୟାର ଉନ୍ମୋଚନ ହୋଇଥିଲା। କୃତୀ ଦିବ୍ୟାଙ୍ଗ ପ୍ରତିଯୋଗୀଙ୍କୁ ରେଡକ୍ରସ ପୁରସ୍କାର ପ୍ରଦାନ କରାଯାଇଥିଲା। ପରେ ବିଭାଗ ପକ୍ଷରୁ ତୁଙ୍ଗ ଶିଖରୀ ଚୂଳ... ସଙ୍ଗୀତ ଉପରେ ଏକ ବୃତଚିତ୍ର ପ୍ରଦର୍ଶନ କରାଯାଇଥିଲା। ବିଭାଗର ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର ଧନ୍ୟବାଦ ଦେଇଥିବାବେଳେ ସୁଚେତା ପ୍ରିୟଦର୍ଶିନୀ ସଂଯୋଜନା କରିଥିଲେ।

# ୨୦୩୬ ସୁଦ୍ଧା ଓଡ଼ିଶାକୁ ବିଶ୍ୱର ସମୃଦ୍ଧ ରାଜ୍ୟ ଭାବେ ଗଢ଼ିବାକୁ ହେବ: ଧର୍ମେନ୍ଦ୍ର

**ଭୁବନେଶ୍ୱର, ୧।୪(ବ୍ୟୁରୋ)**

୧୯୩୬ ଏପ୍ରିଲ ୧ ତାରିଖରେ ଭାଷାଭିତ୍ତିକ ରାଜ୍ୟ ଭାବେ ଉତ୍କଳ ପ୍ରଦେଶ ଗଠନ ହୋଇଥିଲା। ଏକ ମହାନ୍ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ରଖି ମହାପୁରୁଷମାନେ ଖଣ୍ଡ ବିଖଣ୍ଡିତ ଓଡ଼ିଶାକୁ ଏକାଠି କରିଥିଲେ। ସେହିମାନଙ୍କୁ ରାଜ୍ୟବାସୀ କେବେ ଭୁଲିପାରିବେ ନାହିଁ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ୮୬ତମ ‘ଉତ୍କଳ ଦିବସ’ ଅବସରରେ ଗୁରୁବାର ପଶ୍ଚିମବଙ୍ଗର ହୁଗୁଲି ନଦୀପଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଆ ଲୋକଙ୍କୁ ସମ୍ବୋଧନ କରି ଧର୍ମେନ୍ଦ୍ର କହିଛନ୍ତି, ୨୦୩୬ ସୁଦ୍ଧା ଓଡ଼ିଶାକୁ ବିଶ୍ୱର ସମୃଦ୍ଧ ରାଜ୍ୟରେ ପରିଣତ ଲାଗି ସଂକଳ୍ପ ନେବାକୁ ପଡିବ। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହ ପଶ୍ଚିମବଙ୍ଗର ପ୍ରବାସୀ ଓଡ଼ିଆଙ୍କ ସହ ରାଜ୍ୟ ସଙ୍ଗୀତ ‘ବନ୍ଦେ ଉତ୍କଳ ଜନନୀ’ ଗାନ କରିଛନ୍ତି। ୨୦୩୬ରେ ଓଡ଼ିଶା ଭାଷାଭିତ୍ତିକ ରାଜ୍ୟ ଗଠନ ହେବାର ୧୦୦ ବର୍ଷ ପୂରଣ କରିବ। ସେହିପରି ୨୦୪୭କୁ ମଧ୍ୟ ଦେଶ ସ୍ୱାଧୀନତାର ୧୦୦ ବର୍ଷ ପୂର୍ତ୍ତି ହେବ। ଏହି ସମୟ ମଧ୍ୟରେ ଆମେ ଓଡ଼ିଶାକୁ ଶକ୍ତିଶାଳୀ କରିବାକୁ ହେବ। କେବଳ ଭାରତବର୍ଷରେ ନୁହେଁ ବରଂ ବିଶ୍ୱରେ ଏକ ସମୃଦ୍ଧ ଅଞ୍ଚଳ ଭାବେ ଗଢ଼ି ତୋଳିବାର ଦାୟିତ୍ୱ ଆମେ ନେବା ଦରକାର। ବୀରପୁତ୍ରଙ୍କ ସଂଘର୍ଷରେ ୧୯୦୩ରେ ପ୍ରଥମେ ଉତ୍କଳ ସମ୍ମିଳନୀ ଗଠନ ହେଲା। ବହୁ ସଂଗ୍ରାମ ପରେ ୧୯୩୬ ଏପ୍ରିଲ ୧ରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହୋଇଥିଲା। ଅତୀତ ଗାଥାକୁ ମନେ ପକାଇଲେ ଓଡ଼ିଆଙ୍କ ମନରେ ଏକପ୍ରକାର ଶିହରଣ ଜାଗିଉଠେ। ରାଜା ଖାରବେଳଙ୍କଠାରୁ ଆରମ୍ଭକରି ନରସିଂହ ଦେବ, ବକ୍ସି ଜଗବନ୍ଧୁ ଓ ବୀର ସୁରେନ୍ଦ୍ର ସାଏଙ୍କ ଭଳି ନେତୃତ୍ୱଙ୍କୁ ଅନୁସରଣ କଲେ ଓଡ଼ିଆ ଜାତି କେବେ ବି ମୁଣ୍ଡ ନୁଆଇଁ ନ ଥିଲା। ଓଡ଼ିଆ ଜାତି, ଭାଷା, ସଂସ୍କୃତି ଓ ଏହାର ପରମ୍ପରା ଅନନ୍ୟ। ଓଡ଼ିଶୀ ନୃତ୍ୟ ଏବଂ ସଙ୍ଗୀତ, ରଘୁରାଜପୁରର ପଟଚିତ୍ର, ଓଡ଼ିଆ ଖାଦ୍ୟ ସାରା ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଓଡ଼ିଶା ରାଜ୍ୟ କେବଳ ବାହ୍ୟ ଶତ୍ରୁର ଆକ୍ରମଣରୁ ନୁହେଁ ବରଂ ଦୁର୍ଭିକ୍ଷ, ମରୁଡ଼ି, ବାତ୍ୟାକୁ ମଧ୍ୟ ସହ୍ୟ କରିପାରି ନିଜର ପ୍ରବାହ ଜାରି ରଖିଛି। ଓଡ଼ିଶା ଏକମାତ୍ର ରାଜ୍ୟ ଯେଉଁଠି ସୁଦୀର୍ଘ ବେଳାଭୂମି, ପ୍ରଚୁର ଜଙ୍ଗଲ, ଖଣିଜ ସମ୍ପଦ ଓ ବୌଦ୍ଧିକ କ୍ଷମତାସମ୍ପନ୍ନ ମାନବ ସମ୍ବଳ ସହ ଅପାର ସମ୍ଭାବନା ଅଞ୍ଚଳ ଭାବେ ପରିଗଣିତ ହୋଇଛି। ସମସ୍ତେ ଶ୍ରୀମନ୍ଦିର ବିକାଶ ପାଇଁ ସହଯୋଗୀ ହେଲେ ବ୍ୟାଙ୍କ୍‌ଗୁଡିକ ମଧ୍ୟ ଏଥିପାଇଁ ଭାଗୀଦାରି ହେବେ ବୋଲି ଧର୍ମେନ୍ଦ୍ର କହିଛନ୍ତି।


ଓଡ଼ିଶା ଦିବସ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ଅନ୍ୟମାନେ।

# ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ଶୁଭେଚ୍ଛା

**ଭୁବନେଶ୍ୱର, ୧।୪(ବ୍ୟୁରୋ)**

ଉତ୍କଳ ଦିବସ ଅବସରରେ ଓଡିଶାର ଜନସାଧାରଣଙ୍କୁ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଅଭିନନ୍ଦନ ଜଣାଇଛନ୍ତି। ରାଷ୍ଟ୍ରପତି ରାମନାଥ କୋବିନ୍ଦ ଓଡ଼ିଆରେ ଟୁଇଟ୍ କରି ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇବା ସହିତ ମାନବିକତାକୁ ପ୍ରେମ ଏବଂ ଶାନ୍ତିର ଚିରନ୍ତନ ବାର୍ତ୍ତା ଦେଉଥିବା ଏହି ଭୂମିର ଅନନ୍ୟ ସାଂସ୍କୃତିକ ଐତିହ୍ୟ, ପ୍ରାକୃତିକ ସୌନ୍ଦର୍ଯ୍ୟ, ସ୍ଥାପତ୍ୟ, ହସ୍ତକଳା ଓ ନୃତ୍ୟ ଯୋଗୁ ଏ ଦେଶ ଗର୍ବିତ ବୋଲି କହିଛନ୍ତି। ଓଡିଶାର ନିରନ୍ତର ବିକାଶ ପାଇଁ ସେ ଶୁଭକାମନା ଜଣାଇଛନ୍ତି। ଏହାସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଓଡିଆରେ ଟୁଇଟ୍ କରି ପବିତ୍ର ଉତ୍କଳ ଦିବସ ଅବସରରେ ଶୁଭକାମନା ଜଣାଇବା ସହିତ କହିଛନ୍ତି, ଓଡିଶାର ବିଶେଷ ସଂସ୍କୃତିକୁ ତାଙ୍କର ସମ୍ମାନ। ଦେଶର ପ୍ରଗତି ପାଇଁ ଓଡ଼ିଶାର ଜନସାଧାରଣଙ୍କ ଅବଦାନ ଅତୁଳନୀୟ। ପ୍ରଧାନମନ୍ତ୍ରୀ ଏହି ଅବସରରେ ରାଜ୍ୟର ଜନସାଧାରଣଙ୍କ ସୁଖ ଓ ସମୃଦ୍ଧି କାମନା କରିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଟୁଇଟ୍ କରି କହିଛନ୍ତି, ଉତ୍କଳ ଦିବସ ଉପଲକ୍ଷେ ଓଡିଶାର ଭଉଣୀ, ଭାଇମାନଙ୍କୁ ଶୁଭେଚ୍ଛା। ମହାପ୍ରଭୁ ଜଗନ୍ନାଥଙ୍କ ଦିବ୍ୟ ଭୂମି ପ୍ରଗତିର ଶିଖରକୁ ଅତିକ୍ରମ କରିବାରେ ସଫଳ ହେଉ। ଏହି ଉପଲକ୍ଷେ ସେ ସମସ୍ତଙ୍କ ମଙ୍ଗଳ ଓ ସମୃଦ୍ଧି ପାଇଁ ପ୍ରାର୍ଥନା କରିଛନ୍ତି।

# ହୀରାକୁଦ ଜଳଭଣ୍ଡାରରେ ବୋଟ୍‌ସେବା


ହୀରାକୁଦରେ ବୋଟ୍‌ସେବା ଉଦ୍‌ଘାଟନ ପରେ ପରିବହନ ମନ୍ତ୍ରୀ ଓ ଓଟିଡିସି ଅଧ୍ୟକ୍ଷାଙ୍କ ବୋଟ୍‌ରେ ଭ୍ରମଣ।

**ସମ୍ବଲପୁର, ୧।୪(ବ୍ୟୁରୋ)**

### ପର୍ଯ୍ୟଟକଙ୍କୁ ଆକୃଷ୍ଟ ସହ ରୋଜଗାର ସୃଷ୍ଟି ଲକ୍ଷ୍ୟ

ସମ୍ବଲପୁରର ହୀରାକୁଦ ଜଳଭଣ୍ଡାରରେ ବୋଟ୍‌ସେବା ଆରମ୍ଭ ହୋଇଛି। ଗୁରୁବାର ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା, ଓଟିଡିସି ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଓଟିଡିସି ଅଧ୍ୟକ୍ଷା ମିଶ୍ର କହିଥିଲେ, ରାଜ୍ୟ ସରକାର ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏଥିରେ ବିନିଯୋଗ କରିବା ପାଇଁ ଉଦ୍ୟୋଗୀମାନଙ୍କୁ ସୁଯୋଗ ଦିଆଯାଉଛି। ଏହା ଦ୍ୱାରା ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇବ ଓ ସ୍ଥାନୀୟ ଅଞ୍ଚଳର ଯୁବତୀଯୁବକ ରୋଜଗାର ପାଇପାରିବେ। ଆଗକୁ ମଧ୍ୟ ଏଭଳି ପ୍ରକଳ୍ପ ହାତକୁ ନିଆଯିବାର ଲକ୍ଷ୍ୟ ରଖାଯାଇଛି। ମନ୍ତ୍ରୀ ବେହେରା କହିଥିଲେ, ସମ୍ବଲପୁର ଜିଲାରେ ପର୍ଯ୍ୟଟନ ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଛି। ହୀରାକୁଦ ଜଳଭଣ୍ଡାର ବିଶ୍ୱରେ ପ୍ରସିଦ୍ଧ। ଏଠାକୁ ରାଜ୍ୟ ତଥା ଦେଶ ବାହାରୁ ପର୍ଯ୍ୟଟକ ଆସନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସେମାନଙ୍କ ସୁବିଧା ପାଇଁ ବ୍ୟବସ୍ଥା କରୁଛନ୍ତି। ପ୍ରକାଶଥାଉ କି, ବହୁବର୍ଷରୁ ହୀରାକୁଦ ଜଳଭଣ୍ଡାରରେ ବୋଟ୍ ଚଳାଚଳ କରିବା ପାଇଁ ପ୍ରଶାସନ ଓ ବିଭିନ୍ନ ଘରୋଇ କମ୍ପାନୀ ଇଚ୍ଛା ପ୍ରକାଶ କରୁଥିଲେ। ହେଲେ ସୁରକ୍ଷା ଦୃଷ୍ଟିରୁ ଅନୁମତି ଦିଆଯାଉ ନ ଥିଲା। ହେଲେ ପରବର୍ତ୍ତୀ ସମୟରେ ବିଦ୍ୟୁତ୍ ଉତ୍ପାଦନ ୟୁନିଟ୍ ସ୍ଥାନରୁ ଦୂରରେ କରାଯିବାକୁ ସ୍ଥିର ହୋଇଥିଲା। ବୁର୍ଲା ରାଇଟ୍‌ଡାଇକ ଝାଙ୍କରାଣୀ ମନ୍ଦିର ନିକଟରେ ସ୍ଥାନ ଚିହ୍ନଟ ହୋଇଥିଲା। ଏକଲା ଆଡଭେଞ୍ଚର ପ୍ରାଇଭେଟ ଲିମିଟେଡ କମ୍ପାନୀ ଏହି ବୋଟ୍ ସେବା ଯୋଗାଇଦେବା ପାଇଁ ଅନୁମତି ପାଇଛି। ସିଙ୍ଗଲ ୱିଣ୍ଡୋରେ ଆବେଦନ କରି ଚୁକ୍ତି କରିଛନ୍ତି। ୱାଟର ସ୍କୁଟର, ସ୍ପିଡ୍ ବୋଟ୍, ବନାନା ବୋଟ୍, ବମ୍ପର ବୋଟ୍, କାୟାକା ବୋଟ୍, କାୟାକା ୨ ସିଟର, ଫେମିଲି ବୋଟ୍, ପ୍ୟାଡେଲ ବୋଟ ରହିଛି। ଆଗାମୀ ଦିନରେ ଆବଶ୍ୟକ ପଡିଲେ ଭିନ୍ନ ଡିଜାଇନର ବୋଟ୍ ଅଣାଯିବ ବୋଲି ସୁଚନା ଦିଆଯାଇଛି। ଏଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ଶୁଭମ୍ ସକ୍‌ସେନା, ଡେପୁଟି ନିର୍ଦ୍ଦେଶକ (ପର୍ଯ୍ୟଟନ ବିଭାଗ) ହେମନ୍ତ ପ୍ରଧାନ, ଉପଜିଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ, ଡିଆର୍‌ଡିଏ ପିଡି ସୁକାନ୍ତ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଉତ୍କଳ ବିଶ୍ୱବିଦ୍ୟାଳୟକୁ ବର୍ଷକର ଦରମା ଦେଲେ ଧର୍ମେନ୍ଦ୍ର

**ଭୁବନେଶ୍ୱର, ୧।୪(ବ୍ୟୁରୋ)**

ଉତ୍କଳ ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ବିକାଶ ପାଇଁ ଗୁରୁବାର ଓଡ଼ିଶା ଦିବସରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିଜର ବର୍ଷକର ଦରମା ପ୍ରଦାନ କରିଛନ୍ତି। ରାଜ୍ୟପାଳ ତଥା କୁଳାଧିପତି ପ୍ରଫେସର ଗଣେଶୀ ଲାଲ୍‌ଙ୍କୁ ଧର୍ମେନ୍ଦ୍ର ତାଙ୍କର ଦରମା ବାବଦ ଅର୍ଥ ପ୍ରଦାନ କରିଛନ୍ତି। ଏ ସଂକ୍ରାନ୍ତରେ ରାଜ୍ୟପାଳ ଟୁଇଟ୍ ଜରିଆରେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ୨୦୧୯ରେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ଲାଟିନମ୍ ଜୁବିଲି କାର୍ଯ୍ୟକ୍ରମରେ ଯୋଗଦେଇ ଧର୍ମେନ୍ଦ୍ର ବିଶ୍ୱବିଦ୍ୟାଳୟର ଆଲୁମ୍‌ନି ଅନୁଦାନ ପାଣ୍ଠି ଖୋଲିବାକୁ ପରାମର୍ଶ ଦେଇଥିଲେ। ଏଥିସହ ପୁରାତନ ଛାତ୍ର ଭାବେ ବର୍ଷକର ଦରମା ଦେବା ଲାଗି ଘୋଷଣା କରିଥିଲେ। ଶିକ୍ଷାନୁଷ୍ଠାନର ଉନ୍ନୟନମୂଳକ କାର୍ଯ୍ୟରେ ପୁରାତନ ଛାତ୍ରୀଛାତ୍ର ସହଯୋଗର ହାତ ବଢ଼ାଇବା ଲାଗି କେନ୍ଦ୍ରମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

# ଘୁମୁରା କଳାକାର ଚନ୍ଦ୍ରମଣୀଙ୍କୁ ମିଳୁନି କଳାକାର ଭତ୍ତା


ଚନ୍ଦ୍ରମଣୀ କୁମୁରା

**ରିଷିଡା, ୧।୪ (ଡି.ଏନ.ଏ.)**

କଳାହାଣ୍ଡିର ବୀରବାଦ୍ୟ ଘୁମୁରା ଦେଶ ବିଦେଶରେ ଅନେକ ନାଁ କରିଛି। ଜିଲାର ଗ୍ରାମାଞ୍ଚଳରେ ଘୁମୁରା ନୃତ୍ୟକୁ ଅତି ଆପଣାର କରି ଅନେକ ଘୁମୁରା କଳାକାର ସୃଷ୍ଟି କରିଛନ୍ତି ଚନ୍ଦ୍ରମଣୀ କୁମୁରା। ତାଙ୍କୁ ୭୨ ବର୍ଷ ହୋଇଥିଲେ ବି ଘୁମୁରା ନା ପଡିଲେ ସତେଜ ହୋଇଯାନ୍ତି। ଏବେବି ତାଙ୍କ ମୁଖରୁ ବାହାରି ଆସେ ଘୁମୁରାର ଅନେକ ଗୀତ। ତାଙ୍କର ଘୁମୁରା ଗୀତ ଶୁଣିଲେ ଦର୍ଶକ ଆକର୍ଷିତ ହୋଇ ରହନ୍ତି। ସେ ଗ୍ରାମାଞ୍ଚଳରେ ଅନେକ ଘୁମୁରା ଦଳ ସୃଷ୍ଟି କରି ଅନେକ ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରି ପୁରସ୍କାର ପାଇଛନ୍ତି। ସେ ରିଷିଡା କନ୍ଧପଡା, ବହଲମୁଣ୍ଡା, ବଲାଙ୍ଗୀର ଜିଲା କୁଟରାମୁଣ୍ଡା, ମ.ରାମପୁର ବ୍ଲକ ତାଲକୁନା ଘୁମୁରା ଦଳ ତାଲିମ ଦେଇ ଉଚ୍ଚପ୍ରଶଂସିତ ହୋଇଛନ୍ତି। ସେ ଭବାନୀପାଟଣା ରେଡିଓ କେନ୍ଦ୍ର ଓ ଦୂରଦର୍ଶନ କେନ୍ଦ୍ରରେ ତାଙ୍କର ସାକ୍ଷାତକାର ପ୍ରସାରିତ ହୋଇସାରିଛି। କଳାକାର ହେଲେ ହେଁ ସେ କଳାକାର ଭତ୍ତା ପାଇ ନାହାନ୍ତି। ସରକାରଙ୍କ ବାର୍ଦ୍ଧକ୍ୟ ଭତ୍ତା ୫୦୦ ଟଙ୍କା ପାଉଥିବା ବେଳେ ତାଙ୍କୁ କଳାକାର ଭତ୍ତା ପ୍ରଦାନ କରିବା ପାଇଁ ନିବେଦନ କରିଛନ୍ତି।


**ପୂର୍ବ ତଟ ରେଳପଥ**

**ସିଗ୍‌ନାଲିଙ୍ଗ୍ କାର୍ଯ୍ୟ**

ଟେଣ୍ଡର ବିଜ୍ଞପ୍ତି ସଂ. ST-SBP-TENDER-2021-05, ତା: 31.03.2021

**କାର୍ଯ୍ୟର ନାମ :** ଏକ ବର୍ଷ ନିମନ୍ତେ ପୂର୍ବ ତଟ ରେଳପଥ, ସମ୍ବଲପୁର ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର / ସଂକେତ / ସମ୍ବଲପୁର ଏବଂ ସିନିୟର ସେକ୍ସନ ଇଂଜିନିୟର / ସଂକେତ / ବଲାଙ୍ଗୀର ଅଧିନ ଝାରସୁଗୁଡ଼ା ରୋଡ଼ - ବଡ଼ମାଲ ସେକ୍ସନରେ ସିଗ୍‌ନାଲିଙ୍ଗ୍ ଜୋନାଲ (Zonal) କାର୍ଯ୍ୟ।

**ଟେଣ୍ଡର ମୂଲ୍ୟ(ଟଙ୍କାରେ):** ₹ 44,43,621/-, EMD (ଟଙ୍କାରେ) : ଶୂନ୍ୟ, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : ଶୂନ୍ୟ

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.22.04.2021 ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।

ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନା/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।

ମଣ୍ଡଳ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ (ସଂକେତ), ସମ୍ବଲପୁର

PR-660/L/20-21



**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**BINODAYA FINANCE**

ପ୍ରପର୍ଟି, ପର୍ସନାଲ, ମାର୍କସିଟ୍, ବ୍ୟବସାୟ, କୃଷି, ଗୃହଋଣ, ଗାଇପାଳନ ଓ କୁକୁଡ଼ା ପାଳନ ଇତ୍ୟାଦି ସମସ୍ତ ପ୍ରକାର LOAN ଘରେ ବସି ପାଆନ୍ତୁ, ସୁଧ = 2%

M=9437925782
M=9437927381
ABASING, TALAMUNDA, GAJAPATI

**SMS JOB**
Send SMS, Earn Money

ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ 15000/- ରୁ 45000/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ

କମ୍ପାନୀ ଦ୍ୱାରା Mobile + Laptop + Bike + 5000/- ର ଉପହାର Free

ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ

09667693638
09667693639

ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ

୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ

ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ

A To Z Problem Solution

ବାବା କମଲ୍ ଖାନ୍

କଳାଯାଦୁର ଅଧିକାରୀ

7699180736
8800979262
Near Bus Stand

**ଛତୁ ବହି**
“ମୋ ଛତୁ ଚାଷ”

ପାଳଛତୁ ଏବଂ ଧଙ୍ଗିରି ଛତୁ ଚାଷର ସମ୍ପୂର୍ଣ୍ଣ ପ୍ରଣାଳୀ, ରୋଗ ଲକ୍ଷଣ ଓ ତାର ସମାଧାନ, ପ୍ରଶ୍ନୋତ୍ତର ଏବଂ ମଞ୍ଜି ତିଆରିର ସମ୍ପୂର୍ଣ୍ଣ ତଥ୍ୟ ଏହି ବହିରେ ଦିଆଯାଇଅଛି।

Book Cost only Rs 300/-

G Pay PhonePe 7477040026

Contact / WhatsApp : 8249069673
Author : Mr. Sisir Kumar Singh
For FOGGER SYSTEM & HUMIDIFIER please contact with above number
Also available at AMAZON, type Mo Chhatu Chasa


# ରାଜସ୍ୱ ଆଦାୟରେ ସିନ୍ଦୁରପୁର ରାଜସ୍ୱ ସର୍କଲ ପ୍ରଥମ

**ବିନିକା, ୧।୪(ଡି.ଏନ୍.ଏ)**

ସୁବର୍ଣ୍ଣପୁର ଜିଲା ବିନିକା ତହସିଲର ୮ଟି ରାଜସ୍ୱ ସର୍କଲରୁ ସିନ୍ଦୁରପୁର ସର୍କଲ ରାଜସ୍ୱ ଆଦାୟରେ ରେକର୍ଡ ସୃଷ୍ଟି କରିଛି। ୨୦୨୦-୨୧ ଆର୍ଥିକ ବର୍ଷରେ ସିନ୍ଦୁରପୁର ରାଜସ୍ୱ ସର୍କଲରୁ ୪୨ଲକ୍ଷ ୨୭ହଜାର ରାଜସ୍ୱ ଆଦାୟ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ତେବେ ଏହି ରାଜସ୍ୱ ସର୍କଲ ପକ୍ଷରୁ ୩୮ଲକ୍ଷ ୩୧ହଜାର ଟଙ୍କା ଆଦାୟ ହୋଇଛି। ଯାହାର ହାର ହେଲା ୮୧.୦୪ ପ୍ରତିଶତ। ସେହିପରି ଦ୍ୱିତୀୟରେ ଥିବା ସେଲେଡି ସର୍କଲ ରାଜସ୍ୱ ଆଦାୟ ହାର ୭୪.୨୮ ପ୍ରତିଶତ ଥିବା ବେଳେ ତୃତୀୟ ସ୍ଥାନରେ ବିନିକା ସର୍କଲ ରହିଛି। ଏହାଛଡା ମହଦା ସର୍କଲ ଚତୁର୍ଥ, ସିଂଘିଯୁବା ୫ମ, କୌଡିଆମୁଣ୍ଡା ୬ଷ୍ଠ, ବାଙ୍କିଘିର୍ଡି ୭ମ ଓ ୮ମ ସ୍ଥାନରେ ମେଘଲା ରହିଛି। ଚଳିତବର୍ଷ ସିନ୍ଦୁରପୁର ସର୍କଲ ସର୍ବାଗ୍ରେ ରହିବା ପଛରେ ଆରଆଇ ବିବେକାନନ୍ଦ ତ୍ରିପାଠୀଙ୍କ ସମେତ କରଦାତାଙ୍କ ସହଯୋଗ ରହିଛି। ୨୦୨୧-୨୧ ବର୍ଷରେ ବିନିକା ରାଜସ୍ୱ ବିଭାଗର ସର୍ବମୋଟ ୨କୋଟି ୭୬ଲକ୍ଷ ଟଙ୍କା ରାଜସ୍ୱ ଆଦାୟ ହୋଇ ସାରିଛି। ଏନେଇ ବିନିକା ତହସିଲଦାର ଅଲେଖ ଘୁଟାଙ୍କୁ ପଚାରିବାରେ କହିଥିଲେ ଯେ, କୌଣସି ସର୍କଲରୁ ୧୦୦ ପ୍ରତିଶତ ରାଜସ୍ୱ ଆଦାୟ ହୋଇପାରିନାହିଁ। ତେବେ ଗତବର୍ଷ ଅପେକ୍ଷା ଚଳିତବର୍ଷ ଅଧିକ ରାଜସ୍ୱ ଆଦାୟ ହୋଇଛି।


**ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in

OMC | ODISHA NEW OPPORTUNITIES

No. 5026 /OMC/2021 **NOTICE** Date : 01/04/2021

Pursuant to Advertisement No.46/OMC dtd.26.02.2020, Computer Based Test (CBT) held during the month of December, 2020 and Computer Proficiency Test (CPT) held on 25.03.2021, the **Document Verification** of the provisionally shortlisted candidates shall be conducted on 08.04.2021 & 09.04.2021 in the Community Centre, OMC Colony (Near Gopabandhu Square), Unit-8, Bhubaneswar for the post of Jr. Executive Assistant. For this purpose, a notice containing details of Application Sequence No., Roll No. & name of the provisionally shortlisted candidates for Document Verification along with the date of document verification has been displayed in OMC website **(https://omcltd.in).** Accordingly, the candidates are advised to remain present on their respective designated dates for document verification.

SMS & e-mail to the provisionally shortlisted candidates for Document Verification shall be sent shortly to their registered Mobile Number & e-mail respectively.

Sd/-
GENERAL MANAGER (P&A)

**NB : Candidates are advised to check the OMC website (https://omcltd.in) regularly for further updates.**


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସିକ୍ୟୁରିଟି ଗାର୍ଡଙ୍କୁ ମାଡମାରି ବନ୍ଧୁକ ଲୁଟ୍

ରାଜଗାଙ୍ଗପୁର, (ଡି.ଏନ.ଏ): ଡାଲମିଆ ଭାରତ ସିମେଣ୍ଟ ଲିମିଟେଡ କାରଖାନାକୁ ଲାଞ୍ଜିବେର୍ଣ୍ଣା ଚୂନପଥର ଖଣିରୁ କନଭେୟର ବେଲ୍ଟ ଯୋଗେ ଚୂନ ପଥର ପରିବହନ ହୋଇଥାଏ। କନଭେୟର ବେଲ୍ଟ ସିଟି ୮ଠାରେ ସିକ୍ୟୁରିଟି ଗାର୍ଡ ବନ୍ଧୁକ ଧରି ଜଗି ରହିଥାଏ। ଗତ ରାତି ପ୍ରାୟ ସାଢ଼େ ୧୦ଟାରେ ବନ୍ଧୁକଧାରୀ ଗାର୍ଡ ସମୀର କୁମାର ପଣ୍ଡା ନିଜର ଡ୍ୟୁଟି କରୁଥିବା ସମୟରେ ୩ଜଣ ମୁଖାଧାରୀ ଦୁର୍ବୃତ୍ତ ତାଙ୍କ ନିକଟକୁ ଆସି ପିଟାମରା କରିଥିଲେ। ଏହା ଦେଖି କିଛି ଦୂରରେ ଥିବା ଆଉ ୨ଜଣ ସାଧା ସିକ୍ୟୁରିଟି ଗାର୍ଡ ଘଟଣା ସ୍ଥଳକୁ ଦୌଡି ଆସିଥିଲେ । କିନ୍ତୁ ଦୁର୍ବୃତ୍ତମାନେ ସମସ୍ତଙ୍କ ସହିତ ମାଡପିଟକରି ଗାର୍ଡଙ୍କଠାରୁ ବନ୍ଧୁକ ଧରି ଫେରାର ହୋଇଯାଇଥିଲେ। ଏହି ସଂକ୍ରାନ୍ତରେ ରାଜଗାଙ୍ଗପୁର ଥାନାରେ ଏକ ଲିଖିତ ଅଭିଯୋଗ ହୋଇଛି । ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଜାରି ରଖିଛି।

### ସଂକ୍ଷେପରେ

## ଓଡ଼ିଶା ମେଡିକାଲ କର୍ମଚାରୀ ସଂଘ ପକ୍ଷରୁ ଓଡ଼ିଶା ଦିବସ ପାଳନ

ରାଉରକେଲା ଅଫିସ, ୧୪: ଓଡ଼ିଶା ଦିବସ ଉପଲକ୍ଷେ ମେଡିକାଲ କର୍ମଚାରୀ ସଂଘ ରାଉରକେଲା ଶାଖା ତରଫରୁ ଆରଜିଏଚ୍ କ୍ୟାମ୍ପସ ଅଫିସ୍‌ର ସଭା ଗୃହରେ ସମ୍ପାଦକ ସୁବାଷ ପାଣିଗ୍ରାହୀଙ୍କ ଆବାହକତ୍ୱରେ ଉତ୍କଳ ଦିବସ ପାଳିତ ହୋଇଯାଇଛି। ଏହି ସଭାର ଉପଦେଷ୍ଟା ଦେବେନ୍ଦ୍ର ନାଥ ଆଚାର୍ଯ୍ୟ, ହିନ୍ଦ ମଜଦୁର ସଭା ରାଜ୍ୟ ସମ୍ପାଦକ ପ୍ରମୋଦ କୁମାର ଦାସ, ସମାଜସେବୀ ଶ୍ୟାମସୁନ୍ଦର ପଣ୍ଡା, ମନୋରଞ୍ଜନ ଦୀକ୍ଷିତ ଯୋଗ ଦେଇଥିଲେ। ସର୍ବ ପ୍ରଥମେ ଅତିଥିବୃନ୍ଦ ଓଡ଼ିଶାର ବରପୁତ୍ରଙ୍କ ଫଟୋଚିତ୍ରରେ ପୁଷ୍ପାଞ୍ଜଳି ପ୍ରଦାନ କରି ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହେବାର ଆଜକୁ ୮୫ବର୍ଷ ବିତି ଗଲେ ମଧ ସରକାରୀ କ୍ଷେତ୍ରରେ ହେଉକି ବେସରକାରୀ କ୍ଷେତ୍ରରେ ଓଡ଼ିଶା ଭାଷାକୁ ପ୍ରାଧାନ୍ୟ ଦିଆଯାଉନାହିଁ ବୋଲି ଅଭିଯୋଗ କରି ଅତିଥିମାନେ କ୍ଷୋଭ ପ୍ରକାଶ କରିଥିଲେ। ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଅତିଥିମାନେ କହିଥିଲେ ଓଡ଼ିଶା ପ୍ରଦେଶର ଅଖଣ୍ଡତାକୁ ବଜାୟ ରଖିବା ସହ ଓଡ଼ିଆ ଭାଷା ପ୍ରତି ସଜାଗ ରହିବା ଆବଶ୍ୟକ। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ଦିଲୀପ ଶୁକ୍ଳା, ସୁଶାନ୍ତ ମାହାଳିକ ଓ ଅନ୍ୟ ମାନେ ଉପସ୍ଥିତ ଥିଲେ। ଶେଷରେ ବାବୁଲା କୁମାର ଦାସ ଧନ୍ୟବାଦ ଦେଇଥିଲେ।

# ଓଡ଼ିଆ ଭାଷା, ଐତିହ୍ୟ ବଞ୍ଚାଇ ରଖିବାକୁ ଆହ୍ୱାନ

ସୁନ୍ଦରଗଡ଼,୧୪ (ଡି.ଏନ୍.ଏ)



ପ୍ରଦୀପ ପ୍ରଜ୍ୱଳନ କରି ଓଡ଼ିଶା ଦିବସ କାର୍ଯ୍ୟକ୍ରମ ଉଦ୍‌ଘାଟନ କରାଯାଉଛି।

ଓଡ଼ିଶାର ବରପୁତ୍ର ମାନଙ୍କର ତ୍ୟାଗ, ସାଧନାର ଫଳଶ୍ରୁତି ଆଜିର ସମୃଦ୍ଧ ଓଡିଶା। ଓଡ଼ିଆ ଭାଷା, ଓଡ଼ିଆଜାତିର ସାଂସ୍କୃତିକ ଐତିହ୍ୟକୁ ବଞ୍ଚାଇ ରଖିବା ପାଇଁ ଓଡ଼ିଆ ବରପୁତ୍ରମାନଙ୍କର ପ୍ରଚେଷ୍ଟା ଓ ସାଧନାକୁ ଚିରଦିନ ଉଜ୍ଜିବୀତ କରି ରଖିବା ପାଇଁ ନିଜର ଭାଷା ଓ ସଂସ୍କୃତି ପ୍ରତି ଗଭୀର ଅଙ୍ଗୀକାରବୋଧ ସୃଷ୍ଟି କରିବା ସମସ୍ତଙ୍କର ନୈତିକ ଦାୟିତ୍ୱ ବୋଲି ଗୁରୁବାର ଜିଲାସ୍ତରୀୟ ଓଡ଼ିଶା ଦିବସ ସମାରୋହରେ ଯୋଗଦେଇ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ବିକାଶ ଭବନ ଠାରେ ଜିଲାପାଳ ନିଖିଲ ପବନ କଲ୍ୟାଣଙ୍କ ଆବାହକତ୍ୱରେ ଆୟୋଜିତ ସଭାର ପ୍ରାରମ୍ଭରେ ଅତିଥିମାନଙ୍କ ଦ୍ୱାରା ଓଡିଆ ବରପୁତ୍ରମାନଙ୍କର ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଜିଲା ଲୋକସମ୍ପର୍କ ଅଧିକାରୀ ଅନିଲ କେରକେଟା ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲା ପରିଷଦ ଅଧ୍ୟକ୍ଷା ଏମ୍ମା ଏକ୍କା ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନରେ ମହାନ ମନିଷୀ ମାନଙ୍କ ସ୍ମୃତିଚାରଣ କରି ଓଡିଆ ଭାଷା, ସଂସ୍କୃତି, ଏତିହ୍ୟ ଓ ଏହାର ଉନ୍ନତିଦିଗରେ ବର୍ତ୍ତମାନର ଯୁବ ପିଢି ଉତ୍ତର ଦାୟିତ୍ୱ ନିର୍ବାହ କରିବା ଦିଗରେ ଗୁରୁତ୍ୱାରୋପ କରିଥିଲେ। ଜିଲାପାଳ

### ଜିଲାସ୍ତରୀୟ ଓଡ଼ିଶା ଦିବସ ସମାରୋହ

ନିଖିଲ ପବନ କଲ୍ୟାଣ ସଭାରେ ଅଧ୍ୟକ୍ଷତା କରି ଓଡିଆ ଭାଷା ପରି ଏକ ପ୍ରାଚୀନ ଭାଷା ଓ ଭାଷାଭିତ୍ତିରେ ଗଠିତ ଏହି ସ୍ୱତନ୍ତ୍ର ପ୍ରଦେଶର ସାଂସ୍କୃତିକ ଐତିହ୍ୟ, ପରମ୍ପରା ଓ ଗାରିମାକୁ ବଜାୟ ରଖିବା ପାଇଁ କହିଥିଲେ। ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟର ଅଧ୍ୟାପିକା ସୁସ୍ମିତା ଭୋଇ ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନରେ ଓଡିଶାର ବରପୁତ୍ର ମଧୁସୂଦନ ଦାସ, ଗୌରୀଶଙ୍କର ରାୟ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ, ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓଙ୍କ ଭଳି ମହାମନିଷୀଙ୍କ ଅବଦାନ, ଓଡିଶା ଜାତୀୟତାବାଦୀ ଆନ୍ଦୋଳନ, ତତ୍କାଳୀନ ମାତୃଭାଷା ଭିତ୍ତିକ ସମ୍ବାଦପତ୍ରର ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସରୋଜ କୁମାର ମିଶ୍ର ସମ୍ମାନିତ ବକ୍ତା ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ବିଶ୍ୱଜିତ ମହାପାତ୍ର ଯୋଗଦେଇ ନିଜ ବକ୍ତବ୍ୟରେ ଓଡିଶା ପ୍ରଦେଶ ଗଠନର ପୃଷ୍ଠଭୂମି ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭୈରବ ସିଂ ପଟେଲ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲା ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ପ୍ରିୟଙ୍କା ଜେନା ଉପସ୍ଥାପିକା ଭାବେ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ଏହି ଅବସରରେ ଚାରୁ ଓ କାରୁକଳା ମହାବିଦ୍ୟାଳୟ କଳାୟତନଠାରେ ଛାତ୍ରୀ ଛାତ୍ରଙ୍କ ମଧ୍ୟରେ ଚିତ୍ରକଳା, ପ୍ରତିଯୋଗୀତା ଓ ପ୍ରଦର୍ଶନୀକୁ ଉଦ୍‌ଘାଟନ କରାଯାଇଥିଲା।

# ରାଜ୍ୟର ପ୍ରଗତି, ଉନ୍ନତି ପାଇଁ ଯୁବକମାନେ ସଂକଳ୍ପ ନେବାକୁ ଆହ୍ୱାନ

ରାଉରକେଲା ଅଫିସ୍, ୧୪

ରାଉରକେଲା ପ୍ରଶାସନ ଏବଂ ଜାତୀୟ ଦିବସ ପାଳନ କମିଟି ପକ୍ଷରୁ ଗୁରୁବାର ଉତ୍କଳ ଦିବସ ପାଳିତ ହୋଇଯାଇଛି। କୋଭିଡ-୧୯ ସମ୍ପର୍କୀତ ସରକାରୀ ନିର୍ଦ୍ଦେଶାବଳୀ ମୁତାବକ ଚଳିତବର୍ଷ ଉତ୍କଳ ଦିବସ ପାଳନ ବିଭିନ୍ନ କଟକଣା ମଧ୍ୟରେ ହୋଇଥିଲା। ଏଥିପାଇଁ ଶୋଭାଯାତ୍ରା ହୋଇ ନ ଥିଲା। ପ୍ରଥମେ ସହରର ମୁଖ୍ୟରାସ୍ତାରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ସହରର ବିଭିନ୍ନ ବର୍ଗର ବ୍ୟକ୍ତିମାନେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଓ ସରକାରଙ୍କ ଶକ୍ତି, ଶିଳ୍ପ, ଏମ୍‌ଏସ୍‌ଏମଇ ଏବଂ ଗୃହ ବିଭାଗର ରାଜ୍ୟମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ଯୋଗଦେଇ ମଧୁବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହା ପରେ ମନ୍ତ୍ରୀଙ୍କ ସମେତ ଅନ୍ୟ ଅତିଥିମାନେ ବିଶ୍ରାଛକରେ ଥିବା ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଉରକେଲା ବିଧାୟକ ତଥା ସୁନ୍ଦରଗଡ଼ ଜିଲା ଯୋଜନା କମିଟିର ଅଧ୍ୟକ୍ଷ ସାରଦା ପ୍ରସାଦ ନାୟକଙ୍କ ସମେତ ରାଉରକେଲା ଅତିରିକ୍ତ ଜିଲାପାଳ ଆବୋଲୀ ସୁନିଲ ନରୱଣେ ଓ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇଥିଲେ। ପରେ ରାଉରକେଲା ମହାନଗର ନିଗମ ସଭାକକ୍ଷରେ ଏକ ସଭାର ଆୟୋଜନ କରାଯାଇଥିଲା। ଅତିରିକ୍ତ ଜିଲାପାଳଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ସଭାରେ ମୁଖ୍ୟ ଅତିଥିଭାବେ ମନ୍ତ୍ରୀ ମିଶ୍ର ଯୋଗଦେଇ ଉତ୍କଳ ଦିବସ ପାଳନ ଅବସରରେ ଆମ ରାଜ୍ୟର ପ୍ରଗତି ଓ ଉନ୍ନତି ନିମନ୍ତେ ଯୁବକମାନେ ସଂକଳ୍ପ ନେବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ତଥା ହୃଷିକେଶ ରାୟ ମହାବିଦ୍ୟାଳୟର ଅଧ୍ୟକ୍ଷ ଭବେଶ ଚନ୍ଦ୍ର ସାହୁ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇଥିଲେ ଅତିରିକ୍ତ ଜିଲାପାଳ ନରୱାଣେ। କାର୍ଯ୍ୟକ୍ରମରେ ରାଉରକେଲା ଆରକ୍ଷୀ ଅଧିକ୍ଷକ ମୁକେଶ କୁମାର ଭାମୋ, ରାଉରକେଲା ମହାନଗର ନିଗମ ଆୟୁକ୍ତ ଦିବ୍ୟଜ୍ୟୋତି ପରିଡ଼ା, ଜାତୀୟ ଦିବସ ପାଳନ କମିଟିର ସମ୍ପାଦକ ତଥା ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସିମା ଫାତିମା ଏକ୍କା ପ୍ରମୁଖ ଯୋଗଇଥିଲେ। ମହେନ୍ଦ୍ର ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବରୁ ଅନୁଷ୍ଠିତ ଓ ବକ୍ତୃତା ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ତ୍ରିଭଙ୍ଗୀ କଳା ପରିଷଦର ସମ୍ପାଦକ ବୈଲୋଚନ ସାହୁଙ୍କ ନେତୃତ୍ୱରେ ଗୁରୁ ଜ୍ୟୋତିର୍ମୟ ଆଚାର୍ଯ୍ୟ ଓ ସାଥୀଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା।

# ଜିଲାସ୍ତରୀୟ ପୋଲିସ ପ୍ରତିଷ୍ଠା ଦିବସ



ଫୁଟ୍‌ବଲ ପ୍ରଦର୍ଶନୀ ମ୍ୟାଚରେ ସାମିଲ ଖେଳାଳିଙ୍କ ସହ ପୋଲିସ ଅଧିକାରୀ।

ସୁନ୍ଦରଗଡ଼, ୧୪(ଡି.ଏନ୍.ଏ)

ଜିଲାସ୍ତରୀୟ ୮୬ତମ ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ ସୁନ୍ଦରଗଡ ଜିଲା ପୋଲିସ ପକ୍ଷରୁ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସ୍ଥାନୀୟ ଶଙ୍କରା ପୋଲିସ ପଡ଼ିଆରେ ଆୟୋଜିତ ସମାରୋହରେ ସୁନ୍ଦରଗଡ଼ ଏସ୍‌ପି ସାଗରିକା ନାଥ ଆୟୋଜିତ ଚିତ୍ତାକର୍ଷକ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ନିଷ୍ଠାପର ଭାବେ ନିଜର କର୍ତ୍ତବ୍ୟ ପାଳନ କରି ଜନସାଧାରଣଙ୍କ ଆସ୍ଥାଭାଜନ ହେବାକୁ ଉପସ୍ଥିତ ପୋଲିସ ଅଧିକାରୀ ଓ କର୍ମଚାରୀମାନେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସୁନ୍ଦରଗଡ ପୋଲିସ ଜିଲାରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ କାର୍ଯ୍ୟରତ ପୋଲିସ କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପରେ କମ୍ୟୁନିଟି ପୋଲିସିଂ ସ୍ୱରୂପ ସୁନ୍ଦରଗଡ ପୋଲିସ ପକ୍ଷରୁ ବର୍ଷବ୍ୟାପୀ ତୃଣମୂଳସ୍ତରରୁ ଫୁଟବଲ କୋଚିଂ କାର୍ଯ୍ୟକ୍ରମକୁ ରାଉରକେଲା ପଶ୍ଚିମାଞ୍ଚଳ ଆଇଜି କବିତା ଜଲାନ, ଜିଲାପାଳ ନିଖିଲ ପୱନ କଲ୍ୟାଣ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ୧୬ବର୍ଷ ପର୍ଯ୍ୟନ୍ତ ଜିଲାର ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ବାଳିକା, ବାଳକ ମାନଙ୍କୁ ଦକ୍ଷ କୋଚ୍‌ମାନଙ୍କ ଦ୍ୱାରା ଏହି ଫୁଟବଲ କୋଚିଂ ପ୍ରଦାନ କରାଯାଇ ପ୍ରତିଭାବାନ୍ ଖେଳାଳୀ ସୃଷ୍ଟି କରାଯିବ ବୋଲି ଏସ୍‌ପି ନାଥ ସୂଚନା ଦେଇଥିଲେ। ସ୍ଥାନୀୟ ରିଜର୍ଭ ପୋଲିସ ଲାଇନ୍ ଏକଲବ୍ୟ ଖେଳପଡିଆଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ସହରତଳି ସାଳିଆସାହି ଓ ସ୍ଥାନୀୟ ପିଲାମାନଙ୍କ ମଧ୍ୟରେ ଏକ ପ୍ରଦର୍ଶନ ମ୍ୟାଚ ଅନୁଷ୍ଠିତ ହୋଇଥିଲା।

# ମଜୁରି ବୃଦ୍ଧି ନେଇ ଇସ୍ପାତ କର୍ତ୍ତୃପକ୍ଷଙ୍କ ଆଭିମୁଖ୍ୟ ନିନ୍ଦନୀୟ

ରାଉରକେଲା ଅଫିସ, ୧୪

ସେଲ ଅଧିନସ୍ଥ ଇସ୍ପାତ କାରଖାନା ଓ ବ୍ୟବସାୟ ପ୍ରତିଷ୍ଠାନରେ କାର୍ଯ୍ୟରତ ଶ୍ରମିକ କର୍ମଚାରୀଙ୍କ ମଜୁରୀ ବୃଦ୍ଧି ନେଇ ନୂଆଦିଲ୍ଲୀଠାରେ ତା ୩୧।୩।୨୦୨୧ ରିଖ ରେ ଅନୁଷ୍ଠିତ ଏନ୍‌ଜେସିଏସ୍ ବୈଠକ ଇସ୍ପାତ କର୍ତ୍ତୃପକ୍ଷଙ୍କ ନକାରାତ୍ମକ ଆଭିମୁଖ୍ୟ ଯୋଗୁ ଫଳଶୂନ୍ୟ ଭାବରେ ଶେଷ ହୋଇଛି। ବୈଠକରେ ଇସ୍ପାତ କର୍ତ୍ତୃପକ୍ଷ ଶ୍ରମ ସଙ୍ଗଠନମାନଙ୍କର ଦାବିକୁ ଅଣଦେଖା କରି ପୁଣି ତାଙ୍କର ପୂର୍ବ ପ୍ରସ୍ତାବ ଯଥା- ୧୦ ବର୍ଷିଆ ମଜୁରୀ ଚୁକ୍ତିନାମା ପାଇଁ ୫% ଏମ୍‌ଜିବି, ୬% ପୂର୍ବ ପ୍ରଚଳିତ ପ୍ରିଞ୍ଜ ବେନିଫିଟ ସହ ବର୍ଦ୍ଧିତ ହାରରେ କୌଣସି ଗ୍ରେଡର ସର୍ବନିମ୍ନ ମୂଳବେତନର ୨୦% ଫିକସଡ ପ୍ରିଞ୍ଜ ବେନିଫିଟ କିମ୍ବା ବିକଳ୍ପ ଭାବରେ ୧୦ ବର୍ଷିଆ ମଜୁରୀ ଚୁକ୍ତିନାମା ପାଇଁ ୧୦% ଏମ୍‌ଜିବି, ୬% ପୂର୍ବ ପ୍ରଚଳିତ ପ୍ରିଞ୍ଜ ବେନିଫିଟ ସହ ବର୍ଦ୍ଧିତ ହାରରେ କୌଣସି ଗ୍ରେଡର ସର୍ବନିମ୍ନ ମୂଳବେତନର ୧୦% ପ୍ରିଞ୍ଜ ବେନିଫିଟକୁ ଦୋହରାଇ ଏହା ଠାରୁ କୌଣସି ଭିନ୍ନ ପ୍ରସ୍ତାବ ମଜୁରୀ ବୃଦ୍ଧିକୁ ନେଇ ଦିଆଯାଇ ପାରିବ ନାହିଁ ରୋକଠୋକ ମନା କରିବାରୁ ଶ୍ରମ ସଙ୍ଗଠନ ମିଳିତ ଭାବେ କର୍ତ୍ତୃପକ୍ଷଙ୍କର ଏତାଦୃଶ ଆଭିମୁଖ୍ୟର ଦୃଢ଼ ବିରୋଧ କରିଥିଲେ। ଇସ୍ପାତ କର୍ତ୍ତୃପକ୍ଷ ତାଙ୍କ ଜିଦରେ ଅଟଳ ରହିବାରୁ ପକ୍ଷଭୁକ୍ତ ସମସ୍ତ ଶ୍ରମ ସଙ୍ଗଠନ ମିଳିତ ଭାବରେ କର୍ତ୍ତୃପକ୍ଷଙ୍କ ଏତାଦୃଶ ଆଭିମୁଖ୍ୟର ବିରୋଧ କରି ବୈଠକ ବର୍ଜନ କରିଥିଲେ। ବୈଠକ ଫଳଶୂନ୍ୟ ଭାବରେ ଶେଷ ହେବା ନେଇ ରାଉରକେଲା ମଜଦୁର ସଭା ଇସ୍ପାତ କର୍ତ୍ତୃପକ୍ଷଙ୍କର କଠୋର ଆଭିମୁଖ୍ୟର ଦୃଢ଼ ନିନ୍ଦା କରିବା ସହ ଆଗାମୀ ଦିନରେ ଶ୍ରମିକ କର୍ମଚାରୀଙ୍କ ସ୍ୱାର୍ଥରକ୍ଷା ପାଇଁ ବୃହତ୍ତର ଆନ୍ଦୋଳନରେ ସାମିଲ ହେବାକୁ ସକଳ ବର୍ଗର ଇସ୍ପାତ ଶ୍ରମିକ କର୍ମଚାରୀଙ୍କୁ ଆହ୍ୱାନ କରୁଛି। ବୈଠକରେ ହିନ୍ଦ ମଜଦୁର ସଭା ପକ୍ଷରୁ ରାଜେନ୍ଦ୍ର ସିଂ, ରାଉରକେଲା ମଜଦୁର ସଭାର ସାଧାରଣ ସମ୍ପାଦକ ଶଶଧର ନାୟକ, ଏଚ.ଏସ.ମିଶ୍ର ପ୍ରତିନିଧିତ୍ୱ କରି ଆଲୋଚନାରେ ଭାଗ ନେଇଥିଲେ।

# କୁତ୍ରାରେ ଓଡ଼ିଶା ଦିବସ ସମାରୋହ

କୁତ୍ରା, ୧୪(ଡି.ଏନ.ଏ)



କୁତ୍ରା ସରକାରୀ ଉଚ୍ଚ ବିଦ୍ୟାଳୟରେ ଓଡ଼ିଶା ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥି।

ସୁନ୍ଦରଗଡ଼ ଜିଲା କୁତ୍ରା ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ତରଫରୁ ଓଡ଼ିଶା ଦିବସ ପାଳିତ ହୋଇଯାଇଛି । ସର୍ବ ପ୍ରଥମେ ଅନୁଷ୍ଠାନ ପରିସରରେ ପ୍ରତିଷ୍ଠିତ ଥିବା ଓଡିଶାର ବରପୁତ୍ର ସ୍ୱର୍ଗତ ଗଜପତି କୃଷ୍ଣଚନ୍ଦ୍ର ମହାରାଜଙ୍କ ପ୍ରତିମୂର୍ତ୍ତିରେ ଅନୁଷ୍ଠାନର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀ, ଶିକ୍ଷକ ବିଭୀଷଣ ବାରିକ, ଲବଣିଧର ଗର୍ଡିଆ ଓ ବାବଲାଲ ଟପ୍ପୋ ପ୍ରମୁଖ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। କରୋନା କଟକଣା ଯୋଗୁ ଆଜିର ଏହି ଦିବସକୁ ନିରାଡମ୍ବର ଭାବେ ପାଳନ କରାଯାଇଥିଲା। ଛାତ୍ରାବାସର ଛାତ୍ରୀଛାତ୍ର ସାମାଜିକ ଦୂରତା ଭିତରେ ଏଥିରେ ସାମିଲ ହୋଇ ଓଡିଶାର ବରପୁତ୍ରଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସେହିପରି କୁତ୍ରା ବ୍ଲକ କାର୍ଯ୍ୟାଳୟରେ ମଧ୍ୟ ଓଡ଼ିଶା ଦିବସ ପାଳନ କରାଯାଇଥିଲା।

# ନୀଳଚକ୍ର ପକ୍ଷରୁ ଓଡ଼ିଶା ଦିବସ ପାଳନ




ସ୍ୱତନ୍ତ୍ର ଉତ୍କଳ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି।

ରାଜଗାଙ୍ଗପୁର, ୧୪ (ଡି.ଏନ୍.ଏ.)

ରାଜଗାଙ୍ଗପୁର ନୀଳଚକ୍ର ଶାଖା ଦ୍ୱାରା ୮୬ତମ ସ୍ୱତନ୍ତ୍ର ଉତ୍କଳ ଦିବସ ପାଳିତ ହୋଇଛି । ଏହି ଅବସରରେ ପ୍ରଥମେ ଲିପଲୋଇସ୍ଥିତ ନୀଳଚକ୍ର କାର୍ଯ୍ୟାଳୟରେ ସକାଳେ ପତାକା ଉତ୍ତୋଳନ କରାଯାଇ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଏହା ସହିତ ସହରରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସରକାରୀ ଡାକ୍ତରଖାନାରେ ଥିବା ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଦ୍ୱିପ୍ରହର ସମୟରେ ନୀଳଚକ୍ର କାର୍ଯ୍ୟାଳୟରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ମୁଖ୍ୟଅତିଥି ଭାବରେ ଅତି ଜନପ୍ରିୟ ଡା. ହରେକୃଷ୍ଣ ପଣ୍ଡା, ସମ୍ମାନିତ ଅତିଥି ଭାବେ ଡା. ଉମେଶ ଗୁରୁ, ଅଶୋକ ଦାସ, ଶ୍ରୀଧର ସ୍ୱାଇଁ ଓ ନୀଳଚକ୍ର ଆବାହକ ତଥା ପୂର୍ବତନ ପୌରାଧ୍ୟକ୍ଷା ଶଶିରେଖା ସାମଲ ପ୍ରମୁଖ ଯୋଗଦେଇ ଦୀପ ପ୍ରଜ୍ୱଳନ କରି ସଭା କାର୍ଯ୍ୟକୁ ଶୁଭାରମ୍ଭ କରିଥିଲେ। ସଭାର ସଭାପତିତ୍ୱ କରି ଆବାହକ ଶଶିରେଖା ସାମଲ ନିଜ ବକ୍ତବ୍ୟରେ ଓଡ଼ିଆ ଜାତି, ଭାଷା, ସଂସ୍କୃତି ଓ ସମ୍ମାନ ରକ୍ଷା କରିବା ପାଇଁ ଏହି ନୀଳଚକ୍ରର ସୃଷ୍ଟି ହୋଇଥିଲା ଓ ଏହି ଅଞ୍ଚଳରେ ଓଡିଆଙ୍କ ସ୍ୱାର୍ଥ ଓ ସମ୍ମାନ ରକ୍ଷା କରିବା ପାଇଁ ସେ ପ୍ରତିଜ୍ଞାବଦ୍ଧ ବୋଲି କହିଥିଲେ। ମୁଖ୍ୟଅତିଥି ନିଜ ବକ୍ତବ୍ୟରେ ଓଡ଼ିଶାର ଏକ ସ୍ୱତନ୍ତ୍ର ପରିଚୟ ପାଇଁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କୁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରିବା ସହିତ ଓଡିଶା ଗଠନ ପାଇଁ ଉତ୍କଳର ବୀରପୁତ୍ରମାନଙ୍କ ତ୍ୟାଗ ଓ ଆଦର୍ଶର ବାଣୀକୁ ମନେ ପକାଇଥିଲେ। ଜନମଙ୍ଗଳ ପାଇଁ କାର୍ଯ୍ୟ କରିଥିବା ସହରର ୫ ଜଣ ଶିକ୍ଷକ ସରୋଜ ଦାଶ, କୁଳଦୀପ ସିଂ, ଡା. ହରେକୃଷ୍ଣ ପଣ୍ଡା, ଶ୍ରୀଧର ସ୍ୱାଇଁ, ଥାନା ଅଧିକାରୀ ଗୋକୁଳାନନ୍ଦ ସାହୁଙ୍କୁ ନୀଳଚକ୍ରର ଆବାହକ ଉପଢ୍ୌକନ ସହ ମାନପତ୍ର ପ୍ରଦାନ କରିଥିଲେ। ଶେଷରେ ଉପେନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ନୀଳଚକ୍ର ପ୍ରେମୀ ବିଦ୍ୟାଧର ପାଢ଼ି, ତୁଷାର ସାହୁ, ସମୀର ସାହୁ, ବିଜୟ ନାୟକ, ପ୍ରମୋଦ ରାୟ ଓ ଅନ୍ୟମାନେ ସହଯୋଗ କରିଥିଲେ ।

# ଦେବଗଡ଼ରେ ଜିଲାସ୍ତରୀୟ ଓଡ଼ିଶା ଦିବସ ପାଳିତ



ଜିଲାସ୍ତରୀୟ ଓଡ଼ିଶା ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି।

ଦେବଗଡ଼,୧୪(ଡି.ଏନ୍.ଏ.)

ଦେବଗଡ଼ ଜିଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଟାଉନ ହଲଠାରେ ଗୁରୁବାର ଜିଲାସ୍ତରୀୟ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କ ସଭାପତିତ୍ୱରେ ସଭା ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ସୁଶାନ୍ତ କୁମାର ସିଂ, ମୁଖ୍ୟବକ୍ତା ଭାବେ ଆଦର୍ଶ ସ୍ନାତକ ବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ସହକାରୀ ପ୍ରାଧ୍ୟାପକ ଡକ୍ଟର ହେମନ୍ତ କୁମାର ଦାଶ, ସମ୍ମାନିତ ଅତିଥି ଭାବେ ଦେବଗଡ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଓ ଦେବଗଡ ଜିଲା ପରିଷଦ ଅଧ୍ୟକ୍ଷା ସୁଧାମୟୀ ପଟେଲ ଯୋଗଦେଇ ଉତ୍କଳର ବରପୁତ୍ରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ମନ୍ତ୍ରୀ ସିଂ ଭାଷା ଭିତ୍ତିକ ରାଜ୍ୟ ଭାବେ ଓଡିଶା ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ମହାପୁରୁଷଙ୍କର ସ୍ମୃତିଚାରଣ କରିବା ସହ ରାଜ୍ୟ ତଥା ଦେବଗଡ ଜିଲାର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ । ମୁଖ୍ୟବକ୍ତା ତଥା ଆଦର୍ଶ ସ୍ନାତକ ବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ସହକାରୀ ପ୍ରାଧ୍ୟାପକ ଡକ୍ଟର ଦାଶ ନିଜର ବକ୍ତବ୍ୟ ଉପସ୍ଥାପନ କରି ଆଜି ମଧ ବିଭିନ୍ନ କାରଣରୁ ସ୍ୱତନ୍ତ୍ର ଓଡ଼ିଶା ସମ୍ପୂର୍ଣ୍ଣତା ଲାଭ କରିପାରି ନ ଥିବା ପ୍ରକାଶ କରିବା ସହ ଓଡ଼ିଆ ଭାଷାର ଅନୁବାଦ ଦ୍ୱାରା ସମଗ୍ର ବିଶ୍ୱରେ ଓଡିଆ ଭାଷାର ପ୍ରଚାରପ୍ରସାର କରିବାର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ତଥା ଦେବଗଡ ବିଧାୟକ ପାଣିଗ୍ରାହୀ ନିଜର ବକ୍ତବ୍ୟ ଉପସ୍ଥାପନ କରିବାସହ ଓଡିଆ ଭାଷା ସମ୍ପ୍ରଦାୟର ବହୁ ଅଞ୍ଚଳ ଓଡିଶାରେ ମିଶି ପାରି ନ ଥିବାବେଳେ କୋଟିଆ ପ୍ରସଙ୍ଗ ଉଠାଇ ରାଜ୍ୟ ସରକାରଙ୍କୁ ପରୋକ୍ଷରେ ଦୋଷାରୋପ କରିଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅଧିକାରୀ ବିଜୟ କୁମାର ମିଶ୍ର ପରିଚାଳନା କରିଥିଲେ। ସଭା ପ୍ରାରମ୍ଭରେ ବନ୍ଦେ ଉତ୍କଳଜନନୀ ଗାନ କରାଯାଇଥିଲା ।

# ଦେବଗଡ଼ରେ ପୋଲିସ ପ୍ରତିଷ୍ଠା ଦିବସ

ଦେବଗଡ଼,୧୪(ଡି.ଏନ୍.ଏ.)



ପୋଲିସ ପ୍ରତିଷ୍ଠା ଦିବସ ଅବସରରେ ଉପସ୍ଥିତ ପୋଲିସ ଅଧିକାରୀ।

ଦେବଗଡ଼ ଜିଲା ପୋଲିସ ପକ୍ଷରୁ ସ୍ଥାନୀୟ ରିଜର୍ଭ ପୋଲିସ ପଡିଆଠାରେ ଗୁରୁବାର ୮୬ତମ ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସମ୍ମିଳିତ ପରେଡରେ ଜିଲା ଆରକ୍ଷୀ ଅଧୀକ୍ଷକ ମନୋଜ କୁମାର ମାହାନ୍ତ ଅଭିବାଦନ ଗ୍ରହଣ କରିବା ସହ ଓଡିଶା ପୋଲିସ ନିଷ୍ଠାପର ଭାବେ ନିଜର କର୍ତ୍ତବ୍ୟ ଓ ଦାୟିତ୍ୱକୁ ସୂଚାରୁ ରୂପେ ନିର୍ବାହ କରି ସମଗ୍ର ଦେଶରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହ ଜନସାଧାରଣଙ୍କୁ ସୁରକ୍ଷା ଓ ସେବା ପ୍ରଦାନ କରି ଆସୁଥିବା ପ୍ରକାଶ କରିଥିଲେ। ସେହିପରି ଓଡିଶା ପୋଲିସର ଏହି ପରମ୍ପରାକୁ ବଜାୟ ରଖି ଜନସାଧାରଣଙ୍କ ଆସ୍ଥା ଭାଜନ ହେବା ପାଇଁ ସମସ୍ତ ପ୍ରକାର ପ୍ରଚେଷ୍ଟା ଜାରି ରଖିବାକୁ ଆରକ୍ଷୀ ଅଧୀକ୍ଷକ ମାହାନ୍ତ ଉପସ୍ଥିତ ପୋଲିସ ବାହିନୀକୁ ଆହ୍ୱାନ ଦେଇଥିଲେ। ସେହିପରି ପୋଲିସ ପ୍ରତିଷ୍ଠା ଦିବସ ଅବସରରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପାଠ କରିଥିଲେ। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରବି ନାରାୟଣ ସି ଓଡିଶା ପୋଲିସର ପ୍ରତିଷ୍ଠା ଏବଂ ଇତିହାସ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ କୁମାର ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ଭାରପ୍ରାପ୍ତ ରିଜର୍ଭ ଇନ୍ସପେକ୍ଟର ଗୋବିନ୍ଦ ମାରାଣ୍ଡି ଓ ଡ୍ରିଲ ଇନ୍ସପେକ୍ଟର ପରିକ୍ଷିତ ନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ପରେଡରେ ଜିଲା ପୋଲିସର ମହିଳା ଓ ପୁରୁଷ ସଶସ୍ତ୍ର ବାହିନୀ ଓ ୪ର୍ଥ ଆଇଆରବି ପୋଲିସ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଏହି ସମାରୋହରେ ଜିଲାର ଶ୍ରେଷ୍ଠ ଏଏସ୍‌ଆଇ ଭାବେ ରଶାଞ୍ଚଳ ଦେହୁରୀ, ଶ୍ରେଷ୍ଠ ହାବିଲଦାର ଭାବେ ରୁଦ୍ର ନାରାୟଣ ପ୍ରଧାନ, ଶ୍ରେଷ୍ଠ କନଷ୍ଟେବଳ ଭାବେ ବିବସ୍ୱ କୁମାର ପ୍ରଧାନ, ବାବୁଲୁ ଜେନା, ୪ର୍ଥ ଆଇଆର୍‌ବିର ଡେପୁଟି ସୁବେଦାର ମାଘୁ ମୁଣ୍ଡା, ହାବିଲଦାର ମେଜର ପଞ୍ଚାରାମ ଗୁରୁଙ୍ଗ ଓ କନଷ୍ଟେବଳ ଗିରିଧାରୀ ଦେହୁରୀଙ୍କୁ ଅର୍ଥ ରାଶି ପ୍ରଦାନ ପୂର୍ବକ ଆରକ୍ଷୀ ଅଧିକ୍ଷକ ଶ୍ରୀ ମାହାନ୍ତ ପୁରସ୍କୃତ କରିଥିଲେ। ସେହିପରି କରୋନା ମହାମାରୀ ସମୟରେ ପ୍ଲାଜମା ଦାନ କରିଥିବା ଡେପୁଟି ସୁବେଦାର ପ୍ରଦୀପ କୁମାର ମୁଦୁଲି, ହାବିଲଦାର ଅମର ପ୍ରସାଦ ମୁଣ୍ଡୁ, କନଷ୍ଟେବଳ ସିଲୁ ପ୍ରଧାନ, ଉଦିତ କୁମାର ପ୍ରଧାନ, ଆତିଶ ବିଶ୍ୱାଳ, ମନୋଜ କୁମାର ଦେହୁରୀ, ସୁବୋଧ କୁମାର କୁଜୁର, ଯୋଗେନ୍ଦ୍ର ସାହୁ, ଦୁଷ୍ମନ୍ତ କୁମାର ଦେହୁରି, ମନୋଜ କୁମାର ବେହେରା, ଗୃହରକ୍ଷୀ ଅରୁଣ ଅଦାବର, ହେମନ୍ତ ନାୟକ, ପଞ୍ଚାନନ ଦେହୁରି, ପ୍ରହଲ୍ଲାଦ ସାହୁ ଓ ବିଜୟ କୁମାର ଭୋଇଙ୍କୁ ମଧ ଏହି ଅବସରରେ ଟ୍ରଫି ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲାର ସମସ୍ତ ଥାନାର ଥାନା ଅଧିକାରୀ, କର୍ମଚାରୀ, ଅବସରପ୍ରାପ୍ତ ପୋଲିସ କର୍ମଚାରୀ ଓ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହିଥିଲେ ।

## ବାଇକ୍‌ରୁ ପଡ଼ି ମହିଳା ମୃତ

କୁଚିଣ୍ଡା,(ଡି.ଏନ.ଏ.): କୁଚିଣ୍ଡା ନିକଟ ଲଇଡାଗୁଣା ସାପ୍ତାହିକ ବଜାରକୁ ଆସିଥିବା ଜଣେ ମହିଳା ବାଇକ୍‌ରୁ ପଡି ପ୍ରାଣ ହରାଇଛନ୍ତି। ସେ ହେଲେ ଡନସନାଡିହି ଗ୍ରାମର ବେନେଦିକ ମୁଣ୍ଡାଙ୍କ ସ୍ତ୍ରୀ ଡାୟାକେଶରୀ ମୁଣ୍ଡା (୪୨)। ଡାୟାକେଶରୀ ନିଜ ପୁଅ ସହ ବାଇକ୍‌ରେ ବଜାରକୁ ଆସି ଫେରୁଥିବା ବେଳେ କୁସୁମୀ ରାସ୍ତା ଉପରେ ବାଇକ୍‌ରୁ ପଡିଯାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ କୁଚିଣ୍ଡା ଡାକ୍ତରଖାନାକୁ ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସନ୍ଧ୍ୟା ୭ଟାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। କୁଚିଣ୍ଡା ପୋଲିସ ମୃତଦେହ ଜବତ କରିବା ସହ ଥାନାରେ ଏକ ମାମଲା ( ନଂ.୭୨/୨୧) ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ସଂକ୍ଷେପରେ

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

କୁଚିଣ୍ଡା, ୧୪ (ଡି.ଏନ.ଏ.): ସମ୍ବଲପୁର ଜିଲା ଲଇଡା ଫାଣ୍ଡି ପୋଲିସ ବୁଧବାର ରାତିରେ ଗଣ୍ଡାକଣା ଗ୍ରାମ ନିକଟ ପାହାଡର ଏକ ଗଛରୁ ଝୁଲନ୍ତା ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ପରିଚୟ ମିଳି ନ ଥିବା ଯୁବକଙ୍କ ବୟସ ୧୮ବର୍ଷ ହେବ। ମୃତଦେହ ବ୍ୟବଚ୍ଛେଦ ପାଇଁ ପୋଲିସ କୁଚିଣ୍ଡା ଡାକ୍ତରଖାନାକୁ ପଠାଇଛି। ଯୁବକ ଜଣକ ୪ରୁ ୫ଦିନ ତଳେଅଞ୍ଚଳରେ ଘୂରି ବୁଲୁଥିବା ସ୍ଥାନୀୟ ଲୋକେ କହିଛନ୍ତି।

### ବିଲବାଡ଼ି ଜଙ୍ଗଲରେ ନିଆଁ

କୁଚିଣ୍ଡା, ୧୪ (ଡି.ଏନ.ଏ.): କୁଚିଣ୍ଡା ଅଞ୍ଚଳର ବିଲବାଡି ଜଙ୍ଗଲରେ ନିଆଁ ଲାଗିଛି। ଏଥିରେ କିଲୋମିଟର ବ୍ୟାପି ଜଙ୍ଗଲ ଜମି ପୋଡି ପାଉଁଶ ହୋଇଯାଉଛି। ଏହା ଦ୍ୱାରା ଲୋକଙ୍କ ବାଡିର ଘେରା ଜଳିଯିବା ଦ୍ୱାରା ଚାଷୀ କ୍ଷତିଗ୍ରସ୍ତ ହେଉଛନ୍ତି। ଗତ ୨୯ ତାରିଖରେ ସିରିଡ ଭୋଜପୁର ଅଞ୍ଚଳରେ ନିଆଁ ଲାଗି ଜଙ୍ଗଲ ଧ୍ୱଂସ ହୋଇଥିବା ବେଳେ ୩୧ରେ କୁଚିଣ୍ଡା ମହାବିଦ୍ୟାଳୟ ନିକଟ ବିସ୍ତୀର୍ଣ୍ଣ ପଡିଆ, କୁଚିଣ୍ଡା ଝୁଲେନ ପୋଲ ନିକଟରେ ରହିଥିବା ଚାଷ ଜମି, ଗୁରୁବାର ବାଉରିଗୋଡା, ବକ୍ସମା ନିକଟରେ ନିଆଁ ଲାଗି ବ୍ୟାପକ କ୍ଷୟକ୍ଷତି ହୋଇଛି । ଏହା ଦ୍ୱାରା ଏଠାକାର ଦ୍ୱାରା ପରିବେଶ ମଧ ଉତ୍ତପ୍ତ ହୋଇରହିଛି।

### ଦିନକରେ ୨୫ ର୍‍ୟାକ୍ ମାଲ ପରିବହନ

**ସମ୍ବଲପୁର ମଣ୍ଡଳର ନୂତନ ରେକର୍ଡ**

ସମ୍ବଲପୁର, ୧୪ (ବ୍ୟୁରୋ): ସମ୍ବଲପୁର ରେଳ ମଣ୍ଡଳ ଗୋଟିଏ ଦିନରେ ୨୫ ର୍‍ୟାକ୍ ଅର୍ଥାତ୍ ୧୧୬୫ ୱାଗନ୍ ମାଲ ପରିବହନ କରି ନୂତନ ରେକର୍ଡ ସୃଷ୍ଟି କରିଛି। ୩୧ ମାର୍ଚ୍ଚ, ୨୦୨୧ ବୁଧବାର ଏହି ମାଇଲ୍ ଖୁଣ୍ଟ ସୃଷ୍ଟି ହୋଇଛି। ମଣ୍ଡଳର ବିଭିନ୍ନ ଲୋଡିଂ ପଏଣ୍ଟରୁ ୦.୦୮୮ ମିଲିୟନ ଟନ୍ ମାଲ ପରିବହନ ହୋଇଛି, ଯାହାକି ଗତବର୍ଷ ତୁଳନାରେ ପ୍ରାୟ ୬୮ ପ୍ରତିଶତ ଅଧିକ। ଏ ନେଇ ଗୁରୁବାର ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାର କର୍ମଚାରୀ, ଅଧିକାରୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ନାକଟିଦେଉଳ,୧୪(ଡି.ଏନ.ଏ.): ନାକଟିଦେଉଳ ବ୍ଲକ ଗିରିଶ୍ଚନ୍ଦ୍ରପୁର ସରକାରୀ ଆଦିବାସୀ ହରିଜନ ଉଚ୍ଚବିଦ୍ୟାଳୟର ସଂସ୍କୃତ ଶିକ୍ଷକ ପ୍ରଶାନ୍ତ କୁମାର ମିଶ୍ରଙ୍କୁ ବୁଧବାର ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପ୍ରଧାନଶିକ୍ଷକ ସଦାନନ୍ଦ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁଶାନ୍ତ କୁମାର ବେହେରା ମୁଖ୍ୟଅତିଥି, ପୂର୍ବତନ ଜିଲାପରିଷଦ ସଭ୍ୟ ବିପିନ ବିହାରୀ ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଶ୍ୱାମିତ୍ର ଦେହୁରି, ପୂର୍ବତନ ସହକାରୀ ଶିକ୍ଷକ ଜୟକୃଷ୍ଣ ଦେହୁରି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟଅତିଥି ଅବସର ଗ୍ରହଣ କରିଥିବା ଶିକ୍ଷକଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ।

### ଉତ୍କଳମଣି, ଉତ୍କଳ ଗୌରବଙ୍କ ସ୍ତୁତିଚାରଣ

ବ୍ରଜରାଜନଗର, ୧୪(ଡି.ଏନ.ଏ.): ବ୍ରଜରାଜନଗର ଇଏସ୍ଆଇ ଛକଠାରେ ଥିବା ଉତ୍କଳମଣି ଗୋପବନ୍ଧୁ ଓ ମଧୁସୂଦନ ଛକସ୍ଥିତ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ସେମାନଙ୍କ ସ୍ତୁତିଚାରଣ କରାଯାଇଛି। ଏଥିରେ ସାମାଜିକ କର୍ମୀ ପ୍ରତାପ କେଶରୀ ସିଂ, ଉପନ ଚରଣ ସାହୁ, ବିଜୟ ସାହୁ, ବିରଞ୍ଚି ସ୍ୱାଇଁ, ରାଜେଶ ସାହୁ ପ୍ରମୁଖ ଯୋଗଦେଇଥିଲେ। ତେବେ ପୌର ପ୍ରଶାସନ ଚଳିତ ବର୍ଷ ଏହି ମହାପୁରୁଷମାନଙ୍କୁ ମନେପକାଇ ନ ଥିବାରୁ ବୁଦ୍ଧିଜୀବୀମାନେ ସମାଲୋଚନା କରିଥିଲେ।

### ସ୍କୁଲରେ ଓଡ଼ିଶା ଦିବସ

ପଡିଆବାହାଲ, ୧୪ (ଡି.ଏନ.ଏ.): ଯୁଯୁମୁରା ବ୍ଲକ ପଡିଆବାହାଲ ଲିଟିଲ ଫ୍ଲାୱାର ସ୍କୁଲରେ ଗୁରୁବାର ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଉତ୍ସବରେ ଗଡଲୁଇସିଙ୍ଗ ସରପଞ୍ଚ ଅଶ୍ୱିନୀ କୁମୁରା ମୁଖ୍ୟଅତିଥି, ସାମାଜିକ କର୍ମୀ ଡା. ରାଜାରାମ ଷଡ଼ଙ୍ଗୀ ମୁଖ୍ୟବକ୍ତା ଓ ମେଘପାଳ ସରପଞ୍ଚ ମମତା ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନୁଷ୍ଠାନର ସମ୍ପାଦିକା ରୁବି ଦେହୁରି,ଶିକ୍ଷକଙ୍କ ଉପସ୍ଥିତିରେ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ମାନବ ଶୃଙ୍ଖଳରେ ପଶ୍ଚିମାଞ୍ଚଳ ଏକତା ଦିବସ

ସମ୍ବଲପୁର, ୧୪ (ବ୍ୟୁରୋ)



ସମ୍ବଲପୁର ଆର୍‌ଡିସି ଅଫିସ ସମ୍ମୁଖ ରାସ୍ତାରେ ପଶ୍ଚିମାଞ୍ଚଳ ଏକତା ମଞ୍ଚ ଦ୍ୱାରା ଆୟୋଜିତ ମାନବ ଶୃଙ୍ଖଳ ।

ସମ୍ବଲପୁର ଉତ୍ତରାଞ୍ଚଳ ରାଜସ୍ୱ କମିଶନ (ଆର୍‌ଡିସି) କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ପଶ୍ଚିମାଞ୍ଚଳ ଏକତା ଦିବସ ଗୁରୁବାର ପାଳନ କରାଯାଇଛି। ମାନବ ଶୃଙ୍ଖଳ କରି ବିଭିନ୍ନ ଅନୁଷ୍ଠାନର ଶତାଧିକ କର୍ମକର୍ତ୍ତା ଏହି ଦିବସ ପାଳନ କରିଥିଲେ। ଏକତା ମଞ୍ଚ ପକ୍ଷରୁ ଦିଆଯାଇଥିବା ଡାକରାରେ ସହରର ବିଭିନ୍ନ ସାମାଜିକ, ସାଂସ୍କୃତିକ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ରାଜନୈତିକ ଦଳର ନେତାମାନେ ସାମିଲ ହୋଇଥିଲେ। ସମଗ୍ର ପଶ୍ଚିମାଞ୍ଚଳ ଏକତା ବାର୍ତ୍ତାକୁ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପଶ୍ଚିମ ଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ, ବରଗଡରେ କ୍ୟାନସର ହସ୍ପିଟାଲ, ଝାରସୁଗୁଡ଼ାରେ ସରକାରୀ ମହାବିଦ୍ୟାଳୟ ପ୍ରତିଷ୍ଠା, ଦେବଗଡରେ କୃଷି ମହାବିଦ୍ୟାଳୟ ସ୍ଥାପନ, ବଲାଙ୍ଗୀରରେ ବାଇପାସ୍ ନିର୍ମାଣ ଓ ମେଡିକାଲରେ ଉତ୍ତମ ଚିକିତ୍ସା ବ୍ୟବସ୍ଥା, କଳାହାଣ୍ଡିରେ ରେଲ୍‌ୱେ ଓ ୱାଗନ୍ କାରଖାନା, ନୂଆପଡାରେ ମେଡିକାଲ କଲେଜ, ବୌଦ୍ଧ ଜିଲାକୁ ସମ୍ବଲପୁର ଉତ୍ତରାଞ୍ଚଳ ରାଜସ୍ୱ ଅଧୀନରେ ସାମିଲ କରିବା, ପଶ୍ଚିମ ଓଡିଶା ବିକାଶ ପରିଷଦ ମୁଖ୍ୟ କାର୍ଯ୍ୟାଳୟ ପଶ୍ଚିମାଞ୍ଚଳର କୌଣସି ଜିଲାରେ ପ୍ରତିଷ୍ଠା ଭଳି ଦାବି ରହିଥିଲା। ଏହି ଅବସରରେ ଝାରସୁଗୁଡା ଜିଲା ସଂଯୋଜକ ଅଜିତ ରଥ, ବଲାଙ୍ଗୀର ସଂଯୋଜକ ଅଜୟ ନାଗ, ବରଗଡ ସଂଯୋଜକ ପୌଲପ୍ତ ସାହା, ନୂଆପଡା ସଂଯୋଜକ ପ୍ରଦୀପ ଦିଣ୍ଡିଆ, ଗୋଶାଳା ସଂଯୋଜିକା ସଂଯୁକ୍ତା ପଧାନ, ସୁନ୍ଦରଗଡ ସଂଯୋଜିକା ଜନନୀ ମିଶ୍ର, ଝାରସୁଗୁଡା ସଂଯୋଜିକା ସୁଜାତା ମିଶ୍ର, ଗୀତା ମେହେର, ରେଙ୍ଗାଲି ସଂଯୋଜିକା ପଙ୍କଜିନୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଜିଲା କଂଗ୍ରେସ ସଭାପତି ଅଶ୍ୱିନୀ ଗୁରୁ, ଜିଲା ଭାଜପା ସଭାପତି ଗିରିଶ ପଟେଲ, ଜିଲା ଓକିଲ ସଂଘ ସଭାପତି ଡ. ପ୍ରମୋଦ ରଥ, ସାଧାରଣ ସମ୍ପାଦକ ରବିରଞ୍ଜନ ପୂଜାରୀ, ଜିଲା କୃଷକ ସୁରକ୍ଷା ସମିତି ସଭାପତି ମୁରାରୀ ପୁରୋହିତ, ହରିଶଙ୍କର ପୁରୋହିତ ପ୍ରମୁଖ ସାମିଲ ଥିଲେ।

# ୩ ଯୁବତୀ, ୨ ଗ୍ରାହକ ଅଟକ: ସେକ୍ସ ର୍‍ୟାକେଟ ଚାଲୁଥିବା ସନ୍ଦେହ

ସମ୍ବଲପୁର,୧୪ (ବ୍ୟୁରୋ)

ସମ୍ବଲପୁର ଜିଲା ଧନୁପାଲି ଥାନା ପୁଟିବନ୍ଧ ଓ ଧନକଉଡା ଅଞ୍ଚଳରେ ପୋଲିସ ଗୁରୁବାର ସନ୍ଧ୍ୟାରେ ଚଢ଼ାଉ କରି ୩ ଜଣ ଯୁବତୀ, ୨ ଗ୍ରାହକ ଓ ୨ ଘରମାଲିକଙ୍କୁ ଥାନାରେ ଅଟକ ରଖିଛି। ଉକ୍ତ ଅଞ୍ଚଳରେ ସେକ୍ସ ର୍‍ୟାକେଟ ଚାଲୁଥିବା ପାଲିସ ସନ୍ଦେହ କରି ତଦନ୍ତ ଚଳାଇଛି। ପୂର୍ବରୁ ସହରରେ ସେକ୍ସ ର୍‍ୟାକେଟ ଚାଲୁଥିବା ନେଇ ପୋଲିସ ପାଖରେ ଅଭିଯୋଗ ହୋଇଥିଲା।

# ଟିପିଡବ୍ଲ୍ୟୁଓଡିଏଲ୍ ଅତ୍ୟାଧୁନିକ ଅଫିସ ଉଦ୍‌ଘାଟିତ

ସମ୍ବଲପୁର, ୧୪ (ବ୍ୟୁରୋ)

ଟିପିଡବ୍ଲ୍ୟୁଓଡିଏଲ୍ ସମ୍ବଲପୁର ମଣ୍ଡଳର ଅତ୍ୟାଧୁନିକ ଅଫିସ ଗୁରୁବାର ଅଇଁଠାପାଲି ଅଞ୍ଚଳରେ ଉଦ୍‌ଘାଟିତ ହୋଇଛି। କମ୍ପାନୀ ସିଇଓ ଗଜାନନ ଏସ୍ କାଲେ ପୂଜାର୍ଚ୍ଚନା କରିବା ସହ ଫିତା କାଟି ଅଫିସର ଶୁଭାରମ୍ଭ କରିଥିଲେ। ମୁଖ୍ୟ ମାନବ ସମ୍ବଳ ଅଧିକାରୀ କସମସ୍ ଡି ଲାକ୍ରା, ମୁଖ୍ୟ ଅର୍ଥ ଅଧିକାରୀ ସତିଶ କୁମାର, ମୁଖ୍ୟ ବୈଷୟିକ ଅଧିକାରୀ ପ୍ରଶାନ୍ତ କୁମାର ସାହୁ, ମୁଖ୍ୟ ପ୍ରୋଜେକ୍ଟ ଅଧିକାରୀ ରାକେଶ କୁମାର ସିଂ, ମୁଖ୍ୟ ସୁରକ୍ଷା ଅଧିକାରୀ ଗୋପବନ୍ଧୁ ଶତପଥି, ମୁଖ୍ୟ ପରିଚାଳକ ସୁମିତ ଘୋଷ, ମୁଖ୍ୟ ବାଣିଜ୍ୟକ ଅଧିକାରୀ ସୁନୀଲ କୁମାର ଶର୍ମା, ହରିଶ ଶର୍ମା, ସମ୍ବଲପୁର ମଣ୍ଡଳ ଏସ୍‌ଇ ସଞ୍ଜିତ ନାୟକ, ଡିଭିଜନାଲ ଇଞ୍ଜିନିୟର ଦେବିପ୍ରସାଦ ସାମଲ, ହୀରାଖଣ୍ଡ ବିଦ୍ୟୁତ କର୍ମଚାରୀ ସଂଘ ସାଧାରଣ ସମ୍ପାଦକ ପ୍ରଣୟ କୁମାର ନାୟକ, ଡିଭିଜନ ସମ୍ପାଦକ ଦିବ୍ୟଲୋଚନ ସାହୁ ଅତିଥି ଭାବେ ଯୋଗଦେଇଥିଲେ। ବହୁ ଶୀଘ୍ର ଅତ୍ୟାଧୁନିକ ୨୪ ଘଣ୍ଟା ବିଦ୍ୟୁତ୍ ସେବା, ଗ୍ରାହକ ସେବା କାର୍ଯ୍ୟକ୍ଷମ କରାଯିବ ବୋଲି ସୂଚନା ଦିଆଯାଇଥିଲା।

# ଝାରସୁଗୁଡ଼ାରେ ପୋଲିସ ପ୍ରତିଷ୍ଠା ଦିବସ

ଝାରସୁଗୁଡ଼ା ଅଫିସ୍,୧୪



ସମୂହ ପରେଡ୍‌ର ଅଭିବାଦନ ଗ୍ରହଣ କରୁଛନ୍ତି ଏସ୍‌ପି।

**ଦକ୍ଷ ପୋଲିସ ଅଧିକାରୀ, କର୍ମଚାରୀ ପୁରସ୍କୃତ**

ଝାରସୁଗୁଡା ପୋଲିସ ପ୍ରଶାସନ ତରଫରୁ ସ୍ଥାନୀୟ ଓଏସ୍‌ଏପି ୨ୟ ବାଟାଲିୟନ ପଡିଆରେ ପୋଲିସ୍‌ର ୮୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠିତ ପରେଡରେ ମୁଖ୍ୟଅତିଥି ଭାବେ ଏସ୍‌ପି ବିକାଶ ଚନ୍ଦ୍ର ଦାସ ଯୋଗଦେଇ ଅଭିବାଦନ ଗ୍ରହଣ କରିଥିଲେ। ଏସ୍‌ପି ଦାସ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ସନ୍ଦେଶ ବର୍ତ୍ତା ପ୍ରଦାନ କରିବା ସହ ପୋଲିସ୍‌ର କର୍ତ୍ତବ୍ୟନିଷ୍ଠା ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ଏଥିରେ ଓଏସ୍‌ଏପି ୨ୟ ବାଟାଲିୟନର ଦୁର୍ଗପତି ମନୋଜ ପୁରୋହିତ, ଉପଦୁର୍ଗପତି ଭବାନୀ ଶଙ୍କର ସେଠ୍, ସହ ଦୁର୍ଗପତି ଦିଲୀପ ସାହୁ ଓ ମାନ୍ଧାତା ସାଏ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଜିଲାର ଦକ୍ଷ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଉପଢୌକନ ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା। ଏଏସ୍‌ଆଇ ମୃତ୍ୟୁଞ୍ଜୟ ରଥ, ଏପିଆର୍ ହାବିଲଦାର ଆନନ୍ଦ ବକ୍ସଲା, କନଷ୍ଟେବଲ ଜ୍ୟୋତ୍ସ୍ନା ନାୟକ, ଟ୍ରାଫିକ୍ କନଷ୍ଟେବଲ ନିରଞ୍ଜନ କୁମାର ସାହୁ, ଏପିଆର୍ କନଷ୍ଟେବଲ ମଳୟ ମଞ୍ଜୁଳା, ଓଏସ୍‌ଏପି ୨ୟ ବାଟାଲିୟନର ସାଗର ଥାପା, ବିଷ୍ଣୁ ପ୍ରସାଦ ଧବଳ, ବାଲକ୍ରିଷ୍ଣ ଥାପା, ଭଗିରାମ ଗୁରୁଙ୍ଗ୍ ପ୍ରମୁଖ ପୁରସ୍କୃତ ହୋଇଥିଲେ। ସେହିପରି ଜିଲା ପୋଲିସ କନଷ୍ଟେବଲଙ୍କୁ ଟାଇକୁଣ୍ଡୁ ପ୍ରଶିକ୍ଷଣ ଦେଉଥିବା ସୁନ୍ଦରମଣି ପଟେଲ ଓ ମାନବ ସମ୍ବଳ ବିଭାଗର ଅବସରପ୍ରାପ୍ତ ଅଧିକାରୀ ଜୀବନ ମହାନ୍ତିଙ୍କୁ ସ୍ୱେଚ୍ଛାକୃତ କାର୍ଯ୍ୟ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ଲାଜ୍‌ମା ଦାନ କରିଥିବା ୨ୟ ବାଟାଲିୟନର ସଶସ୍ତ୍ର ବାହିନୀଙ୍କ ମଧ୍ୟରେ ପ୍ରସାଦ ଶ୍ରେଷ୍ଠା, ପୂର୍ଣ୍ଣ ବାହାଦୁର ଥାପା, ବିଷ୍ଣୁ କୁମାର ପ୍ରଧାନ, ଟେକ୍ ବାହାଦୁର ଗୁରୁଙ୍ଗ, ଦିଲୀରାଜ ସୁନୁୱାର, ଅର୍ଜୁନ ବାହାଦୁର ଲିମ୍ବୁ, ପ୍ରେମ ବାହାଦୁର ଜିସି, ଟିକା ବାହାଦୁର ଛେଟ୍ରେ, ଯୁବରାଜ କୁଆଁର, ଧନ ବାହାଦୁର ଥାପା, ସୁଶୀଲ ଅଧିକାରୀ, କମଳ ସୁବେଦି, ଅନିଲ ବାସ୍‌ନେଟ୍ ଓ ସ୍ୱର୍ଗତ ନରେଶ ରଣାଙ୍କ ସ୍ତ୍ରୀ ସୋମୀ ରଣାଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ମନ୍ତ୍ରୀଙ୍କୁ ଜିଲା ବିଜେଡି ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା

ଦେବଗଡ଼,୧୪(ଡି.ଏନ୍.ଏ.)

ଗ୍ରାମ୍ୟ ଉନ୍ନୟନ, ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ମନ୍ତ୍ରୀ ସୁଶାନ୍ତ କୁମାର ସିଂଙ୍କ ଦେବଗଡ ଗସ୍ତ ଅବସରରେ ଦେବଗଡ ଜିଲା ବିଜୁ ଜନତା ଦଳ ପକ୍ଷରୁ ଗୁରୁବାର ତାଙ୍କୁ ଉଚ୍ଛସିତ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।ପୂର୍ବାହ୍ନରେ ବିଜେଡି ପକ୍ଷରୁ ଜିଲା ପରିଷଦ ସଦସ୍ୟା ନିଶାନୀ ବେହେରା, ବିଜେଡି ରାଜ୍ୟ ପରିଷଦ ସଦସ୍ୟ ଇଂ.ସୁଜିତ କୁମାର ପ୍ରଧାନ, ଜିଲା ଯୁବ ବିଜୁ ଜନତାଦଳ ସଭାପତି ପ୍ରତାପ ଦେବ, ନଗର ସଭାପତି ଶୁକଦେବ ଭଞ୍ଜ, ଇଂ.ଚିତ୍ତ ରଞ୍ଜନ ପ୍ରଧାନ,ପୂର୍ବତନ ଜିଲା ସାଧାରଣ ସମ୍ପାଦକ ଇଂ. ବିଷ୍ଣୁପ୍ରସାଦ ଅମାତ୍ୟ, ତିଲେଇବଣି ବ୍ଲକ ବିଜେଡି ସଭାପତି ବାବୁଲାଲ ପୃଷେଠ, ବାରକୋଟ ବ୍ଲକ ବିଜେଡି ସଭାପତି ହୀରାଲାଲ ସାହୁ, କାମାକ୍ଷା ଗଙ୍ଗଦେବ, ହିମାଂଶୁ ଶେଖର ବଡପଣ୍ଡା, ମହିଳା ବିଜେଡି ନେତ୍ରୀ ଅରୁଣି ପ୍ରଧାନ ଓ ସମ୍ବଲପୁର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ପୂର୍ବତନ ସଭାପତି ଅମରେନ୍ଦ୍ର ଗଙ୍ଗଦେବଙ୍କ ସମେତ ବହୁ ବିଜେଡି ନେତା ଓ କର୍ମୀ ସ୍ଥାନୀୟ ସର୍କିଟ ହାଉସରେ ମନ୍ତ୍ରୀ ସିଂଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହି ଅବସରରେ ସେମାନେ ଜିଲାର ବିକାଶ ସମ୍ପର୍କରେ ମନ୍ତ୍ରୀ ସିଂଙ୍କ ସହିତ ଆଲୋଚନା କରିଥିଲେ।

# ଠିକାସଂସ୍ଥାକୁ ସଫେଇ କର୍ମଚାରୀଙ୍କ ଦାବିପତ୍ର



ଦାବି ସମୂହକୁ ନେଇ ସଫେଇ କର୍ମଚାରୀମାନେ ଏକତ୍ରିତ ହୋଇଛନ୍ତି ।

ଝାରସୁଗୁଡା ଅଫିସ,୧୪

**ଝାରସୁଗୁଡ଼ା ପୌର ପରିଷଦ**

**■ ଦାବି ପୂରଣ ନ ହେଲେ ଆନ୍ଦୋଳନ**

ଝାରସୁଗୁଡ଼ା ପୌରାଞ୍ଚଳ ସଫେଇ କାର୍ଯ୍ୟ ପାଇଁ ଗ୍ରୀନ୍ ସର୍କଲ ଏନ୍‌ଭାର୍‌ମେଣ୍ଟ ନାମକ ଠିକାସଂସ୍ଥା ନିୟୋଜିତ ହୋଇଛି। ଏହି ସଂସ୍ଥା ଗୁରୁବାର କାମ ଆରମ୍ଭ କରିଛି। ଏହି ପରିପ୍ରେକ୍ଷୀରେ ପୌର ପରିଷଦ ସଫେଇ କର୍ମଚାରୀ ୟୁନିୟନ ତରଫରୁ ଠିକାସଂସ୍ଥାକୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଜୋତା, ହେଲ୍‌ମେଟ, ଗ୍ଲୋବ୍‌ସ, ଚଷମା ଆଦି ସୁରକ୍ଷା ସାମଗ୍ରୀ ଯୋଗାଇଦେବା, ଯେଉଁମାନଙ୍କ ବୀମା ହୋଇନାହିଁ ସେମାନଙ୍କୁ ବୀମାଭୁକ୍ତ କରିବା, ସ୍ୱାସ୍ଥ୍ୟସେବା ପାଇଁ ଇଏସ୍‌ଆଇ କାର୍ଡ ପ୍ରଦାନ, ଝାଡୁ ଓ ବେଲ୍ଚ ଯୋଗାଇଦେବା, ଗୋଟିଏ ମାସର ଦରମା ପୂର୍ବମାସ ପ୍ରଥମ ସପ୍ତାହରେ ପ୍ରଦାନ ଦାବି ଉଲ୍ଲେଖ ରହିଛି। ସଫେଇ କର୍ମଚାରୀ ୟୁନିୟନ ସଭାପତି ଉମେଶ ବେହେରାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଠିକାସଂସ୍ଥା କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିଥିଲେ। ଏଥିରେ ଠିକାସଂସ୍ଥା ୟୁନିୟନ ଦାବିକୁ ଗ୍ରହଣକରି ଆଗାମୀ ଦିନରେ ଏହାର ସମାଧାନ ପାଇଁ ପ୍ରୟାସ କରିବ ବୋଲି କହିଛି। ଦାବି ପୂରଣ ନ ହେଲେ ୟୁନିୟନ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସଭାପତି ବେହେରା ଚେତାବନୀ ଦେଇଛନ୍ତି। ଏ ନେଇ ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଯୋଗେନ୍ଦ୍ର ମାଝି କହିଛନ୍ତି, ସଫେଇ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ନେଇ ୟୁନିୟନ ଓ ନୂତନ ଠିକାସଂସ୍ଥା ସହିତ ଆଲୋଚନା ହୋଇଛି। ଆଗାମୀ ଦିନରେ ଉଭୟଙ୍କ ମଧ୍ୟରେ ଏହାର ସମାଧାନ ହେବ।

# ମୋତିଆବିନ୍ଦୁ ପରୀକ୍ଷା ଶିବିର

ନାକଟିଦେଉଳ,୧୪(ଡି.ଏନ.ଏ.)

ନାକଟିଦେଉଳ ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ମୋତିଆବିନ୍ଦୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁରର ତ୍ରିଲୋଚନ ନେତ୍ରାଳୟ ପକ୍ଷରୁ ଏହା ଆୟୋଜନ ହୋଇଛି। ବୁଧବାର ଶିମିଳିପାଳ ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ଶିବିରରେ ୫ଜଣଙ୍କର ମୋତିଆବିନ୍ଦୁ ପରୀକ୍ଷା କରାଯାଇ ୪ଜଣଙ୍କୁ ଅପରେଶନ ପାଇଁ ପଠାଯାଇଛି। ସେହିପରି ଗତ ୩୦ତାରିଖରେ ସରାପାଲି ପଞ୍ଚାୟତରେ ଆୟୋଜିତ ଶିବିରରେ ୧୬ଜଣଙ୍କ ପରୀକ୍ଷା କରାଯାଇ ୮ଜଣଙ୍କର ଚକ୍ଷୁ ଅପରେଶନ ପାଇଁ ତ୍ରିଲୋଚନ ନେତ୍ରାଳୟକୁ ପଠାଯାଇଥିଲା। ନାକଟିଦେଉଳ ବ୍ଲକ ସଂଯୋଜକ ବିଭୂତି ଭୂଷଣ ପ୍ରଧାନ ଏହି ପରୀକ୍ଷା କରିଥିଲେ।

# ଏସ୍‌ୟୁ ଫାଟକ ଆଗରେ ଧାରଣା

ସମ୍ବଲପୁର, ୧୪ (ବ୍ୟୁରୋ)

**ସ୍ନାତକ, ସ୍ନାତକୋତ୍ତରରେ କୋସଳ ଇତିହାସ ସାମିଲ ଦାବି**

କୋସଳ ୟୁଥ୍ କୋଅର୍ଡିନେଶନ୍ କମିଟି (କେୱାଇସିସି) ଓ ଅଲ୍ କୋସଳ ଷ୍ଟୁଡେଣ୍ଟ ୟୁନିୟନ (ଏୱାଇଏସ୍‌ୟୁ) ପକ୍ଷରୁ ବିଭିନ୍ନ ଦାବି ନେଇ ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଏସ୍‌ୟୁ) ମୁଖ୍ୟ ଫାଟକ ଆଗରେ ଗୁରୁବାର ଧାରଣା ଦିଆଯାଇଥିଲା। ସମ୍ବଲପୁର ବିଶ୍ୱବିଦ୍ୟାଳୟ ସ୍ନାତକ ଓ ସ୍ନାତକୋତ୍ତର ବିଭାଗରେ କୋସଳ ଇତିହାସ ସାମିଲ କରିବା ଜରୁରୀ ବୋଲି ଆନ୍ଦୋଳନକାରୀ ଦାବି କରିଛନ୍ତି। ଏଥିସହ ବନ୍ଦେ ଉତ୍କଳ ଜନନୀକୁ ସମ୍ପୂର୍ଣ୍ଣ ଭାବେ ବିରୋଧ କରିଛନ୍ତି। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଧାରଣା ଦିଆଯାଇଥିଲା। ଆନ୍ଦୋଳନକାରୀ କୁଳପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିବା ପୂର୍ବରୁ ଇତିହାସ ବଞ୍ଚାଅ ରାଲିରେ ଅଞ୍ଚଳ ପରିକ୍ରମା କରିଥିଲେ। ଇତିହାସ ବଞ୍ଚାଅ ରାଲି ଆବାହକ ଦୀପକ କୁମାର ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ପଶ୍ଚିମ ଓଡିଶାର ବିଭିନ୍ନ ଅଞ୍ଚଳରୁ ଛାତ୍ର ଓ ବୁଦ୍ଧିଜୀବୀ ସାମିଲ ହୋଇଥିଲେ।



ରାଲିରେ ସହର ପରିକ୍ରମା କରୁଛନ୍ତି ଆନ୍ଦୋଳନକାରୀ।

# ବିଶ୍ୱ ଦେଖୁଛି ଓଡ଼ିଶାର ବିକାଶ

ସମ୍ବଲପୁର,୧୪(ବ୍ୟୁରୋ)



ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟରେ ଓଡ଼ିଶା ଦିବସ।

**■ ଜିଲାସ୍ତରୀୟ ଓଡ଼ିଶା ଦିବସରେ ଅତିଥିଙ୍କ ମତ**

ଓଡ଼ିଶା ଆଜି ବିକାଶ ପଥରେ। ଶିଳ୍ପ, ପର୍ଯ୍ୟଟନ, ଶିକ୍ଷା, ଗମନାଗମନ ସବୁ କ୍ଷେତ୍ରରେ ରାଜ୍ୟ ଆଗେଇଚାଲିଛି। ଓଡ଼ିଶାର ବିକାଶକୁ ସମଗ୍ର ବିଶ୍ୱ ଦେଖୁଛି ବୋଲି ଜିଲାସ୍ତରୀୟ ଓଡ଼ିଶା ଦିବସ ସମାରୋହରେ ଅତିଥିମାନେ ମତପ୍ରକାଶ କରିଥିଲେ। ତପସ୍ୱିନୀ ପ୍ରେକ୍ଷାଳୟରେ ଜିଲାପାଳ ଶୁଭମ୍ ସକ୍‌ସେନାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ମୁଖ୍ୟଅତିଥି, ଗଙ୍ଗାଧର ମେହେର କଲେଜ ଅଧ୍ୟକ୍ଷ ପ୍ରଫେସର ଶ୍ରୀବନ୍ତ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ମୁଖ୍ୟଅତିଥି ବେହେରା କହିଥିଲେ, ଓଡ଼ିଶା ପ୍ରଦେଶ ଗଠନ ହେବାରେ ଅନେକ ବୀର ପୁରୁଷଙ୍କ ବଳିଦାନ ରହିଛି। ସେମାନଙ୍କ ପାଇଁ ଆଜି ଆମେ ସ୍ୱତନ୍ତ୍ର ପରିଚୟ ପାଇପାରିଛୁ। ଓଡ଼ିଆ ଭାଷା, କଳା, ସଂସ୍କୃତି ସବୁଠାରେ ପରିଚୟ ସୃଷ୍ଟି କରିଛି। ଏଥିପାଇଁ ଆମେ ଗର୍ବ ଅନୁଭବ କରି ଓଡ଼ିଶାର ବିକାଶରେ ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଦାସ କହିଥିଲେ ଯେ, ସମାଜ ଗଠନରେ ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ ରହିଛି। ସରକାର ଉପରେ ଦୋଷ ନ ଦେଇ ନିଜକୁ କିଛି କରିବାକୁ ହେବ। ଜିଲାପାଳ ସକ୍‌ସେନା ସ୍ୱତନ୍ତ୍ର ରାଜ୍ୟ ଗଠନରେ ବଳିଦାନ ଦେଇଥିବା ମହାପୁରୁଷଙ୍କ ଚିନ୍ତାଧାର, ଜୀବନୀକୁ ମାର୍ଗଦର୍ଶକ ଭାବେ ବାଛି ଆମକୁ ଆଗକୁ ଚାଲିବାକୁ ହେବ ବୋଲି କହିଥିଲେ। ଏହି ଅବସରରେ ଜିଲା ଶିଶୁ ସୁରକ୍ଷା ଯୋଜନାରେ ଶିଶୁମାନଙ୍କୁ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଥିଲା। ସେହିପରି ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ କୃତ୍ରିମ ଅଙ୍ଗ ପ୍ରଦାନ କରାଯାଇଥିଲା। ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ପ୍ରାଣୀଧନ ବିଭାଗ ପକ୍ଷରୁ କୁକୁଡା ଚିଆଁ ବଣ୍ଟନ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମହାନଗର ନିଗମ କମିଶନର ଅନିରୁଦ୍ଧ ପ୍ରଧାନ, ଉପଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ପ୍ରମୁଖ ଉପସ୍ଥିତ ଥିଲେ। ଡିଆରଡିଏ ପିଡି ସୁକାନ୍ତ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

## ୨ ଦୋକାନ ଜଳିଗଲା

କଣ୍ଟାବାଞ୍ଜି,(ଡି.ଏନ.ଏ.): ବୁଧବାର ବିଳମ୍ବିତ ରାତିରେ କଣ୍ଟାବାଞ୍ଜି ମେନ ରୋଡରେ ଥିବା ଦୁଇଟି ଦୋକାନ ଜଳିଯାଇଛି। ସରୋଜ ମେହେରଙ୍କ ଟେଲର ଦୋକାନରୁ ଉଠିଥିବା ନିଆଁରେ ପାଖରେ ଥିବା ଗିରିଶ ବେହେରାଙ୍କ କପଡା ଦୋକାନରେ ଲାଗି ଯାଇଥିଲା। ସ୍ଥାନୀୟ ଲୋକେ ଦୁଇ ଘଣ୍ଟା ଯାଏ ଚେଷ୍ଟା କରିଥିଲେ ହେଁ ନିଆଁକୁ ଆୟତ୍ତ କରି ପାରି ନ ଥିଲେ। ଅଗ୍ନିଶମ ବିଭାଗକୁ ବାରମ୍ବାର ଫୋନ ମାଧ୍ୟମରେ ଯୋଗାଯୋଗ କରାଯାଇଲେ ହେଁ ସେମାନେ ଫୋନ ରିସିଭ କରି ନ ଥିଲେ। ବହୁ ବିଳମ୍ବରେ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଲା ବେଳକୁ ଦୋକାନ ଦୁଇଟି ଜଳି ଯାଇଥିଲା।

## ସଂକ୍ଷେପରେ

### ମା' ମାଉଁଳି କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

କୋକସରା, ୧।୪ (ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକ ଲଟାପଡାଠାରେ ମା' ମାଉଁଳି ଯୁବକ ସଂଘ ଦ୍ୱାରା ଆୟୋଜିତ ହୋଇଥିବା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ ମତୁଆଲଗୁଡା କ୍ରିକେଟ ଦଳ ଓ କର୍ଲାକୋଟ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ କର୍ଲାକୋଟକୁ ହରାଇ ମତୁଆଲଗୁଡ଼ା ଦଳ ବିଜେତା ହୋଇଥିଲା। ଫାଇନାଲ ଖେଳର ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ କଂଗ୍ରେସ ଯୁବ ନେତା ଦିଗାମ୍ବର ଦୁରିଆ, ସମ୍ମାନିତ ଅତିଥି ଭାବେ କୋକସରା ବ୍ଲକ କଂଗ୍ରେସ ସଭାପତି ରାଜେନ୍ଦ୍ର ନାଏକ, ଡାକେ ଲହଜଳ, ମହେନ୍ଦ୍ର ଧରୁଆ, ରାହାସ ପୁଞ୍ଜି ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହିତ ପୁରସ୍କାର ପ୍ରଦାନ କରିଥିଲେ।

### ନୂତନ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଶୁଭାରମ୍ଭ



କେସିଙ୍ଗା, ୧।୪ (ଡି.ଏନ.ଏ.): କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଶିରୋଲ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସର ମଧ୍ୟରେ ଅସ୍ଥାୟୀ ଭାବେ ନୂତନ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଗୁରୁବାର ଶୁଭାରମ୍ଭ କରାଯାଇଛି। ସରପଞ୍ଚ ହେମନ୍ତ ନାଗଙ୍କ କରକମଳରେ ପରଲସିଙ୍ଗା ସରପଞ୍ଚ କିଶୋର ବାଗ, ବାଲସି ସରପଞ୍ଚ ଚୁଡାମଣୀ ମାଝି ଏବଂ ସମସ୍ତ ୱାର୍ଡମେମ୍ବରମାନେ ଯୋଗଦେଇଥିଲେ। ଏଥିରେ ରାଜସ୍ୱ ନିରୀକ୍ଷକ ଭାବେ ଅତିରିକ୍ତ ନିରୀକ୍ଷକ ପ୍ରଜ୍ଞାପରମିତା ସାହୁଙ୍କୁ ନିୟୋଜିତ କରାଯାଇଛି। ଏହି ନୂତନ କାର୍ଯ୍ୟାଳୟରେ ବାଲସି, ପରଲସିଙ୍ଗା ଓ ଶିରୋଲ ଗ୍ରାମପଞ୍ଚାୟତର ୧୫ ହଜାର ଚାଷୀବୃନ୍ଦ ଉପକୃତ ହେବେ। ଏହା ସହିତ ସମସ୍ତ ଚାଷୀଙ୍କ ଜମି, ମାଲଗୁଜାରୀ, ମିଉଟେସନ ଆଦି କାଗଜପତ୍ର ହୋଇପାରିବ । ଲୋକମାନେ ଆଉ କେସିଙ୍ଗାକୁ ଯିବାକୁ ପଡିବ ନାହିଁ ।

### ଦାଦୀ ଜାନକିଜୀଙ୍କ ମହାପ୍ରୟାଣ ଦିବସ

ଭବାନୀପାଟଣା, ୧।୪ (ଡି.ଏନ.ଏ.): ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ପୂର୍ବ ମୁଖ୍ୟ ରାଜଯୋଗିନୀ ଦାଦି ଡ. ଜାନକୀ ଜୀ ନାରୀ ଶକ୍ତିର ଏକ ପ୍ରଖର ଉଦାହରଣ। ଅଳ୍ପ ପାଠ ପଢ଼ିଥିଲେ ହେଁ ସେ ୧୪୨ଟି ଦେଶରେ ଯୋଗ ଓ ଅଧ୍ୟାତ୍ମ ପ୍ରସାର ପାଇଁ ବ୍ରହ୍ମାକୁମାରୀ ସେବାକେନ୍ଦ୍ର ପ୍ରତିଷ୍ଠା କରି ଉଦାହରଣ ସୃଷ୍ଟି କରିଛନ୍ତି ବୋଲି ତାଙ୍କ ପ୍ରଥମ ମହାପ୍ରୟାଣ ଦିବସ ଅବସରରେ ଅତିଥିମାନେ ମତ ପ୍ରକାଶ କରିଛନ୍ତି। ଦେୱାନ ସାହେବ ପଡାସ୍ଥିତ ବ୍ରହ୍ମାକୁମାରୀ ସେବାକେନ୍ଦ୍ର ପରିସରରେ ବି.କେ. ଶଶି ଭଉଣୀ ଅଧ୍ୟକ୍ଷତା କରିଥିବା ବେଳେ ଅତିଥି ଭାବେ ଲଳିତ କାନୁନଗୋ ଓ ଯୁବ ଲେଖକ ସୁଧୀର ଧଙ୍ଗଡାମାଝି ଯୋଗଦେଇଥିଲେ। ବି.କେ. ମାନସ ଭାଇ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସୁବାସ ଭାଇ, ସନାତନ ଭାଇ, ଜଗଦୀଶ ଭାଇ, କେଶବ ଭାଇ ପ୍ରମୁଖ ସହଯୋଗ କରିଥିଲେ।

### ଗଳ୍ପ ସଂକଳନ 'ସେଁର୍‌ରା' ଲୋକାର୍ପିତ

ଭବାନୀପାଟଣା, ୧।୪ (ଡି.ଏନ.ଏ.): ଭବାନୀପାଟଣା ଅମଲା ଭବନ ପରିସରରେ କଳାହାଣ୍ଡି ଯୁବଲେଖକ ସମାବେଶ ଅନୁକୂଲ୍ୟରେ ଯୁବ ଗାଳ୍ପିକ ଡିଲେଶ୍ୱର ରଣାଙ୍କ ପ୍ରଥମ ଗଳ୍ପ ସଂକଳନ 'ସେଁର୍‌ରା' ଲୋକାର୍ପିତ ହୋଇଯାଇଛି। ସମାବେଶର ସାଧାରଣ ସମ୍ପାଦକ ସୁଧୀର କୁମାର ଧଙ୍ଗଡ଼ାମାଝିଙ୍କ ଅଧ୍ୟକ୍ଷତାରେ ଲୋକାର୍ପଣ ସମାରୋହରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଅତିରିକ୍ତ ଜିଲାପାଳ ଶରତଚନ୍ଦ୍ର ଶ୍ରୀଚନ୍ଦନ, ଅତିଥି କଳାହାଣ୍ଡି ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାର, ସମ୍ମାନିତ ଅତିଥି ଭାବେ ଭବାନୀଶଙ୍କର ନିଆଲ, କଥାକାର ଆଦିତେଶ୍ୱର ମିଶ୍ର ଓ କବି ଅଖିଳ ନାୟକ ଯୋଗଦେଇଥିଲେ। ଆଲୋଚକ ଭାବେ ଯୋଗଦେଇଥିଲେ ଗାଳ୍ପିକ ସୁକାନ୍ତ ସାହୁ, ନାଟ୍ୟକାର ପରମେଶ୍ୱର ମୁଣ୍ଡ ଓ ପ୍ରାବନ୍ଧିକ ସତ୍ୟନାରାୟଣ ମୁଣ୍ଡଛିନା। କବି ବିରଞ୍ଚିନାରାୟଣ ମୁଣ୍ଡ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଧନ୍ୟବାଦ ଅର୍ପଣ କରିଥିଲେ କବି ଯାଦବେନ୍ଦ୍ର ସାହା। ମଞ୍ଚ ସଞ୍ଚାଳନ କରିଥିଲେ କବି ହେମନ୍ତ ସାହୁ।

# କାର୍ଯ୍ୟକ୍ଷମ ପୂର୍ବରୁ ଅଚଳ

ନୂଆପଡ଼ା ଅଫିସ, ୧।୪

ନୂଆପଡା ଜିଲା ଅଭୟାରଣ୍ୟ ଭିତରେ ଅବସ୍ଥିତ ସୁନାବେଡାବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା ମାଧ୍ୟମରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଛି। ତାହା ଉଚିତ ବିନିଯୋଗ ନ ହୋଇ ବାଟମାରଣା ହୋଇଥିବା ଅଭିଯୋଗ ହେଉଛି। ଗତବର୍ଷ ଚକୋଟିଆ ଭୁଞ୍ଜିଆ ଉନ୍ନୟନ ସଂସ୍ଥା (ସିବିଡିଏ) ଜରିଆରେ ଓଡିଶା ଆଦିମ ଜନଜାତି ସଶକ୍ତିକରଣ ଓ ଜୀବିକା ଉନ୍ନୟନ କାର୍ଯ୍ୟକ୍ରମ ଯୋଜନାରେ ୪ ଲକ୍ଷ ବ୍ୟୟ ଅଟକଳରେ ସୁନାବେଡା ଗାଁ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ଗଭୀର ନଳକୂପ ଖୋଳିବା ସହ ପମ୍ପ ଘର ନିର୍ମାଣ କରି ଫିଲ୍ଟର ମେଶିନ ବସା ଯାଇଥିଲା। ବିଭାଗୀୟ ଅଧିକାରୀମାନେ ଯୋଜନାକୁ ବାଟମାରଣା କରି ନିମ୍ନମାନର ଫିଲ୍ଟର ମେଶିନ ଲଗାଇଛନ୍ତି। ଗଭୀର ନଳକୂଅ ଖୋଳିବା ସ୍ଥାନରେ ଏକ ସାଧାରଣ ନଳକୂଅରେ ମୋଟରକୁ ସଂଯୋଗ କରିଥିଲେ। ଫିଲ୍ଟର ମେଶିନକୁ ନୂତନ ପମ୍ପ ହାଉସ ନିର୍ମାଣ କରି ବସାଇବାକୁ ରହିଥିବା ବେଳେ ଗାଧୁଆ ଗୃହରେ ବସାଇ ଦେଇଥିଲେ। ବିଭାଗୀୟ ଅଧିକାରୀମାନେ ଏଭଳି କାମ କରି ସାରି ଦେଇଥିଲେ। ଫଳରେ ପ୍ରକଳ୍ପ କାର୍ଯ୍ୟକ୍ଷମ ପୂର୍ବରୁ ଅଚଳ ହୋଇପଡିଛି। ଏବେ ଗ୍ରୀଷ୍ମ ପ୍ରବାହ ଦିନକୁ ଦିନ ବଢିଯାଇଥିବାରୁ ପାହାଡିଆ ଅଞ୍ଚଳରେ ନଳକୂଅରେ ପାଣି ନ ଥିବା



ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ପାଇଁ ବସାଯାଇଥିବା ନିମ୍ନମାନର ଫିଲ୍ଟର ମେଶିନ ।

### ନିମ୍ନମାନର ଫିଲ୍ଟର ମେଶିନ

ବେଳେ ନଦୀ, ନାଳ, ମୁଡା, ପୋଖରୀ ସବୁ ଶୁଷ୍କ ହୋଇ ଗଲାଣି। ଏବେ ବନବାସୀ ପାଣି ଟୋପାଏ ପାଇଁ ହାହାକାର ହୋଇ ପଡୁଛନ୍ତି। ସୁନାବେଡାରେ ବର୍ଷ ବର୍ଷ ଧରି ପାଣି ସମସ୍ୟା ରହିଥିଲେ ମଧ୍ୟ ଜିଲା ପ୍ରଶାସନର ଅବହେଳା ଯୋଗୁ ପାଣି ସମସ୍ୟା ବଢିବାରେ ଲାଗିଛି। ୱାଟର ଫିଲ୍ଟର ଦୁର୍ନୀତିର ନିରପେକ୍ଷ ତଦନ୍ତ କରି ଦୋଷୀ ଅଧିକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲା ପ୍ରଶାସନ ନିକଟରେ ସୁନାବେଡା ସରପଞ୍ଚ ତିଲସିଂ ଝାଙ୍କର, ବିଶ୍ରାମ ଛତ୍ରିଆ, କଲିରାମ ସୁଆର, ପୁରନ ବିଶ୍ୱାଲ, ଯୁବରାଜ ଛତ୍ରୀଆ, ବିଜୟ ଝଙ୍କର, ମାନସିଂ ମାଝି, ଗୌସିଂ ମାଝି, ପର୍ଶୁରାମ ମାଝି, ମଦନ ମାଝି, ମନିରାମ ମାଝି, ଧନୀରାମ ମାଝି, ମଦନ ମାଝି ପ୍ରମୁଖ ଦାବି କରିଛନ୍ତି।

# ସେବାରେ ସମର୍ପିତ ହେବାକୁ ଆହ୍ୱାନ


ପୁରସ୍କୃତ ପୋଲିସ କର୍ମଚାରୀଙ୍କ ସହ ଏସପି ଓ ଅନ୍ୟ ପୋଲିସ ଅଧିକାରୀ ।

ବଲାଙ୍ଗୀର ଅଫିସ,୧।୪

ବଲାଙ୍ଗୀର ମନୋହରପୁର ରିଜର୍ଭ ପୋଲିସ ପଡିଆରେ ୮୬ତମ ଓଡିଶା ପୋଲିସ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଥିଲା । ଏସପି ନିତିନ୍ କୁଶଲକର ଓଡିଶାର ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପାଠ କରି ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ଓଡିଶା ପୋଲିସର ଉତ୍କର୍ଷତା ଓ ସଫଳ ମାଓବାଦୀ ମୁକାବିଲା ଉପରେ ଏସପି କୁଶଲକର କହିଥିଲେ । ପରେ ସେ ପରେଡ୍ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ଏସପି କୁଶଲକର ଜିଲାର ଶ୍ରେଷ୍ଠ ପୋଲିସ ଅଧିକାରୀ ଭାବେ ସବ୍‌ଇନ୍ସପେକ୍ଟର ପ୍ରଣୟ ମୁର୍ମୁଙ୍କୁ ପୂର୍ବତନ ପୋଲିସ ଡିଏସପି ସ୍ୱର୍ଗତ ପ୍ରମୋଦ ଚନ୍ଦ୍ର ପଟ୍ଟନାୟକଙ୍କ ସ୍ମୃତିରେ ଟ୍ରଫି ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହାପରେ ଜିଲାର ଶ୍ରେଷ୍ଠ ପୋଲିସ ଏଏସ୍ଆଇ ସୁବାସ ଚନ୍ଦ୍ର ପଶାୟତ, ହାବିଲଦାର ରମେଶ କୁମାର ମିଶ୍ର, କନଷ୍ଟେବଲ ହେମନ୍ତ କୁମାର ମିଶ୍ର, ଭରତ ଡାଙ୍ଗ ଓ ଟ୍ରାଫିକ୍ କନ୍‌ଷ୍ଟେବଲ ଚଞ୍ଚଳା ସାହୁଙ୍କୁ ମାନପତ୍ର ଦେଇ ସମ୍ମାନିତ କରିଥିଲେ । ସଭାରେ ଅତିରିକ୍ତ ଏସପି ମନୋରଞ୍ଜନ ପ୍ରଧାନ, ଦିଲୀପ କୁମାର ପଟେଲ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ କୁମୁଦ ସେଠ୍ ଓ ଜିଲାର ଅନ୍ୟ ପୋଲିସ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ ।

**ଭବାନୀପାଟଣା**

ଭବାନୀପାଟଣା,(ଡି.ଏନ.ଏ.): ସ୍ଥାନୀୟ ରିଜର୍ଭ ପୋଲିସ ପଡିଆଠାରେ ଗୁରୁବାର ସକାଳ ୮ଟାରେ ୮୬ତମ ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। କଳାହାଣ୍ଡି ଜିଲା ଆରକ୍ଷୀ ଅଧୀକ୍ଷକ ଡ. ଶ୍ରବଣ ବିବେକ ଏମ୍. ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲା ପୋଲିସ ବାହିନୀର ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ପ୍ରତିଷ୍ଠା ଦିବସ ଉପଲକ୍ଷେ ଉପସ୍ଥିତ ପୋଲିସମାନଙ୍କୁ ଏସ୍‌ପି ଶୁଭେଚ୍ଛା ଜଣାଇଥିଲେ। ସେ କହିଲେ ମୁଁ ଆଶା କରୁଛି ଯେ ଆମ ପୋଲିସ ବାହିନୀ ଉପଯୁକ୍ତ ସେବା ମନୋଭାବ ନେଇ କାର୍ଯ୍ୟ କଲେ ଆମ ଦେଶର ଏକ ଆଦର୍ଶ ପୋଲିସ ବାହିନୀ ହୋଇ ପାରିବ। ଦେଶରେ ଘଟିଥିବା କରୋନାର କଳାମେଘ ସମୟରେ ପୋଲିସ ବାହିନୀର ଉଲ୍ଲେଖନୀୟ ସେବାକୁ ମନେ ପକାଇ ଏସ୍‌ପି ସେମାନଙ୍କୁ ଓ ତାଙ୍କ ପରିବାରବର୍ଗଙ୍କ ଶୁଭେଚ୍ଛା ଜ୍ଞାପନ କରିଥିଲେ। ଏହି ଅବସରରେ ଉଲ୍ଲେଖନୀୟ ଅବଦାନ ପାଇଁ ୪ଜଣ ଅବସରପ୍ରାପ୍ତ ପୋଲିସ ଅଧିକାରୀ ଓ କନଷ୍ଟେବଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉପଲକ୍ଷେ ଆୟୋଜିତ ମଞ୍ଚରେ ଅତିରିକ୍ତ ଏସ୍‌ପି ବିଜୟ କୁମାର ନନ୍ଦ, କେସିଙ୍ଗା ଏସ୍‌ଡିପିଓ ଆଇପିଏସ୍ ଅଧିକାରୀ ଏ.ସୁଶ୍ରୀ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ହେଡ୍‌କ୍ୱାର୍ଟର ଡିଏସ୍‌ପି ଭିଏସ୍ ସି ଏସ୍ ରାଓ, ସଦର ଏସ୍‌ଡିପିଓ ରମେଶ ଚନ୍ଦ୍ର ସେଠୀ, ଟାଉନ୍ ଥାନା ଆଇସି ସତ୍ୟପ୍ରକାଶ ନନ୍ଦ, ସଦର ଆଇଆଇସି ପ୍ରଦୀପ କୁମାର ଧରୁଆ ଓ ବହୁ ଅବସରପ୍ରାପ୍ତ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ଭୟଙ୍କର କରୋନା ସମୟରେ କାମ କରି କରୋନାରେ ଆକ୍ରାନ୍ତ ହୋଇ ସୁସ୍ଥତା ଲାଭ କରିବ ପରେ ଅନ୍ୟ କରୋନା ସଂକ୍ରମିତମାନଙ୍କୁ ନିଜ ରକ୍ତର ପ୍ଲାଜମା ପ୍ରଦାନ କରିଥିବା ସାହାସୀ ପୋଲିସ କର୍ମଚାରୀମାନଙ୍କୁ ଏସ୍‌ପି ସମ୍ବର୍ଦ୍ଧିତ କରିଥିଲେ।

**ବରଗଡ଼**

ବରଗଡ଼ ଅଫିସ୍: ବରଗଡ଼ ଜିଲା ପୋଲିସ ପକ୍ଷରୁ ଗୁରୁବାର ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଛି । ଏହି ଅବସରରେ ଏସ୍‌ପି ପଦ୍ମିନୀ ସାହୁ ସମସ୍ତ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଠିକ୍ ଭାବେ ନିଜର କର୍ତ୍ତବ୍ୟ ସମ୍ପାଦନ ସହିତ ଲୋକଙ୍କ ସେବାରେ ସମର୍ପିତ ହେବାକୁ ଆହ୍ୱାନ କରିଥିଲେ। ସମ୍ମିଳିତ ପରେଡ୍‌ରେ ଏସ୍‌ପି ସାହୁ ଅଭିବାଦନ ଗ୍ରହଣ କରିଥିବାବେଳେ ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା, ପୋଲିସ ଆଚରଣ ସଂହିତା ପଠନ କରାଯାଇଥିଲା। ସେହିପରି ଶ୍ରେଷ୍ଠ ବିବେଚିତ ଜିଲାର ପୋଲିସ ଅଧିକାରୀ ଏବଂ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶ୍ରେଷ୍ଠ ସବ୍‌ଇନ୍ସପେକ୍ଟର ବରଗଡ଼ ଟାଉନ ଥାନାର ସନୟ କୁମାର ନାଏକ, ଶ୍ରେଷ୍ଠ ଆସିଷ୍ଟାଣ୍ଟ ସବ୍‌ଇନ୍ସପେକ୍ଟର ଭଟଲି ଥାନାର ପ୍ରେମରାଜ ସାହୁ, ଶ୍ରେଷ୍ଠ ହାବିଲଦାର ବରଗଡ଼ ରିଜର୍ଭ ଅଫିସ୍‌ର ଛାୟାକାନ୍ତ ବିଶି, ଶ୍ରେଷ୍ଠ କନଷ୍ଟେବଳ ଆନନ୍ଦ ବାରିକ, ଶ୍ରେଷ୍ଠ ଡିଭିଏଫ ଉମ୍ବରୁଧର ଥାଟୀ ଏବଂ ଶ୍ରେଷ୍ଠ ଟ୍ରାଫିକ ଭାବେ କନଷ୍ଟେବଳ ବୃନ୍ଦାବତୀ ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ୨୧ଜଣ ପୋଲିସ କର୍ମଚାରୀଙ୍କୁ ପ୍ଲାଜମା ଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍‌ପି ପ୍ରଦ୍ୟୁମ୍ନ ମିଶ୍ର, ଡିଏସପି ଅଟକୋ କୁଜୁର, ଏସଡ଼ିପିଓ ଦିପକ ଗୋଛାୟତ, ଏସ.ଏନ କୁଆ, ସୁଧାକର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଝଲସିଲା ବୌଦ୍ଧ କିଆକଟା ମହାନଦୀ ସେତୁ

ବୌଦ୍ଧ,୧।୪(ସ୍ୱ.ପ୍ର.)

ଓଡ଼ିଶା ଦିବସ ଅବସରରେ ବୌଦ୍ଧ କିଆକଟା ମହାନଦୀ ସେତୁରେ ଗୁରୁବାର ଆଲୋକୀକରଣ କରାଯାଇଛି । ବୌଦ୍ଧ ବିଧାୟକ ପ୍ରଦୀପ କୁମାର ଅମାତ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଆଲୋକୀକରଣ ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲାପାଳ ଲଲାଟେନ୍ଦୁ ମିଶ୍ର, ଜିଲା ଆରକ୍ଷୀ ଅଧୀକ୍ଷକ ଭି. ରଘୁନାଥ ରାଓ, ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଭାରପ୍ରାପ୍ତ ପ୍ରକଳ୍ପ ନିର୍ଦ୍ଦେଶିକା ବବିତାରାଣୀ ଦଳବେହେରା ଓ ଜାତୀୟ ରାଜପଥ ବିଭାଗର ନିର୍ବାହୀ ଯନ୍ତ୍ରୀ ଧାନଚାନ୍ଦ ନାଏକ ଯୋଗ ଦେଇଥିଲେ। ପଶ୍ଚିମ ଓଡ଼ିଶା ଓ ଦକ୍ଷିଣ ଓଡ଼ିଶା ମଧ୍ୟରେ ସଂଯୋଗର ସେତୁ ଭାବରେ ୨୦୦୨ ମସିହାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୌଦ୍ଧ କିଆକଟା ସେତୁର ଉଦ୍‌ଘାଟନ କରିଥିଲେ। ସେତୁକୁ ଆଲୋକୀକରଣ କରାଯିବାକୁ ଦୀର୍ଘଦିନରୁ ଦାବି ହୋଇ ଆସୁଥିଲା।


ଆଲୋକମାଳାରେ ସଜ୍ଜିତ ମହାନଦୀ ସେତୁ।

# କେଏସ୍‌ସିସି ପାଳିଲା କଳା ଦିବସ

ବଲାଙ୍ଗୀର ଅଫିସ, ୧।୪

କୋସଲ ରାଜ୍ୟ ସମନ୍ୱୟ ସମିତି (କେଏସ୍‌ସିସି) ବଲାଙ୍ଗୀର ଶାଖା ପକ୍ଷରୁ ଏପ୍ରିଲ ୧ ତାରିଖକୁ କଳା ଦିବସ ରୂପେ ପାଳନ କରାଯାଇଥିଲା । ସ୍ଥାନୀୟ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ରାଜ୍ୟ ସରକାରଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ଉତ୍କଳ ସରକାରଙ୍କ କୁଶପୁତ୍ତଳିକା ଦାହ ଏବଂ ଓଡିଶା ମାନଚିତ୍ରକୁ ଦୁଇଖଣ୍ଡ କରି ପ୍ରତୀକାତ୍ମକ ପ୍ରତିବାଦ କରାଯାଇ କୋସଲାଞ୍ଚଳକୁ ଅଲଗା କରାଯାଇଥିଲା। ବରିଷ୍ଠ ନେତା ବିକ୍ରମାନନ୍ଦ ବହିଦାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ସେଠାରେ କଳା ପତାକା ଉତ୍ତୋଳନ କରାଯାଇଥିଲା। କୋସଲ ରାଜ୍ୟ ସମନ୍ୱୟ ସମିତିର କେନ୍ଦ୍ରୀୟ ଅଧ୍ୟକ୍ଷ ପ୍ରମୋଦ କୁମାର ମିଶ୍ର ଓଡିଶା ଗଠନ ହେବା ଦିନରୁ ଏବଂ ଗଡଜାତ ମିଶ୍ରଣ ପରେ କୋଶଲାଞ୍ଚଳ ଉପରେ ଓଡିଶା ସରକାର ଉପନିବେଶ ଭଳି ବ୍ୟବହାର କରିଆସିଛନ୍ତି ବୋଲି କହିଥିଲେ । ଏ ଅଞ୍ଚଳର ବିକାଶ ପାଇଁ ସ୍ୱତନ୍ତ୍ର କୋଶଳ ପ୍ରଦେଶ ଗଠନ ହିଁ ଏକମାତ୍ର ବିକଳ୍ପ ବୋଲି ସେ କହିଥିଲେ । ସଭା ସଂଯୋଜକ ତଥା ସମନ୍ୱୟ ସମିତି କେନ୍ଦ୍ରୀୟ ଉପାଧ୍ୟକ୍ଷ ମନୋରଞ୍ଜନ ସାହୁ କଳା ଦିବସ ଭାବେ ପାଳନ କରିବାର ତାତ୍ପର୍ଯ୍ୟ ଉପରେ କହିଥିଲେ । ସମନ୍ୱୟ ସମିତି ଜୋନାଲ ସଂଯୋଜକ ଶରତ ହୋତା, କୋଷାଧ୍ୟକ୍ଷ ରଣରାଜ ସିଂଦେଓ, ଶ୍ରମିକ ନେତା ରବି ମିଶ୍ର, ଜ୍ୟୋତି ମହାନ୍ତି, ଦିନେଶ ନାଗ, ପ୍ରଭାକର ମିଶ୍ର, ମନୋରଞ୍ଜନ ମିଶ୍ର, ଚାଷୀନେତା ମିତ୍ରଭାନୁ ବାରିକ, ପ୍ରତାପ ରଥ, ଗୋବିନ୍ଦ ମିଶ୍ର, ପ୍ରସନ୍ନ ନେଗୀ, ଡୋଳାମଣି ପଧାନ, ସ୍ୱାଧୀନ ମିଶ୍ର, ସୁଶୀଳ ମିଶ୍ର ବକ୍ତବ୍ୟ ଦେଇଥିଲେ।

# ଟୋଲ୍ ପ୍ଲାଜାରେ ଆନ୍ଦୋଳନ

ବରଗଡ଼ ଅଫିସ୍,୧।୪

ବରଗଡ଼ ସହର ଉପକଣ୍ଠ ବରାହଗୋଡ଼ାଠାରେ ଥିବା ଅଶୋକା ବିଲକନ୍‌ର ଟୋଲ୍ ପ୍ଲାଜା କର୍ତ୍ତୃପକ୍ଷ ପୂର୍ବରୁ ଦେଇଥିବା ପ୍ରତିଶ୍ରୁତି ପାଳନ କରୁନାହିଁ। ଏହାର ପ୍ରତିବାଦରେ ବୁଧବାର ବରଗଡ଼ ସହର ଉପକଣ୍ଠ ବରାହଗୋଡ଼ାଠାରେ ଅଞ୍ଚଳବାସୀ ଆନ୍ଦୋଳନକୁ ଓହ୍ଲାଇଥିଲେ। ସ୍ଥାନୀୟ ସରପଞ୍ଚ ଚତୁର୍ଭୁଜ ମେହେର ଏବଂ ସମିତିସଭ୍ୟ ଅରବିନ୍ଦ ପ୍ରଧାନଙ୍କ ନେତୃତ୍ୱରେ ଗ୍ରାମବାସୀ ଟୋଲପ୍ଲାଜାଠାରେ ପ୍ରାୟ ଅଧଘଣ୍ଟା ଧରି ରାସ୍ତା ଅବରୋଧ କରିଥିଲେ। ଗ୍ରାମବାସୀଙ୍କ ଦାବି ମୁତାବକ ତୁରନ୍ତ ସମସ୍ତ ସମସ୍ୟାର ସମାଧାନ କରାଯିବ ବୋଲି ଟୋଲପ୍ଲାଜା କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଆନ୍ଦୋଳନରୁ ଓହରିଥିଲେ। ପ୍ରକାଶ ଯେ, ବରାହଗୋଡ଼ା ଟୋଲପ୍ଲାଜା ନିର୍ମାଣ ହେବା ସମୟରେ ଗତ ୨୦୧୮ ମସିହାରେ ସ୍ଥାନୀୟ ଗ୍ରାମବାସୀ ଆଲୋକ ବ୍ୟବସ୍ଥା, ସର୍ଭିସ ରୋଡ୍, ଡ୍ରେନ ନିର୍ମାଣ, ସ୍ଥାନୀୟ ହାଇସ୍କୁଲ, ଖେଳ ପଡ଼ିଆ ଏବଂ ପାରିପାର୍ଶ୍ୱିକ ଉନ୍ନୟନ ନେଇ ପ୍ରତିଶ୍ରୁତି ଦେଇଥିଲେ। ତେବେ ଟୋଲପ୍ଲାଜା କର୍ତ୍ତୃପକ୍ଷ ସେହି ପ୍ରତିଶ୍ରୁତିକୁ ଭୁଲି ଯାଇଛନ୍ତି। ଅନ୍ୟପଟେ ବରାହଗୋଡ଼ା ବାଇପାସ୍ ରାସ୍ତା ନିର୍ମାଣରେ ଟଙ୍କାଟିଏ ଖର୍ଚ୍ଚ କରି ନ ଥିଲେ ସୁଦ୍ଧା ସେହି ରାସ୍ତାରେ ଟୋଲଟ୍ୟାକ୍ସ ଅସୁଲ କରୁଥିବା ଅଭିଯୋଗ ହୋଇଛି।


ବରାହଗୋଡ଼ାବାସୀ ଟୋଲ୍ ପ୍ଲାଜା ଅବରୋଧ କରିଛନ୍ତି ।



ବଲାଙ୍ଗୀର ଜିଲାସ୍ତରୀୟ ଓଡିଶା ଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।



ନୂଆପଡ଼ା ପୋଲିସ ପଡିଆଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ ।

# ସୁବର୍ଣ୍ଣପୁର ଜିଲା ଓଷ୍ଟାର କାର୍ଯ୍ୟକାରିଣୀ ବୈଠକ

ସୋନପୁର,୧।୪(ନି.ପ୍ର.)

ଓଡିଶା ମାଧ୍ୟମିକ ଶିକ୍ଷକ ସଂଘ (ଓଷ୍ଟା) ସୁବର୍ଣ୍ଣପୁର ଜିଲା ଶାଖାର କାର୍ଯ୍ୟକାରିଣୀ ବୈଠକ ବିନିକା ସେଣ୍ଟ ଭ୍ୟାଲି ଉଚ୍ଚ ବିଦ୍ୟାଳୟରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଭାପତି ବୈଦ୍ୟନାଥ କର୍ଣ୍ଣ ସଭାପତିତ୍ୱ କରିଥିଲେ। ବୈଠକରେ ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନର ବିଭିନ୍ନ ସମସ୍ୟା ଏବଂ ଦାବି ସମ୍ପର୍କରେ ବିଶଦ ଆଲୋଚନା ହୋଇଥିଲା। ଉପଦେଷ୍ଟା ପ୍ରମୋଦ କୁମାର ପଣ୍ଡା, କାର୍ଯ୍ୟକାରୀ ସଭାପତି ମୁରଲୀଧର ବଡମାଳୀ, ଜିଲା ସମ୍ପାଦକ ସୁଶିଲ କୁମାର ବିଶି, କାର୍ଯ୍ୟକାରୀ କମିଟି ସଭ୍ୟ ଅମୀୟ କୁମାର ମହାନ୍ତି, ଜିଲା କାର୍ଯ୍ୟକାରିଣୀର ସମସ୍ତ ସଦସ୍ୟା ସଦସ୍ୟ ତଥା ସମସ୍ତ ବ୍ଲକ ସମ୍ପାଦକ ଉପସ୍ଥିତ ରହି ଶିକ୍ଷକମାନଙ୍କ ସମସ୍ୟା ଉପରେ ଓଷ୍ଟା ପକ୍ଷରୁ ନିଆ ଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଓଷ୍ଟା ଜିଲା ଶାଖାର କାର୍ଯ୍ୟକାରୀ ସଭାପତି ମୁରଲୀଧର ବଡମାଳୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ଲାଲବାବୁ ସେଠୀ, ଶିକ୍ଷୟିତ୍ରୀ ଅନୁପମା ମିଶ୍ରଙ୍କୁ ଜିଲା କାର୍ଯ୍ୟକାରିଣୀକୁ ଅତିଥି ସଦସ୍ୟ କରାଯାଇଥିଲା । ଯୁଗ୍ମ ସମ୍ପାଦକ ଗତିକୃଷ୍ଣ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ ।

# ମହାପୁରୁଷଙ୍କ ତ୍ୟାଗ, ବଳିଦାନକୁ ମନେ ପକାଇଲେ

### ବଲାଙ୍ଗୀର, ନୂଆପଡ଼ାରେ ଓଡ଼ିଶା ଦିବସ ପାଳିତ

ବଲାଙ୍ଗୀର ଅଫିସ/ ନୂଆପଡ଼ା ଅଫିସ,୧।୪

ବଲାଙ୍ଗୀର ଗାନ୍ଧୀଭବନଠାରେ ଗୁରୁବାର ଜିଲାସ୍ତରୀୟ ଓଡିଶା ଦିବସ ପାଳନ କରାଯାଇଛି। ଜିଲାପାଳ ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥିଭାବେ ମହିଳା ଓ ଶିଶୁ କଲ୍ୟାଣ, ମିଶନ ଶକ୍ତି ମନ୍ତ୍ରୀ ଟୁକୁନି ସାହୁ, ମୁଖ୍ୟବକ୍ତା ଶିକ୍ଷାବିତ୍ ପ୍ରଫେସର ଡ ଶିବପ୍ରସାଦ ନନ୍ଦ, ସମ୍ମାନିତ ଅତିଥି ଏସପି ନିତିନ କୁଶଲକର ମଞ୍ଚାସୀନ ଥିଲେ। ମୁଖ୍ୟଅତିଥି ମନ୍ତ୍ରୀ ସାହୁ ତାଙ୍କ ବକ୍ତବ୍ୟରେ ଓଡିଶାର ମହାପୁରୁଷଙ୍କ ତ୍ୟାଗ ଓ ବଳିଦାନକୁ ମନେ ପକାଇ ଏକ ସମୃଦ୍ଧ ଓଡିଶା ଗଠନ ଉପରେ ଜୋର ଦେଇଥିଲେ। ମୁଖ୍ୟବକ୍ତା ଡ. ନନ୍ଦ ତାଙ୍କ ବକ୍ତବ୍ୟରେ ଓଡିଶାର ଐତିହାସିକ ସମୃଦ୍ଧି ସହ ଆଗାମୀ ଦିନରେ ଓଡିଶାର ଆହ୍ୱାନଗୁଡିକର ସଫଳ ମୁକାବିଲା ଉପରେ ଜୋର ଦେଇଥିଲେ । ଜିଲାପାଳ ରାଣା ତାଙ୍କ ବକ୍ତବ୍ୟରେ ଓଡିଶାର ପ୍ରଗତି ଓ ନୂଆ ଭିଜନ୍‌କୁ ନେଇ ସଫଳ ମୁକାବିଲା କରିବା ହିଁ ଆଗାମୀ ଦିନର ଆହ୍ୱାନ ବୋଲି କହିଥିଲେ । ସମ୍ମାନିତ ଅତିଥି ଏସପି କୁଶଲକର ତାଙ୍କ ବକ୍ତବ୍ୟରେ ପୋଲିସ ଓ ପ୍ରଶାସନ ଓ ଜନସାଧାରଣଙ୍କ ମିଳିତ କାର୍ଯ୍ୟଧାର ଉନ୍ନତିର ବାଟ ବୋଲି କହିଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ ପରିଚାଳନା କରିଥିଲେ। ପରେ ଓଡିଶା ଦିବସ ଅବସରରେ ହାଇସ୍କୁଲସ୍ତରର ଛାତ୍ରୀଛାତ୍ରଙ୍କୁ ନେଇ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ପ୍ରଥମ ଆର୍ଯ୍ୟନ ରାଉତ୍, ଦ୍ୱିତୀୟ ପ୍ରତିଶ୍ରୁତି ନାୟକ, ତୃତୀୟ ଶ୍ରେୟା ମିଶ୍ର, ଉତ୍କଳ ବନ୍ଦନା ଗାନ ପ୍ରତିଯୋଗିତାର ପ୍ରଥମ ଆତ୍ମନ ତ୍ରିପାଠୀ, ଦ୍ୱିତୀୟ ଆର୍ଯ୍ୟକୁମାର ପୋଢ଼ ଓ ତୃତୀୟ ସମ୍ଭ୍ରାନ୍ତ ପଟ୍ଟନାୟକଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

ସେହିପରି ନୂଆପଡା ଜିଲା ପୋଲିସ ପଡିଆଠାରେ ଗୁରୁବାର ଓଡ଼ିଶା ଦିବସ ଓ ନୂଆପଡା ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଜିଲାର ୫ଟି ବ୍ଲକରେ କରୋନା କଟକଣା ନିୟମ ପାଳନ କରି ପ୍ରତିଷ୍ଠା ଦିବସ ପାଳନ ହୋଇଛି । ୨୮ ବର୍ଷ ପୂର୍ବେ ଏହି ଦିବସରେ ନୂଆପଡାକୁ ଜିଲା ରୂପେ ଘୋଷଣା ହୋଇଥିଲା। ସେଥି ପାଇଁ ଆଜି ସାରା ଜିଲାରେ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଠାରେ ଓଡ଼ିଶା ଦିବସ ଓ ଜିଲା ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ଏକତା ଛକଠାରେ ଥିବା ସ୍ୱର୍ଗତ ଘାସିରାମ ମାଝିଙ୍କ ପ୍ରତିମୂର୍ତ୍ତିରେ ପ୍ରଶାସନ ପକ୍ଷରୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପୋଲିସ ପଡିଆଠାରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରାଯାଇଥିଲା। ସେଠାରେ ଓଡିଶା ମାଟି ପାଇଁ ନିଜର ଜୀବନ ଉତ୍ସର୍ଗୀକୃତ କରିଥିବା ବ୍ୟକ୍ତିତ୍ୱମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପୋଲିସ ପଡିଆଠାରେ ଜିଲା ପରିଷଦ ଅଧ୍ୟକ୍ଷା ନମିତା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲାପାଳ ସ୍ୱାଧାଦେବ ସିଂ, ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନ, ସହକାରୀ ଜିଲାପାଳ ସୁଶାନ୍ତ ରଣା, ଡିଆରଡିଏ ପିଡି ନବୀନ ପଟେଲ, ନୂଆପଡା ତହସିଲଦାର ଦେବେନ୍ଦ୍ର ରାଉତ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଜୟ ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ବିଭୁଦତ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗର କର୍ମଚାରୀମାନେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ପିଏନ୍‌ବି ୨.୦ର ଭୂମିକା ଗୁରୁତ୍ୱପୂର୍ଣ୍ଣ:ସିଇଓ

ନୂଆଦିଲ୍ଲୀ,୧।୪: ଭାରତୀୟ ବ୍ୟାଙ୍କିଙ୍ଗ ଉଦ୍ୟୋଗରେ ୨୦୨୦ ଏପ୍ରିଲ୍ ପହିଲାରେ ଏକ ବୃହତ୍ ସମ୍ମିଶ୍ରଣ କରାଯାଇଥିଲା। ଯଦ୍ୱାରା ପବ୍ଲିକ ସେକ୍ଟର ବ୍ୟାଙ୍କର ସଂଖ୍ୟା ହ୍ରାସ ପାଇ ୧୨ ହୋଇଥିଲା। ପୂର୍ବର ଓରିଏଣ୍ଟାଲ୍ ବ୍ୟାଙ୍କ ଅଫ୍ କମର୍ସ ଓ ୟୁନାଇଟେଡ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପଞ୍ଜାବ ନ୍ୟାସନାଲ୍ ବ୍ୟାଙ୍କ (ପିଏନ୍‌ବି) ସହିତ ମିଶ୍ରଣ ହୋଇଥିଲେ। ଫଳସ୍ୱରୂପ ପଞ୍ଜାବ ନ୍ୟାସନାଲ୍ ବ୍ୟାଙ୍କ ଦେଶର ଏକ ସର୍ବବୃହତ୍ ପବ୍ଲିକ୍ ସେକ୍ଟର ବ୍ୟାଙ୍କରେ ପରିଣତ ହୋଇଥିଲା। ଏହା ସମୁଦାୟ ବ୍ୟବସାୟ ୧୮ ଲକ୍ଷ କୋଟି ଟଙ୍କାରୁ ମଧ ଅଧିକ। ପିଏନ୍‌ବିର ବର୍ତ୍ତମାନ ସାରା ଦେଶରେ ୧୦,୮୦୦ ଉର୍ଦ୍ଧ୍ୱ ଶାଖା, ୧୩, ୯୦୦ ଉର୍ଦ୍ଧ୍ୱ ଏଟିଏମ୍ ଓ ୧୨,୩୦୦ ଉର୍ଦ୍ଧ୍ୱ ବିଜନେସ୍ କରେସ୍‌ପଣ୍ଡେଣ୍ଟ ସହିତ ୧ ଲକ୍ଷରୁ ଅଧିକ କର୍ମଚାରୀ ରହିଛନ୍ତି। ଏହି ବୃହତ୍ ସମିଶ୍ରଣର ପ୍ରଥମ ବାର୍ଷିକୋତ୍ସବରେ, ପିଏନ୍‌ବି ବ୍ୟବସାୟର ସମ୍ମିଶ୍ରଣ, ମାନବ ସମ୍ବଳ ଓ ଉପଲବ୍ଧ ବୈଷୟିକ ସ୍ଥିତି ସଫଳତାପୂର୍ବକ ବିନିଯୋଗ କରିପାରିଛି। ମିଶ୍ରଣ ପରଠାରୁ ବ୍ୟାଙ୍କର ଉଲ୍ଲେଖନୀୟ କାର୍ଯ୍ୟ କରିବା ସହ ଦେଶ ଗଠନରେ ଯୋଗଦାନ ରଖିଥିବା କରି ବ୍ୟାଙ୍କ ସିଇଓ ସିଏଚ୍. ଏସ.ଏସ. ମଲ୍ଲିକାର୍ଜୁନ ରାଓ କହିଛନ୍ତି।

### ଏଇଏସ୍‌ଏଲ୍ ପକ୍ଷରୁ କର୍ମଚାରୀଙ୍କୁ ଟିକାକରଣ

ନୂଆଦିଲ୍ଲୀ,୧।୪: ଆକାଶ ଏଡୁକେସନାଲ୍ ସର୍ଭିସେସ୍ ଲିମିଟେଡ୍ (ଏଇଏସ୍‌ଏଲ୍) ପକ୍ଷରୁ ସାରା ଭାରତରେ ଏହାର ସମସ୍ତ କର୍ମଚାରୀ ଏବଂ ଜଣେ ଲେଖାଏଁ ନିର୍ଭରଶୀଳ ବ୍ୟକ୍ତିଙ୍କୁ କୋଭିଡ୍-୧୯ ଟିକାକରଣ ଖର୍ଚ୍ଚକୁ ସମ୍ପୂର୍ଣ୍ଣ ବହନ କରାଯିବ। ଏ ନେଇ କମ୍ପାନୀ ପକ୍ଷରୁ ଗୁରୁବାର ଘୋଷଣା କରାଯାଇଛି। ଏଥିରେ ସାମିଲ ରହିଛନ୍ତି ୫ ହଜାର କର୍ମଚାରୀ ଏବଂ ଜଣେ ଲେଖାଏଁ ନିର୍ଭରଶୀଳ ବ୍ୟକ୍ତିଙ୍କ ପାଇଁ ଦୁଇଟି ଟିକା ସହ୍ ସାରା ଭାରତରେ ହାଉସ୍ କିପିଂ ଏବଂ ସିକ୍ୟୁରିଟି ଗାର୍ଡ ଆଦି ଭାବେ କାର୍ଯ୍ୟ କରୁଥିବା ପ୍ରାୟ ୭୫୦ ସହାୟକ କର୍ମଚାରୀଙ୍କ ଟିକା ଖର୍ଚ୍ଚକୁ ମଧ୍ୟ କମ୍ପାନୀ ବହନ କରିବ ବୋଲି ଏଇଏସ୍‌ଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଆକାଶ ଚୌଧୁରୀ ସୂଚନା ଦେଇଛନ୍ତି।

### ବାଣିଜ୍ୟିକ ଯାନ କ୍ରୟ ଅଭିଜ୍ଞତାକୁ ଦୃଢ କରୁଛି ମାରୁତି ସୁଜୁକି

ନୂଆଦିଲ୍ଲୀ,୧।୪: ମାରୁତି ସୁଜୁକି ଇଣ୍ଡିଆ ପକ୍ଷରୁ ବାଣିଜ୍ୟିକ ଯାନ କ୍ରୟ ଅଭିଜ୍ଞତାକୁ ଦୃଢ଼ୀକରଣ କରାଯାଉଛି। କମ୍ପାନୀ ବର୍ତ୍ତମାନ ଏହାର ରିଟେଲ ନେଟୱାର୍କରେ ୩୨୫ରୁ ଉର୍ଦ୍ଧ୍ୱ ଆଉଟଲେଟ ଯୋଡିଛି। ରିଟେଲ ଚ୍ୟାନେଲ ବର୍ତ୍ତମାନ ୨୩୫ ସହରକୁ ବଢିଛି। ଗ୍ରାହକଙ୍କ ଆବଶ୍ୟକତା ପୂରଣକୁ କମ୍ପାନୀ ଅଗ୍ରାଧିକାର ଦେଉଛି। ଗ୍ୟାସୋଲିନ ଏବଂ ଫ୍ୟାକ୍ଟ୍ରି ଫିଟେଡ ସିଏନ୍‌ଜି ବିବିଧ ଶୃଙ୍ଖଳା କମ୍ପାନୀ ବର୍ତ୍ତମାନ ପ୍ରଦାନ କରୁଛି। କମ୍ପାନୀର ଯାନଗୁଡିକ କମ୍ ଅଧିଗ୍ରହଣ ଖର୍ଚ୍ଚ, କମ୍ ପରିଚାଳନା ଖର୍ଚ୍ଚ ଏବଂ କମ୍ ମରାମତି ଖର୍ଚ୍ଚ ଭଳି ତ୍ରିଗୁଣ ସୁବିଧା ଦେଉଥିବା ଏହା ସୂଚନା ଦେଇଛି। ଗ୍ରାହକଙ୍କ ବହୁ ଉଦ୍ଦେଶ୍ୟ ପୂରଣ କରିବା ଦିଗରେ ସର୍ବଦା ଉଦ୍ୟମ ଜାରି ରହିଥିବା କମ୍ପାନୀର ବିକ୍ରି ଓ ମାର୍କେଟିଂ ବିଭାଗ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶଶାଙ୍କ ଶ୍ରୀବାସ୍ତବ କହିଛନ୍ତି।

# କ୍ଷୁଦ୍ର ସଞ୍ଚୟ ଯୋଜନା ସୁଧ ହାର କମିବନି

ନୂଆଦିଲ୍ଲୀ,୧।୪

**ନିଷ୍ପତ୍ତି ପ୍ରତ୍ୟାହାର କଲା କେନ୍ଦ୍ର**



କ୍ଷୁଦ୍ର ସଞ୍ଚୟ ଯୋଜନା ଉପରେ ସୁଧହାର ହ୍ରାସ କରିବା ନେଇ ବୁଧବାର ନିଷ୍ପତ୍ତି ହୋଇଥିଲା। ଏହି ନିଷ୍ପତ୍ତିକୁ ସରକାର ଗୁରୁବାର ପ୍ରତ୍ୟାହାର କରି ନେଇଛନ୍ତି। ୨୦୨୦-୨୧ ଆର୍ଥିକ ବର୍ଷ ଶେଷ ତ୍ରୈମାସରେ ଯେଉଁ ହାରରେ ସୁଧ ପ୍ରଦାନ ନେଇ ନିଷ୍ପତ୍ତି ହୋଇଥିଲା ତାହା ବଳବତ୍ତର ରହିବ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଟୁଇଟ ଯୋଗେ କହିଛନ୍ତି। ସରକାର ବିଭିନ୍ନ କ୍ଷୁଦ୍ର ସଞ୍ଚୟ ଉପରେ ସୁଧହାର ହ୍ରାସ କରିବା ପରେ ଏହାକୁ ନେଇ ନିବେଶକମାନେ ପ୍ରତିକ୍ରିୟାଶୀଳ ହୋଇଉଠିଥିଲେ।

ଉଲ୍ଲେଖଯୋଗ୍ୟ, ସରକାର ସଞ୍ଚୟ ଜମା ଉପରେ ବାର୍ଷିକ ସୁଧହାର ୪%ରୁ ୩.୫%କୁ ଖସାଇଥିଲେ। ସେହିଭଳି ପବ୍ଲିକ ପ୍ରୋଭିଡେଣ୍ଟ ଫଣ୍ଡ (ପିପିଏଫ୍) କ୍ଷେତ୍ରରେ ଏହା ୭.୧%ରୁ ୬.୪%କୁ ଖସିଥିଲା। ନ୍ୟାଶନାଲ ସେଭିଂ ସାର୍ଟିଫିକେଟ(ଏନ୍‌ଏସ୍‌ସି)ରେ ସୁଧହାର ୫.୯%, ସୁକନ୍ୟା ସମୃଦ୍ଧି ଯୋଜନାରେ ୬.୯%, ପାଞ୍ଚବର୍ଷିଆ ବରିଷ୍ଠ ନାଗରିକ ସଞ୍ଚୟ ଯୋଜନା ଲାଗି ସୁଧହାର ୬.୫%କୁ ହ୍ରାସ କରାଯାଇଥିଲା। ଏହାବାଦ କିଷାନ ବିକାଶ ପତ୍ର(କେଭିପି)ରେ ସୁଧହାର ୬.୨% ଏବଂ ପୋଷ୍ଟ ଅଫିସ ସଞ୍ଚୟ ଜମା ଉପରେ ୩.୫%, ୧ ବର୍ଷରୁ ୫ ବର୍ଷ ଅବଧିର ମିଆଦୀ ଜମା ଉପରେ ସୁଧହାର ୪.୪ରୁ ୫.୧% ହ୍ରାସ କରାଯାଇଥିଲା। ୫ ବର୍ଷିଆ ରେକରିଂ ଜମା ଉପରେ ୫.୮% ରହିଥିଲା। ପିପିଏଫ୍ ସୁଧହାର ହ୍ରାସ ହେବା ପରେ ଏହା ୧୯୭୪ ପରଠାରୁ ସର୍ବନିମ୍ନ ସ୍ତରକୁ ଖସିଯାଇଥିଲା। ସେହିଭଳି ବର୍ଷକିଆ ମିଆଦୀ ଜମା ଉପରେ ୧.୧% ହ୍ରାସ କରାଯାଇଥିଲା। ଅର୍ଥମନ୍ତ୍ରୀଙ୍କ ନୂଆ ଘୋଷଣା ପରେ ଜମାକାରୀଙ୍କୁ ଆଶ୍ୱସ୍ତି ମିଳିଛି।

# ହୋଣ୍ଡାର ନୂଆ ସିବିଆର ୬୫୦ ଆର୍




ନୂଆଦିଲ୍ଲୀ,୧।୪

ହୋଣ୍ଡା ମୋଟର୍‌ସାଇକଲ୍ ଆଣ୍ଡ ସ୍କୁଟର୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ତରଫରୁ ଭାରତରେ ନୂଆ ୨୦୨୧ ସିବିଆର୍‌୬୫୦ଆର୍ ଓ ସିବି୬୫୦ଆର୍‌କୁ ଉନ୍ମୋଚନ କରାଯାଇଛି। ଏହି ନୂଆ ମଡେଲ୍ ଭାରତୀୟ ବଜାରରେ କମ୍ପ୍ଲିଟ୍ ନକ୍‌ଡ ଡାଉନ୍ (ସିକେଡି)

ରୁଟ୍‌ରେ ପ୍ରବେଶ କରିଛି। ନିଓ ସ୍ପୋର୍ଟସ୍ କାଫେ ଦ୍ୱାରା ଅନୁପ୍ରାଣିତ ଏହି ବାଇକ୍ ହେଉଛି ଯୁବ ଚାଳକମାନଙ୍କ ପାଇଁ ଉଦ୍ଦିଷ୍ଟ। ଚାରି ସିଲିଣ୍ଡର୍ ଇଞ୍ଜିନ୍‌ର ପ୍ରଦର୍ଶନ ସହିତ ଏକ ହାଲୁକା, ବିବିଧ ଏବଂ ମାର୍ଜିତ ଚେଚିସ୍ ଚାହୁଁଥିବା ଗ୍ରାହକଙ୍କ ଲାଗି ଏହା ଉଦ୍ଦିଷ୍ଟ ହେବ। ୨୦୨୧ ମଡେଲ୍‌ରେ ଆରାମଦାୟକ, ବ୍ୟବହାର ଏବଂ ବାସ୍ତବିକ ଉପଯୋଗିତାକୁ ନେଇ ଅନେକ ପ୍ରକାର ସୁବିଧା ସୁଯୋଗ ରହିଛି। ଏହି ଅବସରରେ ହୋଣ୍ଡା ମୋଟର୍‌ସାଇକଲ୍ ଆଣ୍ଡ ସ୍କୁଟର୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ, ସଭାପତି ଓ ସିଇଓ ଆତ୍‌ସୁସି ଓଗାତା କହିଛନ୍ତି ଯେ, ଭାରତୀୟ ଗାଡ଼ି ଚାଳକଙ୍କୁ ବିଶ୍ୱର ଶ୍ରେଷ୍ଠ ରେସିଂ, ରୋମାଞ୍ଚ ଓ ରୋଡ୍‌ଷ୍ଟର୍ ପ୍ରଦାନ କରିବା ଲାଗି ହୋଣ୍ଡା ପ୍ରତିବଦ୍ଧ। ସିବିଆର୍‌୬୫୦ଆର୍‌ରେ ୬୪୯ ସିସି ଡିଓଏଚ୍‌ସି-୧୬ ଭାଲ୍‌ଭ୍ ଇଞ୍ଜିନ୍, ଚାରି ସିଲିଣ୍ଡର୍ ପ୍ରଦର୍ଶନ, ଉନ୍ନତ ଟର୍କ ଓ ପାୱାର, ଆସିଷ୍ଟ ଓ ସ୍ଲିପର୍ କ୍ଲଚ୍, ୪-୧ ସାଇଡ୍ ସ୍ୱେପ୍ଟ ଏକ୍‌ଜଷ୍ଟ, ହୋଣ୍ଡା ଇଗ୍ନିସନ୍ ସିକ୍ୟୁରିଟି ସିଷ୍ଟମ୍, ଇଏସ୍‌ଏସ୍ ପ୍ରଯୁକ୍ତି, ହୋଣ୍ଡା ସିଲେକ୍ଟେବଲ୍ ଟର୍କ କଂଟ୍ରୋଲ୍, ଡୁଆଲ୍ ଚ୍ୟାନେଲ୍ ଏବିଏସ୍ ଆଦି ସୁବିଧା ରହିଛି। ସିବି୬୫୦ଆର୍‌ର ମୂଲ୍ୟ ୮,୬୭,୦୦୦ ଟଙ୍କା ରହିଛି। ଏହାର କ୍ୟାଣ୍ଡି କ୍ରୋମୋସ୍ଫିୟର୍ ରେଡ୍, ମେଟ୍ ଗନ୍‌ପାଉଡର୍ ବ୍ଲାକ୍ ମେଟାଲିକ୍ ରଙ୍ଗରେ ଓ ସିବିଆର୍‌୬୫୦ଆର୍‌ର ମୂଲ୍ୟ ୮,୮୮,୦୦୦ ଟଙ୍କା ରହିଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି।

# ଆର୍‌ବିଆଇ ଲାଗି ଧାର୍ଯ୍ୟ ମୁଦ୍ରାସ୍ଫୀତି ଲକ୍ଷ୍ୟ ୪%

ମୁମ୍ବାଇ,୧।୪




ଆସନ୍ତା ୫ ଆର୍ଥିକ ବର୍ଷ ପାଇଁ ଧାର୍ଯ୍ୟ ମୁଦ୍ରାସ୍ଫୀତି ଲକ୍ଷ୍ୟକୁ ୪%ରେ ରଖିବାକୁ କେନ୍ଦ୍ର ସରକାର ଆର୍‌ବିଆଇକୁ କହିଛନ୍ତି। ମୁଦ୍ରାନୀତି ନିୟମ ଅନୁସାରେ ଏହାକୁ ୪%ରେ ଅପରିବର୍ତ୍ତିତ ରଖାଯାଇଛି। ଗତ ୫ ବର୍ଷରେ ମଧ୍ୟରେ ଏଭଳି ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଆର୍‌ବିଆଇ ନିୟମ ୧୯୨୪ ଅନୁସାରେ ଏହି ମୁଦ୍ରାସ୍ଫୀତି ଲକ୍ଷ୍ୟ ୨୦୨୧ ଏପ୍ରିଲ ପହିଲାରୁ ୨୦୨୬ ମାର୍ଚ୍ଚ ୩୧ ଯାଏ ଧାର୍ଯ୍ୟ କରାଯାଇଛି। ୨ରୁ ୬% ବ୍ୟାଣ୍ଡରେ ଏଭଳି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ବୋଲି ଅର୍ଥନୈତିକ ବ୍ୟାପାର ସଚିବ ତରୁଣ ବଜାଜ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଗତ ୫ ବର୍ଷ ପୂର୍ବେ ମୁଦ୍ରାନୀତି କ୍ଷେତ୍ରରେ ଏଭଳି ନିଷ୍ପତ୍ତି ହୋଇଥିବା ବେଳେ ଦ୍ୱିତୀୟ ଥର ଲାଗି ଧାର୍ଯ୍ୟ ଲକ୍ଷ୍ୟ ସମାନ ରଖାଯାଇଛି। ଏଭଳି ଧାର୍ଯ୍ୟ ଲକ୍ଷ୍ୟ ଦିଗରେ ପୁଣି ଥରେ ବିଚାରକରିବା ନେଇ ବିଶେଷଜ୍ଞମାନେ ପରାମର୍ଶ ଦେଇଥିଲେ। ଖୁଚୁରା ମୁଦ୍ରାସ୍ଫୀତି ସ୍ଥାନରେ କୋର ମୁଦ୍ରାସ୍ଫୀତିକୁ ବିଚାରକୁ ନେବା ଉପରେ ସେମାନେ ଗୁରୁତ୍ୱାରୋପ କରିଥିଲେ।

ଖୁଚୁରା ମୁଦ୍ରାସ୍ଫୀତିକୁ ଧାର୍ଯ୍ୟ ଲକ୍ଷ୍ୟ ମଧ୍ୟରେ ରଖିବାକୁ କେନ୍ଦ୍ରୀୟ ବ୍ୟାଙ୍କ ସର୍ବଦା ପ୍ରୟାସ କରି ଆସିଛି। ମୁଦ୍ରାସ୍ଫୀତିର ଭଲ ପରିଚାଳନା ସାଧାରଣ ଲୋକଙ୍କ ଜୀବନ ଉପରେ ଭଲ ପ୍ରଭାବ ପକାଇଥାଏ। ଯଦି ସାମଗ୍ରୀ ଦର ନିୟନ୍ତ୍ରଣ ମଧ୍ୟରେ ରହେ ତେବେ ଏହା ଦେଶର ଅର୍ଥ ବ୍ୟବସ୍ଥା ଲାଗି ଭଲ ହୋଇଥାଏ। ଏହା ନିବେଶ ଉପରେ ଉତ୍ତମ ପ୍ରଭାବ ପକାଉଥିବା ବେଳେ ମୁଦ୍ରାସ୍ଫୀତି ୬% ଟପିଲେ ଅଭିବୃଦ୍ଧିକୁ ଏହା ପ୍ରଭାବିତ କରିଥାଏ ବୋଲି ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସ ମତ ପୂର୍ବରୁ ପ୍ରକାଶ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ କରିବା ଦିଗରେ ରିଜର୍ଭ ବ୍ୟାଙ୍କ ସକ୍ଷମ ହୋଇପାରିଛି। ଲକ୍‌ଡାଉନ ସମୟରେ ମୁଦ୍ରାସ୍ଫୀତି ଡାଟା ଠିକ୍ ନ ଥିବା କେତେଜଣ ବିଶେଷଜ୍ଞ ମଧ ଯୁକ୍ତି ବାଢ଼ିଥାନ୍ତି।

# ସେନ୍‌ସେକ୍ସ ୫୨୧ ପଏଣ୍ଟ ବୃଦ୍ଧି



ନୂଆଦିଲ୍ଲୀ,୧।୪

ଗତ କିଛି ଦିନର ମାନ୍ଦା କାରବାର ପରେ ସେୟାର ବଜାରରେ ଉତ୍ସାହଜନକ ବୃଦ୍ଧି ପରିଲକ୍ଷିତ ହୋଇଛି। ଫଳରେ ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ପ୍ରାୟ ୫୨୧ ପଏଣ୍ଟ (୧.୦୫%) ବୃଦ୍ଧି ପାଇଛି। ଫଳରେ ଏହା ପ୍ରାୟ ୫୦,୦୩୦ ପଏଣ୍ଟରେ କାରବାର ବନ୍ଦ ହୋଇଛି। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ନିଫ୍ଟି ମଧ ପ୍ରାୟ ୧୭୭ ପଏଣ୍ଟ (୧.୨%) ବଢିଥିବା ଜଣାପଡିଛି। କାରବାରରେ ବୃଦ୍ଧି ଯୋଗୁ ଏହା ପ୍ରାୟ ୧୪,୮୬୮ ପଏଣ୍ଟରେ ପହଞ୍ଚିଯାଇଛି।

ମାର୍ଚ୍ଚ ଶେଷ ସପ୍ତାହ ସହିତ ୨୦୨୦-୨୧ ଆର୍ଥିକ ବର୍ଷ ଶେଷ ହୋଇଥିବା କାରଣରୁ କାରବାରୁ ଭଲ ହୋଇଥିବା ବଜାର ବିଶେଷଜ୍ଞ ମତ ଦେଇଛନ୍ତି। ବିଏସଇ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ସେନସେକ୍ସ ପ୍ରାୟ ୫୨୧ ପଏଣ୍ଟ ବଢି ୫୦,୦୩୦ (୫୦,୦୨୯.୮୩)ରେ ବନ୍ଦ ରହିଛି। ସେହିଭଳି ନିଫ୍ଟିରେ ପ୍ରାୟ ୧୭୭ ପଏଣ୍ଟ ବୃଦ୍ଧି ପାଇ ୧୪,୮୬୮ (୧୪,୮୬୭.୩୫)ରେ କାରବାର ଶେଷ ହୋଇଛି। ଗୁରୁବାର ମେଟାଲ, ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଏବଂ ଫାଇନାନ୍ସିଆଲ୍ ସଂସ୍ଥାଗୁଡିକର ସେୟାର ବୃଦ୍ଧି ସହ ଭଲ କାରବାର ହୋଇଥିବା ଦେଖିବାକୁ ମିଳିଛି। ସେନସେକ୍ସ ସୂଚୀ ଅନୁସାରେ ଇଣ୍ଡସଇଣ୍ଡ ବ୍ୟାଙ୍କ, କୋଟାକ ବ୍ୟାଙ୍କ, ଆଇସିଆଇସିଆଇ ବ୍ୟାଙ୍କ,ବଜାଜ ଫାଇନାନ୍ସ ଏବଂ ସନ ଫାର୍ମା ଓ ଅଲଟ୍ରା ସେମୋକ ଭଳି କମ୍ପାନୀର ୪.୩୪% ସେୟାର ବୃଦ୍ଧି ହୋଇଥିବା ବେଳେ ଏଚ୍‌ୟୁଲ,ନେସଲ ଇଣ୍ଡିଆ, ଟିସିଏସ, ଟାଇଟନ ଏବଂ ଟେକ ମହିନ୍ଦ୍ରା ଭଳି ବୃହତ ସଂସ୍ଥାର ସେୟାର ୧.୨୯% ହ୍ରାସ ପାଇଛି। ଅନ୍ୟପକ୍ଷରେ ଏନ୍‌ଏସ୍‌ଇ ପ୍ଲାଟଫର୍ମରେ ନିଫ୍ଟି ପକ୍ଷରୁ ସୂଚୀ ତଥ୍ୟ ଅନୁସାରେ ମେଟାଲ, ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଓ ମିଡିଆ ଅନୁଷ୍ଠାନର ଶେୟାର ୫.୩୩% ଲାଭ ହୋଇଥିବା କୁହାଯାଇଛି।

# ବାସଗୃହ ଲାଗି ହାଫେଲର ସଲ୍ୟୁଶନ



ନୂଆଦିଲ୍ଲୀ,୧।୪

ଅନ୍ତର୍ଜାତୀୟ କମ୍ପାନୀ ହାଫେଲ ପକ୍ଷରୁ ବାସଗୃହର ସୁନ୍ଦରତା ବୃଦ୍ଧି ଲାଗି ବିଭିନ୍ନ ସଲ୍ୟୁଶନ ପ୍ରଦାନ କରାଯାଉଛି। କମ୍ପାନୀ ପକ୍ଷରୁ ହାର୍ଡୱେର, ଫିଟିଂ ସିଷ୍ଟମ ଏବଂ ଇଲେକ୍‌ଟ୍ରୋନିକ୍ସ ଆକ୍‌ସେସ କଣ୍ଟ୍ରୋଲ ସିଷ୍ଟମ ସାରା ବିଶ୍ୱରେ ଉପଲବ୍ଧ କରାଉଛି। ହାଫେଲର ପର୍‌ଫରମାନ୍ସକୁ ନେଇ ଫର୍ନିଚର ଶିଳ୍ପ, ଡିଲର, ଜଏନର, କ୍ୟାବିନେଟ ମେକର, ଆର୍କିଟେକ୍ଟ, ପ୍ଲାନର ଏବଂ ବିଲ୍ଡର ବେଶ୍ ଭରସା କରୁଥିବା କମ୍ପାନୀ ପ୍ରକାଶ କରିଛି। ଗ୍ଲାସ ମେକିଂ କ୍ଷେତ୍ରରେ କମ୍ପାନୀ ଏକ ସ୍ୱତନ୍ତ୍ର ସଲ୍ୟୁଶନ ପ୍ରଦାନ କରୁଛି। ଗ୍ଲାସ ପ୍ୟାନେଲ ଇନଷ୍ଟାଲେଶନ, ଗ୍ଲାସ ଡୋରଗୁଡିକୁ କନେକ୍ଟର ସହ ଯୋଡିବା ଏବଂ ଅନ୍ୟ ଆନୁଷଙ୍ଗିକ ସମାଧାନ କମ୍ପାନୀ ପକ୍ଷରୁ ପ୍ରଦାନ କରାଯାଉଛି। ସେହିଭଳି ଫର୍ନିଚର ଏବଂ ୱାର୍ଡରବ ୟୁନିଟଗୁଡିକରେ ସ୍ଲାଇଡିଂ ଡୋର ଅପରେଟ ଭଳି ଅନ୍ୟ କାମ କମ୍ପାନୀ କରୁଛି। ହୋମ ଡେକୋରେଶନ କ୍ଷେତ୍ରରେ ଗ୍ଲାସ ଡୋରର ଭୂମିକା ରହିଥିବା ବେଳେ କମ୍ପାନୀ ଏ ଦିଗରେ ବିଭିନ୍ନ ଯୋଗଦାନ ରଖିଛି। ଘରର ସୁନ୍ଦରତା ବୃଦ୍ଧି କ୍ଷେତ୍ରରେ ଗ୍ଲାସ ଡୋରର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିବା ଆକ୍ରେଡେଟର ଡିଜାଇନ ଷ୍ଟୁଡିଓର ପ୍ରତିଷ୍ଠାତା ଅରୁଣିକା ସରକାର କହିଛନ୍ତି। ବର୍ତ୍ତମାନ ସମସ୍ତ ଡିଜାଇନରଙ୍କ ଲାଗି ଗ୍ଲାସ ଏବଂ ଗୁରୁତ୍ୱପୂର୍ଣ୍ଣ ଉପାଦାନ ହୋଇଛି ବୋଲି ଡେକୋରେଟ ଏବଂ ଆସୋସିଏଟ ପକ୍ଷରୁ ରିତୁ ଦୁଗଲ କହିଛନ୍ତି।

# ୪ ବ୍ୟାଙ୍କ ପାଇବେ ୧୪ ହଜାର କୋଟି

ନୂଆଦିଲ୍ଲୀ,୧।୪




ଆଗାମୀ ୪ ସପ୍ତାହ ମଧ୍ୟରେ ୪ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ୧୪ ହଜାର କୋଟି ଟଙ୍କାର ପୁଞ୍ଜି ଲାଭ କରିବେ। ପୁନଃ ପୁଞ୍ଜୀକରଣ ବଣ୍ଡ ଦ୍ୱାରା ଏହି ଅର୍ଥ ପ୍ରଦାନ କରାଯିବା ନେଇ ଯୋଜନା ରଖାଯାଇଛି। ବ୍ୟାଙ୍କଗୁଡିକର ପୁଞ୍ଜି ଉପଲବ୍ଧତା ବଢ଼ାଇବା ଦିଗରେ ଏଭଳି ପଦକ୍ଷେପ ସହାୟକ ହେବ ବୋଲି କୁହାଯାଉଛି। ଉକ୍ତ ବ୍ୟାଙ୍କଗୁଡିକ ମଧ୍ୟରେ ୩ ବ୍ୟାଙ୍କ ବର୍ତ୍ତମାନ ରିଜର୍ଭ ବ୍ୟାଙ୍କର ପ୍ରମ୍ପଟ କରେକ୍ଟିଭ ଆକ୍ସନ(ପିସିଏ) କଟକଣା ମଧ୍ୟରେ ରହିଛନ୍ତି। ନୂଆ ପୁଞ୍ଜି ପ୍ରଦାନ ଦ୍ୱାରା ବ୍ୟାଙ୍କଗୁଡିକ କଟକଣାରୁ ମୁକ୍ତି ହୋଇପାରିବେ ବୋଲି ଆଶା ପ୍ରକଟ କରାଯାଉଛି। ୪ ବ୍ୟାଙ୍କ ସରକାରଙ୍କ ସ୍ୱତନ୍ତ୍ର ବଣ୍ଡ ସବ୍‌ସ୍କ୍ରାଇବ କରିଛନ୍ତି। ଇକ୍ୱିଟି ରିଟର୍ନ ଆଧାରରେ ଏଭଳି ସବ୍‌ସ୍କ୍ରିପଶନ କରାଯାଇଛି। ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ୪,୮୦୦ କୋଟି, ଇଣ୍ଡିଆନ ଓଭରସିଜ ବ୍ୟାଙ୍କ ୪,୧୦୦ କୋଟି, ବ୍ୟାଙ୍କ ଅଫ୍ ଇଣ୍ଡିଆ ୩,୦୦୦ କୋଟି ଏବଂ ୟୁକୋ ବ୍ୟାଙ୍କ ୨,୬୦୦ କୋଟି ଟଙ୍କାର ପୁଞ୍ଜି ଲାଭ କରିବ ବୋଲି ଜଣାପଡ଼ିଛି।

୨୦୨୦-୨୧ ଆର୍ଥିକ ବର୍ଷର ଶେଷ ଦିନରେ ଏଭଳି ନିବେଶ ସମ୍ପର୍କିତ ପଦକ୍ଷେପ ସରକାର ଗ୍ରହଣ କରିଛନ୍ତି। ଏହି ବ୍ୟାଙ୍କଗୁଡିକ ଜିରୋ କୁପନ ବଣ୍ଡ ଜାରି କରିଛନ୍ତି। ଏହାର ପରିପକ୍ୱତା ଅବଧି ୨୦୩୧ ଏବଂ ୨୦୩୬ ରହିଛି। ସରକାରଙ୍କ ଏଭଳି ପଦକ୍ଷେପକୁ ବ୍ୟାଙ୍କରମାନେ ବୁକ ଏଣ୍ଟ୍ରି ବୋଲି କହିଛନ୍ତି। ବ୍ୟାଙ୍କଗୁଡିକରୁ ସରକାର ଋଣ ନେଉଛନ୍ତି। ଏହି ଅର୍ଥକୁ ବ୍ୟାଙ୍କଗୁଡିକର ଇକ୍ୱିଟିରେ ନିବେଶ କରାଯାଉଥିବା ସେମାନେ ମତ ପ୍ରକାଶ କରିଛନ୍ତି।

# ଡିଏମ୍‌ଏଫ୍‌ର ଜବ୍ ରେଡିନେସ କାର୍ଯ୍ୟକ୍ରମ

ଭୁବନେଶ୍ୱର,୧।୪



ରାଜ୍ୟରେ ପ୍ରଥମ କରି ''ଜବ୍ ରେଡିନେସ୍ ପ୍ରୋଗ୍ରାମ୍ ଫର୍ ୟୁଥ୍'' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୁନ୍ଦରଗଡ଼ ଜିଲ୍ଲାର ରଙ୍ଗିଆମୁଣ୍ଡା ଠାରେ ଗୁରୁବାର ଓକେସିଏଲ୍‌ର ସ୍ୱିକୃତୀପ୍ରାପ୍ତ କେନ୍ଦ୍ର 'ସେବକ କମ୍ପ୍ୟୁଟର ସେଣ୍ଟର୍' ପରିସରରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ସୁନ୍ଦରଗଡ଼ ଜିଲ୍ଲାପାଳ ନିଖିଲ୍ ପୱନ୍ କଲ୍ୟାଣ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ। ଏହି ଅବସରରେ ଓକେସିଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଡଃ. ମନୋରଞ୍ଜନ ପୁଥାଳ ଏବଂ ''ସେବକ୍''ର ଅଧ୍ୟକ୍ଷ ଅମିୟକାନ୍ତ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମଟି ସମ୍ପୂର୍ଣ୍ଣଭାବେ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଦ୍ୱାରା କରାଯାଉଛି। କୋଭିଡ୍-୧୯ ମହାମାରୀ ଯୋଗୁ ନିଯୁକ୍ତି ସୁଯୋଗରେ ହ୍ରାସ ଏବଂ ନିଯୁକ୍ତି ହରାଇବା ଯୋଗୁ ସାଧାରଣ ଲୋକଙ୍କ ଜୀବିକାରେ ଅନେକ ପରିବର୍ତ୍ତନ ଆଣିଦେଇଛି। ଯାହାକି ଆମ ରାଜ୍ୟ ସରକାରଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ସମସ୍ୟା ଥିଲେ ସମାଧାନ ଥିବା ପରି ଚତୁର୍ଥ ଶିଳ୍ପ ବିପ୍ଳବ ବି ଆରମ୍ଭ ହୋଇସାରିଛି। ଏହି ଶିଳ୍ପବିପ୍ଳବ ଏକ ଅଭିନବ ମୁକ୍ତ ବଜାର ବ୍ୟବସ୍ଥା ''ଗିଗ୍ ଇକୋନମି'' ନାମରେ ଏକ ବିକଳ୍ପ ଆଣି ଆସିଛି। ଯେଉଁଥିରେ ବିଭିନ୍ନ ନିଯୁକ୍ତି ପ୍ରଦାନ କରୁଥିବା ସଂସ୍ଥାଗୁଡ଼ିକ ଅସ୍ଥାୟୀ ନିଯୁକ୍ତି ଓ ବ୍ୟକ୍ତିଗତ ସ୍ୱଳ୍ପ ମିଆଦି ଚୁକ୍ତିଭିତ୍ତିକ ନିଯୁକ୍ତିକୁ ଗୁରୁତ୍ୱ ଦେଉଛନ୍ତି। ରାଜ୍ୟର ସମସ୍ତ ଯୁବକଯୁବତୀମାନେ ନିଜକୁ ନିଯୁକ୍ତିଯୋଗ୍ୟ ଓ ଆତ୍ମନିର୍ଭରଶୀଳ ହେବା ପାଇଁ ୪ଟି କୌଶଳରେ ନିଜକୁ ଦକ୍ଷ କରିବାକୁ ପଡ଼ିବ ଯଥା ଡିଜିଟାଲ୍, ଇଂରାଜୀ ଭାଷା, ଯୋଗାଯୋଗ, ବ୍ୟବହାରିକ କୌଶଳ। ଉପରୋକ୍ତ କୌଶଳରେ ଦକ୍ଷତା ହାସଲ କରିପାରିଲେ ଜଣେ ନିଜକୁ ନିଯୁକ୍ତିଯୋଗ୍ୟ କରାଇପାରିବା ସହ ଡିଜିଟାଲ୍ ଫ୍ରିଲାନ୍ସିଂ ଓ ଫିଜିକାଲ୍ ଫ୍ରିଲାନ୍ସିଂ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହୋଇପାରିବେ।

# ସେପ୍ଟେମ୍ବର ସୁଦ୍ଧା ୭.୨ ଲକ୍ଷ କୋଟି ଋଣ କରିବ କେନ୍ଦ୍ର

ମୁମ୍ବାଇ,୧।୪

ନୂଆ ଆର୍ଥିକ ବର୍ଷ ଆରମ୍ଭ ହୋଇଥିବା ବେଳେ ସ୍ୱଳ୍ପ ସୁଧହାରରେ ବଜାରରୁ ଋଣ ଉଠାଇବା ନେଇ ସରକାର ଯୋଜନା ରଖିଛନ୍ତି। ଧାର୍ଯ୍ୟ ଋଣ ଯୋଜନାର ୬୦%କୁ ସେପ୍ଟେମ୍ବର ସୁଦ୍ଧା ଉଠାଇବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଏହି ସମୟ ଅବଧିରେ କେନ୍ଦ୍ର ସରକାର ବଜାରରୁ ୭.୨ ଲକ୍ଷ କୋଟି ଟଙ୍କା ଋଣ ନେବେ। ସରକାର ଏବଂ ରିଜର୍ଭ ବ୍ୟାଙ୍କ ଋଣ କ୍ୟାଲେଣ୍ଡରକୁ ଚୂଡ଼ାନ୍ତ କରିଛନ୍ତି। ଆର୍ଥିକ ବର୍ଷ ସାରା ମୋଟ ୧୨ ଲକ୍ଷ କୋଟି ଟଙ୍କାର ଋଣ ବଜାରରୁ ଉଠାଇବା ଯୋଜନା ରହିଛି। କୋଭିଡ୍ ମହାମାରୀ ପାଇଁ ସରକାରଙ୍କୁ ଅଧିକ ଖର୍ଚ୍ଚ କରିବାକୁ ପଡିଛି। ଫଳରେ ସରକାରଙ୍କୁ




ବଜାରରୁ ଅଧିକ ଋଣ ଉଠାଇବାକୁ ପଡିଛି। ଏହା ଯୋଗୁ ଋଣ ପରିମାଣ ୧୩.୭ ଲକ୍ଷ କୋଟି ଟଙ୍କା ଛୁଇଁଛି। ଅର୍ଥନୈତିକ ବ୍ୟାପାର ସଚିବ ତରୁଣ ବଜାଜ କହିଛନ୍ତି, ୨୦୦୪-୦୫ ପରଠାରୁ ଋଣ ଉପରେ ସରକାରଙ୍କୁ ଖର୍ଚ୍ଚ କମ୍ ରହିବ। ଗତ ବର୍ଷ ତୁଳନାରେ ଚଳିତ ବର୍ଷ ସରକାରଙ୍କ ପ୍ରସ୍ତୁତି ଉନ୍ନତ ରହିଛି। ଚଳିତ ବର୍ଷ ଖର୍ଚ୍ଚରେ ମଧ ସେମିତି କିଛି ଚାପ ଆସିବ ନାହିଁ। ଚଳିତ ଆର୍ଥିକ ବର୍ଷ ପ୍ରଥମ ୬ ମାସରେ ସରକାର ଧାର୍ଯ୍ୟ ଲକ୍ଷ୍ୟର ଅଧିକାଂଶ ଭାଗ ଉଠାଣ ନେଇ ଯୋଜନା ବନାଇଛନ୍ତି। ସେହିଭଳି ରାଜସ୍ୱ ଆଦାୟକୁ ନେଇ ମଧ ସରକାର ବିଭିନ୍ନ ଯୋଜନା ହାତକୁ ନେବେ। ଟିକସ ସଂଗ୍ରହ ଉନ୍ନତ ହେବା ନେଇ ଆଶା କରାଯାଉଥିବା ବେଳେ ବିତ୍ତୀୟ ନିଅଣ୍ଟ ମୋଟ ଜିଡିପିର ୯.୫% ରହିବା ନେଇ ବଜେଟରେ ଆକଳନ କରାଯାଇଛି। ଆବଶ୍ୟକତା ଅନୁସାରେ ସରକାର ବଜାରରୁ ଋଣ ଉଠାଣ କରିବେ। ଏ ଦିଗରେ ରିଜର୍ଭ ବ୍ୟାଙ୍କ ସହ ସରକାର ପରାମର୍ଶ ମଧ କରୁଛନ୍ତି ବୋଲି ବଜାଜ ସ୍ପଷ୍ଟ କରିଛନ୍ତି।

# ଅସ୍ଥିର ପ୍ରଦର୍ଶନ

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଦ୍ୱାରା ଆୟୋଜିତ ୨ଟି ଲିଷ୍ଟ-ଏ ଟୁର୍ନାମେଣ୍ଟ ସୟଦ ମୁସ୍ତାକ ଅଲ୍ଲୀ ଟି୨୦ ଏବଂ ଏକଦିବସୀୟ ବିଜୟ ହଜାରେ ଟ୍ରଫି ସଫଳତାର ସହିତ ଆୟୋଜିତ ହୋଇଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଓଡ଼ିଶା ଦଳ ଏହି ଦୁଇ ଟୁର୍ନାମେଣ୍ଟରେ ନୈରାଶ୍ୟଜନକ ପ୍ରଦର୍ଶନ କରି ସମାଲୋଚିତ ହୋଇଛି। ଏହି ଦୁଇଟି ଟୁର୍ନାମେଣ୍ଟ ପାଇଁ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଭିଜନ ୨୦୨୪ ମାଧ୍ୟମରେ ବ୍ୟାପକ ଆୟୋଜନ କରି ପ୍ରଚୁର ଅର୍ଥ ବ୍ୟୟ ବରାଦ କରିଥିଲା। ତୃଣମୂଳସ୍ତରରୁ ଖେଳାଳି ଚୟନ କରିବା ସହିତ ପ୍ରତିଭା ଚିହ୍ନଟ ଯୁବ ଖେଳାଳିମାନଙ୍କୁ ବେଶ୍ ପ୍ରାଧାନ୍ୟ ଦେବା ସହିତ ସମସ୍ତ ସୁବିଧା ସୁଯୋଗ ଦେବା ସତ୍ତ୍ୱେ କୌଣସି ସୁଫଳ ମିଳିପାରି ନ ଥିଲା। ଗୋବିନ୍ଦ ପୋଦ୍ଦାରଙ୍କ ନେତୃତ୍ୱରେ ଯୁବ ଖେଳାଳିମାନଙ୍କୁ ନେଇ ଗଠିତ ଟି୨୦ ଦଳ ଏଲିଟ୍ ଗ୍ରୁପ-ବିରେ ସ୍ଥାନ ପାଇଥିବା ବେଳେ ଶକ୍ତିଶାଳୀ ହାଇଦ୍ରାବାଦ, ତାମିଲନାଡୁ, ବେଙ୍ଗଲ୍, ଝାଡଖଣ୍ଡ ଏବଂ ଆସାମ ସହିତ ସ୍ଥାନ ପାଇଥିବା ବେଳେ ଖେଳିଥିବା ୫ଟି ମ୍ୟାଚରୁ ଆସାମକୁ ୪ ଉଇକେଟରେ ପରାସ୍ତ କରି ଏକମାତ୍ର ବିଜୟ ହାସଲ କରିଥିଲା। ପ୍ରାରମ୍ଭିକ ମ୍ୟାଚରେ ବେଙ୍ଗଲଠାରୁ ୯ ଉଇକେଟରେ ପରାସ୍ତ ହୋଇଥିବା ବେଳେ ପରବର୍ତ୍ତୀ ମ୍ୟାଚରେ ହାଇଦ୍ରାବାଦ ସହିତ ଏକ ରୋମାଞ୍ଚକ ମ୍ୟାଚରେ ମାତ୍ର ୬ ରନ୍‌ରେ ପରାସ୍ତ ହେବା ଫଳରେ ଆଉ ପ୍ରତ୍ୟାବର୍ତ୍ତନ କରିବାକୁ ସକ୍ଷମ ହୋଇପାରି ନ ଥିଲା। ତାମିଲନାଡୁ ବିପକ୍ଷରେ ୮ ଉଇକେଟରେ ପରାଜିତ ହେବା ଏବଂ ଝାଡଖଣ୍ଡଠାରୁ ୫୪ରନ୍‌ରେ ପରାସ୍ତ ହେବା ଦ୍ୱାରା ଟୁର୍ନାମେଣ୍ଟରୁ ବାଦ ପଡିଥିଲା। ଶୁଭ୍ରାଂଶୁ ସେନାପତି, ରାଜେଶ ଧୂପର, ଗୋବିନ୍ଦ ପୋଦାର ବ୍ୟାଟିଂରେ ଯଥାକ୍ରମେ ୫ଟି ମ୍ୟାଚରୁ ୧୪୬ରନ୍, ୧୧୪ରନ୍ ଏବଂ ୧୧୦ରନ୍ କରିଥିବା ବେଳେ ଅନ୍ୟ ଖେଳାଳିମାନେ ନୈରାଶ୍ୟଜନକ ପ୍ରଦର୍ଶନ କରିଥିଲେ। ଅଙ୍କିତ ଯାଦବ ସନ୍ଦୀପ ପଟ୍ଟନାୟକ ୫ଟି ମ୍ୟାଚରୁ ୧୭୪ ରନ୍, ଶୁଭ୍ରାଂଶୁ ସେନାପତି ୫ଟି ମ୍ୟାଚରୁ ୧୬୪ ରନ୍ ଏବଂ ଅଧିନାୟକ ଶାନ୍ତନୁ ମିଶ୍ର ୫ଟି ମ୍ୟାଚରୁ ୧୫୪ ରନ୍ କରିବାକୁ ସକ୍ଷମ ହୋଇଥିଲେ। ଶାନ୍ତନୁ ମିଶ୍ର ୫ଟି ମ୍ୟାଚରୁ ୫ଟି ଏବଂ ସୂର୍ଯ୍ୟକାନ୍ତ ପ୍ରଧାନ ୪ଟି ମ୍ୟାଚରୁ ୫ଟି ଉଇକେଟ ନେବାକୁ ସକ୍ଷମ ହୋଇଥିଲେ। କୌଣସି ବ୍ୟାଟସମ୍ୟାନ୍ ଏବଂ ବୋଲର ଭଲ ପ୍ରଦର୍ଶନ କରିପାରି ନ ଥିଲେ।

ଅନ୍ୟପକ୍ଷରେ ବିସିସିଆଇ ଦ୍ୱାରା ଆୟୋଜିତ ସିନିୟର ମହିଳା ଟୁର୍ନାମେଣ୍ଟରେ କ୍ରମାଗତ ୪ଟି ବିଜୟ ସହ ଟିମ୍ ଓଡ଼ିଶା ପ୍ରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବା ବେଶ୍ ଆନନ୍ଦ ଦେଇଛି କ୍ରିକେଟ ପ୍ରେମୀମାନଙ୍କୁ। ଝାଡଖଣ୍ଡଠାରୁ ନିଜର ପ୍ରଥମ ମ୍ୟାଚ ହାରିବା ପରେ ଭଲ ପ୍ରଦର୍ଶନ ମାଧ୍ୟମରେ ହାଇଦ୍ରାବାଦ, ତ୍ରିପୁରା, ଛତିଶଗଡ ଏବଂ ଗୁଜରାଟକୁ ହରାଇ ନିଜର ଶକ୍ତି ପ୍ରଦର୍ଶନ କରିଛି। ମହିଳା କ୍ରିକେଟ ଦଳ ଜାତୀୟ ସ୍ତରରେ ଭଲ ପ୍ରଦର୍ଶନ କରୁଥିବା ବେଳେ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯାଉଥିଲେ ମଧ୍ୟ ପୁରୁଷ ବିଭାଗ ତା'ର



ଗୋବିନ୍ଦ ପୋଦ୍ଦାର

**ଓଡ଼ିଶା ମହିଳା କ୍ରିକେଟ ଦଳ ଜାତୀୟ ସ୍ତରରେ ଭଲ ପ୍ରଦର୍ଶନ କରୁଥିବା ବେଳେ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯାଉଥିଲେ ମଧ୍ୟ ପୁରୁଷ ଦଳ ନୈରାଶ୍ୟଜନକ ପ୍ରଦର୍ଶନ ଜାରି ରଖିଛି। କିଛିଦିନ ତଳେ ଅନୁଷ୍ଠିତ ହୋଇଥିବା ସୟଦ ମୁସ୍ତାକ ଅଲି ଟି୨୦ ଓ ବିଜୟ ହଜାରେ ଟ୍ରଫିରେ ଏହା ସ୍ପଷ୍ଟ ହୋଇଛି...**

ବୋଲିଂରେ ୪ଟି ମ୍ୟାଚ ଖେଳି ସର୍ବାଧିକ ୪ଟି ଉଇକେଟ ନେଇଥିଲେ। ଏପରି ଦୁର୍ଭାଗ୍ୟଜନକ ପ୍ରଦର୍ଶନ ସିଲେକ୍ଟର, ମ୍ୟାଚ ଅଫିସିଆଲ ଏବଂ ଓସିଏ କର୍ମକର୍ତ୍ତାମାନଙ୍କୁ ବେଶ୍ ବିଚଳିତ କରିଥିଲା।

ପରବର୍ତ୍ତୀ ଅବସ୍ଥାରେ ଟିମ୍ ଓଡ଼ିଶା ବିଜୟ ହଜାରେ ଟ୍ରଫି ପାଇଁ ତା'ର ବ୍ୟାପକ ପ୍ରସ୍ତୁତି କରି ସମସ୍ତ ଅଭିଜ୍ଞ ସିନିୟର ଖେଳାଳିମାନଙ୍କୁ ବାଦ ଦେଇ ଯୁବ ଓପନର ଶାନ୍ତନୁ ମିଶ୍ରଙ୍କ ନେତୃତ୍ୱରେ ଭଲ ପ୍ରଦର୍ଶନ କରିଥିବା ଖେଳାଳିମାନଙ୍କୁ ନେଇ ଏକ ସନ୍ତୁଳିତ ଦଳ ଘୋଷଣା କରିଥିଲା। ଏହି ଦିନିକିଆ ଟୁର୍ନାମେଣ୍ଟ ପାଇଁ ମୁଖ୍ୟ କୋଚ୍ ରଶ୍ମିରଞ୍ଜନ ପରିଡା ଏବଂ ସିନିୟର ସିଲେକସନ୍ କମିଟିର ଚେୟାରମ୍ୟାନ ତଥା ପୂର୍ବତନ ରଣଜୀ ଖେଳାଳି ପ୍ରଭଞ୍ଜନ ମଲିକଙ୍କ ନେତୃତ୍ୱରେ ଦଳ ଘୋଷିତ ହୋଇଥିଲା। ଦଳରେ ୮ଜଣ ନୂତନ ଖେଳାଳିଙ୍କୁ ସାମିଲ କରାଗଲା। ଶକ୍ତିଶାଳୀ ଏଲିଟ୍ ଗ୍ରୁପ୍-ସି ରେ କେରଳ, ରେଲୱେ, କର୍ନାଟକ, ଉତ୍ତରପ୍ରଦେଶ ଏବଂ ବିହାର ସହିତ ଓଡ଼ିଶା ସ୍ଥାନ ପାଇଥିଲା। ଓଡ଼ିଶା ଉତ୍ତରପ୍ରଦେଶଠାରୁ ୬ ଉଇକେଟରେ ପରାସ୍ତ ହେବା ବେଳେ କେରଳଠାରୁ ବର୍ଷା ବାଧାପ୍ରାପ୍ତ ମ୍ୟାଚରେ ୩୪ରନ୍‌ରେ ଭିଜେଡି ନିୟମ ଦ୍ୱାରା ପରାସ୍ତ ହୋଇଥିଲା। ସେହିପରି ରେଲୱେ ଓଡ଼ିଶାକୁ ୮ ଉଇକେଟରେ ପରାସ୍ତ କରିଥିବା ବେଳେ କର୍ନାଟକ ୧୦୧ରନ୍‌ରେ ଓଡ଼ିଶାକୁ ପରାସ୍ତ କରିଥିଲା। ଏକମାତ୍ର ବିଜୟର ସ୍ୱାଦ ବିହାରଠାରୁ ପାଇବା ବେଳକୁ ସବୁ ଶେଷ ହୋଇଯାଇଥିଲା। ବିହାରକୁ ୭ ଉଇକେଟରେ ପରାସ୍ତ କରି ଓଡ଼ିଶା ୪ ପଏଣ୍ଟ ସହ ୫ମ ସ୍ଥାନରେ ଏଲିଟ ଗ୍ରୁପ୍-ସି ଟେବୁଲରେ ରହିଥିଲା।

ପ୍ରଦର୍ଶନରେ ସ୍ଥିରତା ନ ରଖିବା ବାସ୍ତବିକ ଦୁର୍ଭାଗ୍ୟଜନକ। ଏଥିପାଇଁ ଓସିଏ ପକ୍ଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ବ୍ୟାପକ ଅଭ୍ୟାସର ସୁଯୋଗ ଦିଆଯାଉଛି। ଭଲ ପ୍ରଦର୍ଶନ କରୁଥିବା ଖେଳାଳିମାନଙ୍କୁ ଚୟନ କରାଯାଉଥିଲେ ମଧ୍ୟ ପ୍ରଦର୍ଶନରେ ସ୍ଥିରତା ଆସୁନାହିଁ। କ୍ଲବଗୁଡ଼ିକୁ ଶକ୍ତିଶାଳୀ କରିବା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଉଛି। ତୃଣମୂଳସ୍ତରରୁ ଖେଳାଳି ଚୟନ କରିବା ଜୁନିୟର ଏବଂ ସିନିୟର ସ୍ତରରେ ପ୍ରତ୍ୟେକ ଜିଲାରେ ଇଣ୍ଟର କ୍ଲବ ଟୁର୍ନାମେଣ୍ଟ ଆୟୋଜନ କରାଯାଉଛି। ବଛାବଛା ଖେଳାଳିମାନଙ୍କୁ ଚୟନ କରାଯାଇ ଓସିଏ ଦ୍ୱାରା ପରିଚାଳିତ ଏକାଡେମୀରେ ତାଲିମ ଦିଆଯାଉଛି। ଟର୍ଫ ଉଇକେଟ, ଟ୍ରେନର, ଫିଜିଓ ଏବଂ ଭିତ୍ତିଭୂମିଗୁଡ଼ିକର ବ୍ୟାପକ ପରିବର୍ତ୍ତନ କରାଯାଉଛି। ତଥାପି ସୁଫଳ ମିଳୁନାହିଁ, ଯାହା କି ସମସ୍ତଙ୍କୁ ବ୍ୟଥିତ କରିଛି। ସିନିୟର ଦଳ ଯଦି ଭଲ ପ୍ରଦର୍ଶନ କରେ ତେବେ ତାହାର ପ୍ରଭାବ ଜୁନିୟର ବର୍ଗର ଖେଳାଳିମାନଙ୍କ ଉପରେ ନିଶ୍ଚୟ ପଡିବ। ସବୁଠାରୁ ଅଭିଜ୍ଞ, ଦାୟିତ୍ୱସମ୍ପନ୍ନ ସିନିୟର ଖେଳାଳିମାନଙ୍କୁ ଶ୍ରେଷ୍ଠ ପଦବୀରେ ରଖିଛି ଓସିଏ। ସେମାନଙ୍କଠାରୁ ଉପଯୁକ୍ତ ସହାୟତା ନେଲେ ଓଡ଼ିଶା କ୍ରିକେଟ ନିଶ୍ଚିତ ଉପରକୁ ଯିବ। ପ୍ରଦର୍ଶନରେ ସ୍ଥିରତା ଆସିବ। ଓଡ଼ିଶା କ୍ରିକେଟ ଦିଗହରା ହେବ ନାହିଁ। ଆମ ପାଖରେ ଏକାଧିକ ଯୁବ ଖେଳାଳି ରହିବେ। କ୍ଲବ କ୍ରିକେଟକୁ ଶକ୍ତିଶାଳୀ କରିବାକୁ ହେବ। ତାହାଲେ ଯାଇ ସୁଫଳ ମିଳିବ। ଓଡ଼ିଶା କ୍ରିକେଟ୍ ପାଇଁ ଭଲ ଦିନ ଆସିବ।



# ହ୍ୱାଇଟ୍ ୱାସ୍



ନିର୍ମଳ କୁମାର ମିଶ୍ର

**ଭାରତ ଭ୍ରମଣକାରୀ ଇଂଲଣ୍ଡକୁ ଟେଷ୍ଟ, ଦିନିକିଆ ଓ ଟି୨୦ ସିରିଜରେ ପରାସ୍ତ କରି ହ୍ୱାଇଟ୍ ୱାସ୍ କରିବା ସହ ଏକ ବିରଳ ସଫଳତା ହାସଲ କରିଛି। ଏଥି ସହିତ ଭାରତ ସବୁ ଫର୍ମାଟ୍‌ରେ ଆଇସିସି ର୍‍ୟାଙ୍କିଂରେ ନିଜର ସ୍ଥିତି ଦୃଢ କରିଛି। ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ଖେଳିବାକୁ ଯୋଗ୍ୟତା ହାସଲ କରିବା ସହ ଭାରତ ଆଗକୁ ଆୟୋଜନ ହେବାକୁ ଥିବା ଟି୨୦ ବିଶ୍ୱକପ୍ ପାଇଁ ତା'ର ପ୍ରସ୍ତୁତି ଆହୁରି ଜୋର୍‌ଦାର କରିଛି...**

ଏକ ରୋମାଞ୍ଚକର କ୍ରିକେଟ୍ ସିରିଜର ସଫଳ ପରିସମାପ୍ତି ଘଟିଛି। ଫେବୃୟାରୀ ୫ ତାରିଖରୁ ମାର୍ଚ୍ଚ ୨୮ତାରିଖ ପର୍ଯ୍ୟନ୍ତ ଏକ ସମ୍ପୂର୍ଣ୍ଣ ସିରିଜ୍ ଖେଳିବା ପାଇଁ ଇଂଲଣ୍ଡ ଟିମ୍ ଭାରତ ଗସ୍ତ କରିଥିଲା। ୪ଟି ଟେଷ୍ଟ ମ୍ୟାଚ, ୫ଟି ଟି୨୦ ଏବଂ ୩ଟି ଏକଦିବସୀୟ ମ୍ୟାଚ ଖେଳିବାର କାର୍ଯ୍ୟକ୍ରମ ରହିଥିଲା। ଆଗକୁ ରହିଥିଲା ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ (ଆଇସିସି) ଟେଷ୍ଟ ଚାମ୍ପିୟନଶିପ୍ ଏବଂ ଟି୨୦ ବିଶ୍ୱକପ୍। ସେହି ଦୃଷ୍ଟିକୋଣରୁ ଏହି ସିରିଜର ଗୁରୁତ୍ୱ ବେଶ୍ ବଢିଯାଇଥିଲା। ଆଇସିସି ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ମ୍ୟାଚ୍ ଇଂଲଣ୍ଡରେ ଖେଳାଯିବାକୁ ଥିବା ବେଳେ ଟି୨୦ ବିଶ୍ୱକପ୍ ଚଳିତବର୍ଷ ମଧ୍ୟ ଭାରତରେ ଖେଳାଯିବାକୁ ରହିଛି। ଇଂଲଣ୍ଡ ଦଳ ୩ଟି ଫର୍ମାଟ ପାଇଁ ବେଶ୍ ଶକ୍ତିଶାଳୀ ମନେହେଉଥିଲା। ଉଭୟ ଦଳ ଟେଷ୍ଟ ସିରିଜ ଆରମ୍ଭ ପୂର୍ବରୁ ଚାପରେ ରହିଥିଲେ। ଯଦିଓ ଟେଷ୍ଟ ସିରିଜ ପାଇଁ ଚେନ୍ନାଇ ଏବଂ ଅହମଦାବାଦରେ ରେଡ ସଏଲ୍ ପିଚରେ ଏବଂ ସ୍ପିନିଂ ଟ୍ରାକ୍‌ରେ ଇଂଲଣ୍ଡ ପାଇଁ ଏହି ଗସ୍ତ ସେତେ ସହଜ ହେବ ବୋଲି ଜଣାପଡୁ ନ ଥିଲା। ଏହା ସତ୍ତ୍ୱେ ଇଂଲଣ୍ଡ ପ୍ରଥମ ଟେଷ୍ଟ ମ୍ୟାଚକୁ ୨୨୭ ରନ୍‌ରେ ଜିତିବା ଫଳରେ ବ୍ୟାକ୍‌ଫୁଟରେ ରହିଥିଲା ବିରାଟ ବାହିନୀ। ୨ୟ ଟେଷ୍ଟ ମ୍ୟାଚରେ ଭାରତ ୩୧୭ ରନ୍‌ରେ ବିଜୟୀ ହୋଇ ସଫଳ ପ୍ରତ୍ୟାବର୍ତ୍ତନ କରିବାକୁ ସକ୍ଷମ ହୋଇଥିଲା। ପରବର୍ତ୍ତୀ ଦୁଇଟି ଟେଷ୍ଟ ମ୍ୟାଚ ଖେଳିବା ପାଇଁ ଅହମଦାବାଦ ଗସ୍ତ କରିବା ସହିତ ତୃତୀୟ ଟେଷ୍ଟରେ ଭାରତ ୧୦ ଉଇକେଟରେ ବିଜୟୀ ହୋଇଥିଲା। ରେଡ୍ ସଏଲରେ ଖେଳାଯାଇଥିବା ଏହି ପିଚରେ ଇଂଲଣ୍ଡ ଧୂଳି ଚାଟିବା ଫଳରେ ପିଚକୁ ନେଇ ଅନେକ ବିବାଦ ଦେଖାଯାଇଥିଲା। ମାତ୍ର ରବିଚନ୍ଦ୍ରନ ଅଶ୍ୱିନଙ୍କ ଅଲରାଉଣ୍ଡର ପ୍ରଦର୍ଶନ ସମସ୍ତ ସମାଲୋଚନାର ଅନ୍ତଘଟାଇ ଥିଲା। ସେହିପରି ଚତୁର୍ଥ ଟେଷ୍ଟକୁ ନେଇ ଟିମ୍ ଇଣ୍ଡିଆର ଆଇସିସି ଟେଷ୍ଟ ଚାମ୍ପିୟନଶିପ୍‌ର ଭାଗ୍ୟ ନିର୍ଭର କରୁଥିଲା। ଭାରତ ବେଶ୍ ଆତ୍ମବିଶ୍ୱାସର ସହ ଖେଳି ଗୋଟିଏ ଇନିଂସ ଏବଂ ୨୫ ରନ୍‌ରେ ବିଜୟୀ ହୋଇ ସିରିଜକୁ ୩-୧ରେ ଜିତିବା ଦ୍ୱାରା ସବୁ ସମସ୍ୟାର ଅନ୍ତ ଘଟିଥିଲା। ଏହି ୪ଟି ଟେଷ୍ଟ ମ୍ୟାଚରେ ଇଂଲଣ୍ଡର ୮୦ଟି ମଧ୍ୟରୁ ୬୭ଟି ଉଇକେଟ ଭାରତୀୟ ସ୍ପିନରମାନେ ଅକ୍ତିଆର କରିଥିଲେ। ଅକ୍ଷର ପଟେଲ ତାଙ୍କର ପ୍ରଥମ ଟେଷ୍ଟ ମ୍ୟାଚରେ ଚମତ୍କାର ପ୍ରଦର୍ଶନ କରିବା ସହିତ ସମ୍ପୂର୍ଣ୍ଣ ସିରିଜରେ ୨୭ଟି ଉଇକେଟ ନେଇ ଇଂଲଣ୍ଡକୁ ଧରାଶାୟୀ କରିଥିଲେ। ଅଭିଜ୍ଞ ଅଫ୍‌ସ୍ପିନର ଅଶ୍ୱିନ ତାଙ୍କର ଅଲରାଉଣ୍ଡର ଦକ୍ଷତା ବଳରେ ମୋଟ ୩୨ଟି ଉଇକେଟ ନେବା ସହିତ ମୋଟ ୩ଥର ୫ ରୁ ଉର୍ଦ୍ଧ୍ୱ ଉଇକେଟ ହାସଲ କରିଥିଲେ। ଯାହା ଫଳରେ ଭାରତ ଆଇସିସି ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ଖେଳିବାକୁ ଯୋଗ୍ୟତା ହାସଲ କରିଥିଲା।

ବୋଲିଂ ଅଲରାଉଣ୍ଡର ରବିଚନ୍ଦ୍ରନ ଅଶ୍ୱିନ ମ୍ୟାନ୍ ଅଫ୍ ଦି ସିରିଜ ବିବେଚିତ ହେବା ସହ ଆଇସିସି ଟେଷ୍ଟ ର୍‍ୟାଙ୍କିଂରେ ୧୨୨ପଏଣ୍ଟ ସହିତ ଟେବୁଲ ଶୀର୍ଷରେ ପହଞ୍ଚାଇ ପାରିଥିଲେ। ରିଷଭ ପନ୍ତଙ୍କ ଆକ୍ରମଣାତ୍ମକ ବ୍ୟାଟିଂ ଏବଂ ସୁନ୍ଦର କିପିଙ୍ଗ, ଇଶାନ କିଶାନଙ୍କ ଆକ୍ରମଣାତ୍ମକ ଇନିଂସ୍, ଅକ୍ଷର ପଟେଲଙ୍କ ଅସାଧାରଣ ପ୍ରଦର୍ଶନ ଟିମ୍ ଇଣ୍ଡିଆକୁ ଏହି ସଫଳତା ଦେଲା। ଏପରି କି ପୂର୍ବରୁ ୬ଥର ଶକ୍ତିଶାଳୀ ଇଂଲଣ୍ଡ ଏବଂ ଅଷ୍ଟ୍ରେଲିଆଠାରୁ ପ୍ରଥମ ଟେଷ୍ଟ ମ୍ୟାଚରେ ହାରି ଭାରତ ପୁନର୍ବାର ପ୍ରତ୍ୟାବର୍ତ୍ତନ କରି ଟେଷ୍ଟ ସିରିଜ ଜିତିବାକୁ ସକ୍ଷମ ହୋଇଥିଲା। କ୍ରମାଗତ ଭାବେ ୨୦୧୨-୧୩ରୁ ୨୦୨୧ ପର୍ଯ୍ୟନ୍ତ ଟିମ୍ ଇଣ୍ଡିଆ ୧୧ଥର ଘରୋଇ ସିରିଜରେ ବିଜୟୀ ହୋଇ ରେକର୍ଡ କରିଛି। ସେହିପରି ଅଷ୍ଟ୍ରେଲିଆ କ୍ରମାଗତ ୨ଥର ୧୦ଟି ସିରିଜ ବିଜୟ ସହ ଭାରତ ପଛରେ ରହିଛି। ୨୦୧୨ ମସିହାରେ ଇଂଲଣ୍ଡଠାରୁ ଘରୋଇ ଟେଷ୍ଟ ସିରିଜରେ ଭାରତ ୨-୧ରେ ପରାସ୍ତ ହୋଇଥିଲା। ଇଂଲଣ୍ଡ ଟେଷ୍ଟ ଅଧିନାୟକ ଜୋ ରୁଟ ଏହି ଟେଷ୍ଟ ସିରିଜରେ ୩୬୮ ରନ୍ କରିଥିବା ବେଳେ ଭାରତ ପକ୍ଷରୁ ହିଟ୍ ମ୍ୟାନ ରୋହିତ ଶର୍ମା ୩୪୫ରନ୍ କରି ଆଗରେ ଅଛନ୍ତି। ଜୋ ରୁଟ୍‌ଙ୍କ ସର୍ବାଧିକ ବ୍ୟକ୍ତିଗତ ସ୍କୋର ୨୧୮ ରହିଥିବା ବେଳେ ରିଷଭ ପନ୍ତ ସର୍ବାଧିକ ୧୦ଟି ଛକା, ରୋହିତ ଶର୍ମା ସର୍ବାଧିକ ୪୩ ଚୌକା ଏବଂ ସର୍ବାଧିକ ୪ଥର ଅକ୍ଷର ପଟେଲ ୫ରୁ ଅଧିକ ଉଇକେଟ ନେଇଛନ୍ତି। ଜେମସ୍ ଆଣ୍ଡରସନ୍, ଜୋଫ୍ରା ଆର୍ଚର ଇଂଲଣ୍ଡ ପକ୍ଷରୁ ଭଲ ବୋଲିଂ କରିଥିବା ବେଳେ ଆଜିଙ୍କ୍ୟ ରାହାଣେ ଏବଂ ରିଷଭ ପନ୍ତ ୮ଟି କ୍ୟାଚ ନେଇଛନ୍ତି।

ଟେଷ୍ଟ ସିରିଜ ପରେ ଅହମଦାବାଦଠାରେ ୫ଟି ଟି୨୦ ମ୍ୟାଚ ଖେଳାଯାଇଥିବା ବେଳେ ଟିମ୍ ଇଣ୍ଡିଆ ମଧ୍ୟ ଏହି ରୋମାଞ୍ଚକର ଏବଂ ଚିତ୍ତାକର୍ଷକ ସିରିଜରେ ୩-୨ରେ ବିଜୟୀ ହୋଇଛି। ପ୍ରଥମ ଟି୨୦ରେ ଇଂଲଣ୍ଡ ୮ ଉଇକେଟରେ ବିଜୟୀ ହୋଇଥିବା ବେଳେ ୨ୟ ଟି୨୦ରେ ଟିମ୍ ଇଣ୍ଡିଆ ୭ ଉଇକେଟରେ ବିଜୟୀ ହୋଇଥିଲା। ସେହିପରି ୩ୟ ମ୍ୟାଚରେ ଇଂଲଣ୍ଡ ୮ ଉଇକେଟରେ ବିଜୟୀ ହୋଇଥିବା ବେଳେ ଚାପରେ ରହିଥିଲା ଟିମ୍ ଇଣ୍ଡିଆ। ମାତ୍ର ୪ର୍ଥ ମ୍ୟାଚରେ ଭାରତ ୮ରନ୍‌ରେ ବିଜୟୀ ହେବା ଦ୍ୱାରା ସିରିଜ ବରାବର ହୋଇଥିଲା। ଆଗକୁ ଟି୨୦ ବିଶ୍ୱକପ୍ ଭାରତରେ ନଭେମ୍ବର ମାସରେ ଖେଳାଯିବାକୁ ରହିଥିବା ବେଳେ ସିରିଜ ବିଜୟ ଆବଶ୍ୟକ ହେଉଥିଲା। ଶେଷ ଟି୨୦ ମ୍ୟାଚରେ ଟିମ୍ ଇଣ୍ଡିଆ ସର୍ବାଧିକ ରନ୍ କରିବା ସହିତ ୩୬ରନ୍‌ରେ ବିଜୟୀ ହୋଇ ସିରିଜକୁ ୩-୨ରେ ଅକ୍ତିଆର କରିଥିଲା। କ୍ୟାପଟେନ ଆଗ୍ରେସିଭ୍ ବିରାଟ କୋହଲି ୫ ମ୍ୟାଚରୁ ୨୩୧ରନ୍, ଶ୍ରେୟସ ଆୟର ୧୨୧ରନ୍ ଏବଂ ଇଂଲଣ୍ଡ ପକ୍ଷରୁ ଜୋସ୍ ବଟଲର ୧୭୨ରନ୍ ଏବଂ ଡେଭିଡ ମଲାନ ୧୪୮ ରନ୍ କରିଥିଲେ। ଯଦିଓ ବର୍ତ୍ତମାନରେ ଆଇସିସି ଟି୨୦ ର୍‍ୟାଙ୍କିଂରେ ଇଂଲଣ୍ଡ ପ୍ରଥମ ସ୍ଥାନରେ ରହିଛି ଏବଂ ଟିମ୍ ଇଣ୍ଡିଆ ୨ୟ ସ୍ଥାନରେ ରହିଛି ତଥାପି ଟି୨୦ ବିଶ୍ୱକପ୍ ପାଇଁ ଟିମ୍ ଇଣ୍ଡିଆର ମନୋବଳ ବୃଦ୍ଧି ପାଇଛି।

ଶେଷରେ ଖେଳାଯାଇଥିବା ୩ଟି ଏକଦିବସୀୟ ମ୍ୟାଚ ହାଇସ୍କୋରିଂ ରହିଥିଲା। ଅତ୍ୟନ୍ତ ରୋମାଞ୍ଚକର ଏହି ସିରିଜରେ ୨-୧ରେ ଟିମ୍ ଇଣ୍ଡିଆ ବିଜୟୀ ହୋଇଥିଲା। ୩ଟି ମ୍ୟାଚରେ ଟିମ୍ ଇଣ୍ଡିଆ ୩ଶହରୁ ଉର୍ଦ୍ଧ୍ୱ ରନ୍ ସଂଗ୍ରହ କରିଥିବା ବେଳେ ସମ୍ପୂର୍ଣ୍ଣ ସିରିଜ ବେଶ୍ ଉତ୍କଣ୍ଠାପୂର୍ଣ୍ଣ ରହିଥିଲା। ଇଂଲଣ୍ଡର ଶ୍ରେଷ୍ଠ ଏକଦିବସୀୟ ଖେଳାଳି ଜନି ବେୟାରଷ୍ଟୋ ଶ୍ରେଷ୍ଠ ବ୍ୟାଟିଂ ପ୍ରଦର୍ଶନ କରିଥିଲେ। ପ୍ରଥମ ଏକଦିବସୀୟ ମ୍ୟାଚରେ ୬ରନ୍ ଯୋଗୁ ଶତକରୁ ବଞ୍ଚିତ ହୋଇଥିବା ବେଳେ ଦ୍ୱିତୀୟ ଏକଦିବସୀୟ ମ୍ୟାଚରେ ୧୧୨ରନ୍ କରିଥିଲେ। ପ୍ଲେୟାର ଅଫ୍ ଦି ସିରିଜ ହେବା ସହିତ ସେ ୨୧୯ ରନ୍ କରିଥିଲେ। ସେହିପରି ଲୋକେଶ ରାହୁଲ ୧୭୭, ଶିଖର ଧାୱନ ୧୬୯ ଏବଂ ରିଷଭ ପନ୍ତ ୧୫୫ ରନ ସଂଗ୍ରହ କରିଥିଲ। ଭୁବନେଶ୍ୱର କୁମାର ଏବଂ ପ୍ରସିଦ୍ଧ କ୍ରିଷ୍ଣା ପ୍ରତ୍ୟେକ ୬ଟି ଲେଖାଏଁ ଉଇକେଟ ନେଇଥିଲେ। ମହାରାଷ୍ଟ୍ର କ୍ରିକେଟ୍ ଆସୋସିଏଶନ୍ ଗ୍ରାଉଣ୍ଡରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ଟିମ୍ ଇଣ୍ଡିଆ ୬୬ ରନ୍‌ରେ ବିଜୟୀ ହୋଇଥିବା ବେଳେ ଦ୍ୱିତୀୟ ମ୍ୟାଚରେ ଟିମ୍ ଇଣ୍ଡିଆର ଦୁର୍ବଳ ବୋଲିଂ ଯୋଗୁ ଇଂଲଣ୍ଡ ୬ ଉଇକେଟରେ ବିଜୟୀ ହୋଇଥିଲା। ସେହିପରି ତୃତୀୟ ମ୍ୟାଚରେ ଟିମ୍ ଇଣ୍ଡିଆ ସଫଳ ପ୍ରତ୍ୟାବର୍ତ୍ତନ କରି ସାମ୍ କ୍ୟୁରେନଙ୍କ ଧୂଆଁଧାର ବ୍ୟାଟିଂ ସତ୍ତ୍ୱେ ୭ ରନ୍‌ରେ ବିଜୟୀ ହୋଇ ସମ୍ପୂର୍ଣ୍ଣ ସିରିଜ ହ୍ୱାଇଟ୍ ୱାସ କରିବା ସହିତ ୬ଷ୍ଠ ଥର ପାଇଁ କ୍ରମାଗତ ଭାବେ ସିରିଜ ବିଜୟୀ ହୋଇଛି।

ଫଳରେ ଭାରତ ଆଇସିସି ଟେଷ୍ଟ ର୍‍ୟାଙ୍କିଂରେ ପ୍ରଥମ ସ୍ଥାନରେ ରହିଥିବା ବେଳେ ଏକଦିବସୀୟ ର୍‍ୟାଙ୍କିଂରେ ୧୧୯ ପଏଣ୍ଟ ସହ ଇଂଲଣ୍ଡ ପଛକୁ ଦ୍ୱିତୀୟ ସ୍ଥାନରେ ଏବଂ ଟି୨୦ ର୍‍ୟାଙ୍କିଂରେ ଟିମ୍ ଇଣ୍ଡିଆ ମଧ୍ୟ ଦ୍ୱିତୀୟ ସ୍ଥାନରେ ରହିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ସମ୍ପୂର୍ଣ୍ଣ ସିରିଜରେ ଇଶାନ୍ କିଷନ, ଅକ୍ଷର ପଟେଲ, ପ୍ରସିଦ୍ଧ କ୍ରିଷ୍ଣା, କ୍ରୁନାଲ ପାଣ୍ଡ୍ୟା, ସୂର୍ଯ୍ୟକୁମାର ଯାଦବ ନିଜ ନିଜର ଦକ୍ଷତା ପ୍ରତିପାଦନ କରିବା ସହିତ ସିରିଜ ବିଜୟରେ ସହାୟତା କରିଛନ୍ତି।

**ଟେଷ୍ଟ ସିରିଜ**

ପ୍ରଥମ ମ୍ୟାଚ୍: ଇଂଲଣ୍ଡ ୨୨୭ ରନରେ ବିଜୟୀ
ଦ୍ୱିତୀୟ ମ୍ୟାଚ: ଭାରତ ୩୧୭ ରନରେ ବିଜୟୀ
ତୃତୀୟ ମ୍ୟାଚ: ଭାରତ ୧୦ ଉଇକେଟରେ ବିଜୟୀ
ଚତୁର୍ଥ ମ୍ୟାଚ୍: ଭାରତ ଏକ ଇନିଂସ ଓ ୨୫ ରନରେ ବିଜୟୀ

**ଟି୨୦ ସିରିଜ**

ପ୍ରଥମ ମ୍ୟାଚ୍: ଇଂଲଣ୍ଡ ୮ ଉଇକେଟରେ ବିଜୟୀ
ଦ୍ୱିତୀୟ ମ୍ୟାଚ୍: ଭାରତ ୭ ଉଇକେଟରେ ବିଜୟୀ
ତୃତୀୟ ମ୍ୟାଚ: ଇଂଲଣ୍ଡ ୮ ଉଇକେଟରେ ବିଜୟୀ
ଚତୁର୍ଥ ମ୍ୟାଚ୍: ଭାରତ ୮ ରନରେ ବିଜୟୀ
ପଞ୍ଚମ ମ୍ୟାଚ୍: ଭାରତ ୩୬ ରନରେ ବିଜୟୀ

**ଦିନିକିଆ ସିରିଜ**

ପ୍ରଥମ ମ୍ୟାଚ: ଭାରତ ୬୬ ରନରେ ବିଜୟୀ
ଦ୍ୱିତୀୟ ମ୍ୟାଚ: ଇଂଲଣ୍ଡ ୬ ଉଇକେଟରେ ବିଜୟୀ
ତୃତୀୟ ମ୍ୟାଚ୍: ଭାରତ ୭ ରନରେ ବିଜୟୀ



ବିରାଟ କୋହଲି

# ୨୦୨୩ ମହିଳା ଫିଫା ବିଶ୍ୱକପ୍

**ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ମିଳିତ ଭାବେ ଏଥର ମହିଳା ଫିଫା ବିଶ୍ୱକପ୍‌ର ପରବର୍ତ୍ତୀ ସଂସ୍କରଣ ଆୟୋଜନ କରିବେ। ୨୦୨୩ରେ ଏହି ମେଗା ଇଭେଣ୍ଟ ୯ଟି ଭେନ୍ୟୁରେ ଖେଳାଯିବ। ପ୍ରଥମଥର ପାଇଁ ଦୁଇଟି ଭିନ୍ନ କନଫେଡେରେଶନର ସଦସ୍ୟ ମିଳିତ ଭାବେ ମହିଳା ଫିଫା ବିଶ୍ୱକପ୍ ଆୟୋଜନ କରିବାକୁ ଯାଉଛନ୍ତି...**

ମହିଳା ଫୁଟବଲର ସର୍ବବୃହତ ଇଭେଣ୍ଟ ଫିଫା ବିଶ୍ୱକପ୍ ଏଥର ଦକ୍ଷିଣ ଗୋଲାର୍ଦ୍ଧରେ ଆୟୋଜନ ହେବ। ମହିଳା ଫିଫା ବିଶ୍ୱକପ୍‌ର ଆଗାମୀ ସଂସ୍କରଣ ୨୦୨୩ରେ ଖେଳାଯିବ। ବିଶ୍ୱ ଫୁଟବଲର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ଫିଫା ଏହି ମେଗା ଇଭେଣ୍ଟ ନେଇ ବିଧିବଦ୍ଧ ଘୋଷଣା କରିଛି। ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ମିଳିତ ଭାବେ ଏହି ବିଶ୍ୱକପ୍ ଆୟୋଜନ କରିବେ। ଏହି ଦୁଇଟି ଦେଶର ୯ଟି ସହରରେ ଟୁର୍ନାମେଣ୍ଟର ମ୍ୟାଚ୍‌ଗୁଡିକ ଖେଳାଯିବ। ପ୍ରଥମଥର ପାଇଁ ଦୁଇଟି ଭିନ୍ନ କନଫେଡେରେଶନର ସଦସ୍ୟ ମିଳିତ ଭାବେ ମହିଳା ଫିଫା ବିଶ୍ୱକପ୍ ଆୟୋଜନ କରିବାକୁ ଯାଉଛନ୍ତି। ୨୦୦୬ ପୁରୁଷ ବିଶ୍ୱକପ୍ ପାଇଁ ଯୋଗ୍ୟତା ହାସଲ କରିବା ପରେ ଅଷ୍ଟ୍ରେଲିଆ ଏସିଆନ କନ୍‌ଫେଡେରେଶନରେ ଯୋଗ ଦେଇଥିଲା। ଫଳରେ ନ୍ୟୁଜିଲାଣ୍ଡ ଓସେନିଆ କନ୍‌ଫେଡେରେଶନର ସର୍ବବୃହତ ସଦସ୍ୟର ମାନ୍ୟତା ହାସଲ କରିଥିଲା।

ବିଶ୍ୱକପ୍‌ର ଉଦ୍‌ଘାଟନୀ ମ୍ୟାଚ୍ ଅକଲାଣ୍ଡର ଇଡେନ ପାର୍କରେ ଖେଳାଯିବ। ସେହିପରି ଅଷ୍ଟ୍ରେଲିଆର ସିଡ୍‌ନୀ ଷ୍ଟାଡିୟମରେ ବିଶ୍ୱକପ୍‌ର ଫାଇନାଲ ମ୍ୟାଚ୍ ଆୟୋଜନ ହେବ। ଏହି ଦୁଇଟି ଦେଶ ଗୋଟିଏ ଲେଖାଏ ସେମିଫାଇନାଲ ମ୍ୟାଚ୍ ଆୟୋଜନ କରିବେ।

ଅନ୍ୟ କ୍ରୀଡ଼ାର ଫର୍ମାଟ ପରି ଏହି ମହିଳା ବିଶ୍ୱକପ୍‌ର କାର୍ଯ୍ୟସୂଚୀ ସ୍ଥିରୀକୃତ ହୋଇଛି। ପ୍ରଥମଥର ପାଇଁ ମହିଳା ଫିଫା ବିଶ୍ୱକପ୍‌ରେ ୩୨ଟି ଦଳ ଅଂଶଗ୍ରହଣ କରିବେ। ୨୦୧୯ରେ ଫ୍ରାନ୍ସରେ ବିଶ୍ୱକପ୍‌ର ଗତ ସଂସ୍କରଣ ଆୟୋଜନ ହୋଇଥିଲା ଓ ଏଥିରେ ୨୪ଟି ଦଳ ଅଂଶଗ୍ରହଣ କରିଥିଲେ। ଏଥିରେ ଆମେରିକା ମହିଳା ଦଳ ଚାମ୍ପିୟନ ହୋଇ ଟାଇଟଲ ହାସଲ କରିଥିଲା। ୧୯୯୧ରୁ ଆରମ୍ଭ ହୋଇଥିବା ଏହି ବିଶ୍ୱକପରେ ଗତଥର ଚାମ୍ପିୟନ ଆମେରିକା ସର୍ବାଧିକ ୪ଥର ଟାଇଟଲ ହାସଲ କରି ସଫଳତମ ଦଳ ସାବ୍ୟସ୍ତ ହୋଇଛି।

**୯ ଭେନ୍ୟୁ**

ଆଡିଲେଡ (ହିଣ୍ଡମାର୍ଶ ଷ୍ଟାଡିୟମ)
ଅକଲାଣ୍ଡ (ଟାମାକି ମାକାଉରୁ ହିଡେନ ପାର୍କ)
ବ୍ରିସବେନ (ବ୍ରିସ୍‌ବେନ ଷ୍ଟାଡିୟମ)
ଡୁନେଡିନ (ଓଟେପୋଟି- ଡୁନେଡିନ ଷ୍ଟାଡିୟମ)
ହାମିଲଟନ (କିରିକିରିରୋଆ- ୱାଇକାଟୋ ଷ୍ଟାଡିୟମ)
ମେଲବୋର୍ନ (ମେଲବୋର୍ନ ରେକ୍ଟାଙ୍ଗୁଲାର ଷ୍ଟାଡିୟମ)
ପର୍ଥ (ପର୍ଥ ରେକ୍ଟାଙ୍ଗୁଲାର ଷ୍ଟାଡିୟମ)
ସିଡନୀ (ଷ୍ଟାଡିୟମ ଅଷ୍ଟ୍ରେଲିଆ ଓ ସିଡନୀ ଫୁଟବଲ ଷ୍ଟାଡିୟମ)
ୱେଲିଂଟନ (ଟେ ହ୍ୱାଙ୍ଗାନୁଇ-ଏ- ଟାରା- ୱେଲିଂଟନ ଷ୍ଟାଡିୟମ)



**କରୋନା ଟିକା ପାଇଁ ଭିଡ଼**

ରିଷିଡା,(ଡି.ଏନ.ଏ.): ଗୁରୁବାରଠାରୁ ରାଜ୍ୟରେ ୪୫ ବର୍ଷରୁ ଅଧିକ ବୟସର ଲୋକଙ୍କୁ କୋଭିଡ୍ ଟିକା ଦିଆଯାଉଛି। ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲା ରିଷିଡା ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ୪୫ ବର୍ଷରୁ ଅଧିକ ବୟସର ଲୋକଙ୍କୁ କରୋନା ଟିକା ଦେବା ଆରମ୍ଭ ହୋଇଯାଇଛି। ଏଠାରେ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ରିଷିଡା, ଗଜବାହାଲ, ପୌରକେଲା, ତେରେସିଂହା ପଞ୍ଚାୟତର ଗ୍ରାମବାସୀ କରୋନା ଟିକା ଦେବା ପାଇଁ ବ୍ୟବସ୍ଥା କରାଯାଇଛି।

## ସଂକ୍ଷେପରେ

### କଳା ଦିବସ ପାଳନ କଲା କୋଶଳ ସେନା

ଡୁଙ୍ଗୁରିପାଲି, ୧।୪ (ଡି.ଏନ.ଏ): ପଶ୍ଚିମ ଓଡିଶାର ସମସ୍ତ ଜିଲାରେ କୋଶଳ ସେନା ଓଡିଶା ଦିବସକୁ କଳା ଦିବସ ରୂପେ ପାଳନ କରିଛି । ଗୁରୁବାର ସୁବର୍ଣ୍ଣପୁର ଜିଲା ରାମପୁର କୋର୍ଟ ସମ୍ମୁଖରେ କୋଶଳ ସେନା ଓଡିଶା ଦିବସକୁ କଳା ଦିବସ ରୂପେ ପାଳନ କରିଥିଲା। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଶୁଭେନ୍ଦୁ ବିଶି, ମାର୍ଗଶିର ଭୋଇ, ସରୋଜ ମହାକୁର, ଦୟାଲ ପଧାନ ଓ ସଂଗଠନର ବହୁ ସଦସ୍ୟ ଉପସ୍ଥିତ ରହିଥିଲେ ।

### ଜୁଆ ଆଡ୍ଡା ଉପରେ ଚଢାଉ

ବିନିକା,୪।୧(ଡି.ଏନ୍.ଏ.): ବିନିକା ପୋଲିସ ପକ୍ଷରୁ ଗୁରୁବାର ଖଇରମାଳ ଗାଁ ନିକଟ ନଳିଆ ପାଖରେ ଚାଲୁଥିବା ବେଆଇନ ଜୁଆ ଆଡ୍ଡା ଉପରେ ଚଢାଉ କରାଯାଇ ୪ ଜଣ ଜୁଆଡିଙ୍କୁ ଗିରଫ କରାଯାଇଛି । ଗିରଫ ବ୍ୟକ୍ତିମାନେ ହେଲେ ସିଂଘିଯୁବା ଗ୍ରାମର ଅମିନ ଭୂଏ(୫୮), ଖଇରମାଳ ଗାଁର ଆମେରିକା ବଗର୍ତୀ(୬୦), ଶ୍ୟାମ ମହାନନ୍ଦ(୬୫) ଓ ପ୍ରେମରାଜ ବାଘ(୪୨) । ପୋଲିସ ଘଟଣାସ୍ଥଳରୁ ନଗଦ ୨୪ ଶହ ଟଙ୍କା ଓ ୨ ବାଇକ୍ ଜବତ କରିଛି । ବିନିକା ଥାନାରେ ଏକ ମାମଲା ରୁଜୁ ହୋଇଛି । ଘଟଣାସ୍ଥଳରୁ ୬ଜଣ ଜୁଆଡି ଫେରାର ହୋଇ ଯାଇଛନ୍ତି ।

### ପ୍ରାଥମିକ ଶିକ୍ଷକ ସଂଘ ନିର୍ବାଚନ ସ୍ଥଗିତ

ମ.ରାମପୁର, ୧।୪(ଡି.ଏନ.ଏ.): ଏପ୍ରିଲ ୧ ତାରିଖରେ କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ହେବାକୁ ଥିବା ନିର୍ବାଚନକୁ ସମ୍ଭାବ୍ୟ କରୋନା ସଂକ୍ରମଣ ଦର୍ଶାଇ ଜିଲା ସଂଘ ପକ୍ଷରୁ ସ୍ଥଗିତ କରାଯାଇଛି। ବ୍ଲକ ଶିକ୍ଷା ବିଭାଗରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ଶିକ୍ଷକ ବହୁ ଅସୁବିଧା ସମ୍ମୁଖୀନ ହୋଇ ଆସୁଛନ୍ତି । ଏ ନେଇ ସଂଘର ଜଣେ ଦୁଇଜଣ କର୍ମକର୍ତ୍ତାଙ୍କୁ ବାଦ ଦେଲେ ଅନ୍ୟ କେତେକ କର୍ମକର୍ତ୍ତା କର୍ତ୍ତୃପକ୍ଷଙ୍କ ସହିତ ମାତ୍ରାଧିକ ଗୋପନୀୟ ବୁଝାମଣା ହେତୁ ଆଭ୍ୟନ୍ତରିଣ ସମସ୍ୟା ବଢ଼ି ଚାଲିଛି। ସିଆରସିସି ଦାୟିତ୍ୱରେ ଥିବା କର୍ମକର୍ତ୍ତାଙ୍କ ଶିକ୍ଷା ବିଭାଗ କର୍ତ୍ତୃପକ୍ଷ ସହିତ ଅନୁଚିତ ଅନୁଗ୍ରହ ଆଦାନ ପ୍ରଦାନରେ ବହୁବିଧ ସମସ୍ୟାରେ ଛନ୍ଦି ହେଉଛନ୍ତି ଶିକ୍ଷୟିତ୍ରୀ ଶିକ୍ଷକ। ଏ ନେଇ ବିଇଓ ଗଣେଷ କିଷାନଙ୍କୁ ପଚାରିବାରୁ ଆପୋଷ ବୁଝାମଣାରେ ସବୁ ଚାଲେ। ମିଡିଆ ବାଲା ବଡବଡ କଥା କହନ୍ତି। ଆସନ୍ତୁ ଏଠାକୁ ବୋଲି କହିଥିଲେ।

### ରାସ୍ତା ରୋକିଲା ଛାତ୍ର କଂଗ୍ରେସ

ବରଗଡ଼ ଅଫିସ୍,୧।୪: କରୋନା ସମୟରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଯୁକ୍ତ ତିନି ତୃତୀୟ ସେମିଷ୍ଟର ପରୀକ୍ଷାକୁ ଅଫଲାଇନ ମାଧ୍ୟମରେ କରିବା ନିଷ୍ପତ୍ତିକୁ ବରଗଡ଼ ଜିଲା ଛାତ୍ର କଂଗ୍ରେସ ବିରୋଧ କରିଛି। ଏହି କ୍ରମରେ ଗୁରୁବାର ଛାତ୍ର କଂଗ୍ରେସ ପକ୍ଷରୁ ସ୍ଥାନୀୟ ଗାନ୍ଧୀଛକରେ ରାସ୍ତାରୋକୋ ସହିତ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଆସନ୍ତା ୧୯ତାରିଖରୁ ଅଫଲାଇନ୍ ମାଧ୍ୟମରେ ତୃତୀୟ ସେମିଷ୍ଟର ପରୀକ୍ଷା କରିବାକୁ ନିଷ୍ପତ୍ତି ନିଆଯାଇଛି। କରୋନା କଟକଣା ଯୋଗୁ ଏପର୍ଯ୍ୟନ୍ତ ପାଠ୍ୟ ଖସଡ଼ା ସମ୍ପୂର୍ଣ୍ଣ ହୋଇ ନ ଥିବାବେଳେ କରୋନା ସଂକ୍ରମଣ ମଧ୍ୟ ଥମିନାହିଁ । ଏଭଳି ସ୍ଥଳେ ଅନ୍‌ଲାଇନ ବଦଳରେ ଅଫ୍‌ଲାଇନ ପରୀକ୍ଷାକୁ ଛାତ୍ର କଂଗ୍ରେସ ବିରୋଧ କରି ଆନ୍ଦୋଳନକୁ ଓହ୍ଲାଇଛି। ଆନ୍ଦୋଳନରେ ବିଭିନ୍ନ କଲେଜର ଛାତ୍ର କଂଗ୍ରେସ କର୍ମୀ ସାମିଲ ହୋଇଥିଲେ ।

# ୧୨୭ ପିଏଚ୍.ଡି, ୨ ଡି' ଲିଟ୍, ୧୦୦ଜଣଙ୍କୁ ସ୍ୱର୍ଣ୍ଣ



ପଦକ ପ୍ରଦାନ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

### ଉତ୍କଳ ବିଶ୍ୱବିଦ୍ୟାଳୟର ଉପାଧି ପ୍ରଦାନ ଉତ୍ସବ

ଭୁବନେଶ୍ୱର, ୧।୪ (ବ୍ୟୁରୋ)

ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ଗୁରୁବାର ପ୍ରାକ୍ ସମାବର୍ତ୍ତନ ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ନୂତନ କନ୍‌ଭୋକେଶନ ହଲ୍‌ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୨୦୧୮-୧୯ ପାଇଁ ଉପାଧି ପ୍ରଦାନ କରାଯାଇଥିଲା। ଗତବର୍ଷ କରୋନା ସ୍ଥିତି ପାଇଁ ସମାବର୍ତ୍ତନ ଉତ୍ସବ ବନ୍ଦ ରହିଥିବାରୁ ଚଳିତ ବର୍ଷ ୧୨୭ଜଣଙ୍କୁ ପିଏଚ୍‌ଡି ଡିଗ୍ରୀ, ୨ଜଣଙ୍କୁ ଡି'ଲିଟ୍ ଓ ୧୦୦ଜଣଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଛି। ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଏଜୁକେଶନ ଆଣ୍ଡ୍ ରିସର୍ଚ୍ଚ (ଏନ୍‌ଆଇଏସ୍‌ଇଆର୍)ର ନିର୍ଦ୍ଦେଶକ ପ୍ରଫେସର ସୁଧାକର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପାଧିଧାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେମାନଙ୍କୁ ସମ୍ବୋଧିତ କରି ପ୍ରଫେସର ପଣ୍ଡା କହିଛନ୍ତି, ଡିଗ୍ରୀ କେବଳ ଏକ ଭଲ ଚାକିରି କିମ୍ବା ମୋଟା ଅଙ୍କର ଦରମାର ଆଧାର ହେବା ଉଚିତ୍ ନୁହେଁ, ବରଂ ଏହା ଜ୍ଞାନ ଆହରଣର ମାଧ୍ୟମ ହେବା ଉଚିତ୍। ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ରାଜ୍ୟରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ଉତ୍କଳ ବିଶ୍ୱବିଦ୍ୟାଳୟ ସର୍ବଦା ଚେଷ୍ଟିତ ଓ ସଫଳ ମଧ୍ୟ ହେଉଛି। ତେଣୁ ଆଗାମୀ ଦିନରେ ନୂଆ ଦାୟିତ୍ୱବୋଧ ଓ କର୍ତ୍ତବ୍ୟ ଛାତ୍ରୀଛାତ୍ରଙ୍କ ପଥରେ ଆସିବ। ଏହାକୁ ନିଷ୍ଠାର ସହ ସମ୍ପାଦନ କରି ଆଗକୁ ବଢିବାକୁ ହେବ। ଆସନ୍ତା ପିଢ଼ି ପାଇଁ ଏକ ଦୃଢ ମୂଳଦୁଆ ସ୍ଥାପନ କରିବାକୁ ହେବ ବୋଲି ପ୍ରଫେସର ପଣ୍ଡା କହିଥିଲେ। କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ପୌରୋହିତ୍ୟ କରି ବିଶ୍ୱବିଦ୍ୟାଳୟର ବିଭିନ୍ନ ଉଲ୍ଲେଖନୀୟ କାର୍ଯ୍ୟ ସମ୍ପର୍କରେ କହିଥିଲେ। ଗତବର୍ଷ ଏନ୍‌ଆଇଆର୍‌ଏଫ୍ ର୍ୟାଙ୍କିଙ୍ଗ ସିଷ୍ଟମ୍‌ରେ ଦେଶର ଟପ୍ ହଣ୍ଡ୍ରେଡ୍ ବିଶ୍ୱବିଦ୍ୟାଳୟ ମଧ୍ୟରେ ଉତ୍କଳ ବିଶ୍ୱବିଦ୍ୟାଳୟ ୯୬ତମ ସ୍ଥାନରେ ରହିଥିଲା। ତେବେ ଏହାକୁ ଆମେ ଟପ୍ ୩୦ରେ ସ୍ଥାନିତ କରିବା ପାଇଁ ଲକ୍ଷ୍ୟ ରଖିଛୁ ବୋଲି ସେ ସୂଚନା ଦେଇଥିଲେ। ପିଜି କାଉନ୍‌ସିଲ୍ ଅଧ୍ୟକ୍ଷ ଡ. ବସନ୍ତ କୁମାର ମଲିକ ସ୍ୱାଗତ ଭାଷଣ, ରେଜିଷ୍ଟ୍ରାର ଡ. ଅଭୟ କୁମାର ନାୟକ ବିବରଣୀ ପାଠ ଓ ଡ. ଶରତ କୁମାର ମାଝି ଧନ୍ୟବାଦ ଦେଇଥିଲେ।

### ବ୍ୟୋମକେଶଙ୍କୁ ପିଏଚ୍.ଡି

ଚାନ୍ଦବାଲିର ବିଧାୟକ ତଥା ବିଜୁ ଜନତା ଦଳର ରାଜ୍ୟ ସଭାପତି ଡ. ବ୍ୟୋମକେଶ ରାୟଙ୍କୁ ରାଜନୀତି ବିଜ୍ଞାନରେ ଡକ୍ଟର ଅଫ୍ ଫିଲୋସଫି ଉପାଧି ପ୍ରଦାନ କରାଯାଇଥିଲା। ସାରା ଦେଶରେ ଗୁଣାତ୍ମକ ଶିକ୍ଷାକ୍ଷେତ୍ରରେ ସ୍ୱତନ୍ତ୍ରତା ବଜାୟ ରଖିଥିବା ଉତ୍କଳ ବିଶ୍ୱବିଦ୍ୟାଳୟରୁ ଏହି ଉପାଧି ପାଇଥିବାରୁ ଗର୍ବ ଅନୁଭବ କରୁଥିବା ସେ କହିଥିଲେ। ରେଭେନ୍‌ଶା ବିଶ୍ୱବିଦ୍ୟାଳୟରୁ ସ୍ନାତକ ପରେ ଉତ୍କଳ ବିଶ୍ୱ ବିଦ୍ୟାଳୟରୁ ପିଜି, ଏମ୍‌ଫିଲ୍ ଓ ପିଏଚ୍.ଡି ଡିଗ୍ରୀ ଲାଭ କରିଛନ୍ତି।


ବ୍ୟୋମକେଶ ରାୟ ଉପାଧି ଗ୍ରହଣ କରୁଛନ୍ତି।

## ପୁଅକୁ ନେବାକୁ ଥାନାରେ ମା'

- ମଙ୍ଗଳବାର ରାତିରୁ ଘରୁ ଉଠାଇ ଆଣିଥିଲା ପୋଲିସ
- ମୋବାଇଲ୍ ଚୋରି ଅଭିଯୋଗ ଥିବା ସୂଚନା

ଭୁବନେଶ୍ୱର, ୧।୪(ବ୍ୟୁରୋ)

ଦୁଇଦିନ ହେଲା ପୁଅକୁ ପୋଲିସ ଥାନାକୁ ଉଠାଇ ଆଣି ଅଟକ ରଖିଛି। କାରଣ ପଚାରିଲେ ପୋଲିସ ବାବୁ କିଛି କହୁନାହାନ୍ତି କି ପୁଅ ସହ ଦେଖା କରାଇ ଦେଉନାହାନ୍ତି। ଏମିତି ଅଭିଯୋଗ ଆଣି ମଞ୍ଚେଶ୍ୱର ଥାନାରେ ଦିନ ତମାମ ବସି ରହିଥିଲେ ୫୦ବର୍ଷୀୟା ମା' ନିମତଳି ଶବର। ଶହୀଦନଗର ଥାନା ଅନ୍ତର୍ଗତ ତ୍ରିନାଥ ବସ୍ତିରେ ରହୁଥିବା ନିମତଳିଙ୍କ କହିବାନୁଯାୟୀ, ଗତ ମଙ୍ଗଳବାର ରାତିରେ ତାଙ୍କ ପୁଅ ଦେବ ଶବର (୨୦) କାମରୁ ଆସି ଘରେ ଶୋଇଥିଲେ। ରାତି ପ୍ରାୟ ୧୧ଟାରେ ପୋଲିସ ଯାଇ ତାଙ୍କ ପୁଅକୁ ଜୋର ଜବରଦସ୍ତି ଉଠାଇ ଆଣିଥିଲା। ଅଧିକ ରାତି ହୋଇଥିବାରୁ କେଉଁ ଥାନା ପୋଲିସ ଯାଇଥିଲା ତାହା ସେ ଜାଣିପାରି ନ ଥିଲେ। ବୁଧବାର ଶହୀଦନଗର ଥାନାକୁ ଯାଇ ପୁଅକୁ ନ ପାଇବାରୁ କାନ୍ଦି କାନ୍ଦି ଫେରିଥିଲେ। ସ୍ଥାନୀୟ ଅଞ୍ଚଳର ପୂର୍ବତନ କାଉନ୍‌ସିଲରଙ୍କୁ ଜଣାଇବାରୁ ସେ ଏ ନେଇ ଶହୀଦନଗର ଫାଣ୍ଡିକୁ ଯୋଗାଯୋଗ କରିବା ପରେ ପୁଅ ମଞ୍ଚେଶ୍ୱର ଥାନାରେ ଥିବା ଜଣାପଡିଥିଲା। ନିମତଳି ମଞ୍ଚେଶ୍ୱର ଥାନାକୁ ଆସି ପୁଅକୁ ଦେଖା କରି ଖାଦ୍ୟ ଦେବାକୁ କହିବାରୁ ଉପସ୍ଥିତ କର୍ମଚାରୀମାନେ ମନା କରିବା ସହ ଗୁରୁବାର ସକାଳେ ଆସିବାକୁ ପୋଲିସ କହିଥିଲେ। ନିମତଳି ସକାଳ ୯ଟାରୁ ରାତି ପର୍ଯ୍ୟନ୍ତ ତାଙ୍କ ପୁଅକୁ ନେବାପାଇଁ ଅପେକ୍ଷା କରିଥିଲେ ମଧ୍ୟ ପୁଅକୁ ନ ପାଇବାରୁ ରାତି ୮ଟାରେ ଡିସିପିଙ୍କୁ ଭେଟିବାକୁ ଯାଇଥିଲେ। ଡିସିପି ନ ଥିବାରୁ କର୍ମଚାରୀମାନେ ଶୁକ୍ରବାର ସକାଳେ ଆସିବାକୁ କହିବା ପରେ ସେ ଘରକୁ ଫେରିଥିଲେ। ତେବେ ଥାନାରେ ତାଙ୍କ ପୁଅଙ୍କୁ ପୋଲିସ ମାଡ଼ ମାରିବା ସହ ନିର୍ଯାତନା ଦେଉଥିବା ନେଇ ଗୁରୁତର ଅଭିଯୋଗ ଆଣିଛନ୍ତି ନିମତଳି। ନ୍ୟାୟ ପାଇଁ ପୋଲିସ କମିଶନରଙ୍କ ଦ୍ୱାରସ୍ଥ ହେବେ ବୋଲି ସେ କହିଛନ୍ତି।

ଏ ସମ୍ପର୍କରେ ମଞ୍ଚେଶ୍ୱର ଥାନାର ଭାରପ୍ରାପ୍ତ ଅଧିକାରୀ ଷ୍ଟାଲିନ ବିଶ୍ୱାଳ କୁହନ୍ତି, ନିମତଳିଙ୍କ ପୁଅ ଦେବ ଶବରଙ୍କ ନାଁରେ ଏକାଧିକ ମୋବାଇଲ ଚୋରି ଅଭିଯୋଗ ରହିଛି। ତାଙ୍କୁ ଥାନାରେ ଅଟକ ରଖାଯାଇ ଅଧିକ ତଦନ୍ତ କରାଯାଉଛି।

## ଆଣ୍ଡାମାନରେ ନାଁ ରଖିଲେ ଓଡ଼ିଆ ପୁଅ ରାମପ୍ରସାଦ


ଜାହାଜ କର୍ମଚାରୀଙ୍କ ସହ ରାମ ପ୍ରସାଦ।

ଭୁବନେଶ୍ୱର, ୧।୪(ବ୍ୟୁରୋ)

ଆଣ୍ଡାମାନରେ ଜଣେ ଓଡ଼ିଆ ପୁଅ ଏବେ ଚର୍ଚ୍ଚାରେ। ଜଣେ ସଫଳ ଉଦ୍ୟୋଗପତି ଭାବେ ପରିଚୟ ପାଇବା ସହ ଓଡ଼ିଶା ପାଇଁ ଗର୍ବ ଆଣିଛନ୍ତି। ସେ ହେଉଛନ୍ତି ସୋନର ଗ୍ରୁପ୍ ଅଫ୍ କମ୍ପାନୀର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ରାମପ୍ରସାଦ ମୁଦୁଲି। ତାଙ୍କ ଘର ପୁରୁଣା ଭୁବନେଶ୍ୱରର ରାମେଶ୍ୱର ପାଟଣାରେ। ସେ ଆଣ୍ଡାମାନ ନିକୋବର ରାଜଧାନୀ ପୋର୍ଟବ୍ଲେୟାରଠାରେ ଏକ ନୂତନ ଯାତ୍ରୀବାହୀ ଜାହାଜ ତିଆରି କରିଛନ୍ତି। ଏହି ଅତ୍ୟାଧୁନିକ ଜାହାଜ ଦ୍ରୁତ ଗତିରେ ଚାଲିପାରିବ। ଉକ୍ତ ଜାହାଜଟି ବର୍ତ୍ତମାନ ୪ଟି ଦୀପପୁଞ୍ଜକୁ ଯାତ୍ରୀ ପରିବହନ କରିବ। ପୋର୍ଟବ୍ଲେୟାରଠାରେ ଏହାକୁ କେନ୍ଦ୍ର ବନ୍ଦର, ଜାହାଜ ଓ ଜଳପଥ ମନ୍ତ୍ରୀ ମନସୁଖ ଲାଲ ମାଣ୍ଡଭିୟ ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ ଏମ୍‌ପି ବିକାଶ ମାହାତମେ, କମ୍ପାନୀର ସିଇଓ ତଥା ସିଏମ୍‌ଡି ରାମ ପ୍ରସାଦ, ଶ୍ରୀଲିଙ୍କ୍ ଆଡଭେଞ୍ଚର ସଦସ୍ୟଙ୍କ ସମେତ ବହୁ ବଶିଷ୍ଟ ବ୍ୟକ୍ତି ଓ କମ୍ପାନୀର କର୍ମଚାରୀ ଉପସ୍ଥିତ ଥିଲେ। ଓଡ଼ିଆ ପୁଅ ଭାବେ ରାମ ପ୍ରସାଦ ସୁଦୂର ଆଣ୍ଡାମାନରେ ଏଭଳି ପ୍ରତିଷ୍ଠା ଲାଭ କରିଥିବାରୁ ସେଠାରେ ଥିବା ଓଡ଼ିଆମାନେ ତାଙ୍କୁ ନେଇ ଗର୍ବ ଅନୁଭବ କରୁଛନ୍ତି।

## ଖଡ଼ିଆଳରେ ବଢୁଛି ତାତି, ଏଯାଏଁ ଖୋଲିନି ଜଳଛତ୍ର

ଖଡିଆଳ, ୧।୪ (ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳ ସହରରେ ବଢ଼ି ଚାଲିଛି ଗ୍ରୀଷ୍ମ ପ୍ରବାହ। ସକାଳ ୮ଟାରୁ ଗରମ ଅନୁଭୂତି ହେଉଥିବା ବେଳେ ଦିନସାରା ଗରମ ଝାଞ୍ଜି ପବନ ବହୁଛି। ଖଡିଆଳ ଏକ ବାଣିଜ୍ୟ ସହର ହୋଇଥିବାରୁ ଏଠାକୁ ପ୍ରତ୍ୟେକ ଦିନ ଆଖପାଖ ଅଞ୍ଚଳ ତଥା ପଡୋଶୀ ରାଜ୍ୟରୁ ମଧ୍ୟ ଅନେକ ଲୋକ ବ୍ୟବସାୟ କରିବାକୁ ଆସିଥାନ୍ତି। ଖଡିଆଳ ସହରର କୌଣସି ସ୍ଥାନରେ ଜଳଛତ୍ର ବ୍ୟବସ୍ଥା ପ୍ରଶାସନ ପକ୍ଷରୁ ଏଯାଏଁ କରାଯାଇ ନାହିଁ। ଫଳରେ ଏଠାକୁ ଆସୁଥିବା ବ୍ୟବସାୟ ତଥା ଖଡିଆଳ ଆଖପାଖର ଲୋକେ ପାଣି ବୁନ୍ଦାଏ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି ସ୍ଥଳେ ଖଡିଆଳ ସହରର ବିଭିନ୍ନ ୱାର୍ଡରେ ପିଏଚଡି ପାଣି ଭଲ ଭାବେ ପହଞ୍ଚୁ ନ ଥିବାରୁ ଲୋକେ ଅନେକ ଅସୁବିଧା ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଖଡିଆଳ ସହରର ଏକ ନମ୍ବର ଏବଂ ୧୧ ନମ୍ବର ୱାର୍ଡ ସହରର ଉଚ୍ଚ ଜାଗାରେ ରହିଥିବାରୁ ଜଳ ଯୋଗାଣ ଭଲ ଭାବେ ହୋଇପାରୁ ନ ଥିବା ୱାର୍ଡବାସୀ ଅଭିଯୋଗ କରିଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ଖଡିଆଳ ଅଞ୍ଚଳର ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲିବା ଏବଂ ପାନୀୟ ଜଳ ଭଲ ଭାବରେ ଯୋଗାଇବାକୁ ଖଡିଆଳ ନଗରବାସୀ ଦାବି କରିଛନ୍ତି।

## ସାଇ ଅନ୍‌ଲାଇନ ସ୍କୁଲ ଉଦ୍‌ଘାଟିତ

### ଅନ୍ୟ ଶିକ୍ଷାନୁଷ୍ଠାନ ପାଇଁ ଏହା ଦିଗ୍‌ଦର୍ଶକ ହେବ: ରାଜ୍ୟପାଳ

ଭୁବନେଶ୍ୱର, ୧।୪ (ବ୍ୟୁରୋ)

ଉତ୍କଳ ଦିବସ ଅବସରରେ ଗୁରୁବାର ସାଇ ଇଣ୍ଟରନ୍ୟାଶନାଲ ପକ୍ଷରୁ ସାଇ ଅନ୍‌ଲାଇନ୍ ସ୍କୁଲ୍ ଆରମ୍ଭ ହୋଇଛି। ରାଜଭବନ ପରିସରରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଏହାକୁ ଉଦ୍‌ଘାଟନ କରିଛନ୍ତି। କରୋନା ପରିସ୍ଥିତି ପାଇଁ ରାଜ୍ୟର ସ୍କୁଲ୍‌ଗୁଡ଼ିକରେ କେତେକ ଶ୍ରେଣୀ ଖୋଲିଥିବାବେଳେ ଅନ୍ୟ ଶ୍ରେଣୀଗୁଡ଼ିକରେ ପାଠପଢ଼ା ଅନିଶ୍ଚିତତା ମଧ୍ୟରେ ରହିଛି। ଏବେ ଶିକ୍ଷାନୁଷ୍ଠାନରେ ସଂକ୍ରମଣ ବଢୁଥିବାରୁ ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ୍ ଅନ୍‌ଲାଇନ୍ ଶିକ୍ଷାଦାନକୁ ଗୁରୁତ୍ୱ ଦେଇଛି। ସାଇ ଅନଲାଇନ୍ ସ୍କୁଲ୍ ମାଧ୍ୟମରେ ଉନ୍ନତମାନର ଡିଜିଟାଲ୍ ପ୍ଲାଟ୍‌ଫର୍ମରେ କ୍ଲାସ୍ ଆରମ୍ଭ କରାଯାଇଛି। ଏହାକୁ ଉଦ୍‌ଘାଟନ କରି ରାଜ୍ୟପାଳ କହିଲେ, ପ୍ରତ୍ୟେକ ଆହ୍ୱାନରେ ନିଶ୍ଚିତ ରୂପେ ବଡ଼ ସୁଯୋଗ ରହିଛି। ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ଅନ୍‌ଲାଇନ୍ ଶିକ୍ଷାଦାନ କ୍ଷେତ୍ରରେ ନବୀକରଣ ଆଣିଛି। ସାଇ ଅନ୍‌ଲାଇନ୍ ସ୍କୁଲ ଅନ୍ୟ ଶିକ୍ଷାନୁଷ୍ଠାନ ପାଇଁ ଏକ ଦିଗଦର୍ଶକ ହେବ ବୋଲି ରାଜ୍ୟପାଳ କହିଛନ୍ତି।

ବିଦ୍ୟାଳୟର ପ୍ରତିଷ୍ଠାତା ଡ. ବିଜୟ କୁମାର ସାହୁ କହିଲେ, '୭-ଇ' ଶିକ୍ଷା ପ୍ରଣାଳୀ ଯଥା ଏନ୍‌ଗେଜ୍, ଏକ୍ସପ୍ଲେନ୍, ଏଲାବୋରେଟ୍, ଏକ୍ସପ୍ଲୋର୍, ଇଭାଲୁଏଟ୍, ଏକ୍ସଟେଣ୍ଡ୍ ଓ ଏକ୍ସପେରିଏନ୍ସକୁ ଆପଣାଇ ସାଇ ଅନ୍‌ଲାଇନ୍ ସ୍କୁଲ୍ ଖୋଲିଛି। ଏଥିରେ ମାଇଣ୍ଡ ମ୍ୟାପ୍, ଲେସନ୍ ପ୍ଲାନ୍, ହୋମ୍ ଆସାଇନ୍‌ମେଣ୍ଟ, ଭିଡ଼ିଓ ରେକର୍ଡିଂସ୍, ପ୍ରାକ୍ଟିସ୍ ଏବଂ ଡାଉଟ୍ କ୍ଲିଅରିଂ କ୍ଲାସ ସହିତ ଅଭିଭାବକମାନେ ପିଲାଙ୍କ ସମସ୍ତ ପ୍ରକାର ଶିକ୍ଷା ସମ୍ବନ୍ଧୀୟ ବିବରଣୀ ପାଇପାରିବେ। ଶ୍ରେଣୀ ଗୃହ ଶିକ୍ଷାର ପ୍ରତ୍ୟେକ ଉପାଦାନ ଏଠାରେ ଉପଲବ୍ଧ ରହିଛି। ଏହି ଅନନ୍ୟ ପ୍ଲାଟଫର୍ମ ଯୁବ ଶିକ୍ଷାର୍ଥୀଙ୍କୁ ବିନା ବ୍ୟାଘାତରେ ଶିକ୍ଷା ଗ୍ରହଣରେ ସକ୍ଷମ କରିବ। ଯଦି କ୍ଲାସ ମିସ୍ ହୁଏ ତେବେ ଘର ପାଠ୍ୟକ୍ରମ ପାଇଁ ଏହା ଏକ ପ୍ରଭାବଶାଳୀ ବିକଳ୍ପ ହେବ। ଶ୍ରେଣୀଗୃହ ବାହାରେ ମଧ୍ୟ ଛାତ୍ରୀଛାତ୍ରମାନେ ପାଠ ପଢ଼ିବାର ସୁବିଧା ପାଇପାରିବେ ବୋଲି ଡ. ସାହୁ କହିଛନ୍ତି। ଏହି ଅବସରରେ ରାଜ୍ୟପାଳଙ୍କ ପ୍ରମୁଖ ସଚିବ ଡ. ପ୍ରମୋଦ କୁମାର ମେହେର୍ଦ୍ଧା, ସ୍କୁଲର ଭାଇସ୍ ଚେୟାରପର୍ସନ ଡ. ଶିଳ୍ପୀ ସାହୁ, ସିନିୟର ପ୍ରିନ୍ସିପାଲ୍ ନୀଳକଣ୍ଠ ପାଣିଗ୍ରାହୀ, ଟେକ୍ନୋଲୋଜି ମୁଖ୍ୟ ଦିବ୍ୟପ୍ରକାଶ ଦାଶ, ସିନିୟର ଜେନେରାଲ୍ ମ୍ୟାନେଜର ଶରତ କୁମାର କର, ପିଆର୍‌ଓ କୈଳାଶ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।


ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ସାଇ ଅନ୍‌ଲାଇନ୍ ସ୍କୁଲ୍‌କୁ ଉଦ୍‌ଘାଟନ କରୁଛନ୍ତି।

## କେନ୍ଦ୍ର ଯୋଜନା ତୃଣମୂଳସ୍ତରରେ ପହଞ୍ଚାଅ: ସମୀର

### ଭାଜପା ଯୁବମୋର୍ଚ୍ଚାର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

ଭୁବନେଶ୍ୱର, ୧।୪(ବ୍ୟୁରୋ)


କାର୍ଯ୍ୟକାରିଣୀ ବୈଠକରେ ରାଜ୍ୟ ଭାଜପା ସଭାପତି ସମୀର ମହାନ୍ତି ଓ ଅନ୍ୟମାନେ।

ଓଡ଼ିଶା ସରକାର ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତିକୁ ଅଣଦେଖା କରିଛନ୍ତି। ପବିତ୍ର ଓଡ଼ିଶା ଦିବସ ଅବସରରେ ଯୁବକମାନେ ଓଡ଼ିଆ ଭାଷାକୁ ଗୁରୁତ୍ୱ ଦେବା, ଆତ୍ମନିର୍ଭର ହେବା, ଭୋକାଲ ଫର୍ ଲୋକାଲ ହେବା, ମହାପୁରୁଷଙ୍କ ବାଣୀକୁ ଅନୁସରଣ କରି ନୂତନ ଓଡ଼ିଶା ଗଠନ କରିବା ଏବଂ ପ୍ରଧାନମନ୍ତ୍ରୀଙ୍କ ଯୋଜନାକୁ ତୃଣମୂଳସ୍ତରରେ ପହଞ୍ଚାଇବା ପାଇଁ ରାଜ୍ୟ ସଭାପତି ସମୀର ମହାନ୍ତି ଯୁବମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ଯୁବକମାନଙ୍କୁ ଆହ୍ୱାନ ଦେଇଛନ୍ତି ।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଅନୁଷ୍ଠିତ ଯୁବମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ରାଜ୍ୟର ସାମ୍ପ୍ରତିକ ରାଜନୈତିକ ଓ ସାମାଜିକ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା କରାଯାଇଛି। ବିଶେଷ ଭାବେ ରାଜ୍ୟରେ ବେରୋଜଗାର, ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା, ଛାତ୍ରୀଛାତ୍ରମାନଙ୍କ ଦକ୍ଷତା ବିକାଶ ନ ହେବା, ଶିକ୍ଷିତ ଯୁବତୀଯୁବକଙ୍କୁ ସ୍ଥାୟୀ ନିଯୁକ୍ତି ନ ମିଳିବା, କରୋନା ସମୟରେ ରାଜ୍ୟକୁ ଫେରିଥିବା ଦାଦନ ଶ୍ରମିକଙ୍କ ଦକ୍ଷତା ମ୍ୟାପିଂ ନ କରି ନିଯୁକ୍ତି ନ ଦେବା, ଯୁବ ପ୍ରତିଭାଙ୍କୁ ଅଣଦେଖା କରିବା ପ୍ରସଙ୍ଗ ରାଜ୍ୟ ପଦାଧିକାରୀ ବୈଠକରେ ଆଲୋଚନା ହୋଇଥିଲା । ଦେଶର ଯୁବକମାନଙ୍କ ପାଇଁ ପ୍ରଧାନମନ୍ତ୍ରୀ ସ୍କିଲ ଇଣ୍ଡିଆ, ଡିଜିଟାଲ ଇଣ୍ଡିଆ, ଷ୍ଟାର୍ଟଅପ୍ ଇଣ୍ଡିଆ, ମେକ୍ ଇନ୍ ଇଣ୍ଡିଆ ଆଦି ଲାଗୁ କରିଛନ୍ତି । କେନ୍ଦ୍ର ସରକାରଙ୍କ ଯୁବକଲ୍ୟାଣ ନୀତି ଏବଂ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା ହୋଇଛି । ଦୀର୍ଘ ୨୧ ବର୍ଷ ଧରି ବିଜେଡି ସରକାର ଓଡ଼ିଶାର ଯୁବତୀଯୁବକମାନଙ୍କୁ ଅଣଦେଖା କରିଚାଲିଛି । ଗତ ସାଧାରଣ ନିର୍ବାଚନରେ ବିଜୁ ଯୁବବାହିନୀ ନାଁରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଗଲା। ଆଉ ଏବେ ଏହାକୁ ବନ୍ଦ କରି ଓଡ଼ିଶାର ଯୁବପିଢ଼ିଙ୍କ ଭବିଷ୍ୟତକୁ ବରବାଦ କରାଯାଇଛି। ଓଡ଼ିଶାର ଯୁବକମାନେ ନିଜ ପ୍ରତିଭା ବଳରେ ଦେଶ ବିଦେଶରେ ଅନେକ ସୁନାମ ଅର୍ଜନ କରିଛନ୍ତି। କିନ୍ତୁ ରାଜ୍ୟ ସରକାର ସେମାନଙ୍କ ପ୍ରତିଭାକୁ ସମ୍ମାନିତ କରୁନାହାନ୍ତି ବୋଲି ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ କହିଛନ୍ତି । ଏହି ଅବସରରେ ୨ଟି ପର୍ଯ୍ୟାୟରେ ରାଜନୈତିକ ଟିଠା ପ୍ରସ୍ତାବ ଆଗତ ହୋଇଛି।

## ପ୍ରଥମ ପୃଷ୍ଠାରୁ..

### ସ୍ୱତନ୍ତ୍ର ଓଡ଼ିଶାର ଦୃଢ଼...

ଓ ଗୋପବନ୍ଧୁଙ୍କ ଆଦର୍ଶଚିନ୍ତାଧାରା ସାରା ଦେଶ ଓ ଜାତିପାଇଁ ସମର୍ପିତ ଭାବରେ କାର୍ଯ୍ୟ କରିବାକୁ ପ୍ରେରଣା ଯୋଗାଇବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଛନ୍ତି। ଓଡ଼ିଶାରେ ମାନବତାର କଥା ଆସିଲେ ପ୍ରଥମେ ଗୋପବନ୍ଧୁ ହିଁ ମନେପଡ଼ନ୍ତି। ଦୀନଦରିଦ୍ର ଓ ଦୁଃଖୀ ଲୋକଙ୍କୁ ସହାୟତା କରିବାର ମହତ୍ କାର୍ଯ୍ୟରେ ଗୋପବନ୍ଧୁ ହିଁ ସବୁବେଳେ ପ୍ରେରଣାର ଉତ୍ସ ହୋଇ ରହିଆସିଛନ୍ତି। ଗୋପବନ୍ଧୁଙ୍କ ମୂର୍ତ୍ତି ମାନବତାର ପ୍ରତୀକ ଭାବେ ଯୁଗଯୁଗ ଧରି ଜନମାନସକୁ ଦରିଦ୍ର ନାରାୟଣ ସେବା ପାଇଁ ପ୍ରେରିତ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଆଗମନର ଶତବାର୍ଷିକ ପାଳନ ଉତ୍ସବ ଗତ ମାର୍ଚ୍ଚ ୨୩ ତାରିଖରୁ ସାରା ରାଜ୍ୟରେ ଆରମ୍ଭ କରାଯାଇଛି। ମହାତ୍ମା ଗାନ୍ଧୀ ତାଙ୍କର ପ୍ରଥମ ଓଡ଼ିଶା ଗସ୍ତର ପ୍ରଥମ ପର୍ଯ୍ୟାୟରେ କଟକ କାଠଯୋଡ଼ି ନଦୀବାଲିରେ ଆୟୋଜିତ ଏକ ବିରାଟ ଜନସମାବେଶରେ ସମ୍ବୋଧିତ କରିଥିଲେ। ପବିତ୍ର ଓଡ଼ିଶା ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର କଟକ ଗସ୍ତ କରି ଜାତିର ପିତା ମହାତ୍ମା ଗାନ୍ଧୀ ଓ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

ମୁଖ୍ୟମନ୍ତ୍ରୀ ପ୍ରଥମେ କଟକର କ୍ୟାଣ୍ଟନମେଣ୍ଟ ରୋଡ୍‌ର ଗୋପବନ୍ଧୁ ଛକରେ ପୂର୍ବାହ୍ନରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ଏକ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ଏହାକୁ ମାନବତାର ପ୍ରତିମୂର୍ତ୍ତି (ଷ୍ଟାଚ୍ୟୁ ଅଫ୍ ହ୍ୟୁମାନିଟି) ନାମରେ ନାମିତ କରାଯାଇଛି। ଏହାପରେ କଟକ କାଠଯୋଡ଼ି ନଦୀ ବେଲ୍‌ଭ୍ୟୁ ଛକସ୍ଥିତ ଅତ୍ୟାଧୁନିକ ସ୍ମାରକୀ ପାର୍କକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ଏଠାରେ ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଆଗମନର ସ୍ମାରକୀ ଭାବରେ ନିର୍ମିତ ଗାନ୍ଧୀ ସ୍ମାରକୀ ସ୍ଥାପତ୍ୟ କଳାର ଲୋକାର୍ପଣ କରିଛନ୍ତି। ୧୦୦ ବର୍ଷ ତଳେ ଗାନ୍ଧିଜୀ ଓଡ଼ିଶା ପ୍ରଥମ ଗସ୍ତ ସମୟରେ କଟକ କାଠଯୋଡ଼ି ନଦୀ ବାଲିରେ ଆୟୋଜିତ ଏକ ବିରାଟ ଜନସମାବେଶରେ ସମ୍ବୋଧିତ କରିଥିଲେ। ସେହି ସଭାର ଅବିକଳ ବ୍ରୋଞ୍ଜ ପ୍ରତିକୃତି ଏହି ପାର୍କରେ ନିର୍ମାଣ କରାଯାଇଛି। ୧.୮୬ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ପାର୍କରେ ଓଡ଼ିଶା ଭାଷା ସାହିତ୍ୟ,ସଂସ୍କୃତି ବିଭାଗ ପକ୍ଷରୁ ୭୪ ଲକ୍ଷ ଏବଂ କଟକ ମହାନଗର ନିଗମ ପକ୍ଷରୁ ୧.୧୨କୋଟି ଟଙ୍କା ବ୍ୟୟ କରାଯାଇଛି। ଉକ୍ତ ପାର୍କରେ ୱାଟର ଫାଉଣ୍ଟେନ, ଲ୍ୟାଣ୍ଡସ୍କେପିଂ, ଗ୍ୟାଲେରି, ଶୌଚାଳୟ ଭଳି ସୁବିଧା ରଖାଯାଇଛି। ଶିଳ୍ପୀ ଲକ୍ଷ୍ମୀଧର ରଣା ମହାତ୍ମା ଗାନ୍ଧୀଙ୍କ ପ୍ରତିକୃତିକୁ ଅତି ନିଖୁଣ ଭାବରେ ନିର୍ମାଣ କରିଛନ୍ତି। ମହାତ୍ମାଙ୍କ ଓଡ଼ିଶା ଆଗମନର ସ୍ମାରକୀ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଏମ୍‌ପି ଭର୍ତ୍ତୃହରି ମହତାବ, ଏମ୍‌ପି ଅଚ୍ୟୁତ ସାମନ୍ତ, ରାଜ୍ୟ ସଭା ସଦସ୍ୟ ସୁବାସ ସିଂହ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପର୍ଯ୍ୟଟନ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ, ବିଧାୟକ ମହମ୍ମଦ ମୋକିମ, ସୌଭିକ ବିଶ୍ୱାଳ, ଦେବୀପ୍ରସାଦ ମିଶ୍ର, ଚନ୍ଦ୍ର ସାରଥୀ ବେହେରା, ପ୍ରମୋଦ ମଲ୍ଲିକ, ଦେବୀରଞ୍ଜନ ତ୍ରିପାଠୀ, ପ୍ରଶାନ୍ତ ବେହେରା, ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଅନିଲ କୁମାର ସାମଲ, ଜିଲାପାଳ ଭବାନୀ ଶଙ୍କର ଚୟନୀ, ସିଏମ୍‌ସି କମିଶନର ଅନନ୍ୟା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ୪୦ ଡିଗ୍ରୀ ଉପରେ

୪୦ ଡିଗ୍ରୀ ଉପରେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଅନୁଗୋଳରେ ସର୍ବାଧିକ ୪୨.୭ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ବାରିପଦା ୪୨.୨, ଝାରସୁଗୁଡ଼ା ୪୦.୬, ସମ୍ବଲପୁର ୪୧.୪, ସୁନ୍ଦରଗଡ଼ ୪୧.୫, ହୀରାକୁଦ ୪୦.୭, ତାଳଚେର ୪୨.୭, ଭବାନୀପାଟଣା ୪୧.୬, ଫୁଲବାଣୀ ୪୦, ଟିଟିଲାଗଡ଼ ୪୨.୨, ସୋନପୁର ୪୦.୮, ନୟାଗଡ଼ ୪୧.୭, ବୌଦ୍ଧ ୪୨, ମାଲକାନଗିରି ୪୨ ଏବଂ ପାରଳାଖେମୁଣ୍ଡିରେ ସର୍ବାଧିକ ୪୨.୨ ଡିଗ୍ରୀ ସେଲ୍‌ସିୟସ ତାପମାତ୍ରା ରେକର୍ଡ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ୧୫ଜିଲାରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ହେବ। ସେହି ଜିଲାଗୁଡ଼ିକ ହେଲା ଭଦ୍ରକ, ବାଲେଶ୍ୱର, ଯାଜପୁର, କଟକ, ନୟାଗଡ଼, ବଲାଙ୍ଗୀର, କନ୍ଧମାଳ, କେନ୍ଦୁଝର, ମୟୂରଭଞ୍ଜ, ଦେବଗଡ଼, ସମ୍ବଲପୁର, ନୂଆପଡ଼ା, ଅନୁଗୋଳ, ଢେଙ୍କାନାଳ ଏବଂ ବୌଦ୍ଧ । ସେହି ଜିଲାଗୁଡ଼ିକ ପାଇଁ ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଦିନରେ ଜରୁରୀ କାର୍ଯ୍ୟ ନ ଥିଲେ ଘରୁ ପଦାକୁ ନ ବାହାରିବାକୁ ପରାମର୍ଶ ଦିଆଯାଇଛି। ଆସନ୍ତା ୧୦ ତାରିଖ ଯାଏ ଆଭ୍ୟନ୍ତରୀଣ ଓଡ଼ିଶାକୁ ଗରମରୁ ନିସ୍ତାର ମିଳିବ ନାହିଁ। ପାରଦ ୪୦ରୁ ୪୨ ବେଳେ ବେଳେ ୪୪ ଡିଗ୍ରୀକୁ ମଧ୍ୟ ଛୁଇଁବ ବୋଲି ଅନୁମାନ କରାଯାଇଛି। ଉପକୂଳ ଓଡ଼ିଶାକୁ ସାମାନ୍ୟ ଆଶ୍ୱସ୍ତି ମିଳିବ। ଆନ୍ଧ୍ର ଏବଂ ଓଡ଼ିଶା ଉପକୂଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଉପକୂଳ ଓଡ଼ିଶାରେ ଘୂର୍ଣ୍ଣିଝଡ଼ ସୃଷ୍ଟି ହେବ। ଫଳରେ ଏହା ତାତିକୁ ନିୟନ୍ତ୍ରଣ କରିବାରେ ସହାୟକ ହେବ ବୋଲି ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଗଞ୍ଜାମ, ଗଜପତି, ନୟାଗଡ଼, ଖୋର୍ଦ୍ଧା, କଟକ, ଜଗତ୍‌ସିଂହପୁର ଏବଂ କେନ୍ଦ୍ରାପଡ଼ା ଜିଲାର କେତେକ ସ୍ଥାନରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ଘଣ୍ଟାକୁ ୪୦ରୁ ୫୦ କିମି ବେଗରେ ପବନ ବହିବା ସମ୍ଭାବନା ରହିଛି। ଆସନ୍ତା ୩ ଦିନ ଯାଏ ଉପକୂଳ ଓଡ଼ିଶାରେ ଘୂର୍ଣ୍ଣିଝଡ଼ ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏ ନେଇ ୟେଲୋୱାର୍ନିଂ ଜାରି କରାଯାଇଛି।



୨୦୧୬ରେ ସାହିଲ ସେହଗଲଙ୍କ ହାତ ଧରିଥିଲେ କୀର୍ତ୍ତି କୁଲ୍ହାରୀ। ଏବେ ଉଭୟେ ପରସ୍ପଠାରୁ ଅଲଗା ହେବାକୁ ନିଷ୍ପତ୍ତି ନେଇଛନ୍ତି। ସାଙ୍ଗରେ ରହିବା ନିଷ୍ପତ୍ତିଠାରୁ ଅଲଗା ହେବା ନିଷ୍ପତ୍ତି ବହୁତ କଠିନ ବୋଲି କୀର୍ତ୍ତି କହିଛନ୍ତି। କୀର୍ତ୍ତି ଫିଲ୍ମ 'ପିଙ୍କ୍' ରିଲିଜ ହେବାର ୩ରୁ ୪ ମାସ ପୂର୍ବରୁ ବିବାହ କରିଥିଲେ। ବ୍ୟକ୍ତିଗତ ଜୀବନକୁ ଗୋପନ ରଖିବାକୁ ଚାହୁଁଥିବାରୁ ଏହି ବିବାହ ବିଷୟରେ କାହାରିକୁ ଜଣାଇ ନ ଥିଲେ। ଫିଲ୍ମ ରିଲିଜ ପରେ ଏକଥା ଜଣାପଡ଼ିଥିଲା। ସେ ଇନ୍ଦୁ ସରକାର, ବ୍ଲାକମେଲ, ମିଶନ ମଙ୍ଗଲ, ଉରି: ଦ ସର୍ଜିକାଲ ଷ୍ଟ୍ରାଇକ ଏବଂ ଦ ଗର୍ଲ ଅନ ଦ ଟ୍ରେନ୍‌ରେ ଅଭିନୟ କରିଛନ୍ତି।

# ଦୁର୍ଲଭ ପ୍ରଜାତିର କୁକୁଡ଼ା

ମାଂସାହାରୀଙ୍କ ମଧ୍ୟରେ ସର୍ବାଧିକ ଲୋକପ୍ରିୟ ଖାଦ୍ୟ ହେଉଛି ଚିକେନ୍ ବା କୁକୁଡ଼ା ମାଂସ। ପୃଥିବୀରେ ୨୦୦୦ ପ୍ରଜାତିର କୁକୁଡ଼ା ଦେଖାଯାଆନ୍ତି। ସେମାନଙ୍କ ଭିତରେ କେତେକ ଅତ୍ୟଧିକ ହିଂସ୍ର ପ୍ରବୃତ୍ତିର। ଏମାନଙ୍କୁ ତାଲିମ ଦେଇ କୁକୁଡ଼ା ଲଢ଼େଇରେ ବ୍ୟବହାର କରାଯାଏ। ସେହିପରି ଆଉ କେତେକ ପ୍ରଜାତିର କୁକୁଡ଼ାକୁ ସଉକରେ ପାଳନ କରାଯାଏ। ମାଂସ, ଅଣ୍ଡା ପାଇଁ କୁକୁଡ଼ା ପାଳନ ଆଧୁନିକ ସମୟରେ ରୋଜଗାରର ମାଧ୍ୟମ ପାଲଟିଛି। ତେବେ ଏଭଳି ଅନେକ ଦୁର୍ଲଭ ପ୍ରଜାତିର କୁକୁଡ଼ା ଅଛନ୍ତି, ଯାହାର ମାଂସ ଲକ୍ଷାଧିକ ଟଙ୍କାରେ ବିକ୍ରି ହୋଇଥାଏ।

**ନୂଆଦିଲ୍ଲୀ:** ଭାରତୀୟ ବଜାରରେ ଏବେ କଡ଼କନାଥ କୁକୁଡ଼ାକୁ ନେଇ ଅନେକ ଚର୍ଚ୍ଚା। ଛତିଶଗଡ଼ରେ ବହୁଳ ଭାବେ ଏହାକୁ ପାଳନ କରାଯାଏ। ତେବେ ନିକଟରେ କିମ୍ବଦନ୍ତୀ କ୍ରିକେଟର ମହେନ୍ଦ୍ର ସିଂ ଧୋନୀ ଏହି ପ୍ରଜାତିର କୁକୁଡ଼ା ଚାଷ ଆରମ୍ଭ କରିଛନ୍ତି। କଡ଼କନାଥ କୁକୁଡ଼ା ମାଂସରେ ଔଷଧୀୟ ଗୁଣ ଥିବା କୁହାଯାଉଛି। ତେଣୁ ବିଦେଶ ବଜାରରେ ମଧ୍ୟ ଏହାର ଖାସ୍ ଚାହିଦା ରହିଛି। ଯଦିଓ ଭାରତୀୟ ବଜାରରେ କଡ଼କନାଥ କୁକୁଡ଼ା ମାଂସର ଚାହିଦା ଦିନକୁ ଦିନ ବଢ଼ିବାରେ ଲାଗିଛି, ତେବେ ଏହାକୁ ଦୁର୍ଲଭ ପ୍ରଜାତି ଅନ୍ତର୍ଭୁକ୍ତ କରାଯାଇନାହିଁ। ପୃଥିବୀରେ ଏମିତି ଅନେକ କୁକୁଡ଼ା ରହିଛନ୍ତି ଯେଉଁମାନଙ୍କ ପଞ୍ଝା ଶାଗୁଣା ଭଳି ଶକ୍ତିଶାଳୀ। ମାଂସ ପୌଷ୍ଟିକ ତତ୍ତ୍ୱରେ ଭରପୂର। ତେଣୁ ଏଭଳି କୁକୁଡ଼ା ମାଂସର ସ୍ୱାଦ ନେବାକୁ ଗ୍ରାହକମାନେ ଲକ୍ଷାଧିକ ଟଙ୍କା ବ୍ୟୟ କରିବାକୁ ପଛଘୁଞ୍ଚା ଦେଉନାହାନ୍ତି।





**ଡୋଙ୍ଗ୍ ତାଓ:** ଡୋଙ୍ଗ-ତାଓ କୁକୁଡ଼ା ଡ୍ରାଗନ୍ ଚିକେନ ନାମରେ ପରିଚିତ। ଏହି ପ୍ରଜାତିର ଗଞ୍ଜାର ଓଜନ ୫ କେଜି ଏବଂ ମାଈ କୁକୁଡ଼ାର ଓଜନ ୪ କେଜିରୁ ବେଶି ହୋଇଥାଏ। ଅନ୍ୟ କୁକୁଡ଼ା ତୁଳନାରେ ଏମାନଙ୍କ ଗୋଡ଼ ଅଧିକ ମୋଟା। ଭିଏତନାମରେ ପାଳନ କରାଯାଉଥିବା ଏହି କୁକୁଡ଼ା ସମ୍ଭ୍ରାନ୍ତ ଶ୍ରେଣୀର ପ୍ରତୀକ ପାଲଟିଛି। ବ୍ରିଡିଂ ପାଇଁ ଏହି କୁକୁଡ଼ା ୨୦୦୦ ଡଲାର ହାରାହାରି ୧.୫ ଲକ୍ଷ ଟଙ୍କାରେ ବିକ୍ରି ହୋଇଥାଏ। ଏମାନଙ୍କ ଅଣ୍ଡା ମେଶିନ ସହାୟତାରେ ଫୁଟାଥାଏ। କାରଣ ଓଜନଦାର ମାଈ କୁକୁଡ଼ା ଦ୍ୱାରା ଅଣ୍ଡା ନଷ୍ଟ ହୋଇଯିବା ଆଶଙ୍କା ବେଶି। ଏହି କୁକୁଡ଼ାଙ୍କ ସବୁଠାରୁ ଖାସ୍ କଥା ହେଲା, ଏମାନେ ନିୟମିତ ଅଣ୍ଡା ଦିଅନ୍ତି ନାହିଁ। ୨-୩ ମାସ ଅଣ୍ଡା ଦେବା ପରେ କିଛି ଦିନ ବନ୍ଦ କରି ଦିଅନ୍ତି। ଏହାପରେ ପୁଣି ଅଣ୍ଡାଦିଆ ପ୍ରକ୍ରିୟା ଆରମ୍ଭ ହୋଇଥାଏ। ଡୋଙ୍ଗ୍-ତାଓ କୁକୁଡ଼ା ବର୍ଷକୁ ପାଖାପାଖି ୬୦ଟି ଅଣ୍ଡା ଦେଇଥାଏ।

**ସୁଲ୍‌ତାନ:** ମଣିଷକୁ ଶୀଘ୍ର ପ୍ରଭାବିତ କରିପାରୁଥିବା ସମସ୍ତ ଗୁଣ ରହିଛି ସୁଲ୍‌ତାନ ପ୍ରଜାତିର କୁକୁଡ଼ାଙ୍କ ପାଖରେ। ଏମାନଙ୍କ ପର ମୁଣ୍ଡରୁ ଗୋଡ଼ ଯାଏ ଭର୍ତ୍ତି ହୋଇଥାଏ। ଏମାନେ କଳା, ନୀଳ ଏବଂ ଧଳା ରଙ୍ଗର। ନୀଳ ରଙ୍ଗର ସୁଲ୍‌ତାନ ସବୁଠାରୁ ଦୁର୍ଲଭ। ତୁର୍କୀର ଅଟମନ ସାମ୍ରାଜ୍ୟର ଶାସନ କାଳରେ ଅର୍ଥାତ୍ ୧୪ଶ ଶତାବ୍ଦୀରେ ଏମାନଙ୍କ ଉତ୍ପତ୍ତି ହୋଇଥିବା କୁହାଯାଏ। ରାଜପ୍ରାସାଦର ସୌନ୍ଦର୍ଯ୍ୟ ବଢ଼ାଇବାକୁ ଏମାନଙ୍କୁ ରଖାଯାଉଥିଲା। ତୁର୍କୀ ଭାଷାରେ ସୁଲ୍‌ତାନକୁ ସରେଇ ତାବୁକ୍ କୁହାଯାଉଥିଲା, ଯାହାର ଅର୍ଥ ରାଜପ୍ରାସାଦର କୁକୁଡ଼ା। ଏହି ପ୍ରଜାତିର ଗଞ୍ଜା ଏବଂ ମାଈ କୁକୁଡ଼ାର ଓଜନ ୨ କେଜି ଯାଏ ହୋଇଥାଏ। ଅଣ୍ଡା ଦେବାରେ ଅଳସୁଆ କୁହାଯାଉଥିବା ସୁଲ୍‌ତାନ ସପ୍ତାହକୁ ମାତ୍ର ୨ଟି ଅଣ୍ଡା ଦେଇଥାଏ। ଏବେକାର ସମୟରେ କେବଳ ଘର ସଜାଇବାକୁ ଏମାନଙ୍କୁ ପାଳନ କରାଯାଉଛି।



**ବ୍ରାବାଣ୍ଟେର:** ବ୍ରାବାଣ୍ଟେର ହେଉଛି ଏକ ପୁରାତନ ପ୍ରଜାତିର କୁକୁଡ଼ା। ୧୬୭୬ ବେଳକୁ ଐତିହାସିକ ବ୍ରାବେଣ୍ଟ ଅଞ୍ଚଳରେ ଏହାର ବିକଶିତ କରାଯାଇଥିଲା। ତେଣୁ ଏହାର ନାମ ବ୍ରାବେଣ୍ଟର ରଖାଯାଇଛି। ଅପେକ୍ଷାକୃତ ଛୋଟ ଆକାରର ଏହି କୁକୁଡ଼ାଙ୍କ ଓଜନ ୧.୮ କେଜିରୁ ୨.୨ କିଲୋଗ୍ରାମ ଭିତରେ। ଏମାନଙ୍କ ମୁଣ୍ଡର ଚୂଳ, ପଛପାର୍ଶ୍ୱରେ ଥିବା ପର, ତୀକ୍ଷ୍ଣ ପଞ୍ଝା ସବୁଠାରୁ ନିଆରା। ଏମାନେ ଖୁବ୍ ବୁଦ୍ଧିଆ ଏବଂ ବନ୍ଧୁତ୍ୱପୂର୍ଣ୍ଣ ସ୍ୱଭାବର। ୧୯୦୦ ମସିହା ବେଳକୁ ବ୍ରାବେଣ୍ଟର ବିଲୁପ୍ତ ଅବସ୍ଥାକୁ ଚାଲି ଆସିଥିଲେ। ତେବେ ବହୁ ଉଦ୍ୟମ ପରେ ଏହି ପ୍ରଜାତିକୁ ସଂରକ୍ଷଣ କରାଯାଇପାରିଛି। ତଥାପି ଏମାନଙ୍କ ସଂଖ୍ୟା ବହୁତ କମ୍।



**ଲେ ଫ୍ଲେଚ୍:** ପ୍ରାଚୀନ ଫ୍ରାନ୍ସର ଏକ ଦୁର୍ଲଭ ପ୍ରଜାତିର କୁକୁଡ଼ା ହେଉଛି ଲେ-ଫ୍ଲେଚ୍, ଯାହାର ଅର୍ଥ ଭାଙ୍ଗି ଯାଇଥିବା ତୀର। ଫ୍ରାନ୍ସର ସହର ଲେ-ଫ୍ଲେଚ୍ ଅନୁଯାୟୀ ଏହାର ନାମକରଣ ହୋଇଥିବା କୁହାଯାଏ। ଏହି କୁକୁଡ଼ା ଧୀରେ ଧୀରେ ବଢ଼ିଥାନ୍ତି। ଓଜନ ପାଖାପାଖି ୩ରୁ ୪ କେଜି ଭିତରେ ହୋଇଥାଏ। ମାଈ ଲେ-ଫ୍ଲେଚ୍ ସପ୍ତାହକୁ ୩ଟି ଅଣ୍ଡା ଦେଇଥାଏ। ଗ୍ରାମାଞ୍ଚଳରେ ରହିବାକୁ ଭଲ ପାଉଥିବାରୁ ଏହି କୁକୁଡ଼ା ମାଂସର ଚାହିଦା ୧୫୦୦ ମସିହା ବେଳକୁ ଖୁବ୍ ଅଧିକ ଥିଲା।



ଧ-୨୦୩୯୦



ଧ-୨୦୩୯୪



ଧ-୭୦୯୧୧

# ରୋଲ୍ ମଡେଲ ରହିଶା



**ଭୋପାଳ:** ପ୍ରତିକୂଳ ପରିସ୍ଥିତିରେ ବି ସେ ହାର ମାନି ନ ଥିଲେ। ଆଗକୁ ଯିବାର ଗୋଟିଏ ରାସ୍ତା ବନ୍ଦ ହୋଇଯିବାରୁ ଖୁବଶୀଘ୍ର ସେ ଅନ୍ୟ ରାସ୍ତା ଖୋଜିବା ପାଇଁ ପ୍ରୟାସ ଆରମ୍ଭ କରି ଦେଇଥିଲେ। ନିଷ୍ଠାର ସହ ପରିଶ୍ରମ ଫଳରେ ସେ ନିଜ ପାଇଁ ତ ସଫଳତାର ରାସ୍ତା ଖୋଜି ପାଇଥିଲେ ତା' ସହିତ ଶହ ଶହ ମହିଳାଙ୍କୁ ବି ଆତ୍ମନିର୍ଭର କରି ପାରିଥିଲେ। ଏମିତି ଏକ ଭିନ୍ନ କାମ କରି ଏବେ ମହିଳାଙ୍କ ପାଇଁ ରୋଲ ମଡେଲ ପାଲଟିଛନ୍ତି ରହିଶା ବେଗମ୍।

ମଧ୍ୟପ୍ରଦେଶ ଗ୍ୱାଲିୟରର କଲ୍ୟାଣୀ ଗାଁର ଜଣେ ମହିଳା ହେଉଛନ୍ତି ରହିଶା ବେଗମ୍। ବିଭିନ୍ନ ଲୋକଙ୍କ ଘରେ କାମ କରି ରହିଶା ନିଜ ପରିବାର ଚଳାଉଥିଲେ। କିନ୍ତୁ କରୋନା ପାଇଁ ଲକ୍‌ଡାଉନ୍ ଫଳରେ ତାଙ୍କୁ କେହି ଘରେ କାମ କରିବାର ସୁଯୋଗ ଦେଇ ନ ଥିଲେ। ତେଣୁ ଜୀବିକା ଅର୍ଜନ ନିମନ୍ତେ ସେ ନିଜେ କିଛି କରିବା ପାଇଁ ଚିନ୍ତା କରିଥିଲେ। ଏଥିପାଇଁ ସେ କିଛି ମହିଳାଙ୍କୁ ନେଇ ସରକାରଙ୍କ ସହାୟତାରେ ମାସ୍କ ତିଆରି କରିବା କାମ ଆରମ୍ଭ କରିଥିଲେ। ରହିଶାଙ୍କର ଏହି ବ୍ୟବସାୟ ଧୀରେ ଧୀରେ ସଫଳ ହେବାକୁ ଲାଗିଲା। ତେଣୁ ସେ ଗାଁର ୭୦ଜଣ ମହିଳାଙ୍କୁ ନେଇ ଅଧିକ ମାସ୍କ ତିଆରି କାମ କରିଲେ ଏବଂ ଜିଲ୍ଲା ପ୍ରଶାସନକୁ ହଜାର ହଜାର ସଂଖ୍ୟାରେ ମାସ୍କ ଯୋଗାଇ ଦେଇଥିଲେ। ଏହି କାମ ମାଧ୍ୟମରେ ରହିଶା ନିଜେ ମାସିକ ୨୫ ହଜାରରୁ ଅଧିକ ରୋଜଗାର କରିବାର ସୁଯୋଗ ପାଇବା ସହିତ ଅନ୍ୟ ମହିଳାଙ୍କୁ ମାସିକ ୧୦ ହଜାର ରୋଜଗାର କରାଇବାର ସୁଯୋଗ ଦେଇ ପାରିଥିଲେ। ରହିଶା ଏବେ ଜିଲ୍ଲା ପ୍ରଶାସନ ଏବଂ ବିଭିନ୍ନ ଅନୁଷ୍ଠାନ ମାଧ୍ୟମରେ ପ୍ରବଳ କାମ ଅର୍ଡର ପାଉଛନ୍ତି। ଏବେ ସେ ମାସ୍କ ତିଆରି ସହିତ ଜିଲ୍ଲା ପ୍ରଶାସନ ମାଧ୍ୟମରେ ସ୍କୁଲ ପିଲାଙ୍କ ପାଇଁ ୟୁନିଫର୍ମ ତିଆରି କରୁଛନ୍ତି। ସେ ଏବେ ୩୫୦ଜଣ ମହିଳାଙ୍କୁ କାମ ଯୋଗାଇ ପାରିଛନ୍ତି। ନିଜ ପରିଶ୍ରମ ଓ ନିଷ୍ଠା ବଳରେ ରହିଶା ଲକ୍‌ଡାଉନ୍ ସମୟରେ ବେକାର ନ ହୋଇ ଭଲ ରୋଜଗାର କରି ଅନ୍ୟ ମହିଳାଙ୍କୁ ରାସ୍ତା ଦେଖାଇ ପାରିଛନ୍ତି। ନିଜ ରୋଜଗାରରୁ ସଞ୍ଚୟ କରି ଏବେ ସେ ସ୍ୱାମୀଙ୍କ ପାଇଁ ପରିବା ଦୋକାନ, ପୁଅ ପାଇଁ ଅନ୍ୟ ଏକ ଦୋକାନ କରିବା ସହିତ ଝିଅ ବାହାଘର ବି କରି ପାରିଛନ୍ତି। ତେଣୁ ପରିଶ୍ରମ ବଳରେ ସମସ୍ତେ ଆତ୍ମନିର୍ଭର ହେବା ସହିତ ସମାଜରେ ସମ୍ମାନର ସହିତ ବଞ୍ଚିପାରିବେ ବୋଲି ସେ କହନ୍ତି।

# ଟଙ୍କା ବ୍ୟାଗ୍ ଦେଖି ହାର୍ଟଆଟାକ୍



**ଲକ୍ଷ୍ନୌ:** ଉତ୍ତରପ୍ରଦେଶର ବିଜନୋରଠାରେ ଚୋରି କରିବାକୁ ଆସିଥିବାବେଳେ ଟଙ୍କା ଭର୍ତ୍ତି ବ୍ୟାଗ୍ ଦେଖି ଯୁବକଙ୍କୁ ହାର୍ଟଆଟାକ୍ ହେବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ଏପରିକି ଚୋରି କରିଥିବା ଟଙ୍କାର ବଡ଼ ଭାଗ ସେ ନିଜ ଚିକିତ୍ସାରେ ଖର୍ଚ୍ଚ କରିଦେଇଥିବା ଜଣାପଡ଼ିଛି। ରିପୋର୍ଟ ଅନୁସାରେ ୨ ଜଣ ଯୁବକ ଏକ ଜନସେବା କେନ୍ଦ୍ରକୁ ଚୋରି କରିବାକୁ ଯାଇଥିଲେ। ସେଠାରେ ପ୍ରାୟ ୭ ଲକ୍ଷ ଟଙ୍କା ଓ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ଦେଖି ଉଭୟେ ଖୁସିରେ ପାଗଳ ହୋଇଯାଇଥିଲେ। ଏତେମାତ୍ରାରେ ଟଙ୍କା ଓ ଜିନିଷ ମିଳିଯିବ ବୋଲି ସେମାନେ ଭାବି ନ ଥିଲେ। ଖୁସିରେ ଉଭୟେ ଟଙ୍କା ବାଣ୍ଟିନେବାବେଳେ ଜଣଙ୍କୁ ହୃଦ୍‌ଘାତ ହୋଇଥିଲା। ତାଙ୍କ ସହଯୋଗୀ ତାଙ୍କୁ ଡାକ୍ତରଖାନା ନେଇଯାଇଥିଲେ। ଚୋରି ଟଙ୍କାର ଏକ ବଡ଼ ଭାଗ ଚିକିତ୍ସାରେ ଖର୍ଚ୍ଚ ହୋଇଯାଇଥିବା ଅସୁସ୍ଥଙ୍କ ସହଯୋଗୀ କହିଛନ୍ତି। ଘଟଣା ଜଣାପଡ଼ିବା ପରେ ପୋଲିସ ଅଭିଯୁକ୍ତ ଧର୍ମବୀର ସିଂଙ୍କୁ ଗିରଫ କରିଛି।

# ଶିବ-ପାର୍ବତୀଙ୍କ ବେଶରେ ବିବାହ



**କାନପୁର:** ଉତ୍ତରପ୍ରଦେଶର କାନପୁରରେ ଏକ ବିବାହ ଏବେ ଖୁବ୍ ଚର୍ଚ୍ଚାରେ ରହିଛି। ବରକନ୍ୟା ଶିବ-ପାର୍ବତୀଙ୍କ ବେଶ ଧାରଣ କରି ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। ଉତ୍ସବରେ ଯୋଗ ଦେଇଥିବା ନବ ଦମ୍ପତିଙ୍କ ସମ୍ପର୍କୀୟମାନେ ଉତ୍ସାହିତ ହୋଇ ସେମାନଙ୍କ ଉପରେ ଫୁଲ ବର୍ଷା କରିଥିଲେ।

ବର ହିମାଂଶୁ ଏବଂ କନ୍ୟା ମାନସୀ କୀର୍ତ୍ତନ ମଣ୍ଡଳୀର କଳାକାର ବୋଲି ଜଣାପଡ଼ିଛି। ଦୁଇଜଣ କାନପୁରରେ ରୁହନ୍ତି। ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ସେମାନେ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ। କାନପୁରର ଶିବ ମନ୍ଦିରରେ ଉଭୟଙ୍କ ବାହାଘର ହୋଇଥିଲା। ହିମାଂଶୁ କୀର୍ତ୍ତନ ମଣ୍ଡଳୀରେ ଶିବ ଭୂମିକାରେ ଅଭିନୟ କରୁଥିବାବେଳେ ମାନସୀ ପାର୍ବତୀ ହୋଇଥାନ୍ତି। ଏହି ବେଶରେ ହିଁ ବିବାହ କରିବାକୁ ଉଭୟେ ସ୍ଥିର କରିଥିଲେ। ଶିବ ବେଶରେ ରଥ ଚଢ଼ି ହିମାଂଶୁ ମନ୍ଦିରରେ ପହଞ୍ଚିଥିବା ବେଳେ ମାନସୀ ପାର୍ବତୀ ରୂପ ଧାରଣ କରି ମନ୍ଦିରରେ ପହଞ୍ଚିଥିଲେ। ବରଯାତ୍ରୀମାନେ ହିମାଂଶୁଙ୍କ ସହ ଗଣ, ଭୂତପ୍ରେତ ବେଶରେ ସାମିଲ ହୋଇଥିଲେ।

# କେମିତି ରହିବ ଆଜିର ପାଗ

**ରାଜ୍ୟ-** ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଭଦ୍ରକ, ଯାଜପୁର, କଟକ, ନୟାଗଡ଼, ବୌଦ୍ଧ, ସୋନପୁର, ବଲାଙ୍ଗୀର, ନୂଆପଡ଼ା, କନ୍ଧମାଳ, କେନ୍ଦୁଝର, ମୟୂରଭଞ୍ଜ, ଦେଓଗଡ଼, ସମ୍ବଲପୁର, ଅନୁଗୋଳ, ଢେଙ୍କାନାଳ ଆଦି ଜିଲାର କେତେକ ସ୍ଥାନରେ ଗ୍ରୀଷ୍ମ ପ୍ରବାହ ଜାରି ରହିବ। ପ୍ରାୟ ସମସ୍ତ ସ୍ଥାନରେ ପାଗ ଶୁଖିଲା ରହିବ। ଦିନର ସର୍ବାଧିକ ତାପମାତ୍ରା ୩ରୁ ୪ ଡିଗ୍ରୀ ସେଲ୍‌ସିୟସ ହ୍ରାସ ପାଇପାରେ।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେବ। ଆକାଶ ନିର୍ମଳ ରହିବ। ଶୁକ୍ରବାର ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ଏବଂ ସର୍ବନିମ୍ନ ୨୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୭.୫ | ୨୪.୫ |
| ଚାନ୍ଦବାଲି | ୩୯.୬ | ୨୫.୪ |
| କଟକ | ୩୯.୨ | ୨୩.୫ |
| ପାରାଦୀପ | ୩୧.୮ | ୨୭.୦ |
| ଭୁବନେଶ୍ୱର | ୩୯.୮ | ୨୫.୫ |
| ଗୋପାଳପୁର | ୩୧.୮ | ୨୪.୮ |
| ପୁରୀ | ୩୩.୦ | ୨୭.୪ |
| ଅନୁଗୋଳ | ୪୨.୭ | ୨୨.୬ |
| ବାରିପଦା | ୪୨.୨ | ୨୩.୪ |
| ଝାରସୁଗୁଡ଼ା | ୪୦.୬ | ୧୯.୮ |
| କେନ୍ଦୁଝର | ୩୯.୮ | ୨୩.୨ |
| ସମ୍ବଲପୁର | ୪୧.୪ | ୨୧.୭ |
| ସୁନ୍ଦରଗଡ଼ | ୪୧.୫ | ୨୨.୫ |
| ହୀରାକୁଦ | ୪୦.୭ | ୨୦.୫ |
| ତାଳଚେର | ୪୨.୭ | ୨୩.୬ |
| ଭବାନୀପାଟଣା | ୪୧.୬ | ୨୧.୮ |
| ବଲାଙ୍ଗୀର | – | ୨୩.୭ |
| କୋରାପୁଟ | ୩୭.୫ | ୧୯.୦ |
| ଫୁଲବାଣୀ | ୪୦.୦ | ୧୬.୫ |
| ଟିଟିଲାଗଡ଼ | ୪୨.୨ | ୨୫.୩ |
| ମାଲକାନଗିରି | ୪୨.୦ | ୨୨.୫ |
| ସୋନପୁର | ୪୦.୮ | ୨୧.୪ |
| ଦାରିଙ୍ଗିବାଡ଼ି | ୩୭.୦ | ୨୦.୦ |
| ନୟାଗଡ଼ | ୪୧.୭ | ୨୩.୫ |
| ବୌଦ୍ଧ | ୪୨.୦ | ୨୦.୦ |
| ଛତ୍ରପୁର | ୩୪.୫ | ୨୪.୦ |
| ପାରଳାଖେମୁଣ୍ଡି | ୪୨.୨ | ୨୩.୫ |
| ରାୟଗଡ଼ା | ୩୯.୮ | ୨୦.୪ |

ଡିଗ୍ରୀ ସେଲ୍‌ସିୟସ୍



# ୧୦୦ କୋଟି ଦାବିକଲେ ପ୍ରଭାସ

**ଚେନ୍ନାଇ:** ବାହୁବଳୀ ଷ୍ଟାର ପ୍ରଭାସ ଏବେ ଫିଲ୍ମ ପିଛା ଶହେ କୋଟି ଟଙ୍କା ଦାବି କରୁଛନ୍ତି। ଏକ ରିପୋର୍ଟ ଅନୁସାରେ ପ୍ରଭାସ ସେ ଏବେ ତାଙ୍କ ପ୍ରତି ଫିଲ୍ମ ପାଇଁ ୧୦୦ କୋଟି ବେତନ ମାଗୁଛନ୍ତି। ଏତେ ଟଙ୍କା ଦାବି କରିବାରେ ପ୍ରଭାସ ପ୍ରଥମ ଅଭିନେତା ବୋଲି କୁହାଯାଉଛି। ଅପ୍‌କମିଂ ମେଗା-ବଜେଟ୍ ଫିଲ୍ମ 'ରାଧେଶ୍ୟାମ' ପାଇଁ ମଧ୍ୟ ସେ ମୋଟା ଅଙ୍କର ପାଉଣା ନେଇଛନ୍ତି। 'ବାହୁବଳୀ' ଚଳଚ୍ଚିତ୍ର ବ୍ଲକବଷ୍ଟର ହେବା ପରେ ପ୍ରଭାସଙ୍କ ଡିମାଣ୍ଡ ବଢ଼ିଯାଇଥିଲା। ପରେ ତାଙ୍କ ଫିଲ୍ମ 'ସାହୋ' ରିଲିଜ ହୋଇଥିଲା। ତେବେ ଏହା ଆଶାନୁଯାୟୀ ଦର୍ଶକଙ୍କ ମନକୁ ଛୁଇଁପାରି ନ ଥିଲା। ଆସନ୍ତା ଜୁଲାଇ ୩୦ରେ 'ରାଧେଶ୍ୟାମ' ମୁକ୍ତିଲାଭ କରିବ ବୋଲି ସୂଚନା ରହିଛି। ରାଧାକୃଷ୍ଣ କୁମାରଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରରେ ପୂଜା ହେଜ୍, ସଚିନ ଖେଡକର, ମୁରଲୀ ଶର୍ମା, ଭାଗ୍ୟଶ୍ରୀ ପ୍ରମୁଖ ଅଭିନୟ କରିଛନ୍ତି। ଏହାବାଦ୍ ପ୍ରଭାସଙ୍କୁ ଥ୍ରୀ-ଡି ଫିଲ୍ମ 'ଆଦିପୁରୁଷ'ରେ ଦେଖିବାକୁ ମିଳିବ। ଓମ୍ ରାଉତ ଏହାର ନିର୍ଦ୍ଦେଶନା ଦାୟିତ୍ୱ ନେଇଛନ୍ତି। ସେହିପରି କେଜିଏଫ୍ ନିର୍ଦ୍ଦେଶକ ପ୍ରଶାନ୍ତ ନିଲଙ୍କ ଫିଲ୍ମ ସଲାରରେ ମଧ୍ୟ ପ୍ରଭାସଙ୍କୁ ମୁଖ୍ୟ ଭୂମିକାରେ ଦେଖିବାକୁ ପାଇବେ ଦର୍ଶକ।

ମନେ ପଡ଼ନ୍ତି



ଧ-୨୦୩୯୭



ଧ-୨୦୩୭୫



ଧ-୨୦୩୭୮



ଧ-୨୦୩୭୬

# ନଜରରେ ଆର୍‌ସିବିର ୩ ଖେଳାଳି

ଚେନ୍ନାଇ, ୧।୪

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ଆଗାମୀ ସଂସ୍କରଣ ଚଳିତ ମାସ ୯ ତାରିଖରୁ ଆରମ୍ଭ ହେବ। ଗତଥରର ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ସ୍ଥାନୀୟ ଏମ.ଏ. ଚିଦାମ୍ବରମ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏଥର ଆଇପିଏଲରେ ଆରସିବିର ଭଲ ପ୍ରଦର୍ଶନ ନେଇ ଡାଇରେକ୍ଟର ଅଫ୍ କ୍ରିକେଟ ଅପରେଶନ୍ସ ମାଇକେ ହେସନ ବେଶ୍ ଆଶାବାଦୀ। ବିରାଟ କୋହଲି, ଏବି ଡିଭିଲର୍ସ, ଗ୍ଲେନ ମ୍ୟାକ୍ସୱେଲ, ମହମ୍ମଦ ସିରାଜ ଓ ୟୁଜବେନ୍ଦ୍ର ଚହଲଙ୍କ ପରି ତାରକା ଖେଳାଳି ଏହି ଦଳରେ ଅଛନ୍ତି। ସେହିପରି ଦେବଦତ୍ତ ପଡିକାଲ, ୱାଶିଂଟନ ସୁନ୍ଦର, ନବଦୀପ ସଇନୀଙ୍କ ପରି ଯୁବ ଖେଳାଳିମାନେ ମଧ୍ୟ ପ୍ରଦର୍ଶନର ଛାପ ଛାଡ଼ିବେ ବୋଲି ସେ ଆଶା ରଖିଛନ୍ତି। ଏହା ବ୍ୟତୀତ ଆଇପିଏଲ ପାଇଁ ନୂଆ ଚେହେରା କେତେକ ଘରୋଇ ଖେଳାଳିଙ୍କ ଉପରେ ନଜର ରହିବ ବୋଲି ସେ କହିଛନ୍ତି।


ରଜତ ପଟିଦାର

## ରଜତ ପଟିଦାର

ରଜତ ପଟିଦାରଙ୍କଠାରୁ ଆରମ୍ଭ କରିଛନ୍ତି ହେସନ। ଗତବର୍ଷ ଓ ଚଳିତ ବର୍ଷ ସୟଦ ମୁସ୍ତାକ ଅଲୀ ଟ୍ରଫିରେ ରଜତ ଆକର୍ଷଣୀୟ ଇନିଂସମାନ ଖେଳିଥିଲେ। ପ୍ରଥମ ଆଇପିଏଲ ଖେଳିବାକୁ ଯାଉଥିଲେ ହେଁ


ମହମ୍ମଦ ଆଝାରୁଦ୍ଦିନ

୨୭ ବର୍ଷୀୟ ପଟିଦାର ଜଣେ କ୍ୱାଲିଟି ବ୍ୟାଟ୍ସମ୍ୟାନ ଏବଂ ଘରୋଇ କ୍ରିକେଟରେ ପ୍ରଭାବୀ ପ୍ରଦର୍ଶନ କରିଥିବାରୁ ଗତ କିଛିବର୍ଷ ଧରି ନଜରରେ ରହିଥିଲେ। ସେ ଉଭୟ ପେସ୍ ଓ ସ୍ପିନ ବିପକ୍ଷରେ ବଡ଼ ଶଟ୍ ଖେଳିବାର ଦକ୍ଷତା ରଖିଛନ୍ତି। ଟ୍ରେନିଂ ସେସନରେ ମଧ୍ୟ ସେ ନିଜ ଦକ୍ଷତା ଦେଖାଇବା ଆରମ୍ଭ କରିଛନ୍ତି ବୋଲି ପୂର୍ବତନ ନ୍ୟୁଜିଲାଣ୍ଡ କୋଚ୍ ପ୍ରକାଶ କରିଛନ୍ତି।

## ମହମ୍ମଦ ଆଝାରୁଦ୍ଦିନ

ଦ୍ୱିତୀୟରେ ମହମ୍ମଦ ଆଝାରୁଦ୍ଦିନଙ୍କ ନାମ ନେଇଛନ୍ତି ହେସନ। ସୟଦ ମୁସ୍ତାକ ଅଲୀ ଟ୍ରଫିରେ ସେ ମୁମ୍ବାଇ ବିପକ୍ଷରେ ବିସ୍ଫୋରକ ଶତକ ହାସଲ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେ ଜଣେ ଭଲ ବ୍ୟାଟ୍ସମ୍ୟାନ ଏବଂ ଉତ୍ତମ ଉଇକେଟକିପର। ତେଣୁ ଅନ୍ୟ ବ୍ୟାଟ୍ସମ୍ୟାନଙ୍କ ଉପରୁ ସେ ଚାପ ହ୍ରାସ କରିପାରିବେ ବୋଲି ୪୬ ବର୍ଷୀୟ ହେସନ ଆଶା ରଖିଛନ୍ତି। ଏହା ବ୍ୟତୀତ ସେ ଏବି ଡିଭିଲର୍ସଙ୍କ ବିକଳ୍ପ ଉଇକେଟକିପର ଭାବେ ମଧ୍ୟ ଉଭା ହୋଇପାରିବେ। ଆଗାମୀ ପ୍ରତିଯୋଗିତା ଆଝାରୁଦ୍ଦିନଙ୍କ ପାଇଁ ବଡ଼ ସୁଯୋଗ ଆଣିବ। ତାଙ୍କ ଉପସ୍ଥିତିରେ ଆରସିବି ବ୍ୟାଟିଂ ଲାଇନ୍‌ଅପ୍ ମଧ୍ୟ ଦୃଢ଼ ହେବ ବୋଲି ହେସନ କହିଛନ୍ତି।

## ସୁୟାଶ ପ୍ରଭୁଦେଶାଇ

ନୂଆ ମୁହଁ ଭାବେ ତୃତୀୟ ଖେଳାଳିଭାବେ ସୁୟାଶ ପ୍ରଭୁଦେଶାଇଙ୍କୁ ପସନ୍ଦ କରିଛନ୍ତି ହେସନ। ଉଦୀୟମାନ କ୍ରିକେଟର ସୁୟାଶ ଗୋଆର ୪ର୍ଥ ଖେଳାଳିଭାବେ ଆଇପିଏଲ ଖେଳିବାକୁ ଯାଉଛନ୍ତି। ଡୁନେଡିନ୍ ଜନ୍ମିତ ୨୩ ବର୍ଷୀୟ ଏହି ଯୁବ ଖେଳାଳି ଜଣେ ଫିନିଶର ଭାବେ ବେଶ୍ ପରିଚିତ ଏବଂ ପଡ଼ିଆର ଚତୁର୍ଦ୍ଦିଗକୁ ଶଟ୍ ଖେଳିବାର ଦକ୍ଷତା ରଖିଛନ୍ତି। ପଟିଦାରଙ୍କ ଭଳି

**ଇଣ୍ଡିଆନ ପ୍ରିମିୟର ଲିଗ୍**

ସୁୟାଶ ଉଚ୍ଚତାରେ ଛୋଟ ହୋଇଥିଲେ ହେଁ ଶକ୍ତିଶାଳୀ ଶଟ୍ ଜରିଆରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହି ଯୁବ ଖେଳାଳି ନିଜ ଫିଲ୍ଡିଂରେ ଯଥେଷ୍ଟ ଉନ୍ନତି ଆଣିଛନ୍ତି। ଫଳରେ ତାହା ଦଳ ପାଇଁ ଉପାଦେୟ ହୋଇପାରିବ ବୋଲି ହେସନ ଆଶା ରଖିଛନ୍ତି।


ସୁୟାଶ ପ୍ରଭୁଦେଶାଇ

# ପ୍ରସ୍ତୁତ ହେଉଛି ସିଏସ୍‌କେ

ଚେନ୍ନାଇ, ୧।୪ (ପି.ଟି.)

ଆଇପିଏଲ୍‌ର ଗତ ସିଜନରେ ନୈରାଶ୍ୟଜନକ ପ୍ରଦର୍ଶନ କରିଥିବା ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ)କୁ ଏହାର ପୂର୍ବ ମର୍ଯ୍ୟାଦା ଫେରାଇ ଆଣିବାକୁ ହେବ। ସୁରେଶ ରାଇନାଙ୍କ ପ୍ରତ୍ୟାବର୍ତ୍ତନ ଯୋଗୁ ଦଳର ବ୍ୟାଟିଂ ବିଭାଗ ସୁଦୃଢ ହୋଇପାରିଛି। ପେସ୍‌କୁ ସୁହାଇବ ବୋଲି ଆଶା କରାଯାଇଥିବା ପିଚ୍‌ର କଣ୍ଡିଶନ ସହ ଏହାକୁ ଅଭ୍ୟସ୍ତ ହେବାକୁ ପଡ଼ିବ। ଲିଗ୍ ପର୍ଯ୍ୟାୟରେ ପ୍ରାରମ୍ଭରେ ଖରାପ ପ୍ରଦର୍ଶନ କରିବା ପରେ ୩ ଥର ଚାମ୍ପିୟନ ସିଏସ୍‌କେ ଶେଷ ଭାଗରେ ଯଦିଓ କେତୋଟି ମ୍ୟାଚରେ ବିଜୟ ଲାଭ କରିପାରିଥିଲା ଟୁର୍ନାମେଣ୍ଟ ଇତିହାସରେ ପ୍ରଥମ ଥର ପ୍ଲେ-ଅଫ୍‌କୁ ଉନ୍ନୀତ ହେବାରେ ବିଫଳ ହୋଇଥିଲା। ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱାଧୀନ ଦଳକୁ ଏଥର ସଜଡ଼ାଯାଇଛି। ଦଳ ଏପ୍ରିଲ ୧୦ରେ ମୁମ୍ବାଇଠାରେ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ଖେଳି ଏହାର ଅଭିଯାନ ଆରମ୍ଭ କରିବ।


ଚେନ୍ନାଇ ସୁପରକିଙ୍ଗ୍ସର ନୂଆ ଜର୍ସି ସହ ରବୀନ୍ଦ୍ର ଜାଡେଜା ଓ ସୁରେଶ ରାଇନା।

## ଦଳର ଶକ୍ତି

ସିଏସ୍‌କେକୁ ସଙ୍କଟଜନକ ପରିସ୍ଥିତିରୁ ମୁକୁଳିବାର କୌଶଳ ଜଣା। ଗତବର୍ଷ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଅନୁଷ୍ଠିତ ଆଇପିଏଲ୍‌ରେ କିନ୍ତୁ ଦଳର ଅନେକ ଥର ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ପରିଲକ୍ଷିତ ହୋଇଛି। ରାଇନାଙ୍କ ପ୍ରତ୍ୟାବର୍ତ୍ତନ ଯୋଗୁ ଦଳର ବ୍ୟାଟିଂ ୟୁନିଟ୍ ଅଧିକ ଶକ୍ତିଶାଳୀ ହେବ। ବ୍ୟାଟିଂ ଲାଇନ୍‌ଅପ୍‌ରେ ରାଇନାଙ୍କ ବ୍ୟତୀତ ଫାଫ୍ ଡୁ'ପ୍ଲେସି, ଧୋନୀ, ଅମ୍ବାଟି ରାୟୁଡୁ, ରବୀନ୍ଦ୍ର ଜାଡେଜା, ସାମ୍ କୁରାନ, ଦଳରେ ନୂତନ ଭାବେ ସ୍ଥାନ ପାଇଥିବା ମୋଇନ ଅଲି ଓ ଋତୁରାଜ ଗାଏକ୍ୱାଡ ରହିଛନ୍ତି। ଦଳ ପାଇଁ ବଡ଼ ସ୍କୋର ଛିଡ଼ା କରିବା ସାମର୍ଥ୍ୟ ଏହି ବ୍ୟାଟ୍ସମ୍ୟାନମାନଙ୍କ ନିକଟରେ ରହିଛି। ସେହିପରି ଲୁଙ୍ଗି ଏନ୍‌ଗିଡ଼ି, ଶାର୍ଦ୍ଦୁଳ ଠାକୁର, କୁରାନ, ଦୀପକ ଚହରଙ୍କୁ ନେଇ ଦଳର ବୋଲିଂ ବିଭାଗ ମଧ୍ୟ ବେଶ୍ ଶକ୍ତିଶାଳୀ। ବିପକ୍ଷ ଦଳର ବ୍ୟାଟ୍ସମ୍ୟାନଙ୍କୁ ଏମାନେ ଅଡୁଆରେ ପକାଇପାରନ୍ତି।

## ଦୁର୍ବଳତା

ଦଳର ବଡ଼ ଦୁର୍ବଳତା ହେଲା ଏଥିରେ ବହୁ ବୟସ୍କ ଖେଳାଳି ରହିଛନ୍ତି। ବିଶ୍ୱରେ ଏବେ ଟି୨୦ କ୍ରିକେଟର ଦ୍ରୁତ ପ୍ରସାର ଘଟିବାରେ ଲାଗିଛି। ମାତ୍ର ଦଳର ସିନିୟର ଷ୍ଟାର ଖେଳାଳିମାନେ ଆଶାନୁରୂପ ପ୍ରଦର୍ଶନ କରିପାରୁ ନାହାନ୍ତି। ଧୋନୀ, ରାଇନା, ରାୟୁଡୁ ଓ ତାହିରଙ୍କ ଭଳି କେତେଜଣ ଖେଳାଳି ରହିଛନ୍ତି, ଯେଉଁମାନେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇ ସାରିଛନ୍ତି। ସେମାନେ ଘରୋଇ ଟୁର୍ନାମେଣ୍ଟ ଖେଳୁ ନ ଥିବାରୁ ଖେଳ ସହିତ ସେମାନଙ୍କର ଭଲ ଟଚ୍ ନାହିଁ।

ଅଷ୍ଟ୍ରେଲିଆରେ ଅଗ୍ରଣୀ ପେସ୍ ବୋଲର ଜୋସ୍ ହାଜ୍‌ଲେଉଡ୍‌ଙ୍କ ଆଇପିଏଲ୍‌ରୁ ଓହରିଯିବା ନିଷ୍ପତ୍ତି ସିଏସ୍‌କେ ପାଇଁ ଶକ୍ତ ଧକ୍କା ହୋଇଛି। ଆଗକୁ ବ୍ୟସ୍ତବହୁଳ ଅନ୍ତର୍ଜାତୀୟ କାର୍ଯ୍ୟସୂଚୀ ପାଇଁ ସେ ବିଶ୍ରାମ ନେବାକୁ ଚାହୁଁଥିବା ବିଷୟ କହିଛନ୍ତି। ଇଞ୍ଜୁରି ପାଇଁ ବହୁଦିନ ଖେଳରୁ ନିଜକୁ ଦୂରେଇ ରଖିବା ପରେ ଫେରିଛନ୍ତି ରବୀନ୍ଦ୍ର ଜାଡେଜା। ସେ କେତେଶୀଘ୍ର ଫର୍ମକୁ ଫେରୁଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିବ। ତ୍ରିନିଦାଦର ଭେଟେରାନ ଅଲ୍‌ରାଉଣ୍ଡର ଡ୍ୱେନ ବ୍ରାଭୋ ମଧ୍ୟ ଇଞ୍ଜୁରି ସମସ୍ୟାରୁ ଫେରିଛନ୍ତି। ଚଳିତବର୍ଷର ଆଇପିଏଲ୍ ମ୍ୟାଚଗୁଡ଼ିକ ନିରପେକ୍ଷ ଭେନ୍ୟୁରେ ଖେଳାଯିବ। ସିଏସ୍‌କେ ସ୍ପିନ ଉପରେ ନିର୍ଭରଶୀଳ ଥିବାରୁ ଏହାର ରଣକୌଶଳରେ ପରିବର୍ତ୍ତନ ଆଣିବାକୁ ପଡ଼ିବ। କାରଣ ବିଶେଷ କରି ମୁମ୍ବାଇ ପିଚ୍ ପେସ୍ ବୋଲିଂକୁ ସୁହାଇବ। ତେଣୁ ଦଳର ପେସ୍ ବୋଲରଙ୍କୁ ଏଥର ପ୍ରଭାବୀ ପ୍ରଦର୍ଶନ କରିବାକୁ ପଡ଼ିବ।

**ସିଏସ୍‌କେ ଦଳ:** ମହେନ୍ଦ୍ର ସିଂ ଧୋନୀ (ଅଧିନାୟକ), ସୁରେଶ ରାଇନା, ଅମ୍ବାଟି ରାୟୁଡୁ, କେ.ଏମ୍. ଅସିଫ୍, ଦୀପକ ଚହର, ଡ୍ୱେନ ବ୍ରାଭୋ, ଫିଫ୍ ଡୁ'ପ୍ଲେସି, ଇମ୍ରାନ ତାହିର, ଏନ. ଜଗଦିଶନ, କରଣ ଶର୍ମା, ଲୁଙ୍ଗି ଏନ୍‌ଗିଡି, ମିଚେଲ ସାଣ୍ଟନର, ରବୀନ୍ଦ୍ର ଜାଡେଜା, ଋତୁରାଜ ଗାଏକ୍ୱାଡ, ଶାର୍ଦ୍ଦୁଳ ଠାକୁର, ସାମ୍ କୁରାନ, ଆର. ସାଇକିଶୋର, ମୋଇନ ଅଲୀ, କେ. ଗୋଥାମ, ଚେତେଶ୍ୱର ପୂଜାରା, ହରିଶଙ୍କର ରେଡ୍ଡୀ, ଭଗତ ବର୍ମା ଓ ସି ହରି ନିଶାନ୍ତ।




# ଆୟାର ପାଇବେ ପୂରା ପାଉଣା

**ଚେନ୍ନାଇ, ୧।୪:** ଆହତ ସମସ୍ୟା ଯୋଗୁ ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟକ ଶ୍ରେୟାସ ଆୟାର ଆଗାମୀ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରେ ଖେଳିପାରିବେ ନାହିଁ। ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜ ଅବସରରେ ସେ କାନ୍ଧରେ ଆଘାତ ପାଇଥିଲେ। ଚଳିତ ମାସ ୮ ତାରିଖରେ ତାଙ୍କ କାନ୍ଧରେ ଅସ୍ତ୍ରୋପଚାର ହେବ। ତେଣୁ ସେ ଆଇପିଏଲର ଆଗାମୀ ସିଜନରୁ ଓହରି ଯାଇଛନ୍ତି। ତେବେ ସେ ନ ଖେଳିଲେ ମଧ୍ୟ ପ୍ଲେୟର୍ସ ଇନ୍‌ସୁରାନ୍ସ ସ୍କିମ୍‌ରେ ପୂରା ପାଉଣା ପାଇବେ। କେନ୍ଦ୍ରୀୟ ଚୁକ୍ତିରେ ସାମିଲ ଥିବା ସମସ୍ତ ଖେଳାଳିଙ୍କ ପାଇଁ ଇନ୍‌ସୁରାନ୍ସ ପଲିସି ଲାଗୁ ହେବ। ୨୦୧୧ ସିଜନ ପୂର୍ବରୁ ତତ୍‌କାଳୀନ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଏନ. ଶ୍ରୀନିବାସନ ଏବଂ ଭାରତୀୟ ଖେଳାଳିଙ୍କ ମଧ୍ୟରେ ଆଲୋଚନା ପରେ ଏହି ସ୍କିମ୍ ଆରମ୍ଭ କରାଯାଇଛି। ଏହି ସ୍କିମ୍ ଅନୁସାରେ ଦେଶ ପକ୍ଷରୁ ଖେଳୁଥିବା ସମୟରେ ଆହତ ସମସ୍ୟା କିମ୍ବା ଦୁର୍ଘଟଣା ଯୋଗୁ ଯଦି କୌଣସି ଖେଳାଳି ଆଇପିଏଲ ପାଇଁ ଆଂଶିକ କିମ୍ବା ସମ୍ପୂର୍ଣ୍ଣଭାବେ ଉପଲବ୍ଧ ହୋଇ ପାରିବେ ନାହିଁ ତେବେ ସେହି ଅନୁସାରେ କ୍ଷତିପୂରଣ ପାଇବେ। ଉଦାହରଣ ସ୍ୱରୂପ ଭାରତ ପକ୍ଷରୁ ଖେଳୁଥିବାବେଳେ ରୋହିତ ଶର୍ମା ଡାହାଣ କାନ୍ଧରେ ଆଘାତ ପାଇଛନ୍ତି। ଏବେ ସେ ଚିକିତ୍ସିତ ହେଉଛନ୍ତି ଏବଂ ଏପ୍ରିଲ ଦ୍ୱିତୀୟ ସପ୍ତାହରେ ତାଙ୍କ ଆହତ ସମସ୍ୟାକୁ ଅନୁଧ୍ୟାନ କରାଯିବ। ଏହାପରେ ସେ କେବେ ଆଇପିଏଲ-୨୦୨୧କୁ ଫେରିପାରିବେ ତାହା ସ୍ପଷ୍ଟ ହେବ। ସେ ଅତିକମ୍‌ରେ ମୁମ୍ବାଇ ଇଣ୍ଡିଆନ୍ସର ପ୍ରଥମ ୩ଟି ମ୍ୟାଚ ଖେଳିପାରିବେ ନାହିଁ। ଆଇପିଏଲରେ ତାଙ୍କ ମୋଟ ପାଉଣା ହେଉଛି ୧୫ କୋଟି। ତେଣୁ ସେ ଯେତୋଟି ମ୍ୟାଚରେ ଖେଳିପାରିବେ ନାହିଁ ସେହି ଅନୁସାରେ କ୍ଷତିପୂରଣ ପାଇବେ। ଯଦି କୌଣସି ଖେଳାଳି ଆଂଶିକଭାବେ ଅନୁପସ୍ଥିତ ରୁହନ୍ତି ତେବେ ସମ୍ପୃକ୍ତ ଫ୍ରାଞ୍ଚାଇଜ୍ ଏବଂ ବିସିସିଆଇ ମିଶି କ୍ଷତିପୂରଣ ଦେବେ। ଆୟାରଙ୍କ ଭଳି ସମ୍ପୂର୍ଣ୍ଣ ସିଜନରୁ ଆଉଟ ହୋଇଥିବା ଖେଳାଳିଙ୍କ କ୍ଷେତ୍ରରେ ବିସିସିଆଇ ସମ୍ପୂର୍ଣ୍ଣ ପାଉଣା ଦେବ। ତେବେ ଏହି ସ୍କିମ୍ କେନ୍ଦ୍ରୀୟ ଚୁକ୍ତିରେ ସାମିଲ ନ ଥିବା ଖେଳାଳିଙ୍କ ପାଇଁ ଲାଗୁ ହେବନାହିଁ।




# ହାଜଲେଉଡ୍ ଓହରିଲେ

**ମେଲବୋର୍ନ, ୧।୪ (ପି.ଟି.):** ଚେନ୍ନାଇ ସୁପରକିଙ୍ଗ୍ସର ଅଷ୍ଟ୍ରେଲୀୟ ଫାଷ୍ଟ ବୋଲର ଜୋଶ ହାଜଲେଉଡ୍ ଆଗାମୀ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରୁ ଓହରି ଯାଇଛନ୍ତି। ଆଗାମୀ ଦିନରେ ଖେଳାଯିବାକୁ ଥିବା ଆଶେସ ସିରିଜ ଏବଂ ଟି୨୦ ବିଶ୍ୱକପ ପାଇଁ ସତେଜ ରହିବାକୁ ସେ ବିଶ୍ରାମ ନେବା ଉଦ୍ଦେଶ୍ୟରେ ଏପରି ନିଷ୍ପତ୍ତି ନେଇଛନ୍ତି। ଆଇପିଏଲରେ ଖେଳିବାକୁ ଥିବା ଅନ୍ୟ ଅଷ୍ଟ୍ରେଲୀୟ ଖେଳାଳିଙ୍କ ସହ ହାଜଲେଉଡ ଚେନ୍ନାଇ ଦଳରେ ଯୋଗ ଦେଇଥିଲେ, ମାତ୍ର ପରେ ଏହି ବ୍ୟୟବହୁଳ ଲିଗ୍‌ରେ ନ ଖେଳିବାକୁ ନିଷ୍ପତ୍ତି ନେଇଥିଲେ। ଆଇପିଏଲର ଆଗାମୀ ସଂସ୍କରଣ ଚଳିତ ମାସ ୯ରେ ଆରମ୍ଭ ହୋଇ ମେ ୩୦ରେ ଶେଷ ହେବ। ଆଗାମୀ ଦୁଇମାସ ପରିବାର ସହ କଟାଇବାକୁ ହାଜଲେଉଡ ନିଷ୍ପତ୍ତି ନେଇଛନ୍ତି। ୨୦୨୦ର ଶେଷଭାଗରେ ୟୁଏଇରେ ହୋଇଥିବା ଆଇପିଏଲର ଗତ ସଂସ୍କରଣରେ ସେ ଚେନ୍ନାଇ ପକ୍ଷରୁ ୩ଟି ମ୍ୟାଚରେ ଖେଳିଥିଲେ। ଦୀର୍ଘ ୧୦ ମାସ ଧରି ବାୟୋବବ୍‌ଲରେ ରହିବା ସହ ବିଭିନ୍ନ ସମୟରେ କ୍ୱାରାଣ୍ଟାଇନ୍‌ରେ ରହିବାକୁ ପଡ଼ିଥିବାରୁ ସେ କ୍ରିକେଟରୁ କିଛିଦିନ ଦୂରେଇ ରହିବାକୁ ଚାହୁଁଛନ୍ତି ବୋଲି ପ୍ରକାଶ କରିଛନ୍ତି।

# ଇନ୍ଦୁମତୀ ମହିଳା ଫୁଟ୍‌ବଲ ଦଳର ଅଧିନାୟିକା

ନୂଆଦିଲ୍ଲୀ, ୧।୪ (ପି.ଟି.)

ଉଜବେକିସ୍ତାନ ଓ ବେଲାରୁଷ ବିପକ୍ଷ ମ୍ୟାଚ ପାଇଁ ଇନ୍ଦୁମତୀ କାଥିରିସାନଙ୍କୁ ଭାରତୀୟ ମହିଳା ଫୁଟ୍‌ବଲ ଦଳର ଅଧିନାୟିକା ମନୋନୟନ କରାଯାଇଛି। ଭାରତୀୟ ଦଳ ଇତିମଧ୍ୟରେ ବହୁ ମାସ ଧରି ଉଜ୍‌ବେକିସ୍ତାନରେ ଟ୍ରେନିଂ ନେଇସାରିଛି। ଦଳ ଆୟୋଜକ ଦେଶ ବିପକ୍ଷରେ ଏପ୍ରିଲ ୫ ଏବଂ ବେଲାରୁଷ ବିପକ୍ଷରେ ଏପ୍ରିଲ ୮ରେ ଖେଳିବ। ଏହି ଦୁଇଟିଯାକ ଉଚ୍ଚକୋଟୀର ଦଳ ହୋଇଥିବାରୁ ସେମାନଙ୍କଠାରୁ ଭଲ ଅଭିଜ୍ଞତା ମିଳିବ। ଭାରତ ଇତିମଧ୍ୟରେ ସର୍ବିୟା, ରୁଷିଆ ଓ ୟୁକ୍ରେନ୍ ଭଳି ଦଳ ବିପକ୍ଷରେ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚରେ ଭଲ ଖେଳିବା ସହ ବହୁ ଅଭିଜ୍ଞତା ହାସଲ କରିସାରିଛି। ଦଳରେ ବହୁ ସ୍ୱଳ୍ପ ବୟସ୍କା, ଦକ୍ଷ ଓ ପରିଶ୍ରମୀ ଖେଳାଳି ରହିଛନ୍ତି। ଆଗାମୀ ଦୁଇଟି ମ୍ୟାଚରେ ମଧ୍ୟ ଆମେ ଭଲ କରିବାକୁ ଚେଷ୍ଟା କରିବୁ ବୋଲି ଇନ୍ଦୁମତୀ କହିଛନ୍ତି। ଦୁଇଟି ମ୍ୟାଚ ପାଇଁ ଅଧିନାୟିକା କରାଯାଇଥିବାରୁ ସେ ନିଜକୁ ଗୌରବାନ୍ୱିତ ମନେକରୁଥିବା କହିଛନ୍ତି। ଭାରତ ଏସିଆ କପ୍ ମହିଳା ଫୁଟ୍‌ବଲ ୨୦୨୨ର ଆୟୋଜକ ହୋଇଛି। ଏଥିପାଇଁ ପ୍ରସ୍ତୁତିର ଅଂଶବିଶେଷ ସ୍ୱରୂପ ଏହି ମ୍ୟାଚଗୁଡ଼ିକ ଆୟୋଜନ କରାଯାଇଛି।


ଏକ ମ୍ୟାଚ୍ ଅବସରରେ ଇନ୍ଦୁମତୀ କାଥିରିସାନ (ବାମ)।

# ଫାଇନାଲରେ ପାରାମାଉଣ୍ଟ

ଭୁବନେଶ୍ୱର, ୧।୪(କ୍ରୀଡ଼ା ପ୍ରତିନିଧି)

ନହରକଣ୍ଟାର ଶ୍ରୀ ଜୟଦେବ ସ୍ପୋର୍ଟ୍ସ ଆସୋସିଏଶନ (ଏସ୍‌ଜେଏସ୍‌ଏ) ଆନୁକୂଲ୍ୟରେ ଚାଲିଥିବା ୧୯ ବର୍ଷରୁ କମ୍ ପ୍ରାଚୀ ଭୂଷଣ ତ୍ରିପାଠୀ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲରେ ପାରାମାଉଣ୍ଟ ସ୍ପୋର୍ଟିଂ ପ୍ରବେଶ କରିଛି। ଗୁରୁବାର ପ୍ରଥମ ସେମିଫାଇନାଲରେ ପାରାମାଉଣ୍ଟ ୭ ଉଇକେଟରେ ଗ୍ରୀନ୍ସ କ୍ରିକେଟ ଏକାଡେମୀକୁ ପରାସ୍ତ କରି ପ୍ରଥମ ଦଳଭାବେ ଟାଇଟଲ ମୁକାବିଲାରେ ପହଞ୍ଚିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଗ୍ରୀନ୍ସ ୩୦ ଓଭରରେ ୮ ଉଇକେଟ ହରାଇ ୧୩୫ ରନ କରିଥିଲା। ଦଳ ପକ୍ଷରୁ ଭବଜ୍ୟୋତି ବିଷୋୟୀ ଓ ସୀତାକାନ୍ତ ସାହୁ ୩୦ ରନ ଲେଖାଏ ସ୍କୋର କରିଥିଲେ। ବିପକ୍ଷ ଦଳର ସାଇ ଶୁଭମ୍, ସ୍ୱୟଂ ସାର୍ଥକ ରାଉତରାୟ ଓ ସୟଦ ଅହମଦ ତୌଫେଲ ୨ଟି ଲେଖାଏ ଉଇକେଟ ନେଇଥିଲେ। ୧୩୬ ରନର ବିଜୟ ଲକ୍ଷ୍ୟକୁ ପାରାମାଉଣ୍ଟ ୨୩ ଓଭରରେ ମାତ୍ର ୩ ଉଇକେଟ ହରାଇ ହାସଲ କରି ନେଇଥିଲା। ସୁଦର୍ଶନ ସ୍ୱାଇଁ ସର୍ବାଧିକ ୬୮ ଓ ଅଂଶୁମାନ ସାହୁ ୪୩ ରନ କରିଥିଲେ।

**ପ୍ରାଚୀ ମେମୋରିଆଲ କ୍ରିକେଟ**

ଗ୍ରୀନ୍ସର ତାରିଣୀ ପ୍ରସାଦ ନାୟକ ୨ଟି ଉଇକେଟ ନେଇଥିଲେ। ୬୭ ବଲ୍‌ରୁ ୬୮ ରନ କରିଥିବା ସୁଦର୍ଶନ ସ୍ୱାଇଁ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ମ୍ୟାଚ ପରିଚାଳନା କରିଥିଲେ ଅମ୍ପାୟର ସୁଶାନ୍ତ ଦାଶ ଓ ଚନ୍ଦ୍ରମୋହନ ବରାଳ। ଓଡ଼ିଶା କ୍ରିକେଟ ଆସୋସିଏଶନ ସିନିୟର ଚୟନ କମିଟି ମୁଖ୍ୟ ପ୍ରଭଞ୍ଜନ ମଲିକ, ପୂର୍ବତନ ରଣଜୀ ଟ୍ରଫି ଖେଳାଳି ରଶ୍ମିରଞ୍ଜନ ଦାସ ଓ ନିରଞ୍ଜନ ବେହେରା ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ।


ସୁଦର୍ଶନ ସ୍ୱାଇଁ ଅତିଥିଙ୍କଠାରୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି।

# ଚେନ୍ନାଇରେ ପହଞ୍ଚିଲେ କୋହଲି

**ଚେନ୍ନାଇ, ୧।୪ (ପି.ଟି.):** ଭାରତ ଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ଅଧିନାୟକ ବିରାଟ କୋହଲି ଗୁରୁବାର ଏଠାରେ ପହଞ୍ଚିଛନ୍ତି। ୭ ଦିନ କ୍ୱାରାଣ୍ଟାଇନ୍‌ରେ ରହିବା ପରେ ସେ ତାଙ୍କ ଆଇପିଏଲ୍ ଦଳ ସହ ଯୋଗ ଦେବେ। ଆଇପିଏଲ ପାଇଁ ଆର୍‌ସିବିର ଟ୍ରେନିଂ କ୍ୟାମ୍ପ ଗତ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଏପ୍ରିଲ ୯ରେ ଆଇପିଏଲ୍ ଉଦ୍‌ଘାଟନୀ ମ୍ୟାଚରେ ଆରସିବି ଗତଥରର ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ ସହିତ ମୁକାବିଲା କରିବ। ୨୦୦୮ରେ ଆଇପିଏଲ୍ ଆରମ୍ଭ ହେବାପରଠାରୁ କୋହଲି ଆରସିବି ଦଳରେ ରହି ଆସିଛନ୍ତି। ଇଂଲଣ୍ଡ ବିପକ୍ଷରେ ଭାରତର ଦିନିକିଆ ସିରିଜ ବିଜୟ ପରେ ସୋମବାର ସେ ପୁଣେସ୍ଥିତ ଆଇପିଏଲ୍ ବାୟୋ-ବବଲ ଛାଡ଼ିଛନ୍ତି। ଇଂଲଣ୍ଡ ସିରିଜ ଆରମ୍ଭ ହେବା ପୂର୍ବରୁ ଗତ ଜାନୁୟାରୀରୁ ସେ ବାୟୋ-ବବଲର ଅଂଶବିଶେଷ ହୋଇ ରହି ଆସିଛନ୍ତି। ସେ ଭ୍ରମଣକାରୀ ଦଳ ବିପକ୍ଷ ସମସ୍ତ ୪ ଟେଷ୍ଟ, ୫ ଅନ୍ତର୍ଜାତୀୟ ଟି୨୦ ଓ ୩ ଦିନିକିଆ ମ୍ୟାଚ ଖେଳିଛନ୍ତି।

www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶୁକ୍ରବାର, ଏପ୍ରିଲ ୨/୨୦୨୧ Sambalpur, Friday, April 2/ 2021

# ପଦକ ନିଶ୍ଚିତ କଲେ ଦୀପ ରଞ୍ଜନ, ପ୍ରମୋଦ


ଗୁରୁବାର ସିଙ୍ଗଲ୍ସ ମ୍ୟାଚ୍ ଖେଳିବା ଅବସରରେ ଦୀପ୍ ରଞ୍ଜନ ବିଷୋୟୀ।

**ଭୁବନେଶ୍ୱର, ୧୪(କ୍ରୀଡ଼ା ପ୍ରତିନିଧି)**

ଦୁବାଇ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ପ୍ରତିଯୋଗୀଙ୍କ ଭଲ ପ୍ରଦର୍ଶନ ଅବ୍ୟାହତ ରହିଛି। ଦୀପରଞ୍ଜନ ବିଷୋୟୀ ଓ ଅରୱାଜ ଅନସାରିଙ୍କ ଯୋଡ଼ି ପୁରୁଷ ଡବଲ୍ସ ମ୍ୟାଚରେ ଭାରତର ବିକ୍ରମ କୁମାର ଓ ଫ୍ରାନ୍ସର ମାଥ୍ୟୁ ଥୋମାସ ଯୋଡ଼ିଙ୍କୁ ୨୧-୧୮, ୨୧-୧୩ରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଥମ ଦିବସରେ ଟ୍ରିପଲ ବିଜୟ ହାସଲ କରିଥିବା ପ୍ରମୋଦ ଭଗତ ଦ୍ୱିତୀୟ ଦିବସରେ ମଧ୍ୟ ପ୍ରଭାବୀ ପ୍ରଦର୍ଶନ ଅବ୍ୟାହତ ରଖିଛନ୍ତି। ପୁରୁଷ ଡବଲ୍ସରେ ପ୍ରଭୋଦ ଓ ମନୋଜ ସରକାରଙ୍କ ଯୋଡ଼ି ମାଲଡିଭ୍ସର

## ଦୁବାଇ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ

ଅହମଦ ଫୟାଜ ଓ ମହମ୍ମଦ ଅବଦୁଲ କଥିରଙ୍କୁ ୨୧-୧୫, ୨୧-୯ରେ ହରାଇ ସେମିଫାଇନାଲରେ ପହଞ୍ଚିଛନ୍ତି। ସିଙ୍ଗଲ୍ସରେ ପ୍ରମୋଦ ମାଲଡିଭ୍ସର ମହମ୍ମଦ ଅବଦୁଲ ଲତିଫଙ୍କୁ ୨୧-୧୦, ୨୧-୯ରେ ହରାଇଛନ୍ତି। ଗ୍ରୁପ ପର୍ଯ୍ୟାୟରେ ୨ଟି ଯାକ ମ୍ୟାଚ ଜିତି ପ୍ରମୋଦ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସେହିପରି ଦୀପ୍ ରଞ୍ଜନ ସିଙ୍ଗଲ୍ସ ମ୍ୟାଚରେ ରୁଷିଆର ଓଲେଗ୍ ଡୋଣ୍ଟସୋଭଙ୍କୁ ୨୨-୨୦ ଓ ୨୧-୧୫ ପଏଣ୍ଟରେ ପରାସ୍ତ କରି ଟପ୍-୩୨ରେ ପହଞ୍ଚିଛନ୍ତି। ମିକ୍ସଡ ଡବଲ୍ସରେ ପ୍ରମୋଦ ଓ ପଲକ କୋହଲିଙ୍କ ଯୋଡ଼ି ୟୁକ୍ରେନର ଆଣ୍ଡ୍ରିଲ ଜାସେଭ ଓ ଓକସାନା କୋଜିନାଙ୍କୁ ୨୧-୧୩, ୨୧-୮ରେ ହରାଇ କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ଦିଲାଶ୍ୱର ରାଓ କିନ୍ତୁ ଗ୍ରୁପ ମ୍ୟାଚ ହାରି ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। ଡବଲ୍ସ ସେମିଫାଇନାଲରେ ପ୍ରବେଶ କରିଥିବାରୁ ପ୍ରମୋଦ-ମନୋଜ ଏବଂ ଦୀପରଞ୍ଜନ-ଅର୍ବାଜ ଯୋଡ଼ି ଭାରତ ପାଇଁ ପଦକ ପକ୍କା କରିଛନ୍ତି।


ଦୁବାଇ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଡବଲ୍ସ ମ୍ୟାଚ୍ ଖେଳୁଛନ୍ତି ପ୍ରମୋଦ ଭଗଜ ଓ ମନୋଜ ସରକାର।

# ଡୋପ୍ ଟେଷ୍ଟରେ ବିଫଳ ମହିଳା ଭାରୋତ୍ତୋଳକ

**ନୂଆଦିଲ୍ଲୀ, ୧୪ (ପି.ଟି.)**

ପଟିଆଲାସ୍ଥିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସ୍ପୋର୍ଟ୍ସ (ଏନ୍‌ଆଇଏସ୍)ରେ ଚାଲିଥିବା ଜାତୀୟ କ୍ୟାମ୍ପରେ ଜଣେ ମହିଳା ଭାରୋତ୍ତୋଳକ ଡୋପ୍ ଟେଷ୍ଟରେ ବିଫଳ ହୋଇଛନ୍ତି। ଫଳରେ ତାଙ୍କୁ ସାମୟିକ ଭାବେ ବାସନ୍ଦ କରାଯିବା ସହ ଘରକୁ ଫେରିଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ନିଷିଦ୍ଧ ପଦାର୍ଥ ସେବନ କରି ସେ ଡୋପ୍ ଟେଷ୍ଟରେ ଫେଲ୍ ମାରିଛନ୍ତି। ଏହି ଭାରୋତ୍ତୋଳିକା ଜଣକ ଜାତୀୟ ରେକର୍ଡ ସୃଷ୍ଟି କରିଛନ୍ତି। କମନୱେଲଥ୍ ଚାମ୍ପିୟନଶିପ୍‌ରେ ମଧ୍ୟ ସେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେ ଏକାଧିକ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଛନ୍ତି। ଏପ୍ରିଲ ୧୬ରୁ ୨୫ ତାରିଖ ମଧ୍ୟରେ ଉଜବେକିସ୍ତାନର ତାସକେଣ୍ଟରେ ଆୟୋଜନ ହେବାକୁ ଥିବା ଏସିଆନ ଚାମ୍ପିୟନଶିପ୍ ପାଇଁ ସେ ଭାରତୀୟ ଦଳରେ ସ୍ଥାନ ପାଇଥିଲେ। ଏ ନେଇ ଭାରତୀୟ ୱେଟ ଲିଫ୍ଟିଂ ଫେଡେରେଶନ (ଆଇଡବ୍ଲ୍ୟୁଏଲ୍‌ଏଫ୍) ତରଫରୁ ସୂଚନା ଦିଆଯାଇଛି। ଜାତୀୟ କ୍ୟାମ୍ପରୁ ବ୍ରେକ ନେଇ ଗତବର୍ଷ ଅକ୍ଟୋବରରେ ଭାରୋତ୍ତୋଳିକା ଜଣକ ଘରକୁ ଯାଇଥିଲେ। ତେବେ ସେ ପ୍ରତ୍ୟାବର୍ତ୍ତନ କରିବା ପରେ ତାଙ୍କର ନମୁନା ନିଆଯାଇଥିଲା।

# ଜାତୀୟ ଜୁନିୟର ବାଳିକା ହ୍ୟାଣ୍ଡବଲ ପ୍ରତିଯୋଗିତାରେ ବ୍ରହ୍ମପୁରର ୨ ପ୍ରତିଯୋଗୀ

**ବ୍ରହ୍ମପୁର ଅଫିସ,୧୪**

ଏପ୍ରିଲ ୧ରୁ ୫ ତାରିଖ ପର୍ଯ୍ୟନ୍ତ ଉତ୍ତର ପ୍ରଦେଶର ଲକ୍ଷ୍ନୌଠାରେ ଅନୁଷ୍ଠିତ ଜାତୀୟ ଜୁନିୟର ବାଳିକା ହ୍ୟାଣ୍ଡବଲ ପ୍ରତିଯୋଗିତାରେ ଭାଗନେବା ନିମନ୍ତେ ବ୍ରହ୍ମପୁର ସହରର ୨ କ୍ରୀଡ଼ାବିତ୍ ଗୁରୁବାର ଦଳ ସହ ଲକ୍ଷ୍ନୌ ଯାତ୍ରା କରିଛନ୍ତି। ଏହି ଦୁଇ ଖେଳାଳି ହେଉଛନ୍ତି ଖଲ୍ଲିକୋଟ ମହାବିଦ୍ୟାଳୟର ଜ୍ୟୋତି ପାତ୍ର ଓ ମହାମାୟୀ ମହିଳା ମହାବିଦ୍ୟାଳୟର ବର୍ଷା ସେଠୀ। ମାର୍ଚ୍ଚ ୨୪ରେ କଟକରେ ଅନୁଷ୍ଠିତ ହ୍ୟାଣ୍ଡବଲ ଚୟନ ଶିବିରରେ ଉତ୍ତମ ପ୍ରଦର୍ଶନ କରି ଉଭୟ କ୍ରୀଡ଼ାବିତ ଚୟନ କର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସଫଳ ହୋଇଥିଲେ। ଏହି ଦୁଇଜଣ ଜାତୀୟ ହ୍ୟାଣ୍ଡବଲ କୋଚ ପ୍ରଶାନ୍ତ କୁମାର ରଥଙ୍କଠାରୁ ତାଲିମ ପାଇଛନ୍ତି। ଏହି ଦୁଇ କ୍ରୀଡ଼ାବିତ୍‌ଙ୍କ ସଫଳତା ନିମନ୍ତେ ଜିଲା ହ୍ୟାଣ୍ଡବଲ ସଂଗଠନ ସଭାପତି ତଥା ବିଧାୟକ ବିକ୍ରମ କୁମାର ପଣ୍ଡା, ସମ୍ପାଦକ ସୁବାସ ଚନ୍ଦ୍ର ପାଢ଼ୀଙ୍କ ସମେତ ବହୁ କର୍ମକର୍ତ୍ତା ଶୁଭେଚ୍ଛା ଜଣାଇଛନ୍ତି।


ପ୍ରତିଯୋଗିତାରେ ଭାଗ ନେଇଥିବା ୨ ପ୍ରତିଯୋଗୀ।

# କେକେଆର୍ ପାଇଁ ଶକିବ ପ୍ରସ୍ତୁତ

**କୋଲକାତା, ୧୪ (ପି.ଟି.):** ବାସନ୍ଦ ଦଣ୍ଡ ଭୋଗିସାରିବା ପରେ କ୍ରିକେଟକୁ ଫେରିଥିବା ବାଂଲାଦେଶର ଷ୍ଟାର ଅଲରାଉଣ୍ଡର ଶକିବ ଅଲ ହସନ ଆସନ୍ତା ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ୍)ରେ ତାଙ୍କ ଦଳ କୋଲକାତା ନାଇଟ୍ ରାଇଡର୍ସ (କେକେଆର) ତରଫରୁ ଯେକୌଣସି ଦାୟିତ୍ୱ ତୁଲାଇବାକୁ ସେ ପ୍ରସ୍ତୁତ ବୋଲି କହିଛନ୍ତି। ବାଂଲାଦେଶ ସୁପରଷ୍ଟାର ୨୦୧୨ ଓ ୨୦୧୪ରେ କେକେଆରର ଟାଇଟଲ ଅଭିଯାନରେ ସାମିଲ ଥିଲେ। ବାସନ୍ଦ ଦଣ୍ଡ ପୂର୍ବରୁ ସେ ୨୦୧୯ରେ ସନରାଇଜର୍ସ ହାଇଦ୍ରାବାଦ ତରଫରୁ ମାତ୍ର ତିନୋଟି ମ୍ୟାଚ ଖେଳିଛନ୍ତି। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ(ଆଇସିସି) ଦୁର୍ନୀତି ନିବାରଣ ଆଚରଣବିଧିର ତିନୋଟି ଧାରା ଉଲ୍ଲଂଘନ କରିଥିବା ଅଭିଯୋଗରେ ଆଇସିସି ଦ୍ୱାରା ସେ ବାସନ୍ଦ ଦଣ୍ଡରେ ଦଣ୍ଡିତ ହୋଇଥିଲେ। ଶକିବ କେକେଆର ତରଫରୁ ତାଙ୍କ ଦ୍ୱିତୀୟ ଇନିଂସ ଆରମ୍ଭ କରିବାକୁ ଯାଉଛନ୍ତି। ବାମହାତୀ ସ୍ପିନ ବୋଲିଂ ସହ ଆବଶ୍ୟକ ସ୍ଥଳେ ସୁନୀଲ ନାରିନ୍‌ଙ୍କ ଭଳି ଦଳର ଓପନର କିମ୍ବା ଫିନିଶର ଦାୟିତ୍ୱ ତୁଲାଇବାକୁ ସେ ପ୍ରସ୍ତୁତ ଥିବା କଥା କହିଛନ୍ତି।

# ନ୍ୟୁଜିଲାଣ୍ଡର କ୍ଲିନ୍ ସୁଇପ୍

**ଅକଲାଣ୍ଡ,୧୪(ଏପି)**

ବାଂଲାଦେଶ ବିପକ୍ଷ ବର୍ଷା ବାଧାପ୍ରାପ୍ତ ତୃତୀୟ ଟି୨୦ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ୬୫ ରନରେ ବିଜୟୀ ହୋଇଛି। ୩ଟି ଯାକ ମ୍ୟାଚ୍ ଜିତି ନ୍ୟୁଜିଲାଣ୍ଡ ସିରିଜ କ୍ଲିନ୍‌ସୁଇପ୍ କରିଛି। ବର୍ଷା ଯୋଗୁ ବିଳମ୍ବରେ ମ୍ୟାଚ୍ ଆରମ୍ଭ ହୋଇଥିଲା। ପାଖାପାଖି ୨ ଘଣ୍ଟା ଖେଳ ବାଧାପ୍ରାପ୍ତ ହୋଇଥିଲା। ତେଣୁ ମ୍ୟାଚ୍‌କୁ ୧୦ ଓଭରରେ ସୀମିତ ରଖିବାକୁ ନିଷ୍ପତ୍ତି ନିଆଯାଇଥିଲା। ଟସ୍ ଜିତି ବାଂଲାଦେଶ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ୧୦ ଓଭରରେ ୪ ଉଇକେଟ ହରାଇ ୧୪୧ ରନ ସଂଗ୍ରହ କରିଥିଲା। ଜବାବରେ ବାଂଲାଦେଶ ୯.୩ ଓଭରରେ ମାତ୍ର ୭୬ ରନକରି ଅଲଆଉଟ ହୋଇ ପରାସ୍ତ ହୋଇଥିଲା। ୨୯ ବଲରୁ ୧୦ ଚୌକା ଓ ୩ ଛକା ସହ ୭୧ ରନ ସଂଗ୍ରହ କରିଥିବା ନ୍ୟୁଜିଲାଣ୍ଡ ଓପନର ଫିନ୍ ଆଲେନ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସେହିପରି ସାରା ସିରିଜରେ ସ୍ଥିର ପ୍ରଦର୍ଶନ କରିଥିବା ଗ୍ଲେନ୍ ଫିଲିପ୍ସ ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଛନ୍ତି।

୧୪୨ ରନ ଟାର୍ଗେଟର ପିଛା କରି ବାଂଲାଦେଶ ଦ୍ରୁତ ଗତିରେ ରନ୍ ସଂଗ୍ରହ କରିବାକୁ ଯାଇ ନିୟମିତ ବ୍ୟବଧାନରେ ଗୋଟିଏ ପରେ ଗୋଟିଏ ଉଇକେଟ ହରାଇଥିଲା। ଓପନର ମହମ୍ମଦ ନଇମ ୧୯, ସୌମ୍ୟ ସରକାର ୧୦ ଓ ମୋସାଡେକ ହୋସେନ ୧୩ ରନକରି ଆଉଟ ହୋଇଥିବା ବେଳେ ବାକି ୮ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ଛୁଇଁପାରି ନ ଥିଲେ। ନ୍ୟୁଜିଲାଣ୍ଡ ଲେଗ୍ ସ୍ପିନର ଟୋଡ ଆସେଲ ମାତ୍ର ୧୩ ରନ ଦେଇ ୪ ଉଇକେଟ ଅକ୍ତିଆର କରିଥିଲେ। ସେହିପରି ଟିମ୍ ସୌଦି ୩, ଆଡାମ ମିଲନେ, ଲୋକି ଫର୍ଗୁସନ ଓ ଗ୍ଲେନ୍ ଫିଲିପ୍ସ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ତରଫରୁ ଆଲେନ ସର୍ବାଧିକ ୭୧, ଅଭିଜ୍ଞ ଓପନର ମାର୍ଟିନ ଗୁପ୍ଟିଲ ୪୪, ଗ୍ଲେନ୍ ଫିଲିପ ୧୪, ଡାରିଲ ମିଚେଲ ୧୧ ରନ ସଂଗ୍ରହ କରି ଆଉଟ ହୋଇଥିଲେ। ବୋଲିଂରେ ବାଂଲାଦେଶ ତରଫରୁ ତାସ୍କିନ ଅହମ୍ମଦ, ଶୋରିଫୁଲ ଇସ୍‌ଲାମ ଓ ମାହେଦି ହାସନ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ୧୦ ଓଭରରେ ୧୪୧/୪ (ଫିନ୍ ଆଲେନ- ୭୧, ଗୁପ୍ଟିଲ-୪୪, ତାସ୍କିନ- ୧/ ୨୪, ଶୋରିଫୁଲ- ୧/୨୧, ମାହେଦି- ୧/ ୩୪)। ବାଂଲାଦେଶ ୯.୩ ଓଭରରେ ୭୬ ଅଲଆଉଟ୍ (ନଇମ- ୧୯, ସୌମ୍ୟ-୧୦, ମୋସାଡେକ- ୧୩, ଟୋଡ ଆସଲେ- ୪/୧୩, ସୌଦି- ୩/୧୫)।

# ଓସିଏ ଭିଜନ ୨୦୨୪: ଏସ୍‌ଡିସିଏ ବି’, ଏ’ ବିଜୟୀ

**ଉଲୁଣ୍ଡା, ୧୪ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା କ୍ରିକେଟ ଆସୋସିଏଶନ ଓ ଓଡ଼ିଶା କ୍ରିକେଟ ଆସୋସିଏଶନ ମିଳିତ ଆନୁକୂଲ୍ୟରେ ଉଲୁଣ୍ଡା କଲେଜ ପଡିଆରେ ଖେଳାଯାଉଥିବା ଓସିଏ ଭିଜନ ୨୦୨୪ ଲିଗ୍‌ର ଗୁରୁବାର ଖେଳରେ ଏସ୍‌ଡିସିଏ- ବି ଦଳ ଏସଡିସିଏ- ଜି ଦଳକୁ ୭ ଉଇକେଟରେ ପରାସ୍ତ କରିଛି। ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ଜି- ଦଳ ୨୪ ଓଭରରେ ୧୩୭ ରନ କରି ସମସ୍ତ ଉଇକେଟ ହରାଇଥିଲା। ଦଳର ସୁରଜିତ ମଲ୍ଲିକ ସର୍ବାଧିକ ୩୨ ରନ କରିଥିବା ବେଳେ ବି- ଦଳ ପକ୍ଷରୁ ସୁମନ ମହାରଣା ଓ ରାକେଶ ସାହୁ ୩ଟି ଲେଖାଏ ଉଇକେଟ ନେଇଥିଲେ। ୧୩୮ ରନର ବିଜୟ ଲକ୍ଷ୍ୟକୁ ବି- ଦଳ ୧୭.୩ ଓଭରରେ ହାସଲ କରି ବିଜୟୀ ହୋଇଥିଲା। ଦଳର ଚନ୍ଦନ ଦାସ ୫୧ ରନ ସଂଗ୍ରହ କରିଥିଲେ। ଖେଳକୁ ରଘୁବୀର ମିଶ୍ର ଓ ଶିବରାମ ପୁରୋହିତ ପରିଚାଳନା କରିଥିଲେ। ଓସିଏ ପକ୍ଷରୁ ଦିନେଶ ଘିବିଲା ସ୍କୋରିଂ କରିଥିଲେ। ଏହି ଅବସରରେ ଏସଡିସିଏ ସମ୍ପାଦକ ପ୍ରଦୀପ ସେଠୀଙ୍କ ସଂଯୋଜନାରେ ହୋଇଥିବା କାର୍ଯ୍ୟକ୍ରମକୁ ଉଲୁଣ୍ଡା ଅଗ୍ନିଶମ ଅଧିକାରୀ ଭରତଲାଲ ଏକ୍କା, ଯୁବ ସଂଗଠକ ମହେଶ ପୁରୋହିତ ଅତିଥି ଭାବେ ଯୋଗଦେଇଥିଲେ। ସୁମନ ମହାରଣାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା।


ଉଲୁଣ୍ଡା କଲେଜ ପଡିଆରେ ଖେଳାଯାଇଥିବା ମ୍ୟାଚରେ ଅତିଥିଙ୍କ ସହ ଖେଳାଳିମାନେ ।

**ସୋନପୁର,୧୪(ନି.ପ୍ର.)**

ସୋନପୁର ଗାନ୍ଧୀ ପଡିଆରେ ସୁବର୍ଣ୍ଣପୁର ଜିଲା କ୍ରିକେଟ୍ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ଓସିଏ ପ୍ରାୟୋଜିତ ଭିଜନ -୨୪ କ୍ରିକେଟ୍ ଲିଗ୍‌ର ଗୁରୁବାର ମ୍ୟାଚ୍‌ରେ ଏସଡିସିଏ(ଏ) ବିଜୟୀ ହୋଇଛି। ଏସଡିସିଏ(ଏ) ଓ ଏସଡିସିଏ(ଜେ) ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏସଡିସିଏ(ଜେ) ଟସ୍ ଜିତି ଫିଲଡିଂ ନିଷ୍ପତ୍ତି ନେଇଥିଲା । ଏସଡିସିଏ(ଏ) ଦଳର ସୌରଭ ତରିଆ ମାରାଥନ ଇନିଂସ ୯୯ ବଲରେ ୨୭ ଚୌକା ଓ ୧୨ ଛକା ବଳରେ ସର୍ବାଧିକ ୨୦୮ ରନ ସଂଗ୍ରହ କରିଥିଲେ। ବି.ପୁରୁଷୋତ୍ତମ ପାତ୍ରଙ୍କ ୪୭ ରନ ଓ ଶଙ୍କର ଘଡିଆଙ୍କ ୨୮ ରନ ସଂଗ୍ରହ ଯୋଗୁ ଦଳ ୪୫ ଓଭରରେ ୯ ଉଇକେଟ ହରାଇ ୪୪୦ ରନର ବିଶାଳ ସ୍କୋର ଛିଡା କରିଥିଲା। ଜେ ଦଳର ଗୋବିନ୍ଦ ମେହେର ୪ଟି ଓ ଶ୍ରୀତମ ମେହେର ୩ଟି ଉଇକେଟ ନେଇଥିଲେ। ଜବାବରେ ଜେ ଦଳ ପ୍ରଥମ ୫ ଓଭରରେ ୨ଟି ଉଇକେଟ ହରାଇ ସଙ୍କଟରେ ପଡି ଯାଇଥିଲା। ମଧ୍ୟକ୍ରମରେ ଗୋବିନ୍ଦ ମେହେର ୩୬ ରନ ସଂଗ୍ରହ କରିଥିଲେ। ବୋଲର ଆବ୍ରାରୁଲ ହକ୍ ୫ଟି ଓ ଦଶରଥ ସେଠୀ ୪ଟି ଉଇକେଟ ଅକ୍ତିଆର କରିଥିଲେ। ଜେ ଦଳ ୯୮ ରନ ମଧ୍ୟରେ ସମସ୍ତ ଉଇକେଟ ହରାଇ ୩୪୨ ରନରେ ପରାଜିତ ହୋଇଥିଲା। ଖେଳ ପରିଚାଳନା କରିଥିଲେ ଶ୍ରୀବନ୍ତ କୁମାର ନାୟକ ଓ ସୁବଳ କୁମାର ପ୍ରଧାନ। ସ୍କୋରର ଦାୟିତ୍ୱ ତୁଲାଇଥିଲେ ପାର୍ଥସାରଥି ଦାସ । ହାବିଲଦାର-କନଷ୍ଟେବଲ ସଂଘ ସୁବର୍ଣ୍ଣପୁର ଜିଲା ଶାଖାର ସଭାପତି କୁମୁଦ ରଞ୍ଜନ ମେହେର ଓ ସମ୍ପାଦକ ଦୀନେଶ ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ।


ମ୍ୟାନ୍ ଅଫ ଦି ମ୍ୟାଚ୍ ସୌରଭ ତରିଆ।

# ମଦର୍ସ ବାସ୍କେଟବଲ ଲିଗ୍

**ଭୁବନେଶ୍ୱର, ୧୪ (କ୍ରୀଡ଼ା ପ୍ରତିନିଧି):** ୟୁନିଟ-୧ସ୍ଥିତ ମଦର୍ସ ପବ୍ଲିକ ସ୍କୁଲ ବାସ୍କେଟବଲ କୋର୍ଟରେ ଚାଲିଥିବା ୫ମ ମଦର୍ସ ବାସ୍କେଟବଲ ଲିଗ୍‌ର ୬ଷ୍ଠ ଦିବସରେ ୨ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ବାଳିକା ବିଭାଗରେ ଅନୁଷ୍ଠିତ ମ୍ୟାଚରେ ୟଙ୍ଗଷ୍ଟର୍ସ ୪୫-୨୭ ପଏଣ୍ଟରେ ଡଙ୍କର୍ସକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ସୁପ୍ରଭା ସର୍ବାଧିକ ୧୧ ପଏଣ୍ଟ ସ୍କୋର କରିଥିଲେ। ପୁରୁଷ ବିଭାଗ ମ୍ୟାଚରେ ୱାରିୟର୍ସ ୮୨-୭୬ ପଏଣ୍ଟରେ ହୁପର୍ସକୁ ହରାଇ ଦେଇଛି।






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

**ନାଇଟ୍ କ୍ରିକେଟ ମ୍ୟାଚ: ବୁର୍ଡା ବିଜୟୀ**

ଲୋଇସିଂହା,(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ବୁର୍ଡା ତଳିପଡା ପାଟଣେଶ୍ୱରୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ନାଇଟ ରଙ୍ଗିଲା କ୍ରିକେଟ ମ୍ୟାଚ ଉଦ୍ଘାଟିତ ହୋଇଯାଇଛି। ନାଇଟ କ୍ରିକେଟ ମ୍ୟାଚ ଏପ୍ରିଲ ୪ ତାରିଖ ପର୍ଯ୍ୟନ୍ତ ଚାଲିବ । ଉଦଘାଟନୀ ମ୍ୟାଚ ବୁର୍ଡା ବନ୍ଧଲି ଷ୍ଟାର ଓ ବକ୍ସିଉଡାର ଏକାଦଶ ମଧ୍ୟରେ ହୋଇଥିଲା । ୬ ଓଭର ବିଶିଷ୍ଟ ମ୍ୟାଚରେ ବୁର୍ଡା ପ୍ରଥମେ ବ୍ୟାଟିଂ କରି ୫୯ ରନ ସଂଗ୍ରହ କରିଥିଲା । ୬୦ ରନର ବିଜୟ ଲକ୍ଷ୍ୟନେଇ ବକ୍ସିଉଡାର ଦଳ ନିୟମିତ ବ୍ୟବଧାନରେ ଉଇକେଟ ହରାଇ ୧୨ ରନରେ ପରାଜିତ ହୋଇଥିଲା । ବୈମକେଶ ଥନାପତି ଓ ବିଘ୍ନରାଜ ଗଡୁଆ ଅମ୍ପେୟାରିଂ ଦାୟିତ୍ୱ ତୁଲାଇଥିଲେ । ପୂର୍ବତନ ସରପଞ୍ଚ ସହଦେବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍ଘାଟନ କରିଥିଲେ ।

## ସଂକ୍ଷେପରେ

### ବିଦ୍ୟୁତ୍ ସଂସ୍ପର୍ଶରେ ଯୁବକ ମୃତ

**ପଦ୍ମପୁର, ୧।୪ (ଡି.ଏନ.ଏ):** ପଦ୍ମପୁର ଉପଖଣ୍ଡ ଲୁହୁରାକୋଟ ଗ୍ରାମରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବରପାଲି ଥାନା ଅଧୀନ ଅମ୍ବାପତ୍ରା ଗ୍ରାମର ପିଣ୍ଟୁ ମହାକୁର (୨୩)। ଜଗଦଲପୁର ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨/୨୧) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି। ସୂଚନା ଅନୁସାରେ, ଗୁରୁବାର ପିଣ୍ଟୁ ଲୁହୁରାକୋଟ ଗ୍ରାମରେ ଜଳଯୋଗାଣ ପାଇଁ ବିଦ୍ୟୁତ୍ ସଂଯୋଗ କରୁଥିଲେ। ଏହି ସମୟରେ ସେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ସେ ତଳେ ପଡିଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଡାକ୍ତରଖାନା ନିଆଯାଉଥିବା ବେଳେ ତାଙ୍କର ମୃତ୍ୟୁ ହୋଇଥିଲା।

### ଛନଛଡାରେ କୋଭିଡ୍ ଟିକାକରଣ

**ଟିକ୍ରାପଡା, ୧।୪(ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଳା ବ୍ଲକ କରମତଲା ପଞ୍ଚାୟତ ଅଧୀନ ଛନଛଡା ମାନସ ଭବନ ପରିସରରେ କୋଭିଡ ୧୯ ଟିକା ପ୍ରଦାନ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କରମତଲା ପଞ୍ଚାୟତର ୪୫ବର୍ଷରୁ ଅଧିକ ବୟସର ୧୩୦ଜଣ ବ୍ୟକ୍ତି ଟିକା ନେଇଥିଲେ। ଏଥିରେ ୫୩ ମହିଳା ଓ ୭୭ ପୁରୁଷ ସାମିଲ ହୋଇଥିଲେ । ସଇଁତଳା ତହସିଲଦାର ସୁମନ କିଶୋର ଡୁଙ୍ଗଡୁଙ୍ଗ ଟିକା ପ୍ରଦାନସ୍ଥଳକୁ ପର୍ଯ୍ୟବେକ୍ଷଣରେ ଯାଇ ସମସ୍ତ ବ୍ୟବସ୍ଥା ଅନୁଧ୍ୟାନ କରିଥିଲେ। ସ୍ଥାନୀୟ ସରପଞ୍ଚ ହିମାଞ୍ଚଳ ବୁଡେକ ଉପସ୍ଥିତ ରହିଥିଲେ । ଡାକ୍ତର ରାମପ୍ରସଦ ପଣ୍ଡା ପୁରୁଷୋତ୍ତମ ସାହୁ, ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ମୀନା କୁମାରୀ ତ୍ରିପାଠୀ, ଇତିପ୍ରିୟା ସିଂ, ଡୋଳେଶ୍ୱରୀ ମଲ୍ଲିକ, ଏଏନଏମ ରୋସ୍ନା ମହାଦିକ, ବିପିଏମ ପରେଶ କୁମାର ସାହୁ ପ୍ରମୁଖ ଟିକାକରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**କଣ୍ଟାବାଞ୍ଜି, ୧।୪(ଡି.ଏନ.ଏ.):** ବଲାଙ୍ଗୀର ଜିଲା ତୁରେକେଲା ଥାନା ମହଖଣ୍ଡ ଗ୍ରାମର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ତାଙ୍କ ନିଜ ଚାଷଜମିରେ ଥିବା ଏକ ଗଛରୁ ତୁରେକେଲା ପୋଲିସ ଜବତ କରିଛି । ମୃତକ ହେଲେ ଗାଁର ଗଜିନ୍ଦ୍ର ମାଝି (୪୦)। କଣ୍ଟାବାଞ୍ଜି ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ପରେ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏ ନେଇ ତୁରେକେଲା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧/୨୧) ରୁଜୁ ହୋଇଛି ।

### ଚବିଶ ପ୍ରହର ନାମଯଜ୍ଞ ସମ୍ପନ୍ନ

**ଅତାବିରା, ୧।୪ (ଡି.ଏନ.ଏ):** ବରଗଡ ଜିଲା ଭେଡେନ ବ୍ଲକ ଦେଶଭଟିଲି ପଞ୍ଚାୟତର ଉଦେପୁର ଗ୍ରାମରେ ଚାଲିଥିବା ଚବିଶ ପ୍ରହର ନାମଯଜ୍ଞ ଗୁରୁବାର ଉଦ୍ଯାପିତ ହୋଇଯାଇଛି। ଗାଁ ଗୌନ୍ତିଆ ମଦନମୋହନ ଦାଶ ଓ ତାଙ୍କ ସ୍ତ୍ରୀ ସୁଚିତା ଦାଶ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ ଶଶିଭୂଷଣ ଶତପଥି ହୋମଯଜ୍ଞ କରିଥିଲେ। ଭଟିଲି ବ୍ଲକ ଦଉଲତୁଣ୍ଡା, ବିଜେପୁର ବ୍ଲକ ବଡଗାଁର ଉଦଣ୍ଡ ଦଳ, ଜାମପାଲି, ମହୁଲେର ରଙ୍ଗୀନ ସଂକୀର୍ତ୍ତନ ଦଳ, ବିଶିପାଲି ମହୁଲପାଲି ସଂକୀର୍ତ୍ତନ ଦଳ ନାମଜପ କରିଥିଲେ। ଶଙ୍କର୍ଷଣ ଝାଙ୍କର, ଜନାର୍ଦ୍ଦନ ବେହେରା, ଚିନ୍ତାମଣି ଝାଙ୍କର, ବଦ୍ରିନାରାୟଣ ବେହେରା, ଗଜାନନ ଝାଙ୍କର, ସଞ୍ଜୀବ ଦାଶ ପ୍ରମୁଖ ସହଯୋଗ କରିଥିଲେ।

### କୃଷକ ସଙ୍ଗଠନର ପ୍ରତିଷ୍ଠା ଦିବସ ପାଳିତ

**ଅତାବିରା, ୧।୪ (ଡି.ଏନ.ଏ):** ଅତାବିରା ନିୟନ୍ତ୍ରିତ ବଜାର କମିଟି (ଆର୍ଏମ୍ସି) ପରିସରରେ ଗୁରୁବାର ଉତ୍କଳ ଦିବସ ଅବସରରେ ଓଡିଶା ରାଜ୍ୟ କୃଷକ ସଙ୍ଗଠନ ଅତାବିରା ଶାଖାର ୩୬ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସଙ୍ଗଠନ ସଭାପତି ହାରାଧନ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅମୂଲ୍ୟ ପତି ମୁଖ୍ୟଅତିଥି, ରାଧାକାନ୍ତ ପ୍ରଧାନ ମୁଖ୍ୟବକ୍ତା, ପ୍ରସନ୍ନ ସାହୁ, ଲକ୍ଷ୍ମଣ ପ୍ରଧାନ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଲୋକେଶ୍ୱର ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ ।

# ୫ବର୍ଷ ହେଲା ହସ୍ପିଟାଲ ଆମ୍ବୁଲାନ୍ସ ଅଚଳ

**ଲୋଇସିଂହା.୧।୪(ଡି.ଏନ.ଏ.)**

**ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**
- ରୋଗୀ ହେଉଛନ୍ତି ହଟହଟା

ବଲାଙ୍ଗୀର ଜିଲା ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଆମ୍ବୁଲାନ୍ସ ପାଞ୍ଚବର୍ଷ ହେଲା ଅଚଳ ହୋଇପଡିଛି । ଏହାର ମରାମତି କିମ୍ବା ନୂତନ ଆମ୍ବୁଲାନ୍ସ ଯୋଗାଣ ନେଇ କୌଣସି ପଦକ୍ଷେପ ନିଆଯାଉନାହିଁ। ଫଳସ୍ୱରୂପ ଅଞ୍ଚଳର ରୋଗୀ ଜରୁରୀ ଆମ୍ବୁଲାନ୍ସ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଏଥିଯୋଗୁ ଅନେକ ରୋଗୀ ମୃତ୍ୟୁମୁଖରେ ପଡୁଛନ୍ତି। ଅପରପକ୍ଷେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ରାଷ୍ଟ୍ରୀୟ ବାଲ ବିକାଶ ଯୋଜନା ଓ ଏମଏଚୟୁ ବିଭାଗ ପାଇଁ ୩ଟି ଗାଡି ଭଡା ସୂତ୍ରରେ ଚାଲୁଛି ।

ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଲୋଇସିଂହା, ଆଗଲପୁର ଓ ପଡୋଶୀ ବରଗଡ ଜିଲାର ଗାଇସିଲଟ ଓ ସୁବର୍ଣ୍ଣପୁର ଜିଲା ତରଭା ବ୍ଲକର ଅନେକା ଗାଁର ଲୋକେ ନିର୍ଭର କରନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ପୂର୍ବରୁ ଏକ ଆମ୍ବୁଲାନ୍ସ(ନଂ. ଓଆର୦୩ବି ୨୩୫୬) ଥିଲା। ୨୦୧୫ ଜୁଲାଇ ମାସରୁ ଉକ୍ତ ଆମ୍ବୁଲାନ୍ସ ଅଚଳ ହୋଇ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପଡିରହିଛି। ଏହାର ରକ୍ଷଣାବେକ୍ଷଣ କିମ୍ବା ମରାମତି ଦିଗରେ କୌଣସି ପଦକ୍ଷେପ ନିଆଯାଉନାହିଁ। ଖରା, ବର୍ଷାରେ ପଡି ଗାଡି ନଷ୍ଟ ହେବାକୁ ବସିଲାଣି। ଅପରପକ୍ଷେ ସରକାରଙ୍କ ପ୍ରଦତ୍ତ ୧୦୨ ଓ ୧୦୮ ଆମ୍ବୁଲାନ୍ସ ସେବା ଲୋଇସିଂହାରେ ଉପଲବ୍ଧ ନାହିଁ। ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ କୁଶଙ୍ଗ ଉପସ୍ୱାସ୍ଥ୍ୟ କେନ୍ଦ୍ର ପାଇଁ ୧୦୮ ଆମ୍ବୁଲାନ୍ସ ଯୋଗାଇ ଦିଆଯାଇଛି। ଲୋଇସିଂହାଠାରୁ କୁଶଙ୍ଗର ଦୂରତ୍ୱ ୨୦କିମି ଥିବାବେଳେ ବଲାଙ୍ଗୀର ମୁଖ୍ୟାଳୟର ଦୂରତ୍ୱ ମଧ୍ୟ ସମାନ । ତେଣୁ ଗର୍ଭବତୀ, ପ୍ରସୂତି ଓ ଶିଶୁଙ୍କ ପାଇଁ ଉପଲବ୍ଧ ୧୦୨ ଓ ଅନ୍ୟାନ୍ୟ ଜରୁରୀ ରୋଗୀଙ୍କ ପାଇଁ ୧୦୮ଆମ୍ବୁଲାନ୍ସ ସେବା ପାଇଁ ଟୋଲ ଫ୍ରି ନମ୍ବରକୁ ଯୋଗାଯୋଗ କରିବାକୁ ପଡିଥାଏ । ହେଲେ ଏହା ସମୟ ସାପେକ୍ଷ ହେଉଥିବାରୁ ରୋଗୀ ଓ ପରିଜନ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲୋଇସିଂହା ସିନିୟର ସିଟିଜେନ ଆସେମ୍ବ୍ଲି, ବିଶ୍ୱକଲ୍ୟାଣ ନାଗରିକ କମିଟି, ମାହେଶ୍ୱରୀ ସଂଗଠନ ସମେତ ବହୁ ଅନୁଷ୍ଠାନ ପକ୍ଷରୁ ଏ ନେଇ ସ୍ଥାନୀୟ ବିଧାୟକଙ୍କ ସମେତ ଜିଲାପାଳ ଓ ଜିଲା ମୁଖ୍ୟ ଚିକିତ୍ସା ଅଧିକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ହେଲେ ସମୟ ବିତିଯାଇଥିଲେ ସୁଦ୍ଧା ଏଥିପ୍ରତି ଦୃଷ୍ଟି ଦିଆଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏଥିପ୍ରତି ରାଜ୍ୟସରକାର ଦୃଷ୍ଟିଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।



ଆମ୍ବୁଲାନ୍ସ ଅଚଳ ହୋଇ ପଡି ରହିଛି।

# ସ୍ତ୍ରୀଙ୍କ ପରେ ସ୍ୱାମୀ ରୋଗାକ୍ରାନ୍ତ



ଖଟିଆରେ ରୋଗାଗ୍ରାନ୍ତ ଖାଡିଆ ଓ ହେମ ।

**ଦେଓଗାଁ, ୧।୪(ଡି.ଏନ.ଏ.)**

- ଚିକିତ୍ସା ପାଇଁ ଟଙ୍କା ନାହିଁ
- ସହଯୋଗ ପାଇଁ ଆକୁଳ ନିବେଦନ

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉଡାର ଗାଁର ଖାଡିଆ ପଧାନ(୫୭) । ଛୋଟ ଜଳଖିଆ ଦୋକାନ ଦେଇ ସେ ପରିବାର ପ୍ରତିପୋଷଣ କରୁଥିଲେ। କୌଣସିମତେ ଝିଅ ଦୁଇଟିକୁ ବିବାହ କରିଥିଲେ। ୪ବର୍ଷ ତଳେ ଖାଡିଆଙ୍କ ସ୍ତ୍ରୀ ହେମ(୫୩) ହଠାତ ରୋଗାକ୍ରାନ୍ତ ହୋଇ ପଡିଲେ । ଯେତେ ଚିକିତ୍ସା କଲେ ବି ଆଉ ଚାଲିବାକୁ ସକ୍ଷମ ହେଲେନାହିଁ। ସ୍ତ୍ରୀଙ୍କ ଚିକିତ୍ସା ସାଙ୍ଗକୁ ଜଳଖିଆ ଦୋକାନ ଚଳାଇବା କଷ୍ଟକର ହୋଇପଡିଲା। କିଛି ଦିନ ଯାଇନି ଖାଡିଆଙ୍କ ଗୋଟିଏ ଗୋଡ ଅଚଳ ହୋଇଗଲା। ବଲାଙ୍ଗୀରରୁ ବୁର୍ଲା ପର୍ଯ୍ୟନ୍ତ ଚିକିତ୍ସା ପାଇଁ ଧାଇଁଲେ। ବୁର୍ଲାରେ ଏମଆରଆଇ କଲାପରେ ଶିରଗତ ସମସ୍ୟାରୁ ଏପରି ହୋଇଥିବା ଜଣାପଡିଲା। ଖାଡିଆ ଦମ୍ପତି ଅସୁସ୍ଥ ହୋଇଯିବାରେ ଗତ ଏକବର୍ଷରୁ ଉର୍ଦ୍ଧ୍ୱ ହେଲା ଘରର ଆର୍ଥିକ ସ୍ଥିତି ଦୋହଲି ଯାଇଛି। ଡାକ୍ତରଙ୍କ ପରାମର୍ଶ ଅନୁସାରେ ଉଭୟଙ୍କୁ କଟକ ବଡ ଡାକ୍ତରଖାନାକୁ ନେଇ ଚିକିତ୍ସା କରାଇବା କଥା। ହେଲେ ଉଚ୍ଚ ଚିକିତ୍ସା ପାଇଁ ଅର୍ଥ ସମସ୍ୟା ହୋଇ ଠିଆ ହୋଇଛି। ଖାଦ୍ୟ ସୁରକ୍ଷା ଯୋଜନାରେ ମାସକୁ ମିଳୁଥିବା ୧୦କେଜି ଚାଉଳ ଆଶା ଭରସା ସାଜିଛି। ଆବାସ ଯୋଜନାରେ ଘରଟିଏ ବି ମିଳିଛି। ହେଲେ ଆର୍ଥିକ ଦୁର୍ଗତି ଦେଇ ଗତି କରୁଥିବା ଏହି ପରିବାରକୁ ସହଯୋଗର ହାତ ବଢାଇବାକୁ ନିବେଦନ କରିଛନ୍ତି ଖାଡିଆ ।

# ସବର୍ଣ୍ଣ-ଅସବର୍ଣ୍ଣ ବିବାଦ ନେଇ ମାମଲା

**ଲୋଇସିଂହା,୧।୪(ଡି.ଏନ.ଏ.)**




ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଲୋଇସିଂହା ଥାନା ସମ୍ମୁଖରେ ଧାରଣା ଦିଆଯାଇଛି।

**ପୋଖରୀରେ ଗାଧୋଇବାକୁ ନେଇ ଗାଳିଗୁଲଜ ଘଟଣା**
- ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଥାନା ଘେରିଲେ ଅସବର୍ଣ୍ଣ

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ବାଞ୍ଜିପାଲି ଗାଁ ପୋଖରୀରେ ଗାଧୋଇବାକୁ ନେଇ ସବର୍ଣ୍ଣ-ଅସବର୍ଣ୍ଣଙ୍କ ମଧ୍ୟରେ ବିବାଦ ଦେଖାଦେଇଛି। ଅସବର୍ଣ୍ଣ ବସ୍ତିର କେତେକ ମହିଳ ସେମାନଙ୍କୁ ଜାତିଆଣ ଅକ୍ଷେପ, ଗାଳିଗୁଲଜ ସହ ଗାଧୁଆ ତୁଠରୁ ତଡି ଦେଇଥିବା ନେଇ ୫ଜଣଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ଥାନାରେ ଏକ ମାମଲା(ନଂ ୮୪/୨୧)ରୁଜୁ ହୋଇଛି। ଅପରପକ୍ଷରେ ସେମାନଙ୍କୁ ଗାଳିଗୁଲଜ କରିବା ନେଇ ସବର୍ଣ୍ଣଙ୍କ ପକ୍ଷରୁ ଥାନାରେ ପାଲଟା ଅଭିଯୋଗ କରାଯାଇଛି। ଏହାକୁ ନେଇ ଏକ ମାମଲା(ନଂ.୮୬/୨୧) ରୁଜୁ ହୋଇଛି। ପୋଲିସ ମାମଲା ରୁଜୁ କରି ଅଭଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ପ୍ରତିବାଦରେ ଅସବର୍ଣ୍ଣମାନେ ଗୁରୁବାର ଥାନା ଘେରାଉ କରିଥିଲେ। ଏସ୍ଡିପିଓ ଶ୍ରମନ୍ତ ବାରିକ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିବା ପ୍ରତିଶ୍ରୁତି ଦେଲା ପରେ ବିକ୍ଷୋଭକାରୀ ଘେରାଉରୁ ହଟିଥିଲେ ।

ପୋଲିସ ସୂତ୍ରରୁ ପ୍ରକାଶ ଯେ, ବୁର୍ଡା ପଞ୍ଚାୟତ ଅଧୀନ ବାଞ୍ଜିପାଲି ଗାଁ ଅସବର୍ଣ୍ଣ ବସ୍ତିର କେତେକ ମହିଳା ଗାଁ ପୋଖରୀକୁ ଗତ ସୋମବାର ମଧ୍ୟାହ୍ନରେ ଗାଧୋଇବାକୁ ଯାଇଥିଲେ। ଅସବର୍ଣ୍ଣ ଘାଟରେ କେହି ଶୌଚ ହେଉଥିବାରୁ ସେମାନେ ସବର୍ଣ୍ଣଙ୍କ ଘାଟରେ ଗାଧୋଉଥିଲେ। ଏତିକିବେଳେ ସବର୍ଣ୍ଣ ବସ୍ତିର କେତେକ ଯୁବକ ଗାଧୋଇବାକୁ ଆସି ଘାଟରେ ଅସବର୍ଣ୍ଣ ବସ୍ତିର ମହିଳାଙ୍କୁ ଦେଖି କୁଆଡେ ଜାତିଆଣ ଅକ୍ଷେପ କରିବା ସହ ଗାଳିଗୁଲଜ କରି ତଡି ଦେଇଥିଲେ। ମହଳାମାନେ ଅପମାନିତ ବୋଧ କରି ଘରକୁ ଫେରିଥିଲେ । ଅପରାହ୍ନରେ ଅନ୍ୟ ଜଣେ ଯୁବକ ଅସବର୍ଣ୍ଣ ବସ୍ତିକୁ ଆସି ପୁଣି ଗାଳିଗୁଲଜ କରିଥିବାରୁ ସେମାନେ ଭୟଭୀତ ଓ ଅସୁରକ୍ଷିତ ମଣୁଥିବା ନେଇ ଲୋଇସିଂହା ଥାନାରେ ବୁଧବାର ଲିଖିତ ଅଭିଯୋଗ କରିଥିଲେ । ଉଭୟ ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ହୋଇଛି, ତଦନ୍ତ ଜାରି ରହିଥିବା ଆଇଆଇସିଲଲିତା ଲାକ୍ରା କହିଛନ୍ତି।

# ପଞ୍ଚାୟତ ଅଫିସ ସମ୍ମୁଖରେ ଧାରଣା

**ଦେଓଗାଁ,୧।୪ (ଡି.ଏନ.ଏ)**

୬ଦଫା ଦାବି ନେଇ ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗୌରଗୋଠ ପଞ୍ଚାୟତ ଅଫିସ ସମ୍ମୁଖରେ ଗୁରୁବାର ସ୍ଥାନୀୟ ବୁଦ୍ଧିଜୀବୀ ତଥା ଲୋକଉନ୍ନତି ସଂଗଠନ ପକ୍ଷରୁ ଆମରଣ ଅନଶନ ଆରମ୍ଭ ହୋଇଛି। ଦାବିଗୁଡିକ ମଧ୍ୟରେ କ ଓ ଘ ଅଙ୍ଗନୱାଡି କେନ୍ଦ୍ରର କୋଠା ନିର୍ମାଣ, ଗୌରଗୋଠ ଆୟୁର୍ବେଦିକ ଡାକ୍ତରଖାନାରେ ସ୍ଥାୟୀ ଡାକ୍ତର ନିଯୁକ୍ତି, ମୋ ଉପକାରୀ ବଗିଚାରେ କାମ କରିଥିବା ମହିଳା ଶ୍ରମିକ ତଥା ହିତାଧିକାରୀଙ୍କୁ ପ୍ରାପ୍ୟ ପ୍ରଦାନ, ପଞ୍ଚାୟତର ସମସ୍ତ ଅଙ୍ଗନୱାଡି ଶିଶୁଙ୍କୁ ସ୍ୱେଟର, ଜୋତା ଓ ମୋଜା ପ୍ରଦାନ, ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁପକ୍କାଘର ଯୋଜନାର ହିତାଧିକାରୀଙ୍କୁ ଏମଜିଏନଆରଇଜିଏସ ପାଉଣା ଓ ପ୍ରୋତ୍ସାହନ ରାଶି ପ୍ରଦାନ, ସ୍କୁଲ ଓ ସରକାରୀ ଅଫିସ ନିକଟରୁ ବେଆଇନ ମଦ କୁଟିଆ ଉଚ୍ଛେଦ ଆଦି ଦାବି ରହିଛି। ବ୍ଲକ ପ୍ରଶାସନ ତରଫରୁ ସମ୍ପୃକ୍ତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଜନ୍ମେଜୟ ମାଝୀ ଆନ୍ଦୋଳନସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ । ହେଲେ ଦାବି ପୂରଣ ନହେବା ପର୍ଯ୍ୟନ୍ତ ଏହି ଅନଶନ ଜାରୀ ରହିବ ବୋଲି ସେମାନେ କହିଥିଲେ । ଆନ୍ଦୋଳନରେ ସାମାଜିକ କର୍ମୀ ପୁରନ୍ଦର ଭୋଇ, ଲୋକଉନ୍ନତି ସଂଗଠନ ବ୍ଲକ ସଂଯୋଜକ ପିତାମ୍ବର ପଧାନ, ରୁପାଧର ପୁଟା, ମହିଳା ଶ୍ରମଜୀବୀ ମଞ୍ଚ ସଭାନେତ୍ରୀ ଶାନ୍ତି ଭୋଇ, ହରିଶ୍ଚନ୍ଦ୍ର ଭୋଇ ପ୍ରମୁଖ ସହଯୋଗ କରୁଛନ୍ତି ।

# ଆନ୍ଦୋଳନ ପରେ ବିଦ୍ୟୁତ୍ ସଂଯୋଗ



ବିଦ୍ୟୁତ୍ ବିଭାଗର ଅତାବିରା ଏସ୍ଡ଼ିଓ ଅଫିସ ଆଗରେ ଚାଷୀବୃନ୍ଦ।

**ଅତାବିରା,୧।୪(ଡି.ଏନ.ଏ)**

ବରଗଡ଼ ଜିଲା ଅତାବିରା ବ୍ଲକ ଗୁଟିପାଲି ଓ ବାଟିମୁଣ୍ଡା ଗ୍ରାମର ଉଠାଜଳସେଚନ ପ୍ରକଳ୍ପକୁ ୮ଦିନ ଧରି ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ଯୋଗୁ ଚାଷୀ ଆନ୍ଦୋଳନ ତେଜି ଉଠିଛି। ଅଞ୍ଚଳର ଚାଷୀମାନେ ବୁଧବାର ଅତାବିରା ବିଦ୍ୟୁତ୍ ବିଭାଗ ଏସ୍ଡ଼ିଓଙ୍କ କାର୍ଯ୍ୟାଳୟକୁ ଘେରାଉ କରିଥିଲେ। ପରେ ପୁଣି ଉଠାଜଳସେଚନ ପ୍ରକଳ୍ପକୁ ବିଦ୍ୟୁତ୍ ସଂଯୋଗ କରାଯାଇଥିଲା ।

ଗୁଟିପାଲି ଓ ବାଟିମୁଣ୍ଡା ଗ୍ରାମରେ ୨ଟି ଉଠାଜଳସେଚନ ପ୍ରକଳ୍ପ ରହିଛି। ସେଠାରେ ୧୫ଏଚ୍ପି କ୍ଷମତା ସମ୍ପନ୍ନ ୨ଟି ଟ୍ରାନ୍ସଫର୍ମର ରହିଛି । ସେହି ଟ୍ରାନ୍ସଫର୍ମର ମାଧ୍ୟମରେ ବିଦ୍ୟୁତ୍ ସଂଯୋଗ ପରେ ଉଠାଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇଥାଏ ଏବଂ ୬୫ଜଣ ଚାଷୀଙ୍କ ଶହେ ଏକରରୁ ଉର୍ଦ୍ଧ୍ୱ ଜମିକୁ ପାଣି ମଡ଼ା ଯାଇଥାଏ। ତେବେ ବିଦ୍ୟୁତ୍ ଦେୟ ଅସୁଲ ଆଳରେ ଗତ ୮ଦିନ ତଳେ ଉକ୍ତ ଉଠାଜଳସେଚନ ପ୍ରକଳ୍ପ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରି ଦିଆଯାଇଥିଲା। ଫଳରେ ପାଣି ନ ଯିବାରୁ ଚାଷୀଙ୍କ ଫସଲ ନଷ୍ଟ ହେବାରେ ଲାଗିଥିଲା। ଏହାର ପ୍ରତିବାଦରେ ଜୟ କିଶାନ ଆନ୍ଦୋଳନର ହର ବଣିଆ, କିଶୋର ସାହୁ, ଅରୁଣ ସାହୁ, କ୍ଷୀରୋଦ୍ର ପ୍ରଧାନ, କିଶୋର ଚନ୍ଦ୍ର ଭୋଇଙ୍କ ନେତୃତ୍ୱରେ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ।

# ଭାଲୁପାଲି ପଞ୍ଚତାରକା ଗାଁ ଘୋଷିତ

**ଲୋଇସିଂହା,୧।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ପଞ୍ଚାୟତ ଅନ୍ତର୍ଗତ ଭାଲୁପାଲି ଗ୍ରାମରେ ଜିଲା ଡାକ ବିଭାଗ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଡାକବିଭାଗ ପକ୍ଷରୁ ଉକ୍ତ ଗାଁକୁ ପଞ୍ଚତାରକା ଗାଁର ମାନ୍ୟତା ପ୍ରଦାନ କରାଯାଇଥିଲା । ସ୍ଥାନୀୟ ବ୍ରାଞ୍ଚ ପୋଷ୍ଟମାଷ୍ଟର ମାଧବାନନ୍ଦ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସରପଞ୍ଚ ଉର୍ଜ୍ଜୁଳୀ ଧରୁଆ ମୁଖ୍ୟଅତିଥି, ଜିଲା ଡାକ ଅଧୀକ୍ଷକ ସର୍ବେଶ୍ୱର ବଳାରସିଂ, ସହକାରୀ ଅଧୀକ୍ଷକ ଭରତ ଜେଲି, ସବ୍ପୋଷ୍ଟମାଷ୍ଟର କୃଷ୍ଣଚନ୍ଦ୍ର ବାବୁ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ସ୍ଥାନୀୟ ପୋଷ୍ଟମାଷ୍ଟରଙ୍କ ଉଦ୍ୟମକ୍ରମେ ଭାଲୁପାଲି ଗାଁରେ ଆରଡି/ଟିଡି ସଞ୍ଚୟତ ଖାତା, ସୁକନ୍ୟା ସମୃଦ୍ଧି, ପୋଷ୍ଟାଲ ଲାଇଫ, ପ୍ରଧାନମନ୍ତ୍ରୀ ସୁରକ୍ଷା ଯୋଜନା, ରୁରାଲପୋଷ୍ଟ ଲାଇଫ ବୀମା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା ଏହିପରି ୫ ଟି ସ୍କିମର ଶତାଧିକ ହିତାଧିକାରୀ ସୃଷ୍ଟି କରାଯାଇଥିବାରୁ ଡାକ ବିଭାଗ ପକ୍ଷରୁ ଏହି ଘୋଷଣା କରାଯାଇଛି। ସ୍ଥାନୀୟ ପୋଷ୍ଟମାଷ୍ଟରଙ୍କ ଉଲ୍ଲେଖନୀୟ କାର୍ଯ୍ୟ ଯୋଗୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ବାଲ୍ୟବିବାହ ବନ୍ଦ ପାଇଁ ଶପଥ ପାଠ

**ଖପ୍ରାଖୋଲ, ୧।୪(ଡି.ଏନ.ଏ.)**

**ଶିଶୁ ସୁରକ୍ଷା କମିଟିର ପ୍ରଶିକ୍ଷଣ ଶିବିର**

ବଲାଙ୍ଗୀର ଜିଲା ଖପ୍ରାଖୋଲ ପଞ୍ଚାୟତ ସମିତି ସଭାଗୃହରେ ଜିଲା ଶିଶୁ ମଙ୍ଗଳ ୟୁନିଟ ତରଫରୁ ବ୍ଲକସ୍ତରୀୟ ଶିଶୁ ସୁରକ୍ଷା କମିଟିର ପ୍ରଶିକ୍ଷଣ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷା ପୂର୍ଣ୍ଣମାସୀ ବରିହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ବିଡିଓ ତରଣୀ ସୁନା, ମେଡିକାଲ ଅଫିସର ଡା.ସୁରଜ ଦିପ୍, ବ୍ଲକ ଶିକ୍ଷା ଅଧିକାରୀ ଷଷ୍ଠି ଝାଙ୍କର, ପୋଲିସ୍ ଏସଆଇ ପଞ୍ଚାନନ ନେଗୀ, ପ୍ରଶିକ୍ଷକ ପୂର୍ବତନ ଜିଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ସଞ୍ଜୟ ମିଶ୍ର, ଅରୁଣ କୁମାର ଖୁଆସ୍ , ଆଇସିଡିଏସ୍ ସୁପରଭାଇଜର ପଙ୍କଜିନି ମିଶ୍ର ଯୋଗଦେଇ ଶିଶୁ ସୁରକ୍ଷା ଏବଂ ଶିଶୁ ଅଧିକାର ଉପରେ ଆଲୋକପାତ କରିଥିଲେ । ସଚେତନତା ଅଭାବରୁ ସମସ୍ୟା ଭୋଗୁଥିବା ଶିଶୁଙ୍କୁ ଚିହ୍ନଟ କରି ସେମାନଙ୍କ ସୁରକ୍ଷା ପାଇଁ ସଂଗଠିତ ହେବାକୁ ବକ୍ତାମନେ କହିଥିଲେ। ଏହି ଅବସରରେ ବାଲ୍ୟ ବିବାହ ବନ୍ଦ ପାଇଁ ସମସ୍ତେ ଶପଥ ପାଠ କରିଥିଲେ। ପ୍ରଶିକ୍ଷଣ ଶିବିରରେ ସମସ୍ତ ପଞ୍ଚାୟତସ୍ତରୀୟ ଶିଶୁ ସୁରକ୍ଷା କମିଟି ଅଧ୍ୟକ୍ଷ, ବାଲ୍ୟ ବିବାହ ଟାସ୍କଫୋର୍ସ ଅଧ୍ୟକ୍ଷ, ସରପଞ୍ଚ, ପିଇଓମାନେ ଭାଗ ନେଇଥିଲେ। କାର୍ଯ୍ୟକ୍ରମକୁ ଶିଶୁ ସୁରକ୍ଷା ୟୁନିଟର ବଦ୍ରିନାଥ ଠାକୁର ପରିଚାଳନା କରିଥିଲେ ।



ବାଲ୍ୟ ବିବାହ ବନ୍ଦ ପାଇଁ ଶପଥ ପାଠ କରଯାଉଛି।

# ବଲାଙ୍ଗୀର ଜିଲା ପାଇଁ ଟୋଲ୍ ଫି ଛାଡ଼

**ବଲାଙ୍ଗୀର ଅଫିସ, ୧।୪**




ଭଇଁଷାପାଲି ଟୋଲ ଗେଟ୍ ସମ୍ମୁଖରେ ଦିଆଯାଇଥିବା ଧାରଣା ।

- ଘୋଷଣା ପରେ ଧାରଣା ପ୍ରତ୍ୟାହୃତ
- ଟୋଲଗେଟ୍ ୟୁଜର୍ସ କମିଟି, କଂଗ୍ରେସ, ବିଜେଡି ପକ୍ଷରୁ ମିଳିତ ଧାରଣା

ବଲାଙ୍ଗୀର-ସୋନପୁର ୫୭ନମ୍ବର ଜାତୀୟ ରାଜପଥର ଭଇଁଷାପାଲିଠାରେ ଥିବା ଟୋଲଗେଟ୍ରେ ଟୋଲ ଫି ଆଦାୟ ନିଷ୍ପତ୍ତିକୁ ଗୁରୁବାର ବିରୋଧ କରାଯାଇଥିଲା। ବଲାଙ୍ଗୀର ଟୋଲଗେଟ୍ ୟୁଜର୍ସ କମିଟି, ଜିଲା କଂଗ୍ରେସ ଓ ଜିଲା ବିଜେଡି ପକ୍ଷରୁ ଟୋଲଗେଟ୍ ସମ୍ମୁଖରେ ମିଳିତ ଧାରଣା ଦିଆଯାଇଥିଲା। ଦୀର୍ଘ ୩ଘଣ୍ଟା ଧରି ଧାରଣା ପରେ ବଲାଙ୍ଗୀର ଜିଲାର ପଞ୍ଜୀକୃତ ଯାନବାହନଗୁଡିକଠାରୁ ଟୋଲ ଫି' ଆଦାୟକୁ ଛାଡ ଘୋଷଣା କରାଯିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ କରାଯାଇଛି ।

ଭଇଁଷାପାଲିଠାରେ ନିର୍ମିତ ଟୋଲଗେଟ୍ ଏପ୍ରିଲ ୧ ତାରିଖରୁ କାର୍ଯ୍ୟକ୍ଷମ ହେବ ବୋଲି ଘୋଷଣା ପରେ ବଲାଙ୍ଗୀର ଓ ପଡୋଶୀ ସୁବର୍ଣ୍ଣପୁର ଜିଲାରେ ଏଭଳି ନିଷ୍ପତ୍ତିକୁ ବିରୋଧ କରାଯାଇଥିଲା । ବଲାଙ୍ଗୀର ଟୋଲଗେଟ୍ ୟୁଜର୍ସ କମିଟି ପକ୍ଷରୁ ଏନେଇ ଜିଲାପାଳ ଓ ଏସପିଙ୍କୁ ଭେଟି ଦାବିପତ୍ର ଦିଆଯିବା ସହ କେବିକେ ଅନ୍ତର୍ଗତ ବଲାଙ୍ଗୀର ଜିଲାରେ ଟୋଲ ଫି ଆଦାୟ ଜନବିରୋଧୀ ନିଷ୍ପତ୍ତି ବୋଲି ଦର୍ଶାଯାଇଥିଲା । ତୁରନ୍ତ ଏହି ଟୋଲଗେଟ୍କୁ ଉଠାଇ ଦିଆଯିବା ନଚେତ୍ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବାକୁ ଦାବି କରାଯାଇଥିଲା। ଗୁରୁବାର ସକାଳେ ବଲାଙ୍ଗୀର ଟୋଲଗେଟ୍ ୟୁଜର୍ସ କମିଟି ବ୍ୟାନରରେ ଟୋଲଗେଟ୍ ସମ୍ମୁଖରେ ଧାରଣା ଦିଆଯାଇଥିଲା । ଏଥିରେ ଆବାହକ ତଥା ଜିଲା ଓକିଲ ସଂଘ ସଭାପତି ପ୍ରବୀଣ କୁମାର ମିଶ୍ର, ଯୁଗ୍ମ ଆବାହକ ଘରୋଇ ବସ୍ ମାଲିକ ସଂଘ ସଭାପତି ହେମନ୍ତ କୁମାର ପଣ୍ଡା, ଟ୍ରକ୍ ମାଲିକ ସଂଘ ସଭାପତି ବୀରେନ୍ଦ୍ର କୁମାର ମିଶ୍ର, ଜିଲା ବଣିକ ସଂଘ ସଭାପତି ତ୍ରିପୁରାରୀ ପାଣିଗ୍ରାହୀ, ଟ୍ୟାକ୍ସି ଚାଳକ ସଂଘ ସଭାପତି ସତ୍ୟାନନ୍ଦ ପଧାନ, ମନୋରଞ୍ଜନ ସାହୁ, ସୋମନାଥ ମିଶ୍ର, ବିବେକାନନ୍ଦ ପଟେଲ, ବିନୋଦ କାଲସାଏ, ପ୍ରତାପ ଚନ୍ଦ୍ର ରଥ ଓ ଅନ୍ୟମାନେ ସାମିଲ ହୋଇଥିଲେ । ଜିଲା କଂଗ୍ରେସ ସଭାପତି ଦିଲୀପ ବେହେରା, ବୁଲୁ ଦାନୀ, ଚନ୍ଦ୍ରମଣି ତ୍ରିପାଠୀ, ବିଜେଡିର ରାଜେନ୍ଦ୍ର ହୋତା, ନିହାର ରଞ୍ଜନ ବେହେରା, ଲକ୍ଷ୍ମଣ ମେହେର ଓ ଅନ୍ୟମାନେ ସାମିଲ ହୋଇଥିଲେ। ଧାରଣା ଯୋଗୁଁ ଦୀର୍ଘ ୩ ଘଣ୍ଟା ଧରି ରାସ୍ତା ଉଭୟ ପଟରେ ଯାନବାହନ ଜମା ହୋଇରହିଥିଲା। ଡେପୁଟି କଲେକ୍ଟର ବିନୋଦ ନାଏକ, ପୁଇଁତଲା ତହସିଲଦାର ରୋହିତ ଭୋଇ ସେଠାରେ ପହଞ୍ଚି ଦାବି ସଂକ୍ରାନ୍ତରେ ଖୁବ୍ଶୀଘ୍ର ଜାତୀୟ ରାଜପଥ ବିଭାଗ ସହ ବୈଠକ କରାଯାଇ ଚୁଡାନ୍ତ ନିଷ୍ପତ୍ତି ନିଆଯିବ। ଉକ୍ତ ବୈଠକ ହେବା ପର୍ଯ୍ୟନ୍ତ କେବଳ ବଲାଙ୍ଗୀର ଜିଲା ପଞ୍ଜୀକୃତ ଯାନବାହନଗୁଡିକର ଟୋଲ ଫି ଛାଡ୍ କରାଯିବ ବୋଲି ସୂଚନା ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଆନ୍ଦୋଳନ ସ୍ଥଳରେ ଏସଡିପିଓ ଶ୍ରୀମନ୍ତ ବାରିକ, ପୁଇଁତଲା ଥାନାଧିକାରୀ ବି ରୁଦ୍ରିଆଙ୍କ ସହ ପୋଲିସ ଫୋର୍ସ ଉପସ୍ଥିତ ଥିଲେ ।

## ରକ୍ତଦାନ ଶିବିର, ୩୦ ୟୁନିଟ୍ ରକ୍ତ ସଂଗ୍ରହ

ସୋନପୁର,(ନି.ପ୍ର.): ପୋଲିସ ପ୍ରତିଷ୍ଠା ଦିବସ ଓ ଓଡିଶା ଦିବସ ଉପଲକ୍ଷେ ସୁବର୍ଣ୍ଣପୁର ଜିଲା ପୋଲିସ ପକ୍ଷରୁ ଏକ ରକ୍ତଦାନ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ନିକଟରୁ ୩୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । ଏସ୍‌ପି ସୀତାରାମ ଶତପଥୀ, ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ, ପିଡି ଡିଆରଡିଏ ଡୋଲାମଣି ପଟେଲ, ସୋନପୁର ଉପଜିଲାପାଳ ନିହାର ରଞ୍ଜନ କହଁର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଉତ୍କଳ କେଶରୀ ଦାସ, ସୋନପୁର ଉପ ଆରକ୍ଷୀ ଅଧୀକ୍ଷକ ମିହିର ପଣ୍ଡା, ଡିଏସପି ସତ୍ୟଜିତ ମିଶ୍ର, ହେମସାଗର ନନ୍ଦ, ଅମରେନ୍ଦ୍ର ପାଣିଗ୍ରାହୀ, କୁମୁଦ ରଞ୍ଜନ ମେହେର, ଦୀନେଶ ମିଶ୍ର ପ୍ରମୁଖ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ ।

## ସଂକ୍ଷେପରେ

### ଓଡ଼ିଶା ଦିବସକୁ କଳା ଦିବସ ଭାବେ ପାଳନ କଲା କୋଶଳ କମିଟି

**ବେଲପଡା, ୧।୪(ଡି.ଏନ.ଏ.):** ବଲାଙ୍ଗୀର ଜିଲା ବେଲପଡା ବ୍ଲକ କୋଶଳ ରାଜ୍ୟ ସମନ୍ୱୟ ସମିତି ତରଫରୁ ଏପ୍ରିଲ ୧ ଓଡିଶା ଦିବସକୁ କଳା ଦିବସ ଭାବରେ ପାଳନ କରିଛି ବେଲପଡା କୋଶଳ ରାଜ୍ୟ ସମନ୍ୱୟ ସମିତି । ସମିତିର ବନମାଳୀ ନାଏକ, ଅଚ୍ୟୁତ ସିପୁନ ଖମାରୀଙ୍କ ନେତୃତ୍ୱରେ କୋଶଳ ସମିତି କର୍ମକର୍ତ୍ତା, ସଭ୍ୟମାନେ ହାତରେ କଳାପତାକା ଓ କଳାବ୍ୟାଜ ପରିଧାନ କରି ବେଲପଡା ଥାନା ସମ୍ମୁଖରେ ଓଡିଶା ଦିବସ ପାଳନକୁ ବିରୋଧ କରି ନାରାବାଜି କରିଥିଲେ । ଆନ୍ଦୋଳରେ ଶତାଧିକ କୋଶଳ କମିଟି ସଦସ୍ୟ ଉପସ୍ଥିତ ଥିଲେ ।

### ଜିଲା କମ୍ପ୍ୟୁଟର ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା

**ଲୋଇସିଂହା,୧।୪(ଡି.ଏନ.ଏ):** ଭର୍ଚ୍ଚୁଆଲ ମୋଡରେ ବଲାଙ୍ଗୀର ଜିଲା କମ୍ପ୍ୟୁଟର ଶିକ୍ଷକଙ୍କୁ ନେଇ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସଭାପତିଭାବେ ଜ୍ୟୋତିର୍ମୟ ମିଶ୍ର, ସମ୍ପାଦକ କ୍ଷେତ୍ରମୋହନ ମିଶ୍ର, ଉପସଭାପତି ଉଦୟ ରଞ୍ଜନ ରାଉତ ଓ ଲୀଳାମ୍ବର ମେହେର,ସହସମ୍ପାଦକ ଭାଗବତ ହାତୀ ଓ ହୃଦାନନ୍ଦ ହାତୀ, କୋଷାଧ୍ୟକ୍ଷ ମୃତ୍ୟୁଞ୍ଜୟ ମଶ୍ର, ସହକୋଷାଧ୍ୟକ୍ଷ ଚିତ୍ତରଞ୍ଜନ ପାତ୍ର ଚୟନ ହୋଇଛନ୍ତି। ଜିଲାର ସମସ୍ତ ବ୍ଲକରୁ ୫୦ ଜଣ କମ୍ପ୍ୟୁଟର ଶିକ୍ଷକ ଏଥିରେ ସାମିଲ ହୋଇଥିଲେ ।

### ଶିଶୁ ମନ୍ଦିର ଅଭିଭାବକଙ୍କ ବୈଠକ

**ଲୋଇସିଂହା, ୧।୪(ଡି.ଏନ.ଏ.):** ଲୋଇସିଂହା ସରସ୍ୱତୀ ଶିଶୁମନ୍ଦିର ପକ୍ଷରୁ ଚଳିତ ବର୍ଷର ଅଭିଭାବିକା ଅଭିଭାବକଙ୍କ ୩ଟି ପର୍ଯ୍ୟାୟରେ ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଅଚାର୍ଯ୍ୟ ସନାତନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଶୈକ୍ଷିକ ବ୍ୟବସ୍ଥା, ନାମଲେଖା, ଶୈକ୍ଷିକ ପ୍ରଗତି ଓ ସ୍ଥିତି ବିଷୟରେ ସମୀକ୍ଷା କରାଯାଇଥିଲା । ବୈଠକରେ ପରିଚାଳନା ସମିତି ସମ୍ପାଦକ ପ୍ରଭାବ ବହିଦାର, ଉପାଧ୍ୟକ୍ଷ ବିମଳ ଚରଣ ହୋତା ଓ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

### ପୋଷ୍ୟ ସ୍କୁଲ ସମସ୍ୟା ପଚାରି ବୁଝିଲେ ମନ୍ତ୍ରୀ

**ସଇଁତଲା, ୧।୪(ଡି.ଏନ.ଏ.):** ରାଜ୍ୟ ମହିଳା ଓ ଶିଶୁ ବିକାଶ ତଥା ମିଶନ ଶକ୍ତି ମନ୍ତ୍ରୀ ଟୁକୁନି ସାହୁ ସଇଁତଲା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ (ଆବାସିକ)କୁ ପୋଷ୍ୟ ସ୍କୁଲ ଭାବରେ ଗ୍ରହଣ କରିଛନ୍ତି। ଗୁରୁବାର ଅପରାହ୍ନରେ ମନ୍ତ୍ରୀ ସାହୁ ଏହି ସ୍କୁଲ ପରିଦର୍ଶନ କରିଥିଲେ। ମନ୍ତ୍ରୀଙ୍କୁ ପ୍ରଧାନ ଶିକ୍ଷୟିତ୍ରୀ ନିବେଦିତା ମିଶ୍ର, ଜିଲା ମଙ୍ଗଳ ଅଧିକାରୀ ଅଲେଖ ବିଶ୍ୱାଳ ସ୍ୱାଗତ କରିଥିଲେ । ପରେ ବିଦ୍ୟାଳୟ ପରିସରରେ ଓଡିଶା ଦିବସ ପାଳିତ ହୋଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ସ୍କୁଲକୁ ଜଳଯୋଗାଣ, ଛାତ୍ରୀ ସଂଖ୍ୟା ଅଧିକ ଥିବାରୁ ଶ୍ରେଣୀ ଗୃହ ଅଭାବ, ଅଧିକ ହଷ୍ଟେଲ ନିର୍ମାଣ, ଛାତ୍ରୀଙ୍କ ପାଇଁ ପ୍ରାର୍ଥନା ଗୃହ, ଶୌଚାଳୟ, ଶିକ୍ଷାଦାନ ଉପକରଣ, ବିଜ୍ଞାନ ଉପକରଣ, ସଙ୍ଗୀତ ଉପକରଣ ଏବଂ ନୂତନ କ୍ରୀଡ଼ା ଶିକ୍ଷୟିତ୍ରୀ ନିଯୁକ୍ତି ଦେବାକୁ ନିବେଦନ କରିଥିଲେ। ଯଥାଶୀଘ୍ର ଏହାର ସମାଧାନ କରିବାକୁ ଚେଷ୍ଟା କରିବି ବୋଲି ମନ୍ତ୍ରୀ ସାହୁ କହିଥିଲେ ।

### ଓଡିଶା ଦିବସକୁ କୋଶଳ ସମନ୍ୱୟ ସମିତିର ବିରୋଧ

**ଅମରପାଲି, ୧।୪ (ଡି.ଏନ.ଏ):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଛକ ନିକଟରେ ଓଡିଶା ଦିବସକୁ କୋଶଳ ରାଜ୍ୟ ସମନ୍ୱୟ ସମିତି ତରଫରୁ ତୀବ୍ର ବିରୋଧ କରାଯାଇଥିଲା। କୋଶଳ ରାଜ୍ୟ ସମନ୍ୱୟ ସମିତି ସଂଗଠନ ସମ୍ପାଦକ କିଶୋର ହୋତାଙ୍କ ନେତୃତ୍ୱରେ ଆନ୍ଦୋଳକାରୀମାନେ ପ୍ଲା କାର୍ଡ ଧରି ନାରାବାଜି କରିବା ସହ ସ୍ୱତନ୍ତ୍ର କୋଶଳ ରାଜ୍ୟ ଦାବି କରିଥିଲେ । ଆନ୍ଦୋଳନକାରୀମାନେ କହିବା ଅନୁସାରେ ୧୯୩୬ ମସିହା ପୂର୍ବରୁ ପଶ୍ଚିମ ଓଡିଶା ଉତ୍କଳ ସହ ନ ଥିଲା । ଓଡିଆ ଦିବସକୁ ସେମାନେ କଳା ଦିବସ ଭାବରେ ପାଳନ କରୁଛନ୍ତି। ଆନ୍ଦୋଳନରେ ଅନ୍ୟମାନଙ୍କ ମଧ୍ୟରେ ବାଗବର ସରପଞ୍ଚ ବ୍ୟାମକେଶ ପଣ୍ଡା, ଓକିଲ ସଂଘ ସମ୍ପାଦକ ଉମାଶଙ୍କର ପଣ୍ଡା, ଇଂ. ଆଶ୍ରୟ ମହାନନ୍ଦ, ଭଗବାନ ବାଘ, ବ୍ୟାମକେଶ ପଣ୍ଡା, ଏକଲବ୍ୟ ବେହେରା, ଶିବ ନାରାୟଣ ପଣ୍ଡା, ଲକ୍ଷ୍ମୀକାନ୍ତ ପୁରୋହିତ, ସୁରୁ ସାହୁ ପ୍ରମୁଖ ସାମିଲ ହୋଇଥିଲେ ।

# ବିଲୁପ୍ତି ପଥରେ ଭାଗବତ ଟୁଙ୍ଗି

**ସୁବର୍ଣ୍ଣପୁରରେ ବାଟବଣା ପୁନରୁଦ୍ଧାର ଯୋଜନା**

**ସୋନପୁର,୧।୪(ନି.ପ୍ର.)**

ଓଡିଆ ସଂସ୍କୃତିକୁ ପୁରପଲ୍ଲୀରେ ଉଜ୍ଜୀବିତ ରଖିବା ଓ ଓଡିଆଙ୍କ ମଧ୍ୟରେ ଭାଗବତ ଚେତନା ଜାଗ୍ରତ କରିବା ଉଦ୍ଦେଶ୍ୟରେ ସରକାର ରାଜ୍ୟର ସମସ୍ତ ଭାଗବତ ଟୁଙ୍ଗୀର ପୁନରୁଦ୍ଧାର ପାଇଁ ୨୦୧୪-୧୫ରେ ନିଷ୍ପତ୍ତି ନେଲେ। ଟୁଙ୍ଗୀଗୁଡିକୁ ଚିହ୍ନଟ କରାଯାଇ ପ୍ରଥମେ ୨୫ ହଜାର ଟଙ୍କା ଲେଖାଏ ପ୍ରଦାନ କରାଗଲା।୨୦୧୮-୧୯ରୁ ଏହି ରାଶିକୁ ୫୦ ହଜାରକୁ ବୃଦ୍ଧି କରିବାକୁ ସରକାର ନିଷ୍ପତ୍ତି ନେଲେ। ଏଥିରେ ୯ କୋଟି ଟଙ୍କା ବ୍ୟୟ କରାଯାଇ ବର୍ଷକୁ ୧୨ଶହ ଟୁଙ୍ଗୀର ପୁନରୁଦ୍ଧାର କରାଯିବ ବୋଲି କୁହାଯାଇଥିଲା। ମାତ୍ର ସରକାରଙ୍କ ଅନୁଦାନ ମିଳିବାରେ ବିଳମ୍ବ ସହିତ କାର୍ଯ୍ୟକାରୀ ହେବାରେ ମନ୍ଥରତା ପୁନରୁଦ୍ଧାର ଯୋଜନାକୁ ବାଟବଣା କରିଛି ବୋଲି ସଂସ୍କୃତି ପ୍ରେମୀ ନାଟ୍ୟଶ୍ରୀ ଗଦାଧର ବାରିକ କହିଛନ୍ତି ।

ସଂସ୍କୃତି ସମ୍ପନ୍ନ ସୁବର୍ଣ୍ଣପୁର ଜିଲାରେ ୮୫୩ଟି ଛୋଟ ବଡ ଗାଁ ରହିଛି। ଗୋଟିଏ ଗୋଟିଏ ଗାଁରେ ୫ରୁ ୬ଟି ଭାଗବତ ଟୁଙ୍ଗୀ ଅଛି। ପୂର୍ବରୁ ପ୍ରତିଦିନ ସନ୍ଧ୍ୟାରେ ଟୁଙ୍ଗୀରେ ଭାଗବତ ବୋଲା ଯାଉଥିଲା। ଗ୍ରାମବାସୀ ଏକାଠି ବସି ଶୁଣୁଥିଲେ। ଏବେ କା ଭାଁ କିଛି ସ୍ଥାନରେ ଏହି ସଂସ୍କୃତି ବଞ୍ଚି ରହିଛି। ତେବେ ଗ୍ରାମାଞ୍ଚଳରେ ଥିବା ବହୁ ଟୁଙ୍ଗୀ ଏଯାଏ ପଞ୍ଜୀକୃତ ହୋଇପାରି ନାହିଁ ବୋଲି କହିଛନ୍ତି ସାମାଜିକ କର୍ମୀ ଶ୍ରୀବତ୍ସ ମଲ୍ଲିକ। ଭାଗବତ ଟୁଙ୍ଗୀ ସଂସ୍କୃତିର ପୁନରୁଦ୍ଧାର ପାଇଁ ଥିବା ସରକାରୀ ଯୋଜନା ସମ୍ପର୍କରେ ପ୍ରଚାର ପ୍ରସାର ହେଉ ନ ଥିବାରୁ ଲୋକେ ଜାଣି ପାରୁନାହାନ୍ତି। ଫଳରେ ଭାଗବତ ପୂଜନ ପରମ୍ପରାରେ ବିଶ୍ୱାସ ରଖୁଥିବା ଲୋକେ ସରକାରୀ ଯୋଜନାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ବର୍ତ୍ତମାନ ସୁଦ୍ଧା ଜିଲାର ମାତ୍ର ୧୭୪ଟି ଟୁଙ୍ଗୀ ଯୋଜନାରେ ସହାୟତା ପାଇଛନ୍ତି। ଜିଲା ସଂସ୍କୃତି ବିଭାଗ ପକ୍ଷରୁ ଟୁଙ୍ଗି ପ୍ରତି ୨୫ ହଜାର ଟଙ୍କାର ଅନୁଦାନ ରାଶିରୁ ୧୦ ହଜାର ଟଙ୍କା ମୂଲ୍ୟର ଗୋଟିଏ ଲେଖାଏଁ ମାଇକ୍ ସେଟ ପ୍ରଦାନ କରାଯାଇଛି। ବାକି ୧୫ ହଜାର ଟଙ୍କା ଗ୍ରାମାଞ୍ଚଳ ହୋଇଥିଲେ ସମ୍ପୃକ୍ତ ବ୍ଲକର ବିଡିଓ ଓ ଭାଗବତ ଟୁଙ୍ଗୀର କମିଟି ନାମରେ ଯୁଗ୍ମ ଜମା ଖାତା ଖୋଲାଯାଇ ଜମା ରଖାଯାଇଛି। ସହରାଞ୍ଚଳ ହୋଇଥିଲେ ମ୍ୟୁନିସିପାଲିଟି ଅବା ଏନଏସି ଇଓ ଓ ଭାଗବତ ଟୁଙ୍ଗୀର କମିଟି ନାମରେ ଯୁଗ୍ମ ଖାତାରେ ଟଙ୍କା ଜମା ରହିଛି। ଜମା ସୁଧ ରାଶିକୁ ଟୁଙ୍ଗୀର ରକ୍ଷଣାବେକ୍ଷଣ ପାଇଁ ଖର୍ଚ୍ଚ କରାଯିବା ନେଇ ସରକାରୀ ଆଦେଶ ରହିଛି ।

ସୂଚନା ଅନୁଯାୟୀ ୨୦୧୪-୧୫ ଓ ୨୦୧୫-୧୬ରେ ଜିଲାରେ ୫୦ଟି ଲେଖାଏ ଏବଂ ୨୦୧୬-୧୭ରେ ୭୪ଟି ଭାଗବତ ଟୁଙ୍ଗୀକୁ ୨୫ ହଜାର ଟଙ୍କା ଲେଖାଏ ଅନୁଦାନ ଆସିଥିଲା। ହେଲେ ଟୁଙ୍ଗୀ ଚୟନ କ୍ଷେତ୍ରରେ ପାତରଅନ୍ତର କରାଯାଉଥିବା ଅଭିଯୋଗ ହେଉଛି। ତୃଣମୂଳ ସ୍ତରରେ ଯେଉଁ ଭାଗବତ ଟୁଙ୍ଗି କାର୍ଯ୍ୟ କରୁଛି ସରକାରଙ୍କ ଯୋଜନାରୁ ତାହା ବାଦ୍ ପଡିଛି। ରାଜନୈତିକ ହସ୍ତକ୍ଷେପ ଯୋଗୁ ଟୁଙ୍ଗୀକୁ ବାଦ୍ ଦେଇ ମନ୍ଦିର ନାଁରେ ଅନୁଦାନ ରାଶି ଦିଆ ଯାଉଥିବା ଭଳି ଗୁରୁତର ଅଭିଯୋଗ ହେଉଛି । ଅନ୍ୟପକ୍ଷେ ଗତ ୨୦୧୭-୧୮ ଓ ୨୦-୨୧ ବର୍ଷରେ ସରକାର ଅନୁଦାନ ଦେଇନାହାନ୍ତି। ୨୦୧୮-୧୯ରେ ୩୮ଟି ଓ ୨୦୧୯-୨୦ରେ ୫୧ଟି ଭାଗବତ ଟୁଙ୍ଗୀକୁ ୫୦ ହଜାର ଟଙ୍କା ଲେଖାଏ ଅନୁଦାନ ଆସିଛି। ମାତ୍ର ତାହା କୌଣସି ଟୁଙ୍ଗିକୁ ପ୍ରଦାନ କରାଯାଇ ନାହିଁ। ଏ ସମ୍ପର୍କରେ ଜିଲା ସଂସ୍କୃତି ଅଧିକାରୀ ଆର୍ତ୍ତତ୍ରାଣ ଥାଟିଙ୍କୁ ପଚାରିବାରୁ କୋଭିଡ୍-୧୯ ପାଇଁ ଏହି ଅନୁଦାନ ବିନିଯୋଗ ହୋଇପାରିନି। ଏବେ ଟେଣ୍ଡର ପାଇଁ ପ୍ରକ୍ରିୟା ଚାଲିଛି। ଜିଲାର ସମସ୍ତ ବିଡିଓ ଓ ମ୍ୟୁନିସିପାଲିଟି/ଏନଏସି ଇଓଙ୍କୁ ଏ ନେଇ ତଥ୍ୟ ମଗାଯାଇଛି। ପଞ୍ଜୀକୃତ ଟୁଙ୍ଗିଗୁଡିକର ଯୁଗ୍ମ ବ୍ୟାଙ୍କ ଖାତାରେ ଶୀଘ୍ର ଅନୁଦାନ ରାଶି ଜମା କରି ଦିଆଯିବ ବୋଲି ଥାଟି କହିଛନ୍ତି ।

## ବୌଦ୍ଧ ଜିଲା: ୬ ଉଚ୍ଚ ବିଦ୍ୟାଳୟ ୫-ଟିରେ ସାମିଲ

**ବୌଦ୍ଧ/ବାଉଁଶୁଣୀ ,୧।୪(ସ୍ୱ.ପ୍ର.)**



ବାଉଁଶୁଣୀଠାରେ ଅନୁଷ୍ଠିତ ସଭାରେ ଜିଲାପାଳ ଓ ଅନ୍ୟମାନେ ।

ସରକାର ଶିକ୍ଷାର ମାନ ବୃଦ୍ଧି କରିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଥିବା ବେଳେ ବର୍ତ୍ତମାନ ବିଦ୍ୟାଳୟଗୁଡିକୁ ୫-ଟି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଉଛି । ବୌଦ୍ଧ ଜିଲାର ୬ଗୋଟି ଉଚ୍ଚ ବିଦ୍ୟାଳୟ ୫-ଟି ଅନ୍ତର୍ଭୁକ୍ତ ହୋଇଛି । ସେଗୁଡିକ ହେଲା ହରଭଙ୍ଗା ଉଚ୍ଚ ବିଦ୍ୟାଳୟ, ପୁରୁଣାକଟକ ଉଚ୍ଚ ବିଦ୍ୟାଳୟ, ବାଉଁଶୁଣୀ ନୋଡାଲ ଉଚ୍ଚ ବିଦ୍ୟାଳୟ, କଣ୍ଟାମାଳ ଉଚ୍ଚ ବିଦ୍ୟାଳୟ, ଆମ୍ବଗାଁ ଉଚ୍ଚ ବିଦ୍ୟାଳୟ ଓ ବୌଦ୍ଧ ସହରର ସର୍ବ ପୁରାତନ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ । ଏହି ଉପଲକ୍ଷେ ଗୁରୁବାର ବାଳିକା ଉଚ୍ଚ ବିଦ୍ୟାଳୟରେ ଏକ ସଭା ହୋଇଥିଲା । ଏଥିରେ ବୌଦ୍ଧ ଜିଲାପାଳ ଲଲାଟେନ୍ଦୁ ମିଶ୍ର, ଉପଜିଲାପାଳ ଅଶ୍ୱିନୀ ମେହେର, ଡେପୁଟି କଲେକ୍ଟର ଅବିନାଶ ପାଣ୍ଡିଆ, ଜିଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର, ବିଦ୍ୟାଳୟ ଆଲୁମିନି ସଭାପତି ପୂର୍ଣ୍ଣିମାରାଣୀ ନାଏକ, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଧ୍ରୁବଚରଣ ଘିବେଲା ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ସତ୍ୟ ନାରାୟଣ ଦେହୁରୀ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ପଦ୍ମଜା ପତି ଧନ୍ୟବାଦ ଦେଇଥିଲେ । ସେହିପରି ବୌଦ୍ଧ ବ୍ଲକର ବାଉଁଶୁଣୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ପଞ୍ଚାନନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ସଭା ହୋଇଥିଲା । ଏଥିରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ.ରାଜେଶ ତ୍ରିପାଠୀ, ସରୋଜ ତ୍ରିପାଠୀ, ଦଶରଥ ମେହେର, ଅନିରୁଦ୍ଧ ମହାକୁଳ, ବିକ୍ରମ ମହାକୁଳ ଓ ସ୍ଥାନୀୟ ସରପଞ୍ଚ ପଙ୍କଜିନୀ ନାଏକ ଯୋଗ ଦେଇଥିଲେ।

## ୩ ଅଧିକାରୀ ଜେଲ ଗଲେ

**ମହାନଦୀ ସେତୁରୁ ପଡି ୩ ଶ୍ରମିକଙ୍କ ମୃତ୍ୟୁ ଘଟଣା**

**ବୌଦ୍ଧ,୧।୪(ସ୍ୱ.ପ୍ର.)**

ବୌଦ୍ଧ ଜିଲା ଧଳପୁର-ଆଠମଲ୍ଲିକ ମହାନଦୀ ସେତୁରୁ ପଡି ୩ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟଣାରେ ହରଭଙ୍ଗା ପୋଲିସ ଠିକାସଂସ୍ଥାର ୩ ଅଧିକାରୀଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ସ୍ୱତନ୍ତ୍ର ଉପକାରାଗାରକୁ ପଠାଇ ଦିଆଯାଇଛି। ଗତ ୩ ମାସ ମଧ୍ୟରେ ଏହି ସେତୁ କାମରେ କାର୍ଯ୍ୟରତ ୩ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଲାଣି । ଏହି ଘଟଣାରେ ରଞ୍ଜିତ ବିଲ୍ଡକନ୍ ନାମକ ଠିକାସଂସ୍ଥାର ଦାୟିତ୍ୱହୀନତାକୁ ଦାୟୀ କରାଯାଇଛି। କମ୍ପାନୀର ପ୍ରୋଜେକ୍ଟ ମ୍ୟାନେଜର ଗୁଜୁରାଟର ଇଶ୍ୱର ଭାଇ ପଟେଲ, କମ୍ପାନୀର ପ୍ରଶାସନିକ ଅଧିକାରୀ ଏମ୍.ପାର୍ଥସାରଥୀ ମହାକୁଡ ଓ ସିକ୍ୟୁରିଟି ଅଧିକାରୀ ଅନୁଗୁଳ ଜିଲା ଆଠମଲ୍ଲିକର ବିଧୁଭୂଷଣ ହୋତାଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା।

## ବୌଦ୍ଧ, ସୋନପୁରରେ ପୋଲିସ ପ୍ରତିଷ୍ଠା ଦିବସ

**ବୌଦ୍ଧ/ସୋନପୁର, ୧।୪ (ସ୍ୱ.ପ୍ର./ନି.ପ୍ର.)**



ବୌଦ୍ଧରେ ଅନୁଷ୍ଠିତ ମିଳିତ ପରେଡ୍ ।

ବୌଦ୍ଧ ବଲାସିଙ୍ଗା ରିଜର୍ଭ ଗ୍ରାଉଣ୍ଡଠାରେ ୮୬ତମ ପୋଲିସ ପ୍ରତିଷ୍ଠା ଦିବସ ଗୁରୁବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସମାରୋହରେ ମୁଖ୍ୟଅତିଥି ଭାବେ ଜିଲା ଆରକ୍ଷୀ ଅଧୀକ୍ଷକ ଭି.ରଘୁନାଥ ରାଓ ଯୋଗଦେଇ ପରେଡ୍‌ର ଅଭିବାଦନ ଗ୍ରହଣ କରିବା ସହ ପୋଲିସର କାର୍ଯ୍ୟଧାରାକୁ ଅଧିକ ଲୋକାଭିମୁଖୀ କରିବାକୁ ହେବ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ପଞ୍ଚମ ରିଜର୍ଭ ବାଟାଲିୟନର ଦୁର୍ଗପତି ବିଜୟ କୁମାର ବାବୁ, ଡେପୁଟି କମାଣ୍ଡାଣ୍ଟ ଲକ୍ଷ୍ମୀଧର ମହାରଣା, ସହକାରୀ କମାଣ୍ଡାଣ୍ଟ ଲଳିତ ବାଘ ପ୍ରମୁଖ ଯୋଗ ଦେଇଥିଲେ। ଉଲ୍ଲେଖନୀୟ ସେବା ପାଇଁ ଏସ୍‌ଆଇ ମମତା ହେମ୍ରମ୍, ଏଏସ୍‌ଆଇ ରୋହିତ କୁମାର ପ୍ରଧାନ, ହାବିଲଦାର ସରୋଜ କୁମାର ଯୋଶୀ, କନଷ୍ଟେବଳ ବନ୍ଦନା ବେହେରା, ଏପିଆର କନଷ୍ଟେବଳ ସଦାଶିବ ସାହୁ, ପଞ୍ଚମ ରିଜର୍ଭ ବାଟାଲିୟନର ଏସ୍‌ଆଇ ଚିତ୍ତରଞ୍ଜନ ବିଶି, ହାବିଲଦାର ମେଜର ଅମିତ କୁମାର ମଗର, ସମିତ୍ କୁମାର ସାହୁ ଓ କନଷ୍ଟେବଳ ଶ୍ୟାମସୁନ୍ଦର ବରୁଆ ଏବଂ ସ୍ଥାନୀୟ ବାସିନ୍ଦା ଅଭିଜିତ ମହାପାତ୍ର ଓ ରାଜେଶ କୁମାର ମେହେରଙ୍କୁ ଆରକ୍ଷୀ ଅଧୀକ୍ଷକ ରାଓ ପୁରସ୍କୃତ କରିଥିଲେ। ରିଜର୍ଭ ଇନ୍ସପେକ୍ଟର ରାଜୀବ ଲୋଚନ ସେଠ୍‌ଙ୍କ ନେତୃତ୍ୱରେ ଆୟୋଜିତ ପରେଡ ଅବସରରେ ଏସଡିପିଓ ଆନନ୍ଦ ବର୍ଦ୍ଧନ ଗୁରୁ, ଡିଏସ୍‌ପି ସାଲେଷ୍ଟିନ୍ ଟିଗା, ଇନ୍ସପେକ୍ଟର ତପସ୍ୱିନୀ କହଁର ପ୍ରମୁଖ ଉପସ୍ଥିତ ଥିଲେ।

ସୁବର୍ଣ୍ଣପୁର ରିଜର୍ଭ ପୋଲିସ ପଡିଆଠାରେ ୮୬ ତମ ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଛି । ଜିଲା ଆରକ୍ଷୀ ଅଧୀକ୍ଷକ ସୀତାରାମ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ୧୯୩୬ ମସିହାରେ ଉତ୍କଳ ପ୍ରଦେଶ ଗଠନ ହେବା ସହିତ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପୋଲିସ ବାହିନୀ ପ୍ରତିଷ୍ଠା କରାଯାଇଥିଲା ବୋଲି କହିଥିଲେ। ଏହି ଅବସରରେ ସୁବ୍ରତ ପାଣିଗ୍ରାହୀଙ୍କୁ ଶ୍ରେଷ୍ଠ ଆରକ୍ଷୀ ଉପ ନିରୀକ୍ଷକ, ବସନ୍ତ କୁମାର ରଥଙ୍କୁ ଶ୍ରେଷ୍ଠ ଆରକ୍ଷୀ ସହକାରୀ ଉପ ନିରୀକ୍ଷକ, କରୁଣାକର ମାଝୀଙ୍କୁ ଶ୍ରେଷ୍ଠ କ୍ରାଇମ୍ ହାବିଲଦାର, ଜଗଦୀଶ ଭୋଇଙ୍କୁ ଶ୍ରେଷ୍ଠ ଟ୍ରାଫିକ୍ କନଷ୍ଟେବଳ, ରଞ୍ଜନ ମଲ୍ଲିକଙ୍କୁ ଶ୍ରେଷ୍ଠ ଏପିଆର କନଷ୍ଟେବଳ ଓ ଶତ୍ରୁଘ୍ନ ମେହେରଙ୍କୁ ଶ୍ରେଷ୍ଠ ଓ ଆର କନଷ୍ଟେବଳ ଭାବେ ସମ୍ମାନିତ କରାଯାଇଥିଲା ।

## ଓଡ଼ିଶା ଦିବସ ଏକ ପରିଚୟ ପର୍ବ

**ଅମରପାଲି,୧।୪ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ ମୈତ୍ରୀ ସଦନରେ ଉପଖଣ୍ଡସ୍ତରୀୟ ଓଡିଶା ଦିବସ ଓ ସୁବର୍ଣ୍ଣପୁର ଜିଲା ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ବୀରମହାରାଜପୁର ଉପଖଣ୍ଡ ପ୍ରଶାସନ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ଉପଜିଲାପାଳ ଅଶୋକ କୁମାର ଭୋଇ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବିଡିଓ ମୋତିଲାଲ ସୁଲିଆ, ତହସିଲଦାର ରଞ୍ଜନ ପରିଡା ଓ ଉପଖଣ୍ଡୀୟ ସାମ୍ବାଦିକ ସଂଘ ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରୀ ସମ୍ମାନିତ ଅତିଥି, ଅଧ୍ୟାପିକା ଯାମିନୀ ଦାଶ ଓ ଅଧ୍ୟାପକ ସତ୍ୟନାରାୟଣ ଦାଶ ସମ୍ମାନିତ ବକ୍ତା ଭାବେ ଯୋଗ ଦେଇଥିଲେ। ବିଦ୍ୟାପତି ପଣ୍ଡା ଧନ୍ୟବାଦ ଦେଇଥିଲେ।

## ଓଡ଼ିଶାର କଳା ସଂସ୍କୃତି ଉପରେ ଆଲୋଚନା



ଓଡ଼ିଶା ଦିବସ ପାଳନ ସଭାରେ ମଞ୍ଚାସୀନ ଅତିଥି ।

**ପଦ୍ମପୁର, ୧।୪ (ଡି.ଏନ.ଏ)**

ବରଗଡ ଜିଲା ପଦ୍ମପୁର ଉପଖଣ୍ଡରେ ଓଡିଶା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହରେ ଆୟୋଜିତ ଉତ୍ସବରେ ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୱାନ ମୁଖ୍ୟଅତିଥି, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ପ୍ରମୋଦ କୁମାର ପାଢ଼ୀ ମୁଖ୍ୟବକ୍ତା, ପଦ୍ମପୁର ଥାନା ଆଇଆଇସି ମାନସରଞ୍ଜନ ପ୍ରଧାନ ଏବଂ ରାଜବୋଡାସମ୍ବର ବ୍ଲକ ଶିକ୍ଷା ଅଧିକାରୀ ତ୍ରିବିକ୍ରମ ପାଣିଗ୍ରାହୀ ସମ୍ମାନୀତ ଅତିଥି ଭାବେ ଯୋଗଦାନ କରି ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନର ପୃଷ୍ଠଭୂମି, ଭାଷା ଆନ୍ଦୋଳନ ସହ ଓଡିଶାର କଳା ସଂସ୍କୃତି ଉପରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଓଡିଶାର ବରପୁତ୍ରମାନଙ୍କ ଫଟୋଚିତ୍ରରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଶୋକ ବହିଦାର ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ପଦ୍ମପୁର ସହରରେ ଥିବା ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଜୟନ୍ତ ସାହୁ ଓ ଅନ୍ୟମାନେ ମାଲ୍ୟାର୍ପଣ କରିଥିଲେ।

## ଗୁଦେରପାଲିକୁ ପଞ୍ଚତାରକା ଗାଁ ମାନ୍ୟତା




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ ।

**ବରଗଡ଼ ଅଫିସ୍,୧।୪**

ଭାରତୀୟ ଡାକସେବା ପକ୍ଷରୁ ବରଗଡ଼ ଜିଲା ଗୁଦେରପାଲି ଗ୍ରାମକୁ ବୁଧବାର ପଞ୍ଚତାରକା ଗ୍ରାମର ମାନ୍ୟତା ପ୍ରଦାନ କରାଯାଇଛି। ଡାକସେବା କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିବାରୁ ଏହି ମାନ୍ୟତା ଦିଆଯାଇଛି। ଏହି ଅବସରରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଡାକ ବିଭାଗର ସବ୍‌ଡିଭିଜନାଲ ଇନ୍ସପେକ୍ଟର, ଓଭରସିୟର ପ୍ରମୁଖ ଯୋଗଦାନ କରି ଡାକ ବିଭାଗର ବିଭିନ୍ନ ଯୋଜନା ଉପରେ ଆଲୋଚନା କରିଥିଲେ। କିଶୋର ଚନ୍ଦ୍ର ଦେବତା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡାକସେବାର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ପୋଷ୍ଟମାଷ୍ଟର ମାଧବାନନ୍ଦ ଦେବତାଙ୍କୁ ସମ୍ମାନିତ କରାଯାଇଥିଲା।

## ପରୀକ୍ଷା କେନ୍ଦ୍ର ପାଇଁ ଡିଇଓଙ୍କୁ ଫେରାଦ



ପରୀକ୍ଷା କେନ୍ଦ୍ର ପାଇଁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

**ବରଗଡ଼ ଅଫିସ୍,୧।୪**

ବରଗଡ଼ ବ୍ଲକ ଖୁଣ୍ଟପାଲି ସ୍ଥିତ ଜି.ଏମ୍ ହାଇସ୍କୁଲ ଆସନ୍ତା ମାଟ୍ରିକ ପରୀକ୍ଷା ପାଇଁ ପରୀକ୍ଷାକେନ୍ଦ୍ର କରିବାକୁ ସ୍ଥାନୀୟ ଅଭିଭାବକମାନେ ଦାବି କରିଛନ୍ତି । ଏହି ଦାବି ନେଇ ବୁଧବାର ସେମାନେ ଜିଲା ଶିକ୍ଷା ଅଧିକାରୀ (ଡିଇଓ) ମିତ୍ରଭାନୁ କଚ୍ଛପଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଡିଇଓଙ୍କ ଅନୁପସ୍ଥିତିରେ ଜିଲା ବିଜ୍ଞାନ ପରିଦର୍ଶକ ଡଃ ମନୋଜ ସାହୁ ସ୍ମାରକପତ୍ର ଗ୍ରହଣ କରିଥିଲେ ।

କରୋନା କଟକଣା ଯୋଗୁ ଚଳିତ ଶିକ୍ଷାବର୍ଷରେ ଭଲ ଭାବେ ପାଠପଢ଼ା ହୋଇ ପାରିନାହିଁ । ଅନ୍‌ଲାଇନ ପାଠପଢ଼ା ମଧ୍ୟ ଧର୍ମକୁ ଆଖିଠାର ଭଳି ହୋଇଛି। ପୂର୍ବରୁ ଖୁଣ୍ଟପାଲି ହାଇସ୍କୁଲକୁ ପରୀକ୍ଷା କେନ୍ଦ୍ର କରାଯାଉଥିବା ବେଳେ ଗତ କିଛିବର୍ଷ ହେଲା ବାଦ୍ ଦିଆଯାଉଛି । ଉକ୍ତ ସ୍କୁଲରେ ପରୀକ୍ଷା କେନ୍ଦ୍ର ପାଇଁ ସବୁ ଆନୁଷଙ୍ଗିକ ବ୍ୟବସ୍ଥା ଥିବାରୁ ଖୁଣ୍ଟପାଲି ଜି.ଏମ ହାଇସ୍କୁଲକୁ ମାଟ୍ରିକ ପରୀକ୍ଷା କେନ୍ଦ୍ର କରିବାକୁ ଅଭିଭାବକମାନେ ଦାବି କରିଛନ୍ତି । ସ୍କୁଲ ପରିଚାଳନା କମିଟି ସଭାପତି ଅକ୍ଷୟ ମେହେର, ବିରେନ୍ଦ୍ର ପ୍ରଧାନ, ଗୌରାଙ୍ଗ ସାହୁ, ସୁରେନ୍ଦ୍ର ପ୍ରଧାନ ପ୍ରମୁଖ ସ୍ମାରକପତ୍ର ପ୍ରଦାନ କରିଥିଲେ ।

## ବଡ଼ଖାନା ଦିବସରେ ୬୮ଜଣ ପାଇଲେ ମାନପତ୍ର

**ଅତାବିରା, ୧।୪ (ଡି.ଏନ.ଏ)**

ବରଗଡ ଜିଲା ଅତାବିରା ଏନ୍‌ଏସି ପରିସରରେ ଗୁରୁବାର ଅଧ୍ୟକ୍ଷା ଦୀପାଞ୍ଜଳି ଭୋରାସାଗରଙ୍କ ସଭାପତିତ୍ୱରେ ବଡଖାନା ଓ ସ୍ୱଚ୍ଛ ଚର୍ଚ୍ଚା ଦିବସ ପାଳିତ ହୋଇଯାଇଛି। ଏଥିରେ ଜିଲା ଗ୍ରାମ୍ୟ ଉନ୍ନୟନ ଅଧିକାରୀ କୃତିବାସ ରାଉତ ମୁଖ୍ୟଅତିଥି, ଅତିରିକ୍ତ ତହସିଲଦାର ସୌର୍ଯ୍ୟରଞ୍ଜନ ମିଶ୍ର, ଏନ୍‌ଏସି ବିଜେଡି ସଭାପତି ସିଦ୍ଧାର୍ଥ ଶଙ୍କର ପଣ୍ଡା, କାଉନସିଲର ରଘୁ ବାରିକ, ନୋଡାଲ ଅଧିକାରୀ ଦୁର୍ଯ୍ୟୋଧନ ସାହୁ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ। ସ୍ୱଚ୍ଛତା କ୍ଷେତ୍ରରେ କାର୍ଯ୍ୟ କରୁଥିବା ୬୮ଜଣଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଅଞ୍ଚଳକୁ ସ୍ୱଚ୍ଛ ଓ ସୁନ୍ଦର କରିବା ପାଇଁ ଏକତା, ସହଯୋଗ ଏବଂ ସମନ୍ୱୟର ଆବଶ୍ୟକତା ରହିଛି ବୋଲି ଅଧ୍ୟକ୍ଷା ଭୋରାସାଗର କହିଥିଲେ । ଶେଷରେ ବନମାଳି ବରିହା ଧନ୍ୟବାଦ ଅର୍ପଣ କରିଥିଲେ ।




ସ୍ୱଚ୍ଛତା କ୍ଷେତ୍ରରେ କାର୍ଯ୍ୟ କରୁଥିବା ଲୋକଙ୍କୁ ମାନପତ୍ର ପ୍ରଦାନ କରାଯାଉଛି।

## ପ୍ରଚଣ୍ଡ ଖରା, ରାସ୍ତାଘାଟ ଶୂନଶାନ୍

**ଜହ୍ନାପଙ୍କ,୧।୪(ଡି.ଏନ.ଏ.)**



ରାସ୍ତା ଶୁନଶାନ୍

ଗତ ଦୁଇ ଦିନ ହେଲା ବୌଦ୍ଧ ଜିଲା ଜହ୍ନାପଙ୍କ ଅଞ୍ଚଳରେ ପ୍ରଚଣ୍ଡ ଖରା ସାଙ୍ଗକୁ ଗରମ ଅନୁଭୂତ ହେବା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଦିନର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହୁଛି। ଫଳରେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ବିଭିନ୍ନ ଛକ ଓ ରାସ୍ତାଘାଟ ଶୁନଶାନ ହୋଇପଡୁଛି । ଅପରପକ୍ଷରେ ଦିନକୁ ଦିନ ତାପମାତ୍ରା ବଢି ଚାଲିଥିବା ବେଳେ ପଞ୍ଚାୟତ ପକ୍ଷରୁ ବିଭିନ୍ନ ଛକରେ ଜଳଛତ୍ର ଖୋଲା ଯାଇନାହିଁ। ପାଣି ମୁନ୍ଦେ ପାଇଁ ରାସ୍ତାରେ ଯାଉଥିବା ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେହିପରି ଅଞ୍ଚଳର ମୁର୍ଛୁଣୀ, ବଢ଼ିଗାଁ, ଖୁଣ୍ଟବନ୍ଧ, ତେଲିବନ୍ଧ ଛକ ତଥା ପଞ୍ଚାୟତ ପରିସରରେ ଥିବା ଥଣ୍ଡା ପାନୀୟ ଜଳ ପ୍ରକଳ୍ପଗୁଡିକ ଦୀର୍ଘ ଦିନ ହେଲା ବନ୍ଦ ରହିଛି। ଫଳରେ ବିଭିନ୍ନ କାମରେ ପଞ୍ଚାୟତକୁ ଆସୁଥିବା ଜନସାଧାରଣ ଓ ବସକୁ ଅପେକ୍ଷା କରିଥିବା ଯାତ୍ରୀମାନେ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ପଞ୍ଚାୟତକୁ ପାନୀୟ ଜଳ ପ୍ରକଳ୍ପର ମରାମତି ପାଇଁ ପର୍ଯ୍ୟାପ୍ତ ଅର୍ଥ ଆସୁଥିଲେ ମଧ୍ୟ ତାହା ଠିକ ଭାବେ ବିନିଯୋଗ ନ ହୋଇ ବାଟମାରଣା ହେଉଥିବା ଅଭିଯୋଗ ହେଉଛି । ତୁରନ୍ତ ଅଚଳ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବା ଦିଗରେ ଜିଲା ପ୍ରଶାସନ ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।